ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ୩୦ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ(ଏସ୍‌ଏଜି)ଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେଥିମଧ୍ୟରୁ ୨୮ଜଣ ଅଧିକାରୀଙ୍କୁ ନିଜ ସ୍ଥାନରେ ପୁନଃ ଅବସ୍ଥାପିତ କରାଯାଇଥିବା ବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ସନ୍ତୋଷ କୁମାର ନାୟକଙ୍କୁ ପଦୋନ୍ନତି ପରେ ମାର୍କଫେଡ୍ ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ରଙ୍କୁ ପଦୋନ୍ନତି ପରେ ଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି।

ଏହାବାଦ୍ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ସଚିବ ଜ୍ୟୋତିର୍ମୟୀ ପ୍ରଧାନ, ମଧୁମିତା ନାୟକ, କାହ୍ନୁଚରଣ ଧୀର, ହରିଶ ଚନ୍ଦ୍ର ନାୟକ, ଅମ୍ବର କୁମାର କର, ବବିତା ମହାନ୍ତି, ପ୍ରଶାନ୍ତ କିଶୋର ମହାପାତ୍ର, ଶିବୋ ନାରାୟଣ ସାହୁ, ଅନୁଜ କୁମାର ଦାସ ପଟ୍ଟନାୟକ, ଏସ୍ କେ. ଜମିରୁଦ୍ଦିନ, ସୁରେନ୍ଦ୍ର କୁମାର ପଣ୍ଡା, ରାଜଶ୍ରୀ ସିଂହ, ଶୁଭ୍ରା ମହାନ୍ତି, ମନୋଜ କୁମାର ପାଢ଼ୀ, ସଂଘମିତ୍ରା ଶତପଥୀ, ବଳରାମ ମଲ୍ଲିକ, ହିମାଂଶୁ ଶେଖର ବେହେରା, ଲକ୍ଷ୍ମୀକାନ୍ତ ସେଠୀ, ଅକ୍ଷୟ କୁମାର ମଲ୍ଲିକ, ଦେବଦତ୍ତ ସୁରଞ୍ଜିତା ଜେନା, ଉଷାରାଣୀ ଦାସ, ଅଗସ୍ତୀ ପ୍ରଧାନ, ବୀରସେନ ପ୍ରଧାନ, ମିର୍ଦ୍ଧା ଟପୋ, ଘାସିରାମ ମୁର୍ମୁ, ସୁଧାକର ଶବରୋ, ଅସିତ କୁମାର ପଣ୍ଡା ଓ ସୁକାନ୍ତ କୁମାର ବେହେରାଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ପରେ ପୁନଃ ଅବସ୍ଥାପିତ କରାଯାଇଛି।

ସେହିପରି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ୨୯ ଜଣ ଯୁଗ୍ମସଚିବ ପାହ୍ୟାର ଓଏଏସ୍ ଅଧିକାରୀଙ୍କୁ ଅତିରିକ୍ତ ସଚିବ(ଏସଏଜି) ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେଥିମଧ୍ୟରେ ପର୍ଯ୍ୟଟନ ବିଭାଗ ଯୁଗ୍ମସଚିବ ରୁଦ୍ରନାରାୟଣ ଦାସ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଦିଲ୍ଲୀପ କୁମାର ମହାପାତ୍ର ଏବଂ ସିଡ଼ିଏ ସଚିବ ଡ. ଶ୍ୱେତ କୁମାର ଦାଶ ପ୍ରମୁଖ ରହିଛନ୍ତି।

# ଖାଲି ପଡ଼ିଥିବା ୧୧୩୪ ପଞ୍ଚାୟତସ୍ତରର ପଦବୀ ପୂରଣ ହେବ

ଭୁବନେଶ୍ୱର, ୧୧।୪(ସୁନିତ୍ ମିଶ୍ର)

■ ୫ ଜିଲା ପରିଷଦ, ୪୫ ସରପଞ୍ଚ ପଦ ପାଇଁ ହେବ ଉପନିର୍ବାଚନ
■ ୪୧ ପଞ୍ଚାୟତ ସମିତି, ୨୭୨ ୱାର୍ଡମେମ୍ବର ପଦ ପାଇଁ ମଧ୍ୟ ଉପନିର୍ବାଚନ
■ ଖାଲି ପଡ଼ିଥିବା ୭୭୧ ୱାର୍ଡରେ ନୂତନ ଭାବେ ନିର୍ବାଚନ ହେବ

ରାଜ୍ୟର ପଞ୍ଚାୟତ ସ୍ତରରେ ଖାଲି ପଡ଼ିଥିବା ୧୧୩୪ଟି ପଦ ପୂରଣ ପାଇଁ ଉପନିର୍ବାଚନ ନିମନ୍ତେ ପ୍ରାଥମିକ ପଦକ୍ଷେପ ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ଆରମ୍ଭ କରାଯାଇଛି। ସେଥି ମଧ୍ୟରୁ ୫ଟି ଜିଲା ପରିଷଦ ସଭ୍ୟ, ୪୧ଟି ପଞ୍ଚାୟତ ସମିତି ସଦସ୍ୟ, ୪୫ଟି ସରପଞ୍ଚ, ୨୭୨ଟି ୱାର୍ଡ ମେମ୍ବର ପାଇଁ ଉପନିର୍ବାଚନ ହେଉଥିବାବେଳେ ୭୭୧ଟି ୱାର୍ଡରେ ନୂତନ ଭାବେ ନିର୍ବାଚନ ଅନୁଷ୍ଠିତ ହେବ। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଂରକ୍ଷିତ ବର୍ଗ ପାଇଁ ଉଦ୍ଦିଷ୍ଟ ଥିବା ୭୭୧ଟି ୱାର୍ଡରେ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲକରି ନ ଥିବାରୁ ଉକ୍ତ ୱାର୍ଡ ଗୁଡିକରେ ନିର୍ବାଚନ ବନ୍ଦ ରହିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପୃକ୍ତ ଜିଲାପାଳଙ୍କ ସୁପାରିସକ୍ରମେ ଉକ୍ତ ୱାର୍ଡଗୁଡ଼ିକୁ ଅଣସଂରକ୍ଷିତ କରାଯିବା ପରେ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ରାଜ୍ୟ ନିର୍ବାଚନ ଆୟୁକ୍ତ ସଚିବଙ୍କ ସୂଚନା ଅନୁଯାୟୀ, ଉକ୍ତ ୱାର୍ଡଗୁଡ଼ିକ ପାଇଁ ଏପ୍ରିଲ ୧୭ରୁ ୨୨ ତାରିଖ ମଧ୍ୟରେ ନିର୍ବାଚନ ଅଧିକାରୀମାନେ କେନ୍ଦ୍ର ନିର୍ବାଚନ ଆୟୋଗ ଦ୍ୱାରା ପ୍ରକାଶିତ ଭୋଟର ତାଲିକାରୁ ସମ୍ପୃକ୍ତ ୱାର୍ଡ ୱାରି ଭୋଟର ତାଲିକା ପ୍ରସ୍ତୁତ କରିବେ। ଏପ୍ରିଲ ୨୪ରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ମୁଖ୍ୟାଳୟରେ ୱାର୍ଡୱାରି ପ୍ରାଥମିକ ଭୋଟର ତାଲିକା ପ୍ରକାଶନ ହେବ। ଆସନ୍ତା ୩୦ ସୁଦ୍ଧା ଅଭିଯୋଗ ଗ୍ରହଣ କରାଯାଇ ମେ ୨ରୁ ୫ ତାରିଖ ମଧ୍ୟରେ ସମ୍ପୃକ୍ତ ଅଭିଯୋଗଗୁଡ଼ିକୁ ବିଚାରକୁ ନିଆଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ। ସଂଶୋଧିତ ଭୋଟର ତାଲିକାକୁ ନିର୍ବାଚନ ଅଧିକାରୀମାନେ ମେ ୯ ତାରିଖରେ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରିବେ ବୋଲି ଉଲ୍ଲେଖ କରାଯାଇଛି।

# ମୂଷାମରା ବିଷ ଖାଇ ୬ ଶିଶୁ ଅସୁସ୍ଥ

ଢେଙ୍କାନାଳ,୧୧।୪(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ବେଲଟିକିରି ଗ୍ରାମ ପଞ୍ଚାୟତ ଜଙ୍ଘିରା ଗ୍ରାମରେ ଶୁକ୍ରବାର ଏକ ଅଙ୍ଗନୱାଡି କେନ୍ଦ୍ରରେ ଚକୋଲେଟ୍ ଭାବି ମୂଷାମରା ବିଷ ଖାଇ ୬ଜଣ ଶିଶୁ ଅସୁସ୍ଥ ହୋଇଛନ୍ତି। ମୂଷାମରା ବିଷ ପ୍ୟାକେଟ୍‌କୁ କାମୁଡି ଛିଣ୍ଡାଇ ଖାଇଥିବା ୬ଜଣ ଶିଶୁଙ୍କୁ ଅସୁସ୍ଥ ଅବସ୍ଥାରେ ଶୁକ୍ରବାର ଅପରାହ୍ନ ସାଢେ ୨ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଙ୍ଗନୱାଡି ଦିଦିଙ୍କ ଭ୍ୟାନିଟିରେ ମୂଷାମରା ବିଷ ପ୍ୟାକେଟ୍ ଥିବା ବେଳେ ଶିଶୁମାନେ ଏହାକୁ ଚକୋଲେଟ୍ ଭାବି ଖାଇ ଦେଇଥିଲେ। ଚିକିତ୍ସା ପରେ ଶିଶୁମାନେ ସୁସ୍ଥ ଥିବା ମେଡିକାଲ ସୂତ୍ରରୁ ଜଣାପଡିଛି।




# ଶିଶୁଭବନର ବହୁବିଧ ଉପଯୋଗୀ ଚିକିତ୍ସାଳୟ ଲୋକାର୍ପିତ

କଟକ,୧୧।୪(କାର୍ତ୍ତିକ ସାହୁ)



କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଶୁକ୍ରବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନର ସାତ ତଳ ବିଶିଷ୍ଟ ବହୁବିଧ ଉପଯୋଗୀ ଚିକିତ୍ସାଳୟର ଉଦ୍‌ଘାଟନ କରୁଛନ୍ତି।

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଶୁକ୍ରବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନର ସାତ ତଳ ବିଶିଷ୍ଟ ବହୁବିଧ ଉପଯୋଗୀ ଚିକିତ୍ସାଳୟ ଓ ଛାତ୍ରାବାସର ଶୁଭ ଉଦ୍‌ଘାଟନ କରିବା ସହ ମାଇକ୍ରୋବାୟୋଲୋଜିକାଲ ଲାବରେଟୋରିର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୧୫୨.୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ୭ ମହଲା ବିଶିଷ୍ଟ ଏହି ମଲ୍ଟି-ୟୁଟିଲିଟି ହସ୍ପିଟାଲ କମ୍ପ୍ଲେକ୍ସ ଶିଶୁ ଚିକିତ୍ସା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି କ୍ୟାମ୍ପସ୍‌ରେ ଶିଶୁଙ୍କ ପାଇଁ ୮୪୬ଟି ଶଯ୍ୟା ରହିଛି। ସେଥିମଧ୍ୟରୁ ୧୪୦ଟି ଆଇସିୟୁ ଶଯ୍ୟା, ୨୨୭ଟି ନବଜାତ କେୟାର୍ ବେଡ୍, ଏସ୍‌ଏନ୍‌ସିୟୁ ପାଇଁ ୪୮ଟି ଶଯ୍ୟା, ପେଡିଆଟ୍ରିକ ମେଡିସିନ ପାଇଁ ୨୫୯ଟି ଶଯ୍ୟା, ପେଡିଆଟ୍ରିକ୍ ନେଫ୍ରୋଲୋଜି ପାଇଁ ୩୦ଟି ଶଯ୍ୟା, ସଂକ୍ରାମକ ରୋଗ ପାଇଁ ୨୬ଟି ଶଯ୍ୟା, ପେଡିଆଟ୍ରିକ୍ ସର୍ଜରି ପାଇଁ ୬୦ଟି ଶଯ୍ୟା, ଏନ୍‌ଆର୍‌ସି ପାଇଁ ୧୦ଟି ଶଯ୍ୟା ଏବଂ କାଜୁଆଲିଟି ପାଇଁ ୪୬ଟି ଉତ୍ସର୍ଗୀକୃତ ଶଯ୍ୟା ଉପଲବ୍ଧ ରହିଛି। ଏଥିସହ ମାଗଣା ଔଷଧ ବଣ୍ଟନ ପାଇଁ ୪ଟି ଔଷଧ ବିତରଣ କେନ୍ଦ୍ର ଓ ୧୮୦ ଜଣ ଆବାସିକ ଡାକ୍ତରଙ୍କ ପାଇଁ ଏକ ହଷ୍ଟେଲ ରହିଛି। ଏହା ୨୪ ଘଣ୍ଟା ଚିକିତ୍ସା ସେବା ଯୋଗାଇଦେବା ସୁନିଶ୍ଚିତ କରିବ।

ଏଥିସହ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା ମାଇକ୍ରୋବାୟୋଲୋଜିକାଲ ଲାବରେଟୋରିର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୪.୬ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ଲାବୋରେଟୋରିରେ ଏଫଏସ୍‌ଏସ୍‌ଏଆଇ ମାନକ ଅନୁଯାୟୀ ଖାଦ୍ୟ ଏବଂ ଜଳ ନମୁନାଗୁଡିକର ମାଇକ୍ରୋବାୟୋଲୋଜିକାଲ୍ ପରୀକ୍ଷଣ କରାଯିବ। ଏହା ଭୁବନେଶ୍ୱର ଓଏସ୍‌ଏମ୍‌ସିଏଲ୍ କ୍ୟାମ୍ପସ୍ ଭିତରେ ଥିବା ରାଜ୍ୟ ଖାଦ୍ୟ ପରୀକ୍ଷଣ ଲାବରେଟୋରିରେ ପ୍ରତିଷ୍ଠା କରାଯିବ।

# ପରଜଙ୍ଗ ସିଡିପିଓଙ୍କୁ ୩ ବର୍ଷ ଜେଲ



ବିଜୟଲକ୍ଷ୍ମୀ ମାରାଣ୍ଡି

ଢେଙ୍କାନାଳ/
ଭବାନୀପାଟଣା,୧୧।୪
(ରତନ ନାୟାର/
ଉତ୍ତମ କୁମାର ଦାଶ)

ନୂଆପଡ଼ା ଜିଲା ସିନାପାଲି ବ୍ଲକର ପୂର୍ବତନ ସିଡିପିଓ ତଥା ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ବର୍ତ୍ତମାନ କାର୍ଯ୍ୟରତ ସିଡିପିଓ ବିଜୟଲକ୍ଷ୍ମୀ ମାରାଣ୍ଡିଙ୍କୁ ଲାଞ୍ଚ ମାମଲାରେ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବଦ୍ରିନାରାୟଣ ନନ୍ଦ ଶୁକ୍ରବାର ୩ ବର୍ଷ ଜେଲଦଣ୍ଡ ଓ ୨୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏଥିସହିତ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ବିଜୟଲକ୍ଷ୍ମୀ ମାରାଣ୍ଡିଙ୍କୁ ଚାକିରିରୁ ବହିଷ୍କାର କରିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଜଣାଇବା ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ବିଜୟଲକ୍ଷ୍ମୀ ନୂଆପଡ଼ା ଜିଲା ସିନାପାଲି ବ୍ଲକରେ ସିଡିପିଓ ଥିବାବେଳେ ଛତୁଆ ଯୋଗାଣ ସମ୍ପର୍କିତ ବିଲ୍ ପାସ ଏବଂ ପ୍ରାପ୍ୟ ପ୍ରଦାନ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିଥିବା ବେଳେ ଭିଜିଲାନ୍ସ ବିଭାଗ ହାତରେ ଧରାପଡିଥିଲେ। ଏ ସଂକ୍ରାନ୍ତରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଦଫା ୧୩(୨), ଆର/ଡବ୍ଲ୍ୟୁ ୧୩(୧)(ଡି)/୭ ପିସି ଆକ୍ଟ-୧୯୮୮ରେ ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା।

# ବଦଳିବେ ଏସ୍‌ଏଚ୍‌ଜି କର୍ମକର୍ତ୍ତା, ବଢୁଛି ଦ୍ୱନ୍ଦ୍ୱ

କଟକ ସଦର,୧୧।୪
(ସୁଶାନ୍ତ କୁମାର ଜେନା)

## ବ୍ୟାଙ୍କ ଋଣ କରିଥିବା ଗୋଷ୍ଠୀର ସଭାପତି, ସମ୍ପାଦକ ପଦ ପାଇଁ ଅଡଙ୍ଗ

ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ବଦଳିବେ। ଏନେଇ ରାଜ୍ୟ ମିଶନ ଶକ୍ତି ବିଭାଗ ପକ୍ଷରୁ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ଏପ୍ରିଲରୁ ନୂତନ କର୍ମକର୍ତ୍ତା ମନୋନୟନ କରିବାକୁ କୁହାଯାଇଛି। ଏନେଇ ଚିଠି ପାଇବା ପରେ ପ୍ରଶାସନ ଓ ମିଶନଶକ୍ତି କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତେବେ ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ବ୍ୟାଙ୍କ୍‌ରେ ଋଣ ଥିବାରୁ ଦ୍ୱନ୍ଦ୍ୱ ଉପୁଜିଛି। ବର୍ତ୍ତମାନର ସଭାପତି ଓ ସମ୍ପାଦକଙ୍କ ଚୁକ୍ତି ଅନୁସାରେ ଋଣ ଦିଆଯାଇଥିବାରୁ ଏମାନେ ବଦଳିଲେ ଆଗକୁ ସମସ୍ୟା ଉପୁଜିବା ଆଶଙ୍କା ରହିଛି। ତେଣୁ ସଭାପତି ଓ ସମ୍ପାଦକ ପଦ ପାଇଁ କୌଣସି ସଭ୍ୟା ମନ ବଳାଉ ନ ଥିବା ଜଣାପଡିଛି। ଏପରିକି ଏହାକୁ ନେଇ ବ୍ୟାଙ୍କରୁ ଋଣ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଆରମ୍ଭ ହୋଇଥିବା ଦେଖିବାକୁ ମିଳୁଛି।

ରାଜ୍ୟ ମିଶନ ଶକ୍ତି ବିଭାଗର ପତ୍ରସଂଖ୍ୟା ୩୫୬/୨୨।୧।୨୦୨୫ ଓ ୯୩୦/୧୫।୨।୨୦୨୫ ମୁତାବକ ୨ ବର୍ଷ ଧରି ପଦପଦବୀରେ ଥିବା ମହିଳାମାନେ ଆଉ ପୁନର୍ବାର ସଭାପତି ଓ ସମ୍ପାଦକ ରହିପାରିବେ ନାହିଁ। ସେମାନଙ୍କ ସ୍ଥାନରେ ନୂଆ ମହିଳା ମନୋନୀତ ହେବା ବାଧ୍ୟତାମୂଳକ। ତଦନୁଯାୟୀ କଟକ ସଦର ବ୍ଲକରେ କାର୍ଯ୍ୟ କରୁଥିବା ୨୬୩୦ ଗ୍ରୁପ୍‌ର ନୂତନ ସଭାପତି ଓ ସମ୍ପାଦକ ମନୋନୟନ ପାଇଁ ସିଆର୍‌ପିମାନେ ଘର ଘର ବୁଲିବା ଆରମ୍ଭ କରିଦେଇଥିବା ଦେଖାଯାଉଛି। ଏବେ ସୁଦ୍ଧା ଏହି ବ୍ଲକର ୨୧୦୦ ସ୍ୱୟଂ ସହାୟକ ଗୋଷ୍ଠୀ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଗ୍ରାମ୍ୟ ବ୍ୟାଙ୍କରୁ ଋଣ ନେଇ ନିଜ ବ୍ୟବସାୟ ଚଳାଉଛନ୍ତି। ଋଣ ସମୟରେ ବ୍ୟାଙ୍କ ସହ ଚୁକ୍ତି କରୁଥିବା ସଭାପତି ଓ ସମ୍ପାଦକମାନେ ସରକାରଙ୍କ ନୂଆ ନିର୍ଦ୍ଦେଶନାମା ଅନୁଯାୟୀ ସେମାନଙ୍କ ପଦବୀ ହରାଇ କେବଳ ସାଧାରଣ ସଭ୍ୟା ହୋଇରହିବେ। ଏହାକୁ ନେଇ ଗୋଷ୍ଠୀ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଦେଖାଦେଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅଧିକାଂଶ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉଚ୍ଚଶିକ୍ଷିତ ନୁହନ୍ତି। ତେଣୁ ବ୍ୟାଙ୍କ ଋଣ ନ ଶୁଝିବା ପର୍ଯ୍ୟନ୍ତ ସଭାପତି ଓ ସମ୍ପାଦକ ଭାବେ ଦାୟିତ୍ୱ ନେବାକୁ କୁଣ୍ଠାବୋଧ କରୁଛନ୍ତି ବୋଲି କଟକ ସଦର ବ୍ଲକ କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ କହିଛନ୍ତି। କାରଣ ପୁରୁଣା କର୍ମକର୍ତ୍ତା ବ୍ୟାଙ୍କ ସହ ଚୁକ୍ତିବଦ୍ଧ ହୋଇଥିବାରୁ ନୂଆ କର୍ମକର୍ତ୍ତା ଦାୟିତ୍ୱ ନେବା ପାଇଁ ସାହସ କରୁନାହାନ୍ତି। ତେଣୁ ବ୍ୟାଙ୍କ ଋଣ ଶୁଝିବା ପର୍ଯ୍ୟନ୍ତ ପୁରୁଣା କର୍ମକର୍ତ୍ତାମାନଙ୍କୁ ଦାୟିତ୍ୱରେ ରହିବାର ସୁଯୋଗ ସରକାର ଦେବା ପାଇଁ ଗୋଚ୍ଛାୟତ ଦାବି କରିଛନ୍ତି। ଏ ସମ୍ପର୍କରେ କଟକ ସଦର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସରୋଜିନୀ ମହାନ୍ତିଙ୍କୁ ପଚାରିବାରୁ ସରକାରଙ୍କ ନିର୍ଦ୍ଦେଶ ପାଳନ କରିବା ମୋର ଦାୟିତ୍ୱ ବୋଲି କହିଛନ୍ତି।



## ସଂକ୍ଷେପରେ

### ମ୍ୟାନ୍‌ମାରରେ ସାଇବର ଦାସତ୍ୱରେ ଥିବା ୬୦ ଭାରତୀୟ ଉଦ୍ଧାର

ନୂଆଦିଲ୍ଲୀ,୧୧।୪

ମ୍ୟାନ୍‌ମାରରେ ସାଇବର ଦାସତ୍ୱରେ ରହିଥିବା ୬୦ ଜଣ ଭାରତୀୟଙ୍କୁ ସାଇବର କ୍ରାଇମ୍ ଅଧିକାରୀମାନେ ଉଦ୍ଧାର କରିଛନ୍ତି। ଏହି ଯୁବକମାନଙ୍କୁ ଲୋଭନୀୟ ନିଯୁକ୍ତି ପ୍ରଲୋଭନ ଦେଖାଇ ସେଠାକୁ ନେବା ପରେ ସାଇବର ଅପରାଧ କରିବା ପାଇଁ ବାଧ କରାଯାଉଥିଲା। ମହାରାଷ୍ଟ୍ର ପୋଲିସର ସାଇବର ଶାଖା ୫ ଜଣ ଏଜେଣ୍ଟଙ୍କୁ ଗିରଫ କରିଛି। ଏହି ଆପରାଧିକ କାର୍ଯ୍ୟରେ ସେମାନଙ୍କର ବିଦେଶୀଙ୍କ ସହ ସମ୍ପର୍କ ରହିଥିବା ଜଣେ ଅଧିକାରୀ କହିଛନ୍ତି। ଏଜେଣ୍ଟମାନେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଜରିଆରେ ଥାଇଲାଣ୍ଡ ଏବଂ ଅନ୍ୟ ପୂର୍ବ ଏସୀୟ ଦେଶରେ ଆକର୍ଷଣୀୟ ବେତନରେ ନିଯୁକ୍ତି ଦେବାର ପ୍ରଲୋଭନ ଦେଖାଉଥିଲେ। ପ୍ରଲୋଭନରେ ପଡୁଥିବା ଯୁବକମାନଙ୍କ ପାଇଁ ସେମାନେ ପାସ୍‌ପୋର୍ଟ ବ୍ୟବସ୍ଥା ସହ ବିମାନ ଟିକେଟ ବୁକିଂ ଆଦି କରିଦେଇ ଟୁରିଷ୍ଟ ଭିଜାରେ ଥାଇଲାଣ୍ଡ ପଠାଉଥିଲେ। ସେଠାରୁ ସେମାନଙ୍କୁ ମ୍ୟାନ୍‌ମାର ସୀମାକୁ ନିଆଯାଇ ଛୋଟ ବୋଟ୍ ଦ୍ୱାରା ସୀମାପାର କରାଯାଉଥିଲା।

### ୨୧ରେ ଭାରତ ଆସିପାରନ୍ତି ଜେ.ଡି. ଭାନ୍ସ



ଜେ.ଡି. ଭାନ୍ସଙ୍କ ସହ ସ୍ତ୍ରୀ ଉଷା ଭାନ୍ସ

ନୂଆଦିଲ୍ଲୀ,୧୧।୪

ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ମାଇକ୍ ୱାଲ୍ଟଜ୍ ଆସନ୍ତା ୨୧ରୁ ୨୪ ମଧ୍ୟରେ ଭାରତ ଆସିପାରନ୍ତି। ଭାନ୍ସଙ୍କ ସହ ତାଙ୍କ ସ୍ତ୍ରୀ ଉଷା ଭାନ୍ସ ମଧ୍ୟ ଆସିବେ। ଏହି ଗସ୍ତ ଅବସରରେ ଭାନ୍ସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ଭେଟିବା ସହ ଜୟପୁର ଏବଂ ଆଗ୍ରା ଗସ୍ତ କରିବେ। ସେକେଣ୍ଡ ଲେଡି ଭାବେ ଉଷା ଭାନ୍ସଙ୍କର ନିଜ ପୈତୃକ ଦେଶକୁ ଏହା ପ୍ରଥମ ଗସ୍ତ ହେବ। ବାଣିଜ୍ୟ ଚୁକ୍ତିନାମାକୁ ନେଇ ଆମେରିକା ସହ ଭାରତର ବୁଝାମଣା ଚାଲିଥିବାବେଳେ ଭାନ୍ସ ନୂଆଦିଲ୍ଲୀ ଗସ୍ତରେ ଆସୁଛନ୍ତି।

### ଦିଲ୍ଲୀରେ ଧୂଳିଝଡ଼: ୧୫ ବିମାନକୁ ଅନ୍ୟତ୍ର ପଠାଗଲା

ନୂଆଦିଲ୍ଲୀ,୧୧।୪

ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଶୁକ୍ରବାର ସନ୍ଧ୍ୟାରେ ଭୟଙ୍କର ଧୂଳିଝଡ଼ ସାଙ୍ଗକୁ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଥିବାରୁ ତାପମାତ୍ରା ହ୍ରାସ ପାଇଛି। ଘଣ୍ଟାପ୍ରତି ୮୦ କି.ମି. ବେଗରେ ପବନ ବହିବାରୁ ବହୁ ଗଛ ଉପୁଡ଼ିବା ସହ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ପ୍ରବଳ ଧୂଳି ଯୋଗୁ ରାସ୍ତାଘାଟ ଦୃଶ୍ୟ ହୋଇ ନ ଥିଲା। ଫଳରେ ୧୫ଟି ବିମାନକୁ ଅବତରଣ ପାଇଁ ଅନ୍ୟ ଏୟାରପୋର୍ଟକୁ ପଠାଯାଇଛି। ଦିଲ୍ଲୀ ଓ ଜୟପୁରରେ ଧୂଳିଝଡ଼ ଯୋଗୁ ବିମାନ ବିଳମ୍ବିତ ହେବ ବୋଲି ବିଭିନ୍ନ ଏୟାରଲାଇନ୍ସ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି। ଦିଲ୍ଲୀ, ନୋଏଡ଼ା ଏବଂ ଗାଜିଆବାଦର ବିଭିନ୍ନ ଅଞ୍ଚଳରେ ଗଛ ଓ ଡାଳ ପଡ଼ି ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଛି।

### ଲୋକଙ୍କ ମୌଳିକ ଅଧିକାର କଥା ଚିନ୍ତାକରୁ ଇଡି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୧।୪

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟ ଜନସାଧାରଣଙ୍କ ମୌଳିକ ଅଧିକାର ବିଷୟରେ ଚିନ୍ତା କରିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଚଣ୍ଡିଗଡ଼ରୁ ନାଗରିକ ଆପୂର୍ତ୍ତି ନିଗମ ଦୁର୍ନୀତି ମାମଲାକୁ ନୂଆଦିଲ୍ଲୀ ନେବା ପାଇଁ ଇଡି ଆବେଦନ କରିଥିବାବେଳେ ସର୍ବୋଚ୍ଚ ଅଦାଲତ ଏଥିରେ ଅସହମତି ପ୍ରକାଶ କରିଛନ୍ତି। ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସମ୍ବିଧାନର ଅନୁଚ୍ଛେଦ ୩୨ ଅଧୀନରେ ଇଡି ରିଟ୍ ପିଟିଶନ ଦାଏର କଲା କିପରି ବୋଲି ଜଷ୍ଟିସ୍ ଅଭୟ ଏସ୍ ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ମୌଳିକ ଅଧିକାରର ଉଲ୍ଲଂଘନ ହେଲେ ଏହାର ସୁରକ୍ଷା ପାଇଁ ବ୍ୟକ୍ତିବିଶେଷଙ୍କୁ ସିଧାସଳଖ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ଲାଗି ଅନୁଚ୍ଛେଦ ୩୨ କ୍ଷମତା ଦେଇଛି। ଖଣ୍ଡପୀଠଙ୍କ ଏହି ମନ୍ତବ୍ୟ ପରେ ପିଟିଶନ ପ୍ରତ୍ୟାହାର କରିନେବା ପାଇଁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ଅଦାଲତଙ୍କ ଅନୁମତି ଚାହିଁଥିଲେ।

# ଷ୍ଟାଲିନ୍‌ଙ୍କ ମୁକାବିଲା ପାଇଁ ଏକାଠି

## ତାମିଲନାଡୁକୁ ଫେରିଲା ଏଆଇଏଡିଏମ୍‌କେ-ଭାଜପା ମେଣ୍ଟ



ଚେନ୍ନାଇରେ ଏଆଇଏଡିଏମ୍‌କେ ସାଧାରଣ ସମ୍ପାଦକ ଇ.କେ. ପାଲାନିସାମୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଭାଜପାର ବିଦାୟୀ ରାଜ୍ୟ ସଭାପତି କେ. ଆନ୍ନାମଲାଇ ଏବଂ ପରବର୍ତ୍ତୀ ସଭାପତି ନୈନାର ନାଗେନ୍ଦ୍ରନ୍।

**ତାମିଲନାଡୁର ବିରୋଧୀ ଦଳ ଏଆଇଏଡିଏମ୍‌କେ ଏବଂ ଭାଜପା ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଇଡାପ୍ପଡି କେ. ପାଲାନିସ୍ୱାମୀ (ଇପିଏସ୍)ଙ୍କ ନେତୃତ୍ୱରେ ଲଢ଼ିବେ। ଚେନ୍ନାଇରେ ଶୁକ୍ରବାର ଆୟୋଜିତ ଏକ ମିଳିତ ଖବରଦାତା ସମ୍ମିଳନୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱ ଏବଂ ସେ କେନ୍ଦ୍ର ସରକାରଙ୍କ ବିରୋଧରେ ଉଠାଉଥିବା ପ୍ରସଙ୍ଗଗୁଡ଼ିକୁ ଦେଖିଲେ ଆଗାମୀ ନିର୍ବାଚନରେ ବିରୋଧୀଙ୍କ ପ୍ରଦର୍ଶନରେ ବିଶେଷ ଉନ୍ନତି ଆସିବା ଭଳି ମନେହେଉ ନାହିଁ। ତେଣୁ ଦୁଇ ପୂର୍ବ ସହଯୋଗୀ ପୁନର୍ବାର ଏକାଠି ହୋଇ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ନାବକୁ କ୍ଷମତା କୂଳରେ ଲଗାଇବାକୁ ଅଣ୍ଟା ଭିଡ଼ିଥିବା କୁହାଯାଉଛି।**

ଚେନ୍ନାଇ/ନୂଆଦିଲ୍ଲୀ,୧୧।୪

ତାମିଲନାଡୁ ବିଧାନସଭାର ଆସନ ସଂଖ୍ୟା ୨୩୪। ସରକାର ଗଢ଼ିବା ପାଇଁ କୁହୁକ ସଂଖ୍ୟା ହେଉଛି ୧୧୮। ୨୦୨୧ ଏପ୍ରିଲ ୬ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜେ. ଜୟଲଳିଥାଙ୍କ ଦଳ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ଼ ମୁନ୍ନେତ୍ରା କାଝାଗାମ୍ (ଏଆଇଏଡିଏମ୍‌କେ) ପୂର୍ବାପେକ୍ଷା ୭୦ ଆସନ ହରାଇ କ୍ଷମତାଚ୍ୟୁତ ହୋଇଥିଲା। ଏଆଇଏଡିଏମ୍‌କେ ୬୬ ଆସନରେ ସୀମିତ ହୋଇ ବିରୋଧୀ ଆସନରେ ବସିଥିଲା। ଅନ୍ୟପକ୍ଷେ ଏମ୍.କେ. ଷ୍ଟାଲିନ୍‌ଙ୍କ ଦ୍ରାବିଡ ମୁନ୍ନେତ୍ରା କାଝାଗାମ୍ (ଡିଏମ୍‌କେ) ପୂର୍ବ ନିର୍ବାଚନ ତୁଳନାରେ ୪୪ ଅଧିକ ଆସନ ପାଇ ମୋଟ ୧୩୩ ଆସନ ଦଖଲ କରିବାରେ ସକ୍ଷମ ହୋଇଥିଲା। ଏଲ୍. ମୁରୁଗାନ୍‌ଙ୍କ ନେତୃତ୍ୱରେ ୨୦ ଆସନରେ ନିର୍ବାଚନ ଲଢ଼ିଥିବା ଭାଜପା ମାତ୍ର ୨.୬% ଭୋଟ ହାର ସହ ୪ ଆସନରେ ସୀମିତ ରହିଥିଲା। ଇତିମଧ୍ୟରେ ୪ ବର୍ଷ ବିତିଗଲାଣି। ଆସନ୍ତା ବର୍ଷ ଠିକ୍ ଏଇ ସମୟ ବେଳକୁ

### ବିଧାନସଭା ନିର୍ବାଚନର ବର୍ଷକ ପୂର୍ବରୁ ବଳିପଡ଼ିଲେ ଆନ୍ନାମଲାଇ

ତାମିଲନାଡୁରେ ପୁଣି ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ସରକାର ନିଜ ଲୋକପ୍ରିୟତା ବଜାୟ ରଖିଛନ୍ତି। ଷ୍ଟାଲିନ୍ କେନ୍ଦ୍ର ପ୍ରସ୍ତାବିତ ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ୍), ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ଅଧୀନ ୩ ଭାଷା ସୂତ୍ର ବଳରେ ହିନ୍ଦୀ ଭାଷାକୁ ଜବରଦସ୍ତି ଲଦି ଦିଆଯିବା ଏବଂ କେନ୍ଦ୍ରୀୟ ପାଣ୍ଠି ପ୍ରଦାନରେ ପାତରଅନ୍ତରକୁ ପ୍ରସଙ୍ଗକରି ଏନ୍‌ଡିଏ ସରକାରଙ୍କୁ ଟାର୍ଗେଟ କରିଆସିଛନ୍ତି। ବିଶେଷକରି ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଡିଏମ୍‌କେ ସୁପ୍ରିମୋ ଏହି ପ୍ରସଙ୍ଗଗୁଡ଼ିକ ଉପରେ ନିଜ ସ୍ୱରକୁ ଅଧିକ ଶାଣିତ କରୁଥିବା ଦେଖିବାକୁ ମିଳୁଛି। ଏଭଳି ସମୟରେ



ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍

ଆଗାମୀ ନିର୍ବାଚନରେ କ୍ଷମତାକୁ ଫେରିବା ପାଇଁ ଅଣ୍ଟାଭିଡ଼ିଥିବା ଇପିଏସ୍ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରିଥିଲେ। ରାଜ୍ୟ ଭାଜପା ସଭାପତି କେ. ଆନ୍ନାମଲାଇ ଡିଏମ୍‌କେ ପରିବର୍ତ୍ତେ ଏଆଇଏଡିଏମ୍‌କେକୁ ଅଧିକ ସମାଲୋଚନା କରୁଥିବା ସେ ମୋଦିଙ୍କୁ ଜଣାଇଥିଲେ। ଆନ୍ନାମଲାଇଙ୍କୁ ଭାଜପା ସଭାପତି ପଦରୁ ହଟାଇଲେ ତାମିଲନାଡୁରେ ପୁଣି ମେଣ୍ଟ ସମ୍ଭବ ବୋଲି ସେ ସର୍ତ୍ତ ବାଢ଼ିଥିବା ସୂତ୍ରରୁ ପ୍ରକାଶ। ଏଥିଯୋଗୁ ଆନ୍ନାମଲାଇଙ୍କୁ କୁଆଡ଼େ ଇସ୍ତଫା ଦେବାକୁ କୁହାଯାଇଥିଲା।

ପୂର୍ବତନ ଆଇପିଏସ୍ ଅଧିକାରୀ ଆନ୍ନାମଲାଇଙ୍କ ସ୍ଥାନରେ ନୈନାର ନାଗେନ୍ଦ୍ରନ୍‌ଙ୍କୁ ଦଳ ରାଜ୍ୟ ସଭାପତି ନିଯୁକ୍ତ କରିଛି। ନାଗେନ୍ଦ୍ରନ୍ ୨୦୦୧ରୁ ୨୦୦୬ ପର୍ଯ୍ୟନ୍ତ ଏଆଇଏଡିଏମ୍‌କେ ସରକାରରେ ଜୟଲଳିଥାଙ୍କ କ୍ୟାବିନେଟ୍‌ରେ ଶକ୍ତି, ଶିଳ୍ପ ଓ ପରିବହନ ମନ୍ତ୍ରୀ ଥିଲେ।

### ନିଃସର୍ତ୍ତ, ଦାବିହୀନ ମେଣ୍ଟ: ଶାହା

ବିନା କୌଣସି ସର୍ତ୍ତ ଓ ଦାବିରେ ଏଆଇଏଡିଏମ୍‌କେ ଏବଂ ଭାଜପା ମେଣ୍ଟ ଗଢ଼ାଯାଇଛି। ଦୁଇଦଳ ସ୍ୱାଭାବିକ ସହଯୋଗୀ। ଏହି ମେଣ୍ଟ ୨୦୨୬ ନିର୍ବାଚନରେ ବିଜୟୀ ହେଲେ ଇ.କେ. ପାଲାନିସ୍ୱାମୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ବରିଷ୍ଠ ଭାଜପା ନେତା ଅମିତ୍ ଶାହା କହିଛନ୍ତି। ଖବରଦାତା ସମ୍ମିଳନୀରେ ଶାହା ଆହୁରି କହିଛନ୍ତି, ଦୁଇ ଦଳ ପରସ୍ପରକୁ ସମ୍ମାନ ଦେବେ। କେହି କାହାର ଦଳୀୟ ବ୍ୟାପାରରେ ମୁଣ୍ଡ ଖେଳାଇବେ ନାହିଁ। ଏନ୍‌ଡିଏ ଏବଂ ଏଆଇଏଡିଏମ୍‌କେକୁ ସୁହାଇଲା ଭଳି ନିଷ୍ପତ୍ତି ନିଆଯିବ।

ଉଲ୍ଲେଖଯୋଗ୍ୟ, ଗତ ଲୋକ ସଭା ନିର୍ବାଚନର କିଛି ମାସ ପୂର୍ବରୁ ୨୦୨୩ ସେପ୍ଟେମ୍ବରରେ ଏଆଇଏଡିଏମ୍‌କେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରୁ ଓହରିଯାଇଥିଲା। ରାଜ୍ୟର ଭାଜପା ସଭାପତି କେ. ଆନ୍ନାମଲାଇ ଏଆଇଏଡିଏମ୍‌କେର ପୂର୍ବ ସୁପ୍ରିମୋ ଜୟଲଳିଥା ଏବଂ ବର୍ତ୍ତମାନର ନେତା ଇପିଏସ୍‌ଙ୍କୁ ଲଗାତର ସମାଲୋଚନା କରୁଥିବାରୁ ପଦରୁ ତାଙ୍କୁ ହଟାଇବା ପାଇଁ ଦାବି ହୋଇଥିଲା। କିନ୍ତୁ ସେତେବେଳେ ସହଯୋଗୀ ଏଆଇଏଡିଏମ୍‌କେର ଦାବିକୁ ଭାଜପା ଅଗ୍ରାହ୍ୟ କରିଦେଇଥିଲା। ୨୦୨୪ ଲୋକ ସଭା ନିର୍ବାଚନରେ ଦୁଇ ଦଳ ଅଲଗା ଲଢ଼ି ଗୋଟିଏ ହେଲେ ଆସନ ପାଇପାରି ନ ଥିଲେ। ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ଇଣ୍ଡିଆ ବ୍ଲକ୍ ସମସ୍ତ ୩୯ ଆସନ ଦଖଲ କରିଥିଲା। ତେଣୁ ଆନ୍ନାମଲାଇଙ୍କୁ ହଟାଇବା ପାଇଁ ଭାଜପା ରାଜି ହୋଇଥିବା କୁହାଯାଉଛି।

> ଭାଜପା-ଏଆଇଏଡିଏମ୍‌କେ ମେଣ୍ଟ ତାମିଲନାଡୁରୁ ଦୁର୍ନୀତିଗ୍ରସ୍ତ ଓ ବିଭାଜନବାଦୀ ଡିଏମ୍‌କେକୁ କ୍ଷମତାଚ୍ୟୁତ କରିବ। ଦୁଇ ସହଯୋଗୀ ଦଳ ମିଳିତ ଭାବେ ଶକ୍ତିଶାଳୀ ହୋଇ ରାଜ୍ୟକୁ ବିକାଶ ଦିଗରେ ଆଗେଇ ନେବେ। ଆଗକୁ ଗଢ଼ାଯିବାକୁ ଥିବା ଏନ୍‌ଡିଏ ସରକାର ଏମ୍‌ଜିଆର୍ ଏବଂ ଜୟଲଳିଥାଙ୍କ ସ୍ୱପ୍ନକୁ ସାକାର କରିବ।
> **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

### ତାମିଲନାଡୁ ମନ୍ତ୍ରୀ ପୋନ୍‌ମୁଡ଼ି ଦଳୀୟ ପଦବୀରୁ ବହିଷ୍କୃତ

ଚେନ୍ନାଇ,୧୧।୪

ହିନ୍ଦୁ ଧର୍ମ ସମ୍ପର୍କରେ ତାମିଲନାଡୁର ଡିଏମ୍‌କେ ମନ୍ତ୍ରୀ କେ. ପୋନ୍‌ମୁଡ଼ିଙ୍କ ବିବାଦୀୟ ମନ୍ତବ୍ୟ ପରେ ସାଧାରଣରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଫଳରେ ପୋନ୍‌ମୁଡ଼ିଙ୍କୁ ଡିଏମ୍‌କେ ଉପସାଧାରଣ ସମ୍ପାଦକ ପଦବୀରୁ ବହିଷ୍କାର କରାଯାଇଛି। ଜଙ୍ଗଲ ବିଭାଗ ମନ୍ତ୍ରୀ ଥିବା ପୋନ୍‌ମୁଡ଼ି ଏକ ସାଧାରଣ ସଭାରେ ହିନ୍ଦୁ ଧର୍ମର ପରିଚୟ ତିଳକକୁ ଯୌନମୁଦ୍ରା ସହ ତୁଳନା କରି ବିବାଦ ଘେରକୁ ଆସିଥିଲେ। ତାଙ୍କ ମନ୍ତବ୍ୟକୁ ଡିଏମ୍‌କେ ଏମ୍‌ପି କାନିମୋଝି ନିନ୍ଦା କରିବା ସହ ଏଭଳି ମନ୍ତବ୍ୟ ଗ୍ରହଣୀୟ ନୁହେଁ ବୋଲି କହିଥିଲେ। ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ ପାଇଁ ଭାଜପା ତାମିଲନାଡୁ ସଭାପତି କେ. ଆନ୍ନାମଲାଇ ଡିଏମ୍‌କେକୁ ନିନ୍ଦା କରିଥିଲେ।



କେ. ପୋନ୍‌ମୁଡ଼ି

# ରାଣାଙ୍କୁ ୧୮ ଦିନ ପାଇଁ ହାଜତକୁ ନେଲା ଏନ୍‌ଆଇଏ

ନୂଆଦିଲ୍ଲୀ,୧୧।୪

### ଅନ୍ୟ ସହରରେ ୨୬/୧୧ ଭଳି ଆକ୍ରମଣ ଯୋଜନା କରିଥିଲେ

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତହଉର ହୁସେନ୍ ରାଣାଙ୍କୁ ଶୁକ୍ରବାର ୧୮ ଦିନ ପାଇଁ ହାଜତକୁ ନେଇଛି। ହାଜତ ମିଆଦ ସମୟରେ ତଦନ୍ତକାରୀ ସଂସ୍ଥା ରାଣାଙ୍କୁ ଜେରା କରି ମୁମ୍ବାଇ ଆକ୍ରମଣ ପଛର ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ର ସମ୍ପର୍କିତ ତଥ୍ୟ ଉନ୍ମୋଚନ କରିବାକୁ ଉଦ୍ୟମ କରିବ। ରାଣା ଆମେରିକାରୁ ପ୍ରତ୍ୟର୍ପିତ ହୋଇ ଗୁରୁବାର ସନ୍ଧ୍ୟାରେ ଦିଲ୍ଲୀର ପାଲାମ ବିମାନବନ୍ଦରରେ ପହଞ୍ଚିବା ପରେ ଏନ୍‌ଆଇଏ ତାଙ୍କୁ ଗିରଫ କରି ପଟିଆଲା ହାଉସ୍‌ରେ ଥିବା ଏନ୍‌ଆଇଏ ସ୍ପେଶାଲ କୋର୍ଟରେ ହାଜର କରାଇଥିଲା। ଶୁକ୍ରବାର ଅଦାଲତ ତାଙ୍କୁ ୧୮ ଦିନିଆ ଏନ୍‌ଆଇଏ ରିମାଣ୍ଡରେ ପଠାଇଛନ୍ତି। ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଏନ୍‌ଆଇଏ ମୁଖ୍ୟାଳୟକୁ ନିଆଯାଇଛି। ସେଠାରେ ସବୁଠୁ ସୁରକ୍ଷିତ ସେଲ୍‌ରେ ତାଙ୍କୁ ରଖାଯିବ।

୨୬/୧୧ ଭଳି ଏକାଧିକ ଆତଙ୍କବାଦୀ ଆକ୍ରମଣ ଭାରତର ବିଭିନ୍ନ ସହରରେ କରାଇବାକୁ ରାଣା ଯୋଜନା ରଖିଥିଲେ ବୋଲି ଏନ୍‌ଆଇଏ ଅଦାଲତଙ୍କୁ ଜଣାଇଛି। ଏହି ସମସ୍ତ ଷଡ଼ଯନ୍ତ୍ର ସମ୍ପର୍କିତ ତଥ୍ୟ ହାସଲ ଲାଗି ରାଣାଙ୍କୁ ଅଧିକ ଦିନ ହେପାଜତକୁ ନେବା ଲାଗି ଏନ୍‌ଆଇଏ ଆବେଦନ କରିଥିଲା।



ତହଉର ହୁସେନ୍ ରାଣା

### ବିହାର: ବଜ୍ରପାତ, କୁଆପଥର ବର୍ଷାରେ ୬୧ ମୃତ

ପାଟନା,୧୧।୪

ବିହାରର ବିଭିନ୍ନ ଜିଲାରେ ଗତ ୪୮ ଘଣ୍ଟା ମଧ୍ୟରେ ବଜ୍ରପାତ ଏବଂ କୁଆପଥର ବର୍ଷାରେ ଅନ୍ୟୂନ ୬୧ ଜଣଙ୍କ ମୃତ୍ୟୁ ଘଟିଛି। ନାଳନ୍ଦା ଜିଲାରେ ସର୍ବାଧିକ ଲୋକ ପ୍ରାଣ ହରାଇଛନ୍ତି। ଗୁରୁବାର ଏହି ଜିଲାରେ ୨୨ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହା ବ୍ୟତୀତ ପାଟନା, ଭୋଜପୁର, ସିୱାନ ଏବଂ ଗୟା ଜିଲାରେ ବଜ୍ରପାତରେ ୪ ଜଣ ଲେଖାଏ, ଗୋପାଳଗଞ୍ଜ ଏବଂ ଜାମୁଇରେ ୩ ଜଣ ଲେଖାଏ, ମୁଜାଫରପୁର, ଜେହାନାବାଦ, ସରନ ଏବଂ ଅରୱାଲରେ ୨ ଜଣ ଲେଖାଏ ପ୍ରାଣ ହରାଇଛନ୍ତି। ବେଗୁସରାଇ, ଦରଭଙ୍ଗା, ସହର୍ସା, କଟିହାର, ମୁଙ୍ଗେର୍, ମାଧେପୁରା, ଅରାରିଆ ଏବଂ ଭାଗଲପୁରରେ ବଜ୍ରପାତ ଜଣେ ଲେଖାଏ ଲୋକଙ୍କ ଜୀବନ ନେଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ବର୍ଷା ପବନରେ ଗଛ ପଡ଼ି ଅନେକ ରାସ୍ତା ଅବରୋଧ ହୋଇଥିବାବେଳେ ସେଗୁଡ଼ିକୁ ହଟାଇବା କାର୍ଯ୍ୟରେ ପୋଲିସକୁ ନିୟୋଜିତ କରାଯାଇଛି।

# ନଦୀରେ ଖସିଲା ହେଲିକପ୍ଟର: ୬ ମୃତ



ପର୍ଯ୍ୟଟକଙ୍କୁ ନେଇ ଯାଇଥିବା ହେଲିକପ୍ଟରଟି ହଡ୍‌ସନ ନଦୀରେ ଖସିପଡ଼ିଛି।

ନ୍ୟୁୟର୍କ,୧୧।୪

ନ୍ୟୁୟର୍କ ସିଟିର ହଡ୍‌ସନ ନଦୀରେ ଏକ ହେଲିକପ୍ଟର ଖସିପଡ଼ିବାରୁ ଏଥିରେ ଥିବା ସମସ୍ତ ୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ପେନ୍‌ର ଟେକ୍‌ନୋଲୋଜି କମ୍ପାନୀ ସିଏମେନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଗଷ୍ଟାଇନ୍ ଏସ୍କୋବାର, ତାଙ୍କ ସ୍ତ୍ରୀ ମେର୍ସେ କାମ୍ପରୁବି ମୋଣ୍ଟାଲ ଏବଂ ସେମାନଙ୍କର ୩ ପିଲା। ସେମାନେ ଆମେରିକାକୁ ପର୍ଯ୍ୟଟନରେ ଆସିଥିଲେ। ଷଷ୍ଠ ବ୍ୟକ୍ତି ଜଣକ ହେଲିକପ୍ଟରର ପାଇଲଟ୍ ବୋଲି ନ୍ୟୁୟର୍କ ସିଟି ମେୟର ଏରିକ୍ ଆଡାମ୍ସ ଗଣମାଧ୍ୟମକୁ କହିଛନ୍ତି । ଗୁରୁବାର ହେଲିକପ୍ଟରଟି ମାନହାଟନରୁ ଉଡ଼ାଣ ଆରମ୍ଭ କରିବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହା ଓଲଟିପଡ଼ି ଅଧିକାଂଶ ଭାଗ ପାଣିରେ ବୁଡ଼ିରହିଥିବା ଭିଡିଓରୁ ଦେଖିବାକୁ ମିଳିଛି। ଅଗ୍ନିଶମ ବିଭାଗ ଓ ରେସ୍କ୍ୟୁ ବୋଟ୍‌ଗୁଡ଼ିକ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ୨ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିଲେ ହେଁ ହସ୍ପିଟାଲରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ମାନହାଟନର ଆକାଶ ବିମାନ ଏବଂ ହେଲିକପ୍ଟର ଚଳାଚଳ ଯୋଗୁ ସବୁବେଳେ ଗହଳି ରହିଥାଏ। ସେଠାରେ ଘରୋଇ ଏବଂ ବ୍ୟବସାୟିକ ବିମାନ, ହେଲିକପ୍ଟର, ରିକ୍ରିଏଶନାଲ ଏୟାରକ୍ରାଫ୍ଟ ଓ ଟୁରିଷ୍ଟ ବିମାନ ଚଳାଚଳ କରିଥାଏ। ମାନହାଟନରେ ଅନେକ ହେଲିପ୍ୟାଡ୍ ରହିଛି। ତେଣୁ ସେଠାରେ ଅନେକ ସମୟରେ ବିମାନ ଦୁର୍ଘଟଣା ଘଟିଥାଏ।

# ପଶ୍ଚିମବଙ୍ଗରେ ୱାକ୍‌ଫ ବିକ୍ଷୋଭ ବେଳେ ହିଂସା

କୋଲକାତା,୧୧।୪

ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ଶୁକ୍ରବାର ୱାକ୍‌ଫ ସଂଶୋଧନ ଆଇନକୁ ବିରୋଧ କରି ବିକ୍ଷୋଭ ଚାଲିଥିବାବେଳେ ତାହା ହିଂସାତ୍ମକ ରୂପ ନେଇଛି। ଉତ୍ତ୍ୟକ୍ତ ଲୋକେ ନିମଟିଟା ଷ୍ଟେଶନରେ ଟ୍ରେନ୍‌କୁ ଟେକାମାଡ଼ କରିବା ସହ ଷ୍ଟେଶନ ସମ୍ପତ୍ତି ଭଙ୍ଗାରୁଜା କରିଛନ୍ତି। ହିଂସାକାଣ୍ଡରେ ପ୍ରାୟ ୧୦ ପୋଲିସ ଏବଂ କେତେଜଣ ଯାତ୍ରୀ ଆହତ ହୋଇଛନ୍ତି। ହିଂସା ନିୟନ୍ତ୍ରଣ ପାଇଁ ବିଏସ୍‌ଏଫ୍ ଯବାନଙ୍କୁ ମୁତୟନ କରାଯାଇଛି। ହିଂସାକାଣ୍ଡ ଯୋଗୁ ୨ଟି ଟ୍ରେନ୍‌କୁ ବାତିଲ କରାଯିବା ସହ ୫ଟି ଟ୍ରେନ୍‌ର ରୁଟ୍ ପରିବର୍ତ୍ତନ କରାଯାଇଛି। ମୁର୍ଶିଦାବାଦ ଏବଂ ଉତ୍ତର ୨୪ ପ୍ରଗଣାର ବିଭିନ୍ନ ଅଞ୍ଚଳରେ ଉତ୍ତେଜନା ଲାଗିରହିଥିବାବେଳେ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ଦୁର୍ବୃତ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ଏଥିସହିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ମଧ୍ୟ ରାଜ୍ୟପାଳ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଆସନ୍ତା ୧୬ ତାରିଖରେ କୋଲକାତାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇମାମମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବାକୁ ଥିବାରୁ ଶାନ୍ତି ବଜାୟ ରଖିବାକୁ ଟିଏମ୍‌ସି ନେତା କୁନାଲ ଘୋଷ ବିକ୍ଷୋଭକାରୀଙ୍କୁ ନିବେଦନ କରିଛନ୍ତି।

# ୩୦୦ ଗର୍ଭପାତ କେନ୍ଦ୍ରର ଲାଇସେନ୍ସ ରଦ୍ଦ

### ହରିୟାଣାରେ ବଢ଼ୁଛି କନ୍ୟାଭ୍ରୂଣ ହତ୍ୟା

### ୧୦୦୦ ପୁଅରେ ୯୧୦ ଝିଅ

ଚଣ୍ଡୀଗଡ଼,୧୧।୪

ହରିୟାଣାରେ ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା ଉଦ୍‌ବେଗଜନକ ଭାବେ ହ୍ରାସ ପାଇଚାଲିଛି। ୨୦୨୪ର ତଥ୍ୟ ଅନୁଯାୟୀ ପ୍ରତି ୧୦୦୦ ପୁଅରେ ଝିଅ ସଂଖ୍ୟା ୯୧୦କୁ ହ୍ରାସ ପାଇଛି। ରାଜ୍ୟରେ କନ୍ୟାଭ୍ରୂଣ ହତ୍ୟା ର୍‌ୟାକେଟ ବଢ଼ିଚାଲିଥିବା ଏକ ତଦନ୍ତରୁ ଜଣାପଡ଼ିବା ପରେ ବେଆଇନ ଗର୍ଭପାତ ରୋକିବା ପାଇଁ ସରକାର ଟାସ୍କଫୋର୍ସ ଗଠନ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ଫଳରେ ହରିୟାଣାରେ ୧,୫୦୦ ମେଡିକାଲ ଟର୍ମିନେଶନ ଅଫ୍ ପ୍ରେଗ୍ନାନ୍ସି (ଏମ୍‌ଟିପି) ସେଣ୍ଟର ମଧ୍ୟରୁ ୩୦୦ର ଲାଇସେନ୍ସ ରଦ୍ଦ କରାଯାଇଛି କିମ୍ବା ସେମାନେ ସ୍ୱଇଚ୍ଛାରେ ଲାଇସେନ୍ସ ଫେରାଇ ଦେଇଛନ୍ତି।

ଟାସ୍କଫୋର୍ସରେ ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ନିଶା ନିବାରଣ ଏବଂ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ରହିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ, ହରିୟାଣାର ନିର୍ଦ୍ଦେଶକ ଡ. ବୀରେନ୍ଦ୍ର ଯାଦବ ଏହାର ମୁଖ୍ୟ ରହିଛନ୍ତି। ଟାସ୍କଫୋର୍ସକୁ ପ୍ରତି ମଙ୍ଗଳବାର ସାପ୍ତାହିକ ସମୀକ୍ଷା ସହ କ୍ଷେତ୍ର ପରିଦର୍ଶନ କରିବାକୁ କୁହାଯାଇଛି। ୨୦୧୯ରେ ପ୍ରତି ୧,୦୦୦ ପୁଅରେ ଝିଅ ସଂଖ୍ୟା ୯୨୩ ଥିବାବେଳେ ୨୦୨୪ରେ ଏହା ୯୧୦କୁ ହ୍ରାସ ପାଇଥିବା ଜଣାପଡ଼ିବା ପରେ କଡ଼ା କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ୨୩ଟି ଗର୍ଭପାତ କେନ୍ଦ୍ରକୁ ନୋଟିସ୍ ଜାରି ହେବା ସହ ଅନ୍‌ଲାଇନରେ ଏମ୍‌ଟିପି କିଟ୍ସ ବିକ୍ରି କରୁଥିବା ୧୭ଟି ସଂସ୍ଥା ବିରୋଧରେ ଏତଲା ଦାଏର ହୋଇଛି। ପ୍ରି-କନ୍‌ସେପ୍‌ଶନ ଆଣ୍ଡ ପ୍ରି-ନାଟାଲ ଡାଇଗ୍ନୋଷ୍ଟିକ୍ ଟେକ୍‌ନିକ୍ (ପିସିପିଏନ୍‌ଡିଟି) ଆଇନର କାର୍ଯ୍ୟକାରିତାକୁ କଡ଼ାକଡ଼ି କରିବା ପାଇଁ ବିଭିନ୍ନ କେନ୍ଦ୍ର ଉପରେ ୨୩ ଥର ଚଢ଼ାଉ କରାଗଲାଣି। ହସାର ଜିଲାର ପିଏନ୍‌ଡିଟି ନୋଡାଲ ଅଫିସରଙ୍କୁ ନିଲମ୍ବନ କରାଯିବା ସହ ୧୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ମେଡିକାଲ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପୁଅ-ଝିଅ ଅନୁପାତ ସବୁଠୁ ଖରାପ ଥିବା ୩ଟି ସିଏଚ୍‌ସିର ମେଡିକାଲ ଅଫିସରଙ୍କ ନାଁରେ ଚାର୍ଜଶିଟ୍ ହୋଇଛି। ସେହିପରି କମ୍ ସେକ୍ସ ରେସିଓ ଥିବା ୫ ଜିଲାର ପିଏନ୍‌ଡିଟି ନୋଡାଲ ଅଫିସରଙ୍କୁ ବଦଳି କରାଯାଇଛି।



# ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ ପରେ ଖୋଲିଲା ତାଲା




ଛାତ୍ରଛାତ୍ରୀମାନେ ଶ୍ରେଣୀଗୃହରେ ନିଜେ ପଢୁଛନ୍ତି। ଅଭିଭାବକଙ୍କ ସହ ବ୍ଲକ୍ ଶିକ୍ଷା ଅଧିକାରୀ ସମସ୍ୟା ନେଇ ଆଲୋଚନା କରୁଛନ୍ତି।

## ବାରଣ୍ଡାରୁ ଉଠି ଶ୍ରେଣୀ ଗୃହରେ ନିଜେ ପଢ଼ିଲେ ଷଷ୍ଠ, ସପ୍ତମ ପିଲା

- ନ ଥିଲେ ଶିକ୍ଷକ, ମିଳିଲାନି ମଧ୍ୟାହ୍ନ ଭୋଜନ
- ୧୫ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୪ (ସୁଚିସ୍ମିତା ସାହୁ)

ମଞ୍ଚେଶ୍ୱର ରେଲୱେ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷଷ୍ଠ ଓ ସପ୍ତମ ଶ୍ରେଣୀଗୃହରେ ତାଲା ପକାଇବା ଘଟଣାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଛି। ଶିକ୍ଷକ ଅଭାବରୁ ହଠାତ୍ ଏହି ଦୁଇ ଶ୍ରେଣୀ ବନ୍ଦ କରାଯିବା ଓ ଶତାଧିକ ପିଲା ବାରଣ୍ଡାରେ ବସି ପାଠପଢ଼ିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମାମଲା ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ନିକଟରେ ପହଞ୍ଚିଛି। କମିଶନ ରାଜ୍ୟ ସରକାରଙ୍କୁ ରିପୋର୍ଟ ତଲବ କରିଥିବାବେଳେ ଶୁକ୍ରବାର ଶ୍ରେଣୀ ଗୃହରୁ ତାଲା ଖୋଲିଛି। ପିଲାମାନେ ବାରଣ୍ଡାରୁ ଉଠି ଶ୍ରେଣୀ ଗୃହକୁ ଯାଇଥିଲେ ମଧ୍ୟ ଶିକ୍ଷକ ନ ଥିବାରୁ ନିଜେ ବସି ପାଠପଢ଼ିଛନ୍ତି। ଅନ୍ୟପକ୍ଷରେ ସ୍କୁଲର ଅନ୍ୟ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ମିଳିଥିଲେ ମଧ୍ୟ ଏମାନଙ୍କୁ ଦିଆଯାଇ ନ ଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ଅତିରିକ୍ତ ବ୍ଲକ ଅଧିକାରୀ ସ୍ଥିତି ଯାଞ୍ଚ କରିବାକୁ ବିଦ୍ୟାଳୟକୁ ଆସିଥିଲେ। ସେଠାରେ ଉପସ୍ଥିତ ଅଭିଭାବକ ଓ ପିଲାଙ୍କ ସହିତ ଘଟଣା ସମ୍ବନ୍ଧରେ ଆଲୋଚନା କରିଥିଲେ। ଅଭିଭାବକମାନେ ବିଦ୍ୟାଳୟ ବନ୍ଦ ହେଲେ ହେବାକୁ ଥିବା ସମସ୍ତ ଅସୁବିଧା କଥା ଜଣାଇଥିଲେ। ପିଲାମାନେ ମଧ୍ୟ ବିଦ୍ୟାଳୟ ବନ୍ଦ ନ କରିବା ପାଇଁ ଦାବି କରିଥିଲେ। ଆମକୁ ପାଠ ପଢ଼ିବାର ସୁଯୋଗ ଦିଆଯାଉ। ବିଦ୍ୟାଳୟ ବନ୍ଦ ହେଲେ ଅନ୍ୟ ସ୍କୁଲ ଯାଇ ପାଠପଢ଼ିବାରେ ସମସ୍ୟା ସୃଷ୍ଟି ହେବ ବୋଲି ସେମାନେ ଅଧିକାରୀଙ୍କୁ ଜଣାଇଛନ୍ତି। ଏପଟେ ଏହି ଘଟଣାକୁ ନେଇ ଓଏଚ୍‌ଆର୍‌ସିରେ ହୋଇଥିବା ଅର୍ଜେଣ୍ଟ ଅପିଲର ଦ୍ରୁତ ଶୁଣାଣି ଅଧ୍ୟକ୍ଷ ଶତ୍ରୁଘ୍ନ ପୂଜାରୀଙ୍କ ଖଣ୍ଡପୀଠରେ ହୋଇଥିଲା। ଏହି ବିଦ୍ୟାଳୟର ଷଷ୍ଠ ଓ ସପ୍ତମ ଶ୍ରେଣୀରେ ପଢୁଥିବା ୧୩୦ଜଣ ବସ୍ତି ବାସିନ୍ଦା ପିଲାଙ୍କୁ ସରକାର ପାଠପଢ଼ିବାରୁ ବଞ୍ଚିତ କରିଛନ୍ତି। ଏଥିସହ ମଧ୍ୟାହ୍ନଭୋଜନ ବନ୍ଦ କରିଦେଇଥିବା ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିସହ ଉକ୍ତ ସ୍କୁଲରେ ଶିକ୍ଷକ ନିଯୁକ୍ତ କରି ଷଷ୍ଠ ଏବଂ ସପ୍ତମ ଶ୍ରେଣୀ ଚାଲୁ କରାଯିବାକୁ ନାୟକ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ତେଣୁ ପିଲାଙ୍କ ମାନବାଧିକାର ଉଲ୍ଲଂଘନ ହୋଇଥିବାରୁ କମିଶନ ରାଜ୍ୟ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ, ଖୋର୍ଦ୍ଧା ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ୧୫ ଦିନ ମଧ୍ୟରେ ଡିଟେଲ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଛେନାପୋଡ଼ ଦିବସ ପାଳିତ

ପୁରୁଣା ଭୁବନେଶ୍ୱର, ୧୧।୪ (ସୁବାସ ଚନ୍ଦ୍ର ପ୍ରଧାନ): ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଛେନାପୋଡ଼ ଦିବସ ପାଳିତ ହୋଇଯାଇଛି। ଏଥିରେ ସଂଘର ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା ସଭାପତିତ୍ୱ କରିଥିଲେ। ଭୁବନେଶ୍ୱର ବାର୍ ଆସୋସିଏଶନର ନବନିର୍ବାଚିତ ସମ୍ପାଦକ ସତ୍ୟ ନାରାୟଣ ସେଠୀ, ଅକ୍ଷୟ କୁମାର ସାହୁ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସମସ୍ତ ସଭ୍ୟଙ୍କୁ ଛେନାପୋଡ଼ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସଂଘର ଉପସଭାପତି ନୀତି ରଞ୍ଜନ ଚନ୍ଦ, ଲକ୍ଷ୍ମୀଧର ପରିଡ଼ା, ସମ୍ପାଦକ ଧାରେନ ପଟ୍ଟନାୟକ, ସୁରେନ୍ଦ୍ର ନନ୍ଦ, ନରେନ୍ଦ୍ର ସମର୍ଥା, ରମେଶ ଚନ୍ଦ୍ର ବେହେରା, ଅକ୍ଷୟ ଦାସ, ହେମନ୍ତ ପଣ୍ଡା, ବିମଳ ପଟ୍ଟନାୟକ, ସକେଶ୍ୱର ପଟ୍ଟନାୟକ, ବିରଞ୍ଚି ପତି, ସରୋଜ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ଅଗ୍ନିକାଣ୍ଡ: ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜଳିଗଲା

କୃଷ୍ଣପ୍ରସାଦ, ୧୧।୪ (କୈଳାସ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚିଲିକା ମୁଖାପଡ଼ା ଅଧୀନ ଜହ୍ନିକୁଦା ଘାଟ ପେଡ଼ରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ବ୍ୟବସାୟୀ ପ୍ରକାଶ ପଲେଇ, ଦିଜବର ପଲେଇ, ସାମାଞ୍ଚଳ ପଲେଇ, ବ୍ରଜ ବାରିକ, ସାଗର ପଲେଇ, ଜଗନ୍ନାଥ ସାହୁ ଏବଂ ମଣ୍ଟୁ ସାହୁଙ୍କ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି। ମାଲୁଦରୁ ଅଗ୍ନିଶମ ବିଭାଗ ଗାଡି ପହଞ୍ଚିବା ବେଳକୁ ସବୁ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିଲା।

# ବିଏମ୍‌ସି ଅଞ୍ଚଳରେ ଆୟୁଷ୍ମାନ କାର୍ଡ ପାଇଲେ ୧୫ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ



ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ଓ କର୍ପୋରେଟରସ ସୁଷମା ସାହୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

### ବାର୍ତ୍ତା ବାଣ୍ଟିଲା ସଚେତନତା ରଥ

ଭୁବନେଶ୍ୱର, ୧୧।୪ (ବନ୍ଦନା ସେଠୀ) ବିଏମ୍‌ସି ପକ୍ଷରୁ ଶୁକ୍ରବାର ୨୨ଟି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ) ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ) କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତି ଓ୍ୱାର୍ଡରୁ ୨୫ଜଣ ଲେଖାଏଁ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ କରାଯାଇଛି। ୬୭ଟି ୱାର୍ଡର ୧୫ ଶହରୁ ଅଧିକ ହିତାଧିକାରୀଙ୍କୁ କାର୍ଡ ପାଇଥିବାବେଳେ ସଭାସ୍ଥଳୀରୁ ସଚେତନତା ରଥ ବାହାରି ଅଞ୍ଚଳ ବୁଲି ସଚେତନତା ବାର୍ତ୍ତା ବାଣ୍ଟିଥିଲା। ଉତ୍ତର ଜୋନ୍ ଅନ୍ତର୍ଗତ ଗାଡ଼କଣ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଦକ୍ଷିଣ-ପଶ୍ଚିମ ଜୋନ୍ ଅନ୍ତର୍ଗତ ଭରତପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେପୁଟି ମେୟର ମଞ୍ଜୁଲତା କହ୍ନର, ଦକ୍ଷିଣ-ପୂର୍ବ ଜୋନ୍ ଅନ୍ତର୍ଗତ ବ୍ରହ୍ମେଶ୍ୱର ପାଟଣା ପୋଷ୍ଟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକାମ୍ର ବିଧାୟକ ବାବୁସିଂ, ୟୁନିଟ୍-୩ ପୋଷ୍ଟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଖଣ୍ଡଗିରି ପାଞ୍ଚିକୋଠରେ ଆୟୋଜିତ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ପ୍ରମୁଖ ଅତିଥି ଭାବେଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାନୀୟ କର୍ପୋରେଟରମାନେ କମିଟି ଅଧ୍ୟକ୍ଷ ଓ କର୍ପୋରେଟରମାନେ ଅତିଥି ଭାବେ ଯୋଗ ଦେଇଥିଲେ। ପର୍ଯ୍ୟାୟକ୍ରମେ ଏହି କାର୍ଡ ସମସ୍ତ ବିପିଏଲ୍ ତଥା ପୂର୍ବରୁ ବିଜୁସ୍ୱାସ୍ଥ୍ୟ କାର୍ଡ ପାଇଥିବା ସମସ୍ତ ହିତାଧିକାରୀଙ୍କୁ ପ୍ରଦାନ କରାଯିବ। ପ୍ରତି ପରିବାରକୁ ସରକାରୀ କିମ୍ବା ତାଲିକାଭୁକ୍ତ ବେସରକାରୀ ଡାକ୍ତରଖାନାରେ ମହିଳାଙ୍କୁ ୧୦ଲକ୍ଷ ଟଙ୍କା ଓ ପୁରୁଷଙ୍କୁ ୫ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିବ। ଧନି, ଗରିବ, ବିପିଏଲ୍, ଏପିଏଲ୍ ନିର୍ବିଶେଷରେ ୭୦ବର୍ଷ ଅତିକ୍ରମ କରିଥିବା ସମସ୍ତ ବ୍ୟକ୍ତି ବୟୋ ବନ୍ଦନା କାର୍ଡ ପାଇବେ। ତେବେ ସେମାନଙ୍କ ପାଇଁ ଇ-କେୱାଇସି କରିବା ଜରୁରୀ ବୋଲି ସୂଚନା ଦିଆଯାଇଛି।

## ମାନସ ଦଳେଇ ହତ୍ୟା ମାମଲାରେ ଆଉ ଜଣେ ଗିରଫ

ଜଟଣୀ, ୧୧।୪ (ରବୀନ୍ଦ୍ରନାଥ ମହାକୁଡ଼): ଜଟଣୀ ବଡ଼ନୂଆଗାଁ ମାନସ ଦଳେଇ ହତ୍ୟା ମାମଲାରେ ପୋଲିସ ଜଟଣୀ ଉପରବସ୍ତ (ମୁଣ୍ଡଳି ସାହି)ର ସ୍ୱପ୍ନେଶ୍ୱର ବଳିୟାରସିଂ ଓରଫ ସପନା(୪୧)ଙ୍କୁ ଗିରଫ କରିଥିବା ଜଟଣୀ ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ତାଙ୍କ ନିକଟରୁ ବାଇକ୍ ଏବଂ ଏକ ଖଣ୍ଡାକୁ ଜବତ କରିଛି। ପୂର୍ବରୁ ଜଟଣୀ ଥାନାରେ କେସ୍ ନଂ. ୧୫୦/୨୫ରେ ପୋଲିସ ଏହି ହତ୍ୟା ଘଟଣାରେ ଅଭିରାମ ବାଘସିଂହ ଓରଫ ଅଭିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ଗିରଫ ସଂଖ୍ୟା ୨ରେ ପହଞ୍ଚିଛି। ଏହି ଘଟଣାରେ ସମ୍ପୃକ୍ତି ଥିବା ଅନ୍ୟମାନଙ୍କୁ ଶୀଘ୍ର ଧରାଯିବ ବୋଲି ଥାନାଧିକାରୀ କହିଛନ୍ତି। ସୂଚନା ମୁତାବକ, ଗତ ୩ ତାରିଖ ବିଳମ୍ବିତ ରାତିରେ ଜଟଣୀ ବଡ଼ନୂଆଗାଁ ଅଞ୍ଚଳର ରାକେଶ ଦଳେଇ ଓରଫ ମାନସଙ୍କୁ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା। ଅଭିଯୁକ୍ତଙ୍କୁ ଧରିବାକୁ ୩ଟି ଟିମ୍ ଗଠନ କରାଯାଇଛି।

## ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ

ବାଲିପାଟଣା, ୧୧।୪ (ଅଭିମନ୍ୟୁ ନାୟକ): ବାଲିପାଟଣା ବ୍ଲକରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ ହୋଇଛି। ବନମାଳୀପୁରଠାରେ ବିଡିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ଦେଉଳିଧରପୁରଠାରେ ମେଡିକାଲ ଅଫିସର ଶ୍ରୀକାନ୍ତ ବେହେରା, ରାଜସଠାରେ ସମଜିକ କଲ୍ୟାଣ ଅଧିକାରୀ ଦିବ୍ୟଜ୍ୟୋତି ଭୁଟିଆ, ଜିପିଓ କଳ୍ପନା ସାସମଲ, ଦିବ୍ୟରଞ୍ଜନ ମହାପାତ୍ର, ଅନ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ବ୍ଲକ ଅଧିକାରୀଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ହୋଇଥିଲା।

# 'ଅଳିଆଗଦା ହଟାଅ, ସୈନିକ ସ୍କୁଲ ବଞ୍ଚାଅ'



ପଦଯାତ୍ରାରେ ସାମିଲ ହୋଇଥିବା ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକେ।

## ସଚେତନତା ପଦଯାତ୍ରା ଆରମ୍ଭ

ଭୁବନେଶ୍ୱର,୧୧।୪ (ସୁଚିସ୍ମିତା ସାହୁ)

ଡମ୍ପିଂୟାର୍ଡକୁ ହଟାଇବା ସହିତ ସୈନିକ ସ୍କୁଲ ସ୍ଥାନାନ୍ତର ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ଶୁକ୍ରବାର ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ପକ୍ଷରୁ ସଚେତନତା ପଦଯାତ୍ରା ଆରମ୍ଭ ହୋଇଛି। ସୈନିକ ସ୍କୁଲ ଚତୁର୍ପାର୍ଶ୍ୱ ଅଞ୍ଚଳ ଯଥା ଗାଡ଼କଣ, ରଙ୍ଗାମାଟିଆ, ଆଦିମାତା କଲୋନୀ, ଲକ୍ଷ୍ମୀ ବିହାର, ଆଚାର୍ଯ୍ୟ ବିହାର, ଭିଏସଏସ ନଗର, ଡମଣା, ବାଣୀବିହାର ଆଦି ଅଞ୍ଚଳର ବୁଦ୍ଧିଜିବୀ ଏବଂ ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ଲୋକଙ୍କୁ ସଚେତନ କରୁଛନ୍ତି। ସେଥିପାଇଁ ସବୁ ଗଳି କନ୍ଦିରେ ବ୍ୟାନର, ସଚେତନତା ପ୍ରଚାରପତ୍ର ବଣ୍ଟନ ସହ ପ୍ରଚାର ଗାଡ଼ିରେ ଜନସଚେତନତା ସୃଷ୍ଟି କରାଯାଉଛି। ପ୍ରତି କଲୋନୀରେ ବୈଠକ ମାଧ୍ୟମରେ ଲୋକଙ୍କୁ ସଂଗଠିତ କରାଯିବ। ଧୀରୀକୁଟିବସ୍ତି, କ୍ଷେତ୍ରସାହି, ଗାଡ଼କଣରେ ବାହାରିଥିବା ସଚେତନତା ପଦଯାତ୍ରାରେ ବାସୁଦେବ ଭଟ୍ଟ, ପ୍ରସନ୍ନ ବିଷୋୟୀ, ଅଶୋକ ପାଇକରାୟଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇ ଲୋକଙ୍କୁ ଲିଫଲେଟ ବାଣ୍ଟିବା ସହିତ ଆଲୋଚନା କରିଥିଲେ।


### ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

No. T-05: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୧୫।୦୪।୨୦୨୫ରିଖ (ମଙ୍ଗଳବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୧୧।୦୪।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ର ଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

ନିର୍ଦ୍ଦେଶକ
ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0085/2425



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ସିଟି ଫଟୋ ଷ୍ଟୁଡିଓ
ପାଇଁ Photoshopରେ ଅଭିଜ୍ଞତା ଥିବା ଫଟୋଗ୍ରାଫର ଆବଶ୍ୟକ।
Mob:9337126712

WANTED
• MANAGER (MBA) • ACCOUNTANT (Tally) • DATA ENTRY OPERATOR (MS Office & Tally) • OFFICE ASSISTANT • SUPERVISOR
Contact: 9338554697

See Career Appointment on every Wednesday & Saturday

WANTED
PVC/HDPE Factory in Bhubaneswar having ISI Licence wish to recruit experienced (3 years above) Staff in Office/ Production/Sales (Part Time/ Commission Basis Welcome).
Contact: 9439008838
Email: konarkgroup583@gmail.com

A Reputed Garment Distribution House needs the following people:
• SENIOR MARKETING MANAGER - 1 • MARKETING EXECUTIVE - 2 • MASTER IN MIS & AI - CHAT GPT - 1 • PERSONAL SECRETARY - 1 • CRM EXECUTIVE - 1 • DRIVER - 1
Walk in Interview on 11th April, 12 P.M. to 6 P.M.
SUNCITY, PCH - C-01, Grand Bazar,
Beside Nayara Petrol Pump, Phulnakhara, Contact - 8328899459



### वरीय पुलिस अधीक्षक का कार्यालय, राँची

**सर्वसाधारण के लिए सूचना**



नाम– दीपक कुमार पंडित, उम्र करीब–16 वर्ष, रंग–गोरा, ऊँचाई–4 फीट 5 इंच, पहनावा– उजला रंग का भार्ट, काला–निला रंग का जिन्स एवं काला रंग का कोर्ट पहना हुवा है।

उपरोक्त लापता लड़का दीपक कुमार पंडित, उम्र करीब–16 वर्ष, पे0–केदारनाथ पंडित, सा0–रामनगर सिमलिया डी0ए0वी0 स्कूल के पिछे, थाना–रातु, जिला–राँची जो घर से बिना बताए कहीं चले गये है जो आजतक अपने घर वापस नहीं आये है। जिसके संबंध में रातु थाना काण्ड संख्या–431/2020, दिनांक–22.12.2020, दर्ज कर खोजबीन की जा रही है।उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता लड़का कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
पुलिस उपाधीक्षक, मु0–2, राँची। –9431706142
थाना प्रभारी रातु राँची। –9431706175

पुलिस उप–महानिरीक्षक–सह–
वरीय पुलिस अधीक्षक, राँची
PR 350147 (Police)25-26*D



### କେନରା ବ୍ୟାଙ୍କ Canara Bank — ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ, ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ସମ୍ପୃକ୍ତ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡ଼ିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଭୁବନେଶ୍ୱର କିଟ୍ କ୍ୟାମ୍ପସ ଶାଖା (୪୯୧୫) /** **ଋଣଗ୍ରହୀତା: ମେସର୍ସ ଜିପି ଟେଲିକମ୍ୟୁନିକେସନ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଗୌରୀ ପ୍ରସାଦ ସାହୁ,** ପିତା: ଗୋକୁଳାନନ୍ଦ ସାହୁ, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: ୨୦୯, ଫାଲକନ ରେସିଡେନ୍ସି, କିଟ୍ ରୋଡ଼, ପଟିଆ, ଭୁବନେଶ୍ୱର-୭୫୧୦୨୪ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅଶୋକ କୁମାର ପାଣିଗ୍ରାହୀ,** ପିତା: ରାମଚନ୍ଦ୍ର ପାଣିଗ୍ରାହୀ, ଫ୍ଲାଟ୍ ନଂ.: ୨ଏଲବି, ମଣି ତ୍ରିଭୁବନ, ନନ୍ଦନକାନନ ରୋଡ଼, ରଘୁନାଥପୁର, ଭୁବନେଶ୍ୱର-୭୫୧୦୨୪ | କ) **ଶ୍ରୀ ଅଶୋକ କୁମାର ପାଣିଗ୍ରାହୀଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୪୦୩, ୪ର୍ଥ ମହଲା, ପରିମିତ ବିକ୍ରୟଯୋଗ୍ୟ କ୍ଷେତ୍ର: ୧୬୦୦ ବର୍ଗଫୁଟ୍ ସହିତ ବେସମେଣ୍ଟରେ ପାର୍କିଂ ନଂ.: ୪୦୩, ଏବଂ ମୋଟ କ୍ଷେତ୍ର: ଏକର ୦.୨୩୫ ଡ଼ିସିମିଲିରୁ ଅବିଭକ୍ତ ଜମିର ଅଂଶ କ୍ଷେତ୍ର: ଏକର ୦.୧୦ ଡ଼ିସିମିଲି, ଯାହାକି "ଗ୍ରୀନ୍ ହାଇ" ନାମକ ଆବାସିକ ଆପାର୍ଟମେଣ୍ଟରେ ଅବସ୍ଥିତ ଯାହାର ଜିଲ୍ଲା: ଖୋର୍ଦ୍ଧା, ଥାନା: ନିଉ କ୍ୟାପିଟାଲ, ଥାନା ନଂ.: ୪୯, ସବ୍ ରେଜିଷ୍ଟ୍ରଡ଼: ଭୁବନେଶ୍ୱର, ତହସିଲ: ଭୁବନେଶ୍ୱର, ତହସିଲ ନଂ.: ୨୪୩, ମୌଜା: ଭୁବନେଶ୍ୱର ସହର, ୟୁନିଟ୍-୩, ଖାରବେଳନଗର, ମ୍ୟୁଟେସନ ଖାତା ନଂ.: ୪୬୦, ପ୍ଲଟ୍ ନଂ.: ୨୩୭, କ୍ଷେତ୍ର: ଏକର ୦.୨୩୫ ଡ଼ିସିମିଲି, ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ଜି.ଏ. ଡ୍ରଇଙ୍ଗ ନଂ.: ସି-୫୬୩୧, ଅନୁରୂପ ଜି.ଏ. ଡ୍ରଇଙ୍ଗ ପ୍ଲଟ ନଂ.: ୩୧୨, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍:୧୬୮୮, ପଶ୍ଚିମ: ରାସ୍ତା, ଉତ୍ତର: ରେଭିନ୍ୟୁ ପ୍ଲଟ୍: ୧୬୮୮ ଏବଂ ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍: ୨୩୮ / ଖ) ୦୩.୦୨.୨୦୨୫ / ଗ) ୦୯.୦୪.୨୦୨୫ / ଘ) ଟ.୮୧,୫୧,୬୧୦.୦୭ (ଏକାଅଶୀ ଲକ୍ଷ ଏକାବନ ହଜାର ଛଅଶହ ଦଶ ଟଙ୍କା ଏବଂ ସାତ ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |
| **ପୁରୀ ନବକଳେବର ରୋଡ୍ ଶାଖା (୧୮୦୬୮) /** **ଋଣଗ୍ରହୀତା: ମେସର୍ସ ମା ମଙ୍ଗଳା ସିମେଣ୍ଟ ପ୍ରଡ଼କ୍ଟ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ବୈଦେହୀ ପ୍ରଧାନ,** ସ୍ୱାମୀ: କୁଳମଣି ପ୍ରଧାନ, ଉଭୟଙ୍କ ଠିକଣା- ସା: ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, ଥାନା: କୁମ୍ଭାରପଡ଼ା, ପୁରୀ-୭୫୨୦୦୨ | କ) **ଶ୍ରୀମତୀ ବୈଦେହୀ ପ୍ରଧାନଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ଜିଲ୍ଲା: ପୁରୀ, ଥାନା: ପୁରୀ ଟାଉନ୍, ଥାନା ନଂ.: ୩୨, ସବ୍-ରେଜିଷ୍ଟ୍ରଡ଼: ପୁରୀ, ତହସିଲ: ପୁରୀ, ତହସିଲ ନଂ.: ୬୭୪, ମୌଜା: ପୁରୀ ଟାଉନ୍ ୟୁନିଟ ନଂ.: ୩୨, କୁମୁଟିପାଟଣା, ମ୍ୟୁଟେସନ ଖାତା ନଂ.: ୨୦୦/୮୭, ପ୍ଲଟ୍ ନଂ.: ୬୭/୪୬୯, କ୍ଷେତ୍ର: ଏକର ୦.୦୨୦ ଡ଼ିସିମିଲି, ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ସାବିକ୍ ଖାତା ନଂ.: ୬୧, ପ୍ଲଟ୍ ନଂ.: ୬୭, କ୍ଷେତ୍ର: ଏକର ୦.୯୨୦ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ସୁଦର୍ଶନ ମହାନ୍ତି, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ୨୫, ପୂର୍ବ: ଏନ୍ ମହାନ୍ତି, ପଶ୍ଚିମ: ରାସ୍ତା / ଖ) ୩୦.୦୧.୨୦୨୫ / ଗ) ୧୦.୦୪.୨୦୨୫ / ଘ) ଟ.୭,୦୭,୯୦୫.୦୮ (ସାତ ଲକ୍ଷ ସାତ ହଜାର ନଅଶହପାଞ୍ଚ ଟଙ୍କା ଏବଂ ଆଠ ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |
| **ଭୁବନେଶ୍ୱର ଡ଼ିଡ଼ିସିଇ ବିଲ୍ଡିଂ ଶାଖା (୧୮୦୧୫) /** **ଋଣଗ୍ରହୀତା: ମେସର୍ସ ୱେଲମାର୍କ, ସ୍ୱତ୍ୱାଧିକାରୀ: ସଞ୍ଜୀବ କୁମାର ସାହୁ,** ଫ୍ଲାଟ୍ ନଂ.: ୨୦୦, ତଳ ମହଲା, ପ୍ରତିମା ଏନ୍‌କ୍ଲେଭ, ବରମୁଣ୍ଡା, ଭୁବନେଶ୍ୱର, ପିନ୍-୭୫୧୦୦୩, **ଶ୍ରୀ ସଞ୍ଜୀବ କୁମାର ସାହୁ,** ପିତା: ଶ୍ରୀକାନ୍ତ ସାହୁ, ପ୍ଲଟ୍ ନଂ.: ୨୦୭, ସହୀଦ ନଗର, ଭୁବନେଶ୍ୱର, ପିନ୍-୭୫୧୦୦୭ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସସ୍ମିତା ପାଇକରାୟ,** ସ୍ୱାମୀ: ଜ୍ୟୋତିରଞ୍ଜନ ପାଇକରାୟ, ପ୍ଲଟ୍ ନଂ.: ୧୭୦୨, ବରମୁଣ୍ଡା, ଡ଼େଲ୍ଟା ରୋଡ଼, ଭୁବନେଶ୍ୱର, ପିନ୍-୭୫୧୦୦୩ | କ) **ଶ୍ରୀମତୀ ସସ୍ମିତା ପାଇକରାୟଙ୍କ** ନାମରେ ଥିବା ଜମି ଯାହାର ଜିଲ୍ଲା:ଖୋର୍ଦ୍ଧା, ଥାନା: ନିଉ କ୍ୟାପିଟାଲ ଥାନା ନଂ.: ୩୮, ସବ-ରେଜିଷ୍ଟ୍ରଡ଼: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ତହସିଲ ନଂ.: ୨୩୫, ମୌଜା: ଭୁବନେଶ୍ୱର ସହର ୟୁନିଟ-୨୦, ଜାଗମରା, ହାଲ ମ୍ୟୁଟେସନ ଖାତା ନଂ.: ୧୧୩୩/୩୨୦୪, ପ୍ଲଟ୍ ନଂ.: ୧୧୨୪/୬୭୫୬, କ୍ଷେତ୍ର: ଏକର ୦.୦୪୮ ଡ଼ିସିମିଲି, ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ବନ୍ଦୋବସ୍ତ ଖାତା ନଂ.: ୫୦୪, ପ୍ଲଟ୍ ନଂ.: ୧୧୨୪, କ୍ଷେତ୍ର: ଏକର ୦.୦୪୮ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଆପାର୍ଟମେଣ୍ଟ (ପ୍ଲଟ୍ ନଂ.: ୧୧୨୩ ଏବଂ ୧୧୧୯), ଉତ୍ତର: ପ୍ଲଟ୍ ନଂ.: ୧୧୧୭/୬୨୫୪ (ରମେଶ ଚନ୍ଦ୍ର ପଣ୍ଡା), ଦକ୍ଷିଣ: ପ୍ଲଟ୍ ନଂ.: ୧୧୨୪/୬୨୫୫ (ରଶ୍ମିତା ସ୍ୱାଇଁ) / ଖ) ୩୦.୦୧.୨୦୨୫ / ଗ) ୦୮.୦୪.୨୦୨୫ / ଘ) ଟ.୪୮,୨୭,୮୮୬.୧୫ (ଅଠଚାଳିଶି ଲକ୍ଷ ସତେଇଶ ହଜାର ଆଠଶହ ଛୟାଅଶୀ ଟଙ୍କା ଏବଂ ପନ୍ଦର ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୧.୦୪.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



### ଦ.ପୂ. ରେଳପଥ – ଟେଣ୍ଡର

**ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୧୧।**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ। କ୍ର.ସଂ, ଟେଣ୍ଡର ନଂ. ଏବଂ କାର୍ଯ୍ୟର ବର୍ଣ୍ଣନା ନିମ୍ନ ଅନୁଯାୟୀ ଅଟେ: (୧) ଇ-କେଜିପି-ଇଷ୍ଟ-୩୧-୨୦୨୫, ଡିଇଏନ୍/ପୂର୍ବ/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ସେସ୍ ମରାମତି – ୬୦,୩୭୭ ମିଟର ଏବଂ ଥ୍ରୁ ଫର୍ମେସନ ଟ୍ରିଟ୍‌ମେଣ୍ଟ (ଟିଏଫ୍‌ଟିଆର୍) – ୧୦.୫୪୧ ଟିକେଏମ୍‌ର ନିର୍ବାହ। ଟେଣ୍ଡର ମୂଲ୍ୟ: ₹୯,୩୬,୭୩,୬୧୫.୪୪। ଅମାନତ ରାଶି: ₹୬,୧୮,୪୦୦/-। (୨) ଇ-କେଜିପି-ଇଷ୍ଟ-୩୨-୨୦୨୫, ଡିଇଏନ୍/ପୂର୍ବ/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ଡାଉନ୍ ଓ ମିଡ୍ ଲାଇନ୍ ମଧ୍ୟରେ ବିଆର୍. ୫୭ର ମେଚେଡ଼ା ପ୍ରାନ୍ତଠାରେ କୋଲାଘାଟ ଷ୍ଟେଶନରେ ୧ ଇନ୍ ୧୬ କ୍ରସ୍-ଓଭରର ସ୍ଥାପନ କାର୍ଯ୍ୟର ନିର୍ବାହ ଏବଂ ଏସ୍ ଆଣ୍ଡ ଟି ପାଇଁ ଏକ ଗୋଟି ଆଇପିଏସ୍ ଓ ବ୍ୟାଟେରି ରୁମ୍‌ର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ₹୧,୫୭,୩୨,୯୮୦.୩୯। ଅମାନତ ରାଶି: ₹୨,୨୮,୭୦୦/-। (୩) ଇ-କେଜିପି-ସାଉଥ-୧୭-୨୦୨୫, ବରିଷ୍ଠ ଡିଇଏନ୍ (ଦକ୍ଷିଣ)/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ଭଦ୍ରକ ସେକ୍ସନରେ ଛୋଟ ଓ ବଡ଼ ପୋଲଗୁଡ଼ିକର ସୁଦୃଢ଼ୀକରଣ ଏବଂ ପୁନରୁଦ୍ଧାର। ଟେଣ୍ଡର ମୂଲ୍ୟ: ₹୧,୯୧,୦୪,୨୦୯.୭୬। ଅମାନତ ରାଶି: ₹୨,୪୫,୫୦୦/-। (୪) ଇ-କେଜିପି-ସାଉଥ-୧୮-୨୦୨୫, ବରିଷ୍ଠ ଡିଇଏନ୍ (ଦକ୍ଷିଣ)/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର – ଭଦ୍ରକ ଏବଂ ରୂପସା – ବାଙ୍ଗିରିପୋଷୀ ସେକ୍ସନ ମଧ୍ୟରେ ପିଏଫ୍ ପୃଷ୍ଠଭାଗ, ଷ୍ଟେଶନ ଆପ୍ରୋଚ୍ ରୋଡ଼, ସର୍କୁଲେଟିଂ ଏରିଆ, ପାଣି କୁଣ୍ଡ, ପିଏଫ୍ ଶେଲ୍ଟର, ଶୌଚାଳୟର ମରାମତି ଏବଂ ଷ୍ଟେଶନ ବିଲ୍ଡିଂର ପେଣ୍ଟିଂ ଆଦି। ଟେଣ୍ଡର ମୂଲ୍ୟ: ₹୪,୦୩,୧୦,୩୫୮.୧୪। ଅମାନତ ରାଶି: ₹୩,୫୧,୬୦୦/-। (୫) ଇ-କେଜିପି-ଇଷ୍ଟ-୩୩-୨୦୨୫, ଡିଇଏନ୍/ପୂର୍ବ/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ଆନ୍ଦୁଲ ଷ୍ଟେଶନଠାରେ ପୁରୁଣା ଆର୍‌ଆର୍‌ଆଇ ବିଲ୍ଡିଂରେ କ୍ରୁ ପାଇଁ ତିଆରି କରାଯିବାକୁ ଥିବା ଅସ୍ଥାୟୀ ଆବାସ ସମେତ ବେଡ଼ରୁମ୍, ଶୌଚାଳୟ ଇତ୍ୟାଦ କାର୍ଯ୍ୟର ନିର୍ବାହ। ଟେଣ୍ଡରମୂଲ୍ୟ: ₹୫୯,୦୧,୭୨୮.୪୧। ଅମାନତ ରାଶି: ₹୧,୧୮,୦୦୦/-। (୬) ଇ-କେଜିପି-ଇଷ୍ଟ-୩୪-୨୦୨୫, ଡିଇଏନ୍/ପୂର୍ବ/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ମେଚେଡ଼ାଠାରେ ନୂଆ ୨୦ ଶଯ୍ୟାବିଶିଷ୍ଟ ରନିଂ ରୁମ୍ ନିର୍ମାଣ। ଟେଣ୍ଡର ମୂଲ୍ୟ: ₹୨,୭୮,୭୪,୪୮୩.୦୪। ଅମାନତ ରାଶି: ₹୨,୮୯,୪୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ପ୍ରତ୍ୟେକ ପାଇଁ ₹୦। ଖୋଲାଯିବା ତାରିଖ: କ୍ର.ସଂ. ୧ ଓ ୨ ପାଇଁ ତା୨୪।୦୪।୨୦୨୫ରିଖ, କ୍ର.ସଂ. ୩ ଓ ୪ ପାଇଁ ତା୩୦।୦୪।୨୦୨୫ରିଖ, କ୍ର.ସଂ. ୫ ଓ ୬ ପାଇଁ ତା୦୧।୦୫।୨୦୨୫ରିଖ। କାର୍ଯ୍ୟର ସମାପ୍ତି ଅବଧି: କ୍ର.ସଂ. ୧ ପାଇଁ ୧୮ ମାସ, କ୍ର.ସଂ. ୨ ଓ ୫ ପାଇଁ ପ୍ରତ୍ୟେକ ୯ ମାସ ଏବଂ କ୍ର.ସଂ. ୩, ୪ ଓ ୬ ପାଇଁ ପ୍ରତ୍ୟେକ ୧୨ ମାସ। ବିଡିଂ ଆରମ୍ଭ ତାରିଖ: କ୍ର.ସଂ. ୧ ଓ ୨ ପାଇଁ ତା୧୦।୦୪।୨୦୨୫ରିଖରୁ ତା୨୪।୦୪।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। କ୍ର.ସଂ. ୩ ଓ ୪ ପାଇଁ ତା୧୬।୦୪।୨୦୨୫ରିଖରୁ ତା୩୦।୦୪।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। କ୍ର.ସଂ. ୫ ଓ ୬ ପାଇଁ ତା୧୭।୦୪।୨୦୨୫ରିଖରୁ ତା୦୧।୦୫।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ "www.ireps.gov.in" ପରିଦର୍ଶନ କରିପାରନ୍ତି। (PR-37)



### PARADIP PORT AUTHORITY

Tender No. ENG/CE/1525/SCB/2024/200, Dt.10.04.2025

DEVELOPMENT OF SOUTH CONTAINER BERTH (SCB) ON BOT BASIS INVITATION OF REQUEST FOR QUALIFICATION (RFQ)

Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date and time of submission of RFQ Applications is 29.05.2025 till 1100 hours.

Sd/-
Executive Engineer (C)
Project Implementation Office
Paradip Port Authority
PPA/PR/03/2005-2026 11/04/2025



### ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/25-26/E-Tender/01,ତା.07.04.2025ରିଖ

(1) ଟେଣ୍ଡର ସଂ.e-tendersouthkur-02-2025,ତା.01.04.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବାଲୁଗାଁ ପରିସୀମା ଅଧୀନସ୍ଥ ବାଲୁଗାଁ-ଗଞ୍ଜାମ ସେକ୍ସନରେ ଅଟୋ ସେକ୍ସନ ସମ୍ବନ୍ଧୀୟ 16 ଗୋଟି ଗୁମଟି (ଅଟୋ ତଥା ଗେଟ୍ ଗୁମଟି)ଗୁଡ଼ିକର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 701.10 ଲକ୍ଷ, EMD(ଟଙ୍କାରେ): 5,00,600/-।

(2) ଟେଣ୍ଡର ସଂ.eTender-NorthKUR-03-2025,ତା.01.04.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (ଉତ୍ତର) ସେକ୍ସନ ଅଧୀନସ୍ଥ ସାଇଟ୍ ଠାରେ AT/SKV ପ୍ରକ୍ରିୟା (ସିଙ୍ଗିଲ ସଟ୍ କ୍ରୁସିବଲ ଟେକ୍‌ନିକ୍) ଦ୍ୱାରା କମ୍ବିନେସନ ଜଏଣ୍ଟଗୁଡ଼ିକ ନିମନ୍ତେ ଏବଂ 60 କି.ଗ୍ରା./60EI-R260 ପାଇଁ ୱେଲ୍ଡିଙ୍ଗ୍ ଅଂଶର ଯୋଗାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 227.57 ଲକ୍ଷ, EMD(ଟଙ୍କାରେ): 2,63,800/-।

(3) ଟେଣ୍ଡର ସଂ.eTender-HqKUR-04-2025,ତା.02.04.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼-ପୁରୀ ସେକ୍ସନ ମଧ୍ୟରେ ଡାଉନ୍ ଲାଇନ୍‌ରେ 25.378 କି.ମି. ଲମ୍ବ ନିମନ୍ତେ CTR(P) ର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 926.13 ଲକ୍ଷ, EMD(ଟଙ୍କାରେ): 6,13,100/-।

ଶେଷ ହେବା ଅବଧି: 12 ମାସ (ସମସ୍ତ ଟେଣ୍ଡର ନିମନ୍ତେ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.23.04.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନା/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼
PR-27/Q/25-26



ଫର୍ମ ନଂ.୧୩
### ଋଣ ଅସୁଲି ନ୍ୟାୟାଧିକରଣ, କଟକ, ଓଡିଶା
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓରିଜିନାଲ୍ ଆପ୍ଲିକେସନ ନଂ.୨୦୨୪ ର ୬୫୮

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ହଳଦିଆପଦର ଶାଖା, ବ୍ରହ୍ମପୁର ......ଆବେଦନକାରୀ
ବନାମ
ମେସର୍ସ ମା ବୈଷ୍ଣବୀ ପ୍ଲାଷ୍ଟିକ ଇଣ୍ଡଷ୍ଟ୍ରି ଏବଂ ଅନ୍ୟମାନେ ......ପ୍ରତିବାଦୀମାନେ
ପ୍ରାପ୍ତେଷୁ,
ପ୍ରତିବାଦୀ-୧ :ମେସର୍ସ ମା ବୈଷ୍ଣବୀ ପ୍ଲାଷ୍ଟିକ ଇଣ୍ଡଷ୍ଟ୍ରି, ସତ୍ତ୍ୱାଧିକାରୀ: ଶ୍ରୀମତୀ ରୀନା ଚୌଧୁରୀ (ଋଣଗ୍ରହୀତା), ପିତା: ଗଣପତି ସାହୁ, ସ୍ୱା: ଶ୍ରୀ ମିହିର କୁମାର ଚୌଧୁରୀ, ସା: ଟୁଲୁ ରୋଡ, ପୋ.: କନିସି, ଭାୟା: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ-୭୬୧୦୦୮।
ପ୍ରତିବାଦୀ-୨: ଶ୍ରୀ ମିହିର କୁମାର ଚୌଧୁରୀ (ଜାମିନ୍‌ଦାର/ବନ୍ଧକଦାତା), ପିତା: ଶ୍ରୀ ଉଧବ ଚୌଧୁରୀ, କନିସିହାଟ, ପୋ.: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୦୦୮।

**ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଯୋଗେ ସମନ**

ନୋଟିସ୍ ଦିଆଯାଉଛିଯେ, ଆବେଦନକାରୀ ଋଣ ଅସୁଲି ନ୍ୟାୟାଧୀକରଣ, କଟକଙ୍କ ନିକଟରେ **ଟ.୨୩,୨୫,୬୨୪/-** ମାତ୍ର ସମେତ ବିଚରାଧୀନ ତଥା ପରବର୍ତ୍ତି ସୁଧ, ବ୍ୟୟ ଏବଂ ଅନ୍ୟାନ୍ୟ ଆଶ୍ୱସ୍ତି ନିମନ୍ତେ **ଓଏ ନଂ.୬୫୮/୨୦୨୪** ପ୍ରକ୍ରିୟା ଆରମ୍ଭ କରିଛନ୍ତି।
ତେଣୁ, ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାଯିବ ନାହିଁ, ତାହାର କାରଣ ଦର୍ଶାଇବା ପାଇଁ ଉପର ନାମିତ ପ୍ରତିବାଦୀଙ୍କୁ ପ୍ରକାଶନ ତାରିଖରୁ ୩୦ଦିନ ମଧ୍ୟରେ କିମ୍ବା **ତା.୧୨.୦୬.୨୦୨୫ ପୂର୍ବାହ୍ନ ୧୦.୩୦ ଘଟିକା**ରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲ ଅଥବା ବିଧିବଦ୍ଧଭାବେ ଅଧିକୃତ ଏଜେଣ୍ଟ ଜରିଆରେ ଏହି ନ୍ୟାୟାଧୀକରଣଙ୍କ ସମ୍ମୁଖରେ ନିଜର ପକ୍ଷ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି।
ନୋଟିସ୍ ଦିଆଯାଉଛି ଯେ ଏଥିରେ ଖିଲାପ କରାଗଲେ ସେମାନଙ୍କ ଅନୁପସ୍ଥିତିରେ ଆବେଦନର ଶୁଣାଣି ଓ ଫଇସଲା କରାଯିବ।
ମୋ ଦସ୍ତଖତ ଓ ନ୍ୟାୟାଧିକରଣଙ୍କ ମୋହର ଅଧୀନରେ ଅଦ୍ୟ ୩ ଏପ୍ରିଲ ୨୦୨୫ରେ ପ୍ରଦତ୍ତ।

ସ୍ୱା/-
(ନିଖିଳ ରଞ୍ଜନ ପତି)
ନିବନ୍ଧକ
ଋଣ ଅସୁଲି ନ୍ୟାୟାଧିକରଣ, କଟକ

# ଉପାଧ୍ୟକ୍ଷ ଉପନିର୍ବାଚନ: ନୃସିଂହଚରଣ ବିଜୟୀ

## ଭାଜପା ସମର୍ଥିତଙ୍କୁ ପରାସ୍ତ କଲେ ସ୍ୱାଧୀନ ପ୍ରାର୍ଥୀ

ନିଶ୍ଚିନ୍ତକୋଇଲି,୧୧।୪ (ଅଶୋକ କୁମାର ମହାପାତ୍ର)


ବିଜୟୀ ନୃସିଂହ ଚରଣ ମିଶ୍ରଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନିର୍ବାଚନରେ ଭାଜପା ସମର୍ଥିତ ପ୍ରାର୍ଥୀଙ୍କୁ ୮ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ନୃସିଂହ ଚରଣ ମିଶ୍ରଙ୍କ ବିଜୟ ପରେ ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟିଛି।

ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଅଶୋକ କୁମାର ଓଝା ନିକଟରେ ପଦ ଛାଡ଼ିବା ସହ ବିଜେଡିର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ଉପାଧ୍ୟକ୍ଷ ପଦ ଲାଗି ଉପନିର୍ବାଚନ ହୋଇଥିଲା। ମହମ୍ମଦପୁର ଗ୍ରାମପଞ୍ଚାୟତର ସମିତି ସଭ୍ୟ ରଞ୍ଜନ କୁମାର ପାତ୍ର ଭାଜପା ସମର୍ଥିତ ପ୍ରାର୍ଥୀଭାବେ ଏହି ନିର୍ବାଚନରେ ଲଢ଼ିଥିଲେ। କଟକ ସଦର ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ ତାଙ୍କୁ ସହଯୋଗ କରିଥିଲେ। ଅପରପକ୍ଷେ ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କ ସମର୍ଥନରେ ଫଗୋଲ ପଞ୍ଚାୟତର ସମିତି ସଭ୍ୟ ନୃସିଂହ ଚରଣ ମିଶ୍ର ନାମାଙ୍କନ ପତ୍ର ଦାଖଲ କରିଥିଲେ। ଅନ୍ୟ କୌଣସି ପ୍ରାର୍ଥୀ ନଥିବାରୁ ଉଭୟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା।

କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ ଓ ମାହାଙ୍ଗା ନିର୍ବାଚନମଣ୍ଡଳୀର ୨୭ଟି ପଞ୍ଚାୟତକୁ ନେଇ ନିଶ୍ଚିନ୍ତକୋଇଲି ବ୍ଲକ ଗଠିତ। ଏହି ଉପନିର୍ବାଚନରେ ବ୍ଲକର ୪୧ଜଣ ସମିତି ସଭ୍ୟ ମତଦାନରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ଥିଲା। ମାତ୍ର ବାବୁଜଙ୍ଗ ପଞ୍ଚାୟତର ସମିତି ସଭ୍ୟ ଅଭୟ କୁମାର ଲେଙ୍କା କୌଣସି କାରଣରୁ ଅନୁପସ୍ଥିତ ଥିଲେ। ଫଳରେ ୪୦ଜଣ ସମିତିସଭ୍ୟ ମତଦାନ ସାବ୍ୟସ୍ତ କରିଥିଲେ। ନୃସିଂହ ୨୪ ଓ ରଞ୍ଜନ ୧୬ ଖଣ୍ଡ ଭୋଟ୍ ପାଇଥିଲେ। ଫଳରେ ନୃସିଂହ ୮ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ବିଜୟୀ ଘୋଷିତ ହେବା ପରେ ନବ ନିର୍ବାଚିତ ଉପାଧ୍ୟକ୍ଷ ନୃସିଂହଙ୍କୁ ଏକ ଶୋଭାଯାତ୍ରା ବୁଲାଯାଇଥିଲା। ଏଥିରେ ପୂର୍ବତନ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ସାରଥି ସାଜିଥିବା ଦେଖିବାକୁ ମିଳିଛି। ଏହି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

### ପ୍ରତାପ, ପ୍ରକାଶଙ୍କ କୁଶପୁତ୍ତଳିକା ଦାହ

ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନିର୍ବାଚନ ଫଳାଫଳ ଘୋଷିତ ହେବା ମାତ୍ରେ ବିରୋଧୀମାନେ ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନା ଓ କଟକ ସଦର ଭାଜପା ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏପରିକି ବିରୋଧୀମାନେ ପ୍ରତାପଙ୍କ ବର ଓ ପ୍ରକାଶଙ୍କୁ କନ୍ୟା ରୂପରେ ସଜ୍ଜିତ ହୋଇଥିବା ବ୍ୟାନର ପ୍ରଦର୍ଶନ କରିଥିଲେ। ଏପରିକି ପୋଲିସ ଉପସ୍ଥିତିରେ ଉଭୟଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି।

# ଆୟକର କର୍ମଚାରୀ, ଅଧିକାରୀଙ୍କ ବୈଠକ

ପୁରୀ,୧୧।୪ (ଅଜିତ୍ କୁମାର ମହାନ୍ତି)

ଆୟକର କର୍ମଚାରୀ ମହାସଂଘ କେନ୍ଦ୍ରୀୟ କାର୍ଯ୍ୟକାରିଣୀ କମିଟି ଓ ଆୟକର ଗେଜେଟେଡ୍ ଅଧିକାରୀ ସଂଘ ପ୍ରବନ୍ଧନ କମିଟିର ଦୁଇଦିନିଆ ସଂଯୁକ୍ତ ବୈଠକ ଶୁକ୍ରବାର ପୁରୀର ଏକ ହୋଟେଲରେ ଆରମ୍ଭ ହୋଇଛି। ବୈଠକରେ ଭାରତର ବିଭିନ୍ନ ସ୍ଥାନରେ ଥିବା ଉପରୋକ୍ତ ଦୁଇ ସଙ୍ଗଠନର ବିଭିନ୍ନ କ୍ଷେତ୍ରୀୟସ୍ତରୀୟ ପଦାଧିକାରୀମାନଙ୍କ ସମେତ ସର୍ବଭାରତୀୟ ନେତୃବୃନ୍ଦମାନେ ଯୋଗଦେଇଛନ୍ତି। ପ୍ରଥମ ଦିନରେ ଆବାହନୀ ଅଧିବେଶନ ବ୍ୟତୀତ ବିଷୟ ଅଧିବେଶନରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା, ଅଭିଯୋଗ ଓ ଦାବି ଆଦି ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଅନେକ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇ ଗୃହୀତ କରାଯାଇଛି। ଆୟକର ଗେଜେଟେଡ ଅଧିକାରୀ ଆସୋସିଏଶନର ସର୍ବଭାରତୀୟ ଅଧ୍ୟକ୍ଷ ଅରବିନ୍ଦ ତ୍ରିବେଦୀ, ଆୟକର କର୍ମଚାରୀ ମହାସଂଘର ସର୍ବଭାରତୀୟ ଅଧ୍ୟକ୍ଷ ଏମ୍.ଏସ୍. ବେଙ୍କଟେସ, ଆୟକର ପ୍ରଧାନ ଆୟୁକ୍ତ (ପ୍ରଶାସନ)(କରଦାତା ସେବା), ଭୁବନେଶ୍ୱରର ନୀରଜା ପ୍ରଧାନ, ଆୟକର ପେନସନର୍ସ ମହାସଂଘର ସର୍ବଭାରତୀୟ ଉପସଭାପତି ଉମେଶ ମେହେତା ଏବଂ ଓଡ଼ିଶା ଆୟକର ପେନସନର୍ସ ଆସୋସିଏଶନର ଉପାଧ୍ୟକ୍ଷ ଶରତ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ୧୯୫୩ ମସିହାରେ ସ୍ଥାପିତ ଆୟକର କର୍ମଚାରୀ ସଂଘର ସମଗ୍ର ଦେଶରେ ୧୮ରୁ ଊର୍ଦ୍ଧ୍ୱ କ୍ଷେତ୍ରୀୟ ଏକକ ରହିଛି। ସେହିପରି ଆୟକର ଗେଜେଟେଡ୍ ଅଧିକାରୀ ଆସୋସିଏଶନର ପୂରା ଦେଶରେ ୧୮ରୁ ଊର୍ଦ୍ଧ୍ୱ କ୍ଷେତ୍ରୀୟ ଏକକ ରହିଛି। ଏହି ସଂଯୁକ୍ତ ବୈଠକରେ ଭାରତର ବିଭିନ୍ନ ସ୍ଥାନରେ ଥିବା ଦୁଇ ସଂଘର ବିଭିନ୍ନ କ୍ଷେତ୍ରୀୟସ୍ତରୀୟ ପ୍ରତିନିଧିଙ୍କ ସମେତ ସର୍ବଭାରତୀୟ ନେତୃବୃନ୍ଦ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ଆଠଗଡ଼ ଏନ୍‌ଏସିର ସାମଗ୍ରିକ ବିକାଶକୁ ଗୁରୁତ୍ୱ


ସାଧାରଣ ପରିଷଦ ବୈଠକରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଆଠଗଡ଼, ୧୧।୪ (ସତ୍ୟ ପ୍ରସାଦ ରଥ)

## ୧୧ ପ୍ରସ୍ତାବ ପାରିତ

ଆଠଗଡ ଏନ୍‌ଏସି ପକ୍ଷରୁ ୧୧ଟି ପ୍ରସ୍ତାବ ଯଥା ପରିଷଦ ଅନ୍ତର୍ଗତ ସରକାରୀ ଜମି ଚିହ୍ନଟ, ପୁରାତନ ଦୋକାନ ଗୃହ ମରାମତି, ଜଳ ଯୋଗାଣ ପାଇଁ ଟ୍ୟାଙ୍କର କ୍ରୟ, ଆହାର କେନ୍ଦ୍ରରେ ବିଦ୍ୟୁତ୍ ଯୋଗାଣ ପାଇଁ ଇନ୍‌ଭର୍ଟର କ୍ରୟ ସମେତ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ଆଠଗଡ ଏନ୍‌ଏସିର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଏନ୍‌ଏସି ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପୂର୍ବ ଅନୁମୋଦିତ କାର୍ଯ୍ୟକ୍ରମର ଅଗ୍ରଗତି ଓ ସଫଳତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ର, ଏନ୍‌ଏସି, ଉପାଧ୍ୟକ୍ଷ ବି. ଶୁଭ୍ର ଶଙ୍କର ଜ୍ୟୋତି, କାଉନସିଲର ଅଶୋକ ବାରିକ, ମନୋରଞ୍ଜନ ପଟ୍ଟନାୟକ, ସୁଶାନ୍ତ ଜେନା, ମାମିନା ଦଳେଇ, ମମତା ଦାସ,ସିପ୍ରା ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବରିଷ୍ଠ ସହାୟକ ନିରଞ୍ଜନ ଦାସ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

# ୧୫ରେ କଂଗ୍ରେସର ମଶାଲ ଶୋଭାଯାତ୍ରା

ଆଠଗଡ/ବାଙ୍କୀ,୧୧।୪
(ସତ୍ୟ ପ୍ରସାଦ ରଥ/ଶୁଭେନ୍ଦୁ ମହାପାତ୍ର)

ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ୧୫ରେ ମଶାଲ ଶୋଭାଯାତ୍ରା ଓ ୨୧ ଏପ୍ରିଲରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ। ଏନେଇ ଏକ ପ୍ରସ୍ତୁତି ବୈଠକ ଆଠଗଡ଼ସ୍ଥିତ ଶୁଭଦୀପା କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଟକ ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକ ଓ ଜିଲା ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ଯୋଗ ଦେଇଥିଲେ। ଆଠଗଡ଼ ତିଗିରିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁଦର୍ଶନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଦଳର ଅନେକ ବରିଷ୍ଠ ନେତାଙ୍କ ସହ ଯୁବକ, ଛାତ୍ର ଓ ମହିଳା ଅଂଶଗ୍ରହଣ କରିଥିଲେ। ୧୫ ତାରିଖ ସନ୍ଧ୍ୟାରେ ଆଠଗଡ଼ ଦଳୀୟ କାର୍ଯ୍ୟାଳୟରେ କର୍ମୀମାନେ ଏକତ୍ରିତ ହୋଇ ମଶାଲ ଶୋଭାଯାତ୍ରା ମାଧ୍ୟମରେ ସହର ପରିକ୍ରମା କରିବେ। ଏହାପରେ ମହୋତ୍ସବ ପଡ଼ିଆରେ ପ୍ରତିବାଦ ସଭା ଆୟୋଜନ ପାଇଁ ସ୍ଥିର ହୋଇଥିଲା। ସେହିପରି ତିଗିରିଆ ବ୍ଲକ କର୍ମକର୍ତ୍ତା ମାନେ ଜଗନ୍ନାଥ ମନ୍ଦିରରେ ଏକତ୍ରିତ ହୋଇ ବଜାର ପରିକ୍ରମା କରି ଗୋହିରି ମୁଣ୍ଡା ଛକ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇ ପ୍ରତିବାଦ ସଭା କରିବାକୁ ସ୍ଥିର ହୋଇଥିଲା। ବୈଠକରେ ବରିଷ୍ଠ କଂଗ୍ରେସ କର୍ମକର୍ତ୍ତା କିରଣ ବିହାରୀ ଖଟୁଆ, ଗିରିଜା ଶଙ୍କର ପଟ୍ଟନାୟକ, କିଶୋର କୁମାର ସାମନ୍ତରାୟ, ସୋମନାଥ ଦାସ, ଜିତେନ୍ଦ୍ର ମାଝୀ, ମନୋରଞ୍ଜନ ଦାସ, ସୋମନାଥ ଭକ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକଙ୍କ ପୌରୋହିତ୍ୟରେ ସ୍ଥାନୀୟ ଅଞ୍ଚଳରେ ଆୟୋଜିତ ପ୍ରସ୍ତୁତି ବୈଠକରେ କଟକ ଜିଲା କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର, ପର୍ଯ୍ୟବେକ୍ଷକ ଲଲାଟେନ୍ଦୁ ପ୍ରମୁଖ ଯୋଗ ଦେଇଥିଲେ। ୧୫ତାରିଖରେ ବାଙ୍କୀ କଂଗ୍ରେସ କାର୍ଯ୍ୟାଳୟରୁ ମଶାଲ ଶୋଭାଯାତ୍ରା ବାହାରି ମା'ଚର୍ଚ୍ଚିକାଙ୍କ ମନ୍ଦିର ପର୍ଯ୍ୟନ୍ତ ଯିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ବାଙ୍କୀ ଏନ୍‌ଏସି କଂଗ୍ରେସ କମିଟି ସଭାପତି କାଶୀନାଥ ମହାପାତ୍ର, ବାଙ୍କୀ ବ୍ଲକ କଂଗ୍ରେସ କମିଟି ସଭାପତି ନରେଶ କୁମାର ସାହୁ, ଡମପଡ଼ା ବ୍ଲକ କଂଗ୍ରେସ କମିଟି ସଭାପତି ଅସିତ ବାରଣ ପଟ୍ଟନାୟକ, ବରିଷ୍ଠ ନେତା କ୍ଷେତ୍ରବାସୀ ଦାସ, ବାବାଜୀ ମହାପାତ୍ର, ଡମପଡ଼ା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭବାନୀ ପ୍ରସାଦ ଧଳ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ମାଣ ସ୍ଥଳ ସମ୍ପର୍କରେ ଅବଗତ ନାହାନ୍ତି ବିଡିଓ, ଯନ୍ତ୍ରୀ

କଟକ ସଦର,୧୧।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକର ୨୩ଟି ପଞ୍ଚାୟତରେ ଛତୁ ଫୁଟିଲା ଭଳି ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ଏହି ସମସ୍ତ କାର୍ଯ୍ୟ ବିଭାଗୀୟ ତତ୍ତ୍ୱାବଧାନରେ ଚାଲିଥିବାବେଳେ ଠିକାଦାର ସାଜିଥିବା କନିଷ୍ଠ ଓ ସହକାରୀ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟ ମନିର୍ବାହୀ ଅଧିକାରୀମାନେ ଜାଗାର କିସମ ଜାଣନ୍ତି ନାହିଁ ବୋଲି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ସ୍ପଷ୍ଟ ହୋଇଯାଇଛି। ଯଶପଡ଼ା, ବାରଦା, ପ୍ରହରାଜପୁର ଓ କିଶୋରନଗର ପଞ୍ଚାୟତରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ନିର୍ମାଣ ସ୍ଥଳୀ ସମ୍ପର୍କରେ ଫାଇଲରେ ଉଲ୍ଲେଖ ନ ଥିବାରୁ ଏ ସମ୍ପର୍କୀୟ ତଥ୍ୟ କିଶନନଗର ତହସିଲ କାର୍ଯ୍ୟାଳୟରୁ ସଂଗ୍ରହ କରି ଦିଆଯିବ ବୋଲି କଟକ ସଦର ବ୍ଲକ ଅତିରିକ୍ତ ବିଡିଓ ତଥା ଜନସୂଚନା ଅଧିକାରୀ ଗିରିଜା ପ୍ରସାଦ ବାରିକ ପତ୍ର ସଂଖ୍ୟା୧୮୮୧/୬।୩।୨୦୨୫ରେ ଜଣାଇଛନ୍ତି। ମାତ୍ର କିଶନନଗର ତହସିଲ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ପତ୍ର ସଂଖ୍ୟା ୪୪୧/୧୧।୨।୨୦୨୫ରେ ନିର୍ମାଣ ସ୍ଥଳୀ ଗୋଚର କିସମର ଅଟେ। ଓଡ଼ିଶା ହାଇକୋର୍ଟ ଗୋଚର ଜମିରେ ସ୍ଥାୟୀ ନିର୍ମାଣ କରିବା ପୂର୍ବରୁ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କଠାରୁ ଅନୁମତି ନେବାକୁ ୧୮।୬।୨୦୨୪ରେ କଟକ ସଦର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ କିଶନନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାସ ପତ୍ର ସଂଖ୍ୟା ୩୨୬୮/୨୬।୧୧।୨୦୨୪ରେ ଗୋଚର ଉପରେ କୌଣସି ନିର୍ମାଣ ନ କରିବାକୁ କଟକ ସଦର ବିଡିଓଙ୍କୁ ପତ୍ର ଲେଖି ସୂଚିତ କରିଥିଲେ। ଅଦ୍ୟାବଧି ଏହି ନିୟମକୁ ବ୍ଲକ ପ୍ରଶାସନ ମାନୁ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଡିଓ ପ୍ରତୀକ ସାହୁଙ୍କୁ ପଚାରିବାରେ, ସେ କୌଣସି ଜବାବ ଦେବାକୁ ମନା କରିଦେଇଥିଲେ।

## ଯୁବଲେଖକ ସମ୍ମିଳନୀ

ବାଙ୍କୀ,୧୧।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଯୁବଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି ସଭାପତିତ୍ୱ କରିବା ସହ ଏହାର ସଫଳତା କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ବାଙ୍କୀର କବି ଓ ସାହିତ୍ୟିକମାନେ ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଥିଲେ ବୋଲି ପ୍ରକାଶ କରିଛନ୍ତି । ଅତିଥି ଭାବେ ଡ.ଶଶିଭୂଷଣ ମହାପାତ୍ର ଓ ଡ. ମୁରଲୀଧର ରଥ ଯୋଗଦେଇ ଓଡ଼ିଆ ସାହିତ୍ୟ ଓ ଭାଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଯୁବକବି ବିଭୁହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବିତାପାଠ ଉତ୍ସବରେ ଡ. ଅଭିମନ୍ୟୁ ରଣା ସଂଯୋଜନା କରିଥିବାବେଳେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ. ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ। ଡ. ମୁରଲୀଧର ରଥ, ଅଧାପକ ନିରଞ୍ଜନ ଉପାଧ୍ୟାୟ, ଡ. ସସ୍ମିତା ଦାସ, ଡ. ମହେଶ ପ୍ରସାଦ ବେହେରା, ଅଧ୍ୟାପିକା ସରସ୍ୱତୀ ଦେଉରୀ, ଅଧ୍ୟାପକ ପ୍ରକାଶ ପ୍ରଧାନ, ମନୋରଞ୍ଜନ ସାହୁପ୍ରମୁଖ ଯୋଗଦେଇଥିଲେ।

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.23.04.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି [illegible] www.ireps.gov.in [illegible]

PR-27/Q/25-26

## वरीय पुलिस अधीक्षक का कार्यालय, राँची

### सर्वसाधारण के लिए सूचना



नाम– दीपक कुमार पंडित, उम्र करीब–16 वर्ष, रंग–गोरा, ऊँचाई–4 फीट 5 इंच, पहनावा– उजला रंग का भार्ट, काला–निला रंग का जिन्स एवं काला रंग का कोर्ट पहना हुवा है।

उपरोक्त लापता लड़का दीपक कुमार पंडित, उम्र करीब–16 वर्ष, पे0–केदारनाथ पंडित, सा0–रामनगर सिमलिया डी0ए0वी0 स्कूल के पिछे, थाना–रातु, जिला–राँची जो घर से बिना बताए कहीं चले गये है जो आजतक अपने घर वापस नहीं आये है। जिसके संबंध में रातु थाना काण्ड संख्या–431/2020, दिनांक–22.12.2020, दर्ज कर खोजबीन की जा रही है।उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता लड़का कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
पुलिस उपाधीक्षक, मु0–2, राँची। –9431706142
थाना प्रभारी रातु राँची। –9431706175

पुलिस उप–महानिरीक्षक–सह–
वरीय पुलिस अधीक्षक, राँची

PR 350147 (Police)25-26*D

## ଫର୍ମ ନଂ.୧୩
## ଋଣ ଅସୁଲି ନ୍ୟାୟାଧିକରଣ, କଟକ, ଓଡିଶା
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓରିଜିନାଲ୍ ଆପ୍ଲିକେସନ ନଂ.୨୦୨୪ ର ୬୫୮

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ହଳଦିଆପଦର ଶାଖା, ବ୍ରହ୍ମପୁର ......ଆବେଦନକାରୀ

ବନାମ

ମେସର୍ସ ମା ବୈଷ୍ଣବୀ ପ୍ଲାଷ୍ଟିକ ଇଣ୍ଡଷ୍ଟ୍ରି ଏବଂ ଅନ୍ୟମାନେ ......ପ୍ରତିବାଦୀମାନେ

ପ୍ରାପ୍ତେଷୁ,

ପ୍ରତିବାଦୀ-୧ :ମେସର୍ସ ମା ବୈଷ୍ଣବୀ ପ୍ଲାଷ୍ଟିକ ଇଣ୍ଡଷ୍ଟ୍ରି, ସତ୍ତ୍ୱାଧିକାରୀ: ଶ୍ରୀମତୀ ରୀନା ଚୌଧୁରୀ (ଋଣଗ୍ରହୀତା), ପିତା: ଗଣପତି ସାହୁ, ସ୍ୱା: ଶ୍ରୀ ମିହିର କୁମାର ଚୌଧୁରୀ, ସା: ଟୁଲୁ ରୋଡ, ପୋ.: କନିସି, ଭାୟା: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ-୭୬୧୦୦୮ ।

ପ୍ରତିବାଦୀ-୨: ଶ୍ରୀ ମିହିର କୁମାର ଚୌଧୁରୀ (ଜାମିନ୍‌ଦାର/ବନ୍ଧକଦାତା), ପିତା: ଶ୍ରୀ ଉଧବ ଚୌଧୁରୀ, କନିସିହାଟ, ପୋ.: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୦୦୮ ।

**ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଯୋଗେ ସମନ**

ନୋଟିସ୍ ଦିଆଯାଉଛିଯେ, ଆବେଦନକାରୀ ଋଣ ଅସୁଲି ନ୍ୟାୟାଧୀକରଣ, କଟକଙ୍କ ନିକଟରେ **ଟ.୨୩,୨୫,୬୨୪/-** ମାତ୍ର ସମେତ ବିଚରାଧୀନ ତଥା ପରବର୍ତ୍ତି ସୁଧ, ବ୍ୟୟ ଏବଂ ଅନ୍ୟାନ୍ୟ ଆଶ୍ୱସ୍ତି ନିମନ୍ତେ **ଓଏ ନଂ.୬୫୮/୨୦୨୪** ପ୍ରକ୍ରିୟା ଆରମ୍ଭ କରିଛନ୍ତି । ତେଣୁ , ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାଯିବ ନାହିଁ, ତାହାର କାରଣ ଦର୍ଶାଇବା ପାଇଁ ଉପର ନାମିତ ପ୍ରତିବାଦୀଙ୍କୁ ପ୍ରକାଶନ ତାରିଖରୁ ୩୦ଦିନ ମଧ୍ୟରେ କିମ୍ବା **ତା.୧୨.୦୬.୨୦୨୫ ପୂର୍ବାହ୍ନ ୧୦.୩୦ ଘଟିକା**ରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲ ଅଥବା ବିଧିବଦ୍ଧଭାବେ ଅଧିକୃତ ଏଜେଣ୍ଟ ଜରିଆରେ ଏହି ନ୍ୟାୟାଧୀକରଣଙ୍କ ସମ୍ମୁଖରେ ନିଜର ପକ୍ଷ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି ।

ନୋଟିସ୍ ଦିଆଯାଉଛି ଯେ ଏଥିରେ ଖିଲାପ କରାଗଲେ ସେମାନଙ୍କ ଅନୁପସ୍ଥିତିରେ ଆବେଦନର ଶୁଣାଣି ଓ ଫଇସଲା କରାଯିବ ।

ମୋ ଦସ୍ତଖତ ଓ ନ୍ୟାୟାଧିକରଣଙ୍କ ମୋହର ଅଧୀନରେ ଅଦ୍ୟ ୩ ଏପ୍ରିଲ ୨୦୨୫ରେ ପ୍ରଦତ୍ତ ।

ସ୍ୱା/-
(ନିଖିଳ ରଞ୍ଜନ ପତି)
ନିବନ୍ଧକ
ଋଣ ଅସୁଲି ନ୍ୟାୟାଧିକରଣ, କଟକ



# ଉତ୍ତମ ସ୍ୱାସ୍ଥ୍ୟସେବାର ଗ୍ୟାରେଣ୍ଟି

## ଆରମ୍ଭ ହେଲା ଯୁଗାନ୍ତକାରୀ ଯୋଜନା

ଓଡ଼ିଶା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଡ଼ିହେଲା ନୂଆ ଅଧ୍ୟାୟ। ୧୧ ଏପ୍ରିଲ ଶୁକ୍ରବାରଠାରୁ ରାଜ୍ୟରେ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା', 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ଭାରତ ବୟୋ ବନ୍ଦନା ଯୋଜନା' ଲାଗୁ ହୋଇଛି। କଟକ ବାଲିଯାତ୍ରା ତଳପଡ଼ିଆରେ ଶୁକ୍ରବାର ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଉକ୍ତ ଯୁଗାନ୍ତକାରୀ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ଓଡ଼ିଶାର ସାଢ଼େ ୩ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବାର ଗ୍ୟାରେଣ୍ଟି ମିଳିଛି। ରାଜ୍ୟର ଭାଜପା ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ ହୋଇଛି। ଲୋକଙ୍କ ସରକାରରେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଆରମ୍ଭ ହୋଇଛି। ଯୋଜନା ଶୁଭାରମ୍ଭ ପାଇଁ କଟକରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଜିଲାସ୍ତରରେ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ହିତାଧିକାରୀମାନଙ୍କୁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି।



କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



କଟକ ବାଲିଯାତ୍ରା ତଳପଡ଼ିଆରେ ଶୁକ୍ରବାର 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା', 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ଭାରତ ବୟୋ ବନ୍ଦନା ଯୋଜନା'ର ଶୁଭାରମ୍ଭ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଛନ୍ତି। ନିକଟରେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଜଗତସିଂହପୁର ଏମ୍‌ପି ବିଭୁ ତରାଇ, ବିଧାୟକ ବିଜୟ ଦଳବେହେରା, ଇଂ. ପ୍ରକାଶ ସେଠୀ, ଛବି ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ପ୍ରଶାନ୍ତ ବେହେରା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ଅଛନ୍ତି। (ଫଟୋ: ରାଜକିଶୋର ମହାନ୍ତି) ▲



▲ ଆୟୁଷ୍ମାନ ଭାରତ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଚେତନା ରଥର ଶୁଭାରମ୍ଭ କରାଯାଉଛି।

କଟକ





▲ କଟକ ବାଲିଯାତ୍ରା ତଳପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ।

ଖୋର୍ଦ୍ଧା



ଖୋର୍ଦ୍ଧା ପିଏନ୍ କଲେଜ ଖେଳପଡ଼ିଆରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଜଣେ ଯୁବତୀଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ।

ନୟାଗଡ଼



ନୟାଗଡ଼ ଜିଲାସ୍ତରୀୟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଉତ୍ସବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ଅନ୍ୟମାନେ।

ଯାଜପୁର



ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଜଣେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରୁଛନ୍ତି। ନିକଟରେ ଅଛନ୍ତି ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା।

ମୟୂରଭଞ୍ଜ



ମୟୂରଭଞ୍ଜ ଜିଲା ବାରିପଦା ପୌରପାଳିକାର ଦେବେନ୍ଦ୍ରପୁରଠାରେ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଜଣେ ହିତାଧିକାରୀଙ୍କୁ ପ୍ରତୀକାତ୍ମକ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରୁଛନ୍ତି।

ନବରଙ୍ଗପୁର



ନବରଙ୍ଗପୁରରେ ମନ୍ତ୍ରୀ ରବି ନାରାୟଣ ନାଏକ, ବିଧାୟକ ଗୌରୀଶଙ୍କର ମାଝି, ଝରିଗାଁ ବିଧାୟକ ନରସିଂହ ଭତରା ଓ ଜିଲାପାଳ ଶୁଭଙ୍କର ମହାପାତ୍ର ଜଣେ ମହିଳା ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଛନ୍ତି।

ପୁରୀ



ପୁରୀ ଟାଉନ ହଲ୍‌ରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ଡା. ସମ୍ବିତ ପାତ୍ର ଏବଂ ବିଧାୟକ ସୁନୀଲ କୁମାର ମହାନ୍ତି ଜଣେ ଭିନ୍ନକ୍ଷମ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

କେନ୍ଦ୍ରାପଡ଼ା



କେନ୍ଦ୍ରାପଡ଼ା ଜିଲାସ୍ତରୀୟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଧାୟକ ଗଣେଶ୍ୱର ବେହେରା, ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଓ ଅନ୍ୟମାନେ।

ଢେଙ୍କାନାଳ



ଢେଙ୍କାନାଳ ମିନି ଷ୍ଟାଡିୟମରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜଣେ ମହିଳା ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରୁଛନ୍ତି। ନିକଟରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଅଛନ୍ତି।

ଜଗତସିଂହପୁର



ଜଗତସିଂହପୁରସ୍ଥିତ ରାହାମା ମେଡିକାଲ ପଡ଼ିଆରେ ଯୋଜନାକୁ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜିଲାପାଳ ଜେ. ସୋନାଲ ଓ ଅନ୍ୟ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

ଭଦ୍ରକ



ଭଦ୍ରକ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଏମ୍‌ପି ଅଭିମନ୍ୟୁ ସେଠୀ ଜଣେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଥିବାବେଳେ ଉପସ୍ଥିତ ଅନ୍ୟ ଅତିଥିମାନେ।

କୋରାପୁଟ



କୋରାପୁଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଜଣେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ଦେଉଛନ୍ତି।

ଗଞ୍ଜାମ



ବ୍ରହ୍ମପୁର ଆସିକା ରୋଡ଼ସ୍ଥିତ ସରକାରୀ ବିନାୟକ ଆଚାର୍ଯ୍ୟ ଉଚ୍ଚ ବିଦ୍ୟାଳୟରେ ଜଣେ ହିତାଧିକାରୀ ପ୍ରତୀକ୍ଷା ଦୀକ୍ଷିତଙ୍କୁ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର



ଭୁବନେଶ୍ୱର ବ୍ରହ୍ମେଶ୍ୱରପାଟଣା ୟୁପିଏଚ୍‌ସିରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ ଜଣେ ମହିଳା ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ କରୁଛନ୍ତି।

ଅନୁଗୋଳ



ଅନୁଗୋଳ ସଭାଘରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ ହିତାଧିକାରୀଙ୍କୁ ନୂତନ ଏକକ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

ମାଲକାନଗିରି



ମାଲକାନଗିରି ସଦର ବ୍ଲକ୍ କଲେକ୍ଟରେଟଠାରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏବଂ ଅନ୍ୟମାନେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

ରାୟଗଡ଼ା



ରାୟଗଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲାପାଳ ପାରୁଲ ପଟୱାରୀ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

କେନ୍ଦୁଝର



କେନ୍ଦୁଝର ଜିଲାସ୍ତରୀୟ ଆୟୁଷ୍ମାନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ଅନ୍ୟମାନେ।

ବାଲେଶ୍ୱର



ବାଲେଶ୍ୱର ଜିଲାସ୍ତରୀୟ ଆୟୁଷ୍ମାନ କାର୍ଡ ବଣ୍ଟନ ଅବସରରେ ୱାର୍ଡ କାଉନସିଲର ନିତାଗୋପାଳ ସିଂହ ଜଣେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

ବରଗଡ଼



ବରଗଡ଼ରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାପାଳ ଆଦିତ୍ୟ ଗୋୟଲ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାର ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

କଳାହାଣ୍ଡି



କଳାହାଣ୍ଡି ଜିଲା ଭବାନୀପାଟଣା ବିଶ୍ୱବିଦ୍ୟାଳୟ ଛକସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିଥିମାନେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

ବୌଦ୍ଧ



ବୌଦ୍ଧ ଜିଲା ଜହ୍ନପଙ୍କ ମେଡିକାଲ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଉଛି।

ସମ୍ବଲପୁର



ସମ୍ବଲପୁର ଜିଲା କିଂସମ୍ଭ ପ୍ରେକ୍ଷାଳୟରେ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଏକକ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି।

ସୁବର୍ଣ୍ଣପୁର



ସୁବର୍ଣ୍ଣପୁର ଜିଲା ହରଡ଼ଖୋଲରେ ଜଣେ ମହିଳାଙ୍କୁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଏବଂ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

ସୁନ୍ଦରଗଡ଼



ସୁନ୍ଦରଗଡ଼ରେ ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିଥିମାନେ ହିତାଧିକାରୀମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

ଗଜପତି



ଗଜପତି ଜିଲା ଗୋସାଣୀ ବ୍ଲକ ଅନ୍ତର୍ଗତ ଗାରାବନ୍ଧ ସରକାରୀ ଶ୍ରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ଜଣେ ହିତାଧିକାରୀଙ୍କୁ ବିଧାୟକ ରୂପେଶ ପାଣିଗ୍ରାହୀ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

ନୂଆପଡ଼ା



ନୂଆପଡ଼ା ଜିଲା ବେଲଖୁଣ୍ଟୁରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସ୍ୱାସ୍ଥ୍ୟ କାର୍ଡ ପାଇଥିବା ହିତାଧିକାରୀ।

ଝାରସୁଗୁଡ଼ା



ଝାରସୁଗୁଡ଼ା ପୋଖରାସାଲେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଅନ୍ୟ ଅତିଥିମାନଙ୍କ ଗହଣରେ ଜଣେ ଶିଶୁ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରୁଛନ୍ତି।

ଦେବଗଡ଼



ଦେବଗଡ଼ ଜିଲାର ୯ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କରାଯାଇ ହିତାଧିକାରୀଙ୍କୁ ଏକକ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇଛି।

କନ୍ଧମାଳ



ଫୁଲବାଣୀସ୍ଥିତ କରୋନେସନ ପଡ଼ିଆରେ ହିତାଧିକାରୀଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଉଛି।

ବଲାଙ୍ଗୀର



ବଲାଙ୍ଗୀର ମିଶନ ପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ଆୟୁଷ୍ମାନ କାର୍ଡ ବିତରଣ କାର୍ଯ୍ୟକ୍ରମରେ ଏଡିଏମ୍ ପବିତ୍ର ବେହେରା ଜଣେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରୁଛନ୍ତି।

## କ'ଣ କୁହନ୍ତି ହିତାଧିକାରୀ...

### ମୁଁ ବହୁତ ଖୁସୀ

କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ମାଧମରେ ଆୟୁଷ୍ମାନ୍ ସ୍ୱାସ୍ଥ୍ୟକାର୍ଡ ପାଇ ବହୁତ ଖୁସି ଅଛି। ମୋ ପରିବାରର ସମସ୍ତଙ୍କ ପାଇଁ ଗୋଟିଏ ଲେଖାଏ କାର୍ଡ ଆସିବ। ପୁରୁଷଙ୍କ ପାଇଁ ୫ ଲକ୍ଷ ଥିବାବେଳେ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା। ୭୦ ବର୍ଷରୁ ଊର୍ଦ୍ଧ୍ୱ ମଧ ଏହି ଯୋଜନାରେ ଲାଭ ପାଇବେ। ପୂର୍ବ ସରକାରଙ୍କ ଯୋଜନାରେ ପ୍ରତି ପରିବାରକୁ ୫ ଲକ୍ଷ ରହିଥିଲା। କିନ୍ତୁ ମହିଳାଙ୍କ କ୍ଷେତ୍ରରେ ଅଧିକ ଆଉ ୫ ଲକ୍ଷ ମିଳୁଥିଲା। କିନ୍ତୁ ବର୍ତ୍ତମାନ ପ୍ରତ୍ୟେକ କାର୍ଡଧାରୀ ସିଧାସଳଖ ଲାଭ ପାଇବେ। ଆମ ଭଳି ଗରିବ ଲୋକଙ୍କ ପାଇଁ ଏହି ସ୍ୱାସ୍ଥ୍ୟକାର୍ଡ ବହୁ ସହାୟକ ହେବ।

- ବି. ମୋହନ ରାଓ (ହିତାଧିକାରୀ), ଉମରକୋଟ, ନବରଙ୍ଗପୁର

### ମୋ ଭଳି ଅନେକ ଲୋକ ଉପକୃତ ହେବେ

ପ୍ରଥମ ଥର ପାଇଁ ଆରମ୍ଭ ହୋଇଛି ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନା। ୭୮ ବର୍ଷ ବୟସରେ ଜଣେ ଅବସରପ୍ରାପ୍ତ ନାଗରିକ ଭାବେ ନିଶ୍ଚିତ ଭାବେ ଉପକୃତ ହେବି ବୋଲି ଆଶା ରଖିଛି। ବ୍ୟୟବହୁଳ ଚିକିତ୍ସା ବ୍ୟବସ୍ଥା ତଥା ବହୁବିଧ ରୋଗରୁ ଏହି ଯୋଜନାରେ ମୋ ଭଳି ଅନେକ ଲୋକ ନିଦାନ ପାଇବେ।

- ଦୁର୍ଗାଚରଣ ମହାନ୍ତି, ମାଧପୁର, କେନ୍ଦୁଝର ସହର

### ବିଏସ୍‌କେୱାଇଠାରୁ ଅଧିକ ଲାଭଦାୟକ ହେବ ବୋଲି ଆଶା

ଆୟୁଷ୍ମାନ ଭାରତ କାର୍ଡ ବହୁ ପୂର୍ବରୁ ପ୍ରଚଳନ ହୋଇଥିବା ବେଳେ ଆମ ରାଜ୍ୟରେ ଲାଗୁ ହୋଇ ନ ଥିଲା। ପୂର୍ବ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିଳିଥିବା କାର୍ଡରେ ମାଗଣା ଚିକିତ୍ସା ସେବା ପାଉଥିଲୁ। ଏବେ ସେହି କାର୍ଡ ବଦଳରେ ଆୟୁଷ୍ମାନ କାର୍ଡ ନୂଆ ସରକାର ପ୍ରଦାନ କରୁଛନ୍ତି। ପୂର୍ବ ଅପେକ୍ଷା ଅଧିକ ମେଡିକାଲରେ ଏହି କାର୍ଡର ସୁବିଧା ମିଳିପାରିବ। ଏଣୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ(ବିଏସ୍‌କେୱାଇ)ଠାରୁ ଏହା ଅଧିକ ଲାଭଦାୟକ ହେବ ବୋଲି ଆଶା।

- ରାଜକିଶୋର ରାଉତ, ହିତାଧିକାରୀ, ଧୁଷୁରୀ

### ଓଡ଼ିଶାର ସ୍ୱାସ୍ଥ୍ୟସେବାକୁ ଆହୁରି ଆଗକୁ ନେବ

ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହା ଓଡ଼ିଶାର ସ୍ୱାସ୍ଥ୍ୟସେବାକୁ ଆହୁରି ଆଗକୁ ନେବା ସହ ଲୋକମାନଙ୍କୁ ଏକ ଉନ୍ନତ ଧରଣର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ନିଶ୍ଚିତ କରାଇବ। ଦେଶର ପ୍ରମୁଖ ହସ୍ପିଟାଲରେ ଚିକିତ୍ସା ସେବା ଉପଲବ୍ଧ ହେବା ଏହି ଯୋଜନାର ଲୋକପ୍ରିୟତାକୁ ପ୍ରମାଣିତ କରେ। ସ୍ୱାସ୍ଥ୍ୟସେବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ।

- ହରିପ୍ରିୟା ପାତ୍ର(ଛାତ୍ରୀ), କାକୁଡିହା, ଚିତ୍ରଡ଼ା, ମୋରଡ଼ା, ମୟୂରଭଞ୍ଜ

### ସରକାରଙ୍କୁ ବହୁ ଧନ୍ୟବାଦ

ପ୍ରଧାନମନ୍ତ୍ରୀ ଏହି କାର୍ଡ ମାଧମରେ ମେଡିକାଲ ସୁବିଧା ଦେଇଥିବାରୁ ଆମେ ବହୁତ ଖୁସି ଅଛୁ। ବିନା ପଇସାରେ ମେଡିକାଲକୁ ଯାଇ ଆମେ ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବୁ। ତେଣୁ ସରକାରଙ୍କୁ ବହୁତ ବହୁତ ଧନ୍ୟବାଦ।

- ଅବନ୍ତୀ ସାହୁ, ମାଣ୍ଡପାସାହି, ଢେଙ୍କାନାଳ

### ସ୍ୱାସ୍ଥ୍ୟ କାର୍ଡ ପାଇ ବହୁତ ଖୁସି

ଦୀର୍ଘ ଦିନ ପରେ ଓଡ଼ିଶାରେ କେନ୍ଦ୍ରର ଆୟୁଷ୍ମାନ ସ୍ୱାସ୍ଥ୍ୟ ଯୋଜନା ଲାଗୁ ହୋଇଥିବା ବେଳେ ମୁଁ ଆଜି ସ୍ୱାସ୍ଥ୍ୟ କାର୍ଡ ପାଇଥିବାରୁ ବହୁତ ଖୁସି। ଏହାଦ୍ୱାରା ସରକାରଙ୍କ ସମସ୍ତ ସ୍ୱାସ୍ଥ୍ୟ ସୁବିଧା ମାଗଣାରେ ପାଇପାରିବି ବୋଲି ଭାବୁଛି।

- ସବିତା ପରଜା, କୋରାପୁଟ ମ୍ୟୁନିସିପାଲିଟି

### ଦାଦନ ଶ୍ରମିକଙ୍କ ପାଇଁ ବରଦାନ ସଦୃଶ

ଓଡ଼ିଶା ପାଇଁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ନିତାନ୍ତ ଆବଶ୍ୟକ ଥିଲା। ପୁରପଲ୍ଲୀଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ବହୁ ଗରିବ ଶ୍ରେଣୀର ଲୋକ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ତେବେ ରୋଗାକ୍ରାନ୍ତ ହେଲେ ଉପଯୁକ୍ତ ଚିକିତ୍ସା ସୁବିଧା ନ ପାଇ ହଇରାଣ ହେଉଛନ୍ତି। ସେମାନଙ୍କ ପାଇଁ ଏହି ଯୋଜନା ବରଦାନ ସଦୃଶ। ଏବେ କଷ୍ଟାର୍ଜିତ ଧନ ମେଡିକାଲକୁ ଦେବାକୁ ପଡ଼ିବ ନାହିଁ, ଆୟୁଷ୍ମାନ କାର୍ଡ ଦେଖାଇ ସେଠାରେ ମାଗଣାରେ ଚିକିତ୍ସା ସୁବିଧା ପାଇପାରିବେ।

- ସନ୍ତୋଷ କୁମାର ଡାକୁଆ, ଖୋର୍ଦ୍ଧା ପୌରାଞ୍ଚଳ

### ସ୍ୱାସ୍ଥ୍ୟସେବାରେ ଫାଇଦା ହେବ

ଆୟୁଷ୍ମାନ ଯୋଜନା କାର୍ଡ ଦ୍ୱାରା ପ୍ରତ୍ୟେକ ଲୋକ ସ୍ୱାସ୍ଥ୍ୟସେବା ପାଇପାରିବେ। ପୂର୍ବରୁ ଥିବା କାର୍ଡରେ ପରିବାରର କେବଳ ଜଣେ ଲୋକ ସୁବିଧା ପାଉଥିଲେ, ହେଲେ ଆୟୁଷ୍ମାନ କାର୍ଡ ସମସ୍ତଙ୍କ ପାଇଁ ଖୁସି ଆଣିଦେଇଛି। ପାଠପଢ଼ିବା ପାଇଁ ବାହାରକୁ ଯିବାକୁ ସ୍ଥିର କରିଛି ଏବଂ ଏହି କାର୍ଡ ରହିଲେ ସ୍ୱାସ୍ଥ୍ୟ ପ୍ରତି ଚିନ୍ତା ରହିବନି। ଯଦି କେଉଁଠି ସ୍ୱାସ୍ଥ୍ୟ ସମ୍ପର୍କିତ କୌଣସି ସମସ୍ୟା ହୁଏ ତେବେ ଏହି କାର୍ଡ ଯୋଗେ ଦେଶର ବିଭିନ୍ନ ସ୍ଥାନରେ ଆମେ ସୁବିଧା ପାଇପାରିବୁ। କେନ୍ଦ୍ରମନ୍ତ୍ରୀଙ୍କଠାରୁ ଏହି କାର୍ଡ ପାଇ ବହୁତ ଖୁସି ଲାଗୁଛି।

- ଅମ୍ବିକା ପଣ୍ଡା, ହିତାଧିକାରୀ, କଟକ

### ଚିକିତ୍ସା ପାଇଁ ଚିନ୍ତା ନାହିଁ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ସ୍ୱାସ୍ଥ୍ୟ କାର୍ଡ ପାଇଛି। ଏଣିକି କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ ମାଗଣାରେ ଚିକିତ୍ସା ହୋଇପାରିବ। ସରକାରଙ୍କ ଏହା ଏକ ଭଲ ପଦକ୍ଷେପ। ସରକାର ମହିଳାଙ୍କୁ ଅଗ୍ରାଧିକାର ଦେଇ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେଇଥିବାରୁ ବହୁତ ଖୁସି ଅନୁଭବ ହେଉଛି। ଏଣିକି ଚିକିତ୍ସା ଖର୍ଚ୍ଚ ସରକାର ଦେବେ।

- କାମିନୀ ମହାରଣା, ହିତାଧିକାରୀ (ବ୍ରହ୍ମପୁର)

OIPR-10001/13/0053/2526

# ବିକଶିତ ଓଡ଼ିଶା ଗଠନରେ ବୈଷୟିକ ଶିକ୍ଷାନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଓୟୁଟିଆର୍‌ର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ**

**୩ ଜଣଙ୍କୁ ସ୍ୱର୍ଣ୍ଣ, ୨୭ ଛାତ୍ରଛାତ୍ରୀଙ୍କୁ ରୌପ୍ୟ ପଦକ ପ୍ରଦାନ**



ରାଜ୍ୟପାଳ ହରିବାବୁ କମ୍ଭମ୍ପାଟିଙ୍କ ସହ ଅନ୍ୟ ଅତିଥିମାନେ ଓୟୁଟିଆର୍‌ର ଅଲ୍ ରାଉଣ୍ଡର ଛାତ୍ର ଶୁଭାଂଶୁ ମିଶ୍ରଙ୍କୁ 'ଚାନସେଲର ସ୍ୱର୍ଣ୍ଣ ପଦକ' ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୧୧।୪(ସୁସ୍ମିତା ସାହୁ)

ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନରେ ବୈଷୟିକ ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି କହିଛନ୍ତି। ଭୁବନେଶ୍ୱରରେ ରେଳ ଅଡିଟୋରିୟମଠାରେ ଶୁକ୍ରବାର ଓଡିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର)ର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ କୁଳପତି ତଥା ରାଜ୍ୟପାଳ କହିଲେ, କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରୁ ଓୟୁଟିଆର ପରି ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହେବା ଅନୁଷ୍ଠାନ ତଥା ଓଡିଶାର ବୃହତ୍ତର ଶିକ୍ଷା ପରିମଣ୍ଡଳ ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ଓୟୁଟିଆର୍ ନିରନ୍ତର ଭାବେ ପ୍ରଯୁକ୍ତିବିଦ୍ୟା, ନବସୃଜନ, ଗବେଷଣା ଏବଂ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତା ପ୍ରଦର୍ଶନ କରୁଛି। ଏଆଇ ପାଠ୍ୟକ୍ରମକୁ ଅନ୍ତର୍ଭୁକ୍ତ କରି ବିଶ୍ୱବିଦ୍ୟାଳୟ କେବଳ ନବୀନତମ ପ୍ରଯୁକ୍ତିବିଦ୍ୟା ଧାରା ସହିତ ନିଜକୁ ସମନ୍ୱିତ କରିନାହିଁ, ବରଂ ଡିଜିଟାଲ ଯୁଗରେ ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବା ପାଇଁ ଶିକ୍ଷା ମଡେଲକୁ ଗ୍ରହଣ କରିଛି। ଏଥିସହ ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗିତାମୂଳକ ବିଶ୍ୱ ପରିବେଶରେ ସଫଳ ହେବା ପାଇଁ ଏକ ଦୃଢ଼ ଭିତ୍ତିଭୂମି ସୃଷ୍ଟି କରିଛି। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ଉଜ୍ଜ୍ୱଳ ଶିଳ୍ପ ଭିତ୍ତିଭୂମି ସହିତ ଓୟୁଟିଆର ପ୍ରଯୁକ୍ତିବିଦ୍ୟା ଓ ଗବେଷଣା ପାଇଁ ହବ୍ ଭାବେ ପ୍ରସ୍ତୁତ ହୋଇଛି। ଓୟୁଟିଆର ନୂଆ ଜାତୀୟ ଶିକ୍ଷାନୀତିର ମାନଦଣ୍ଡକୁ ପ୍ରତିଫଳିତ କରିବା ପାଇଁ ପ୍ରତିବଦ୍ଧତା ଦେଖାଇଛି, ଯାହାକି ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ଯେକୌଣସି ଆହ୍ୱାନର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ କରିବ। ଏହି ଅବସରରେ ରାଜ୍ୟପାଳ ଛାତ୍ରୀଛାତ୍ରଙ୍କୁ ସମସ୍ତ ସମସ୍ୟା ସମାଧାନର ସୂତ୍ର ଖୋଜିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଯୁବଗୋଷ୍ଠୀ ସଶକ୍ତ ହେଲେ ଏକ ବିକଶିତ ଓଡିଶା ଗଠନ ସମ୍ଭବ ହେବ। ରାଜ୍ୟରେ ବୈଷୟିକ ଶିକ୍ଷାର ବିକାଶ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। କ୍ୟାରିୟର ଗଢ଼ିବା ପାଇଁ ଓଡିଶାରୁ ଛାତ୍ରୀଛାତ୍ର ବାହାର ରାଜ୍ୟକୁ ଯାଉଥିଲେ, ଏବେ ଓଡିଶାରେ ଅଧ୍ୟୟନ କରିବା ପାଇଁ ବାହାର ରାଜ୍ୟରୁ ବିଦ୍ୟାର୍ଥୀମାନେ ଆସୁଛନ୍ତି। ବୈଷୟିକ ଶିକ୍ଷାରେ ଓଡିଶା ଜାତୀୟସ୍ତରରେ ବହୁ ଆଗକୁ ଯାଉଛି। ରାଜ୍ୟ ସରକାର ଯୁବବର୍ଗଙ୍କୁ ସାମାଜିକ ଓ ଆର୍ଥିକ ଭାବେ ଦକ୍ଷ କରିବାକୁ ଉଦ୍ୟମ କରୁଛନ୍ତି। ନିଯୁକ୍ତି ଦକ୍ଷତା ବୃଦ୍ଧି କରିବାକୁ ଅନେକ ଯୋଜନା କରିଛନ୍ତି। ତେବେ ଛାତ୍ରଛାତ୍ରୀମାନେ ମାତୃଭାଷା ଉପରେ ଗୁରୁତ୍ୱ ଦେବା ଦରକାର ବୋଲି ମନ୍ତ୍ରୀ କହିଛନ୍ତି। ଏଆଇସିଟିଇ ଚେୟାରମ୍ୟାନ ପ୍ରଫେସର ଟି.ଜି.ସୀତାରାମ ବକ୍ତବ୍ୟ ପ୍ରଦାନ କରିଥିଲେ। ଓୟୁଟିଆର ଭାଇସ୍ ଚାନ୍ସେଲର ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ଡିନ୍ ଏ.ଏନ୍ ଆଚାର୍ଯ୍ୟ ପରିଚାଳନା କରିଥିଲେ। ରେଜିଷ୍ଟ୍ରାର ଆଶିଷ କୁମାର ଜେନା, ଜିକିମ୍ ଆଣ୍ଡ ଆର୍ ଡିନ୍ ପ୍ରଫେସର ଅରୁଣା ତ୍ରିପାଠୀ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ ଅଲ୍ ରାଉଣ୍ଡର ଛାତ୍ର ଶୁଭାଂଶୁ ମିଶ୍ରଙ୍କୁ 'ଚାନସେଲର ସ୍ୱର୍ଣ୍ଣ ପଦକ', ସ୍ନାତକ(ୟୁଜି)ରେ ସୌରଭ ଶତପଥୀ ଏବଂ ସ୍ନାତକୋତ୍ତର(ପିଜି)ରେ ସୋଫିଆ ପ୍ରଧାନ 'ସ୍ୱର୍ଣ୍ଣ ପଦକ' ପ୍ରଦାନ କରିଥିଲେ। ଏଥିସହ ୨୭ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଭାଗରେ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା।

# ଲିଙ୍ଗଗତ ଉତ୍ପୀଡ଼ନକୁ ନେଇ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୧।୪(ସୁସ୍ମିତା ସାହୁ)

ୟୁନିଭର୍ସିଟି ଆଇନ ମହାବିଦ୍ୟାଳୟ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଖୋର୍ଦ୍ଧା ପକ୍ଷରୁ 'ଲିଙ୍ଗଗତ ଉତ୍ପୀଡ଼ନ, ମାନସିକ ଦୁର୍ବଳତା ଏବଂ ଅନୁସୂଚିତ ଜାତି ଓ ଜନଜାତି ଅଧିନିୟମ'କୁ ନେଇ ଶୁକ୍ରବାର ମହାବିଦ୍ୟାଳୟ ସଭାକକ୍ଷରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୋକ୍ସୋ ୪ର୍ଥ ଅତିରିକ୍ତ ଜିଲ୍ଲା ଜଜ୍ ସୁଭାଷିନ ମହାନ୍ତ, ଅତିରିକ୍ତ ମୁଖ୍ୟ ଜିଲ୍ଲା ନ୍ୟାୟିକ ମାଜିଷ୍ଟ୍ରେଟ୍ ବିନୋଦ ବିହାରୀ ସାହୁ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସଲୋମି ସାହୁ ଯୋଗଦେଇ ବେଶରେ ହେଉଥିବା ଲିଙ୍ଗଗତ ଉତ୍ପୀଡ଼ନ ଓ ମାନସିକ ଦୁର୍ବଳତାକୁ ନେଇ ଆସୁଥିବା ମାମଲାଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଆଇନ ମହାବିଦ୍ୟାଳୟ ଅଧକ୍ଷ ଜ୍ଞାନେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟରେ ଆଇନସେବା ପାଇଁ ଏକ କ୍ଲିନିକ ଆରମ୍ଭ ହୋଇଥିବାବେଳେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏଲ.କୁମାର, ଅର୍ପିତା ମହାନ୍ତି, ଜସ୍ମିନ ଗିରି, ମହେଶ ରଞ୍ଜନ ପଟ୍ଟନାୟକ, କିରଣ କୁମାର ବେହେରା ସହାୟତା କରିଥିଲେ। ଛାତ୍ରୀ ଶାଶ୍ୱତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜନତାଙ୍କ ପାଇଁ ଜନ ପରିବହନ ସେବା ଉପରେ ଗୁରୁତ୍ୱାରୋପ

**'ଓଡ଼ିଶା ଯାତ୍ରୀ' ରାଇଡ୍ ବୁକିଂ ଆପ୍‌ର ସମୀକ୍ଷା**

ଭୁବନେଶ୍ୱର, ୧୧।୪ (ବନ୍ଦନା ସେଠୀ)

ଜନସାଧାରଣଙ୍କ ସହରାଞ୍ଚଳ ପରିବହନ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା 'ଓଡ଼ିଶା ଯାତ୍ରୀ' ରାଇଡ୍ ବୁକିଂ ଆପ୍ ସମ୍ପର୍କୀତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଶୁକ୍ରବାର ଖାରବେଳ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଅଧ୍ୟକ୍ଷତା କରି 'ଓଡ଼ିଶା ଯାତ୍ରୀ' ପ୍ରଗତିର ମୂଲ୍ୟାଙ୍କନ କରିଥିଲେ। ଏଥିସହ ଜନସାଧାରଣଙ୍କ ଜନପରିବହନ ସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସାଧାରଣଲୋକଙ୍କ ଯାତାୟତ ସମସ୍ୟାର ସମାଧାନ ଦିଗରେ ବିକାଶ ଆଣିବା ପାଇଁ ଏହି ନାଗରିକ କୈନ୍ଦ୍ରିକ ଆପ୍‌ର ଶୁଭାରମ୍ଭ ହୋଇଥିଲା। ଏହି ଆପ୍ ଶୂନ କମିଶନକୁ ପ୍ରାଧାନ୍ୟ ଦେବା ସହିତ ଉଭୟ କ୍ୟାବ୍ ଏବଂ ଅଟୋ ଡ୍ରାଇଭରଙ୍କ ରୋଜଗାରକୁ ସଶକ୍ତ କରିବ। ଏହା ଉଭୟ ଯାତ୍ରୀ ଓ ଚାଳକଙ୍କ ଉତ୍କୃଷ୍ଟ ଯାତ୍ରା ଅଭିଜ୍ଞତା ପ୍ରଦାନ କରିଆସୁଛି। ସେହିପରି ଡିଜିଟାଲ୍ ମାଧ୍ୟମରୁ ବଞ୍ଚିତ ରହୁଥିବା ଜନସାଧାରଣଙ୍କ ନିମନ୍ତେ ଜନଗହଳି ସ୍ଥାନମାନଙ୍କରେ ଓଡ଼ିଶା ଯାତ୍ରୀ ଟିକେଟ ବୁକିଂ କିଓସ୍କ ବା ବୁଥ୍ ତିଆରି ହେବ। ଏହାଦ୍ୱାରା ସାଧାରଣ ଯାତ୍ରୀଟିଏ ମଧ ବୁଥ୍ ମାଧ୍ୟମରେ ରାଇଡ୍ ବୁକିଂ କରିପାରିବେ ବୋଲି ସୂଚନା ଦିଆଯାଇଥିଲା। ଏହାବାଦ୍ ଆଗାମୀ ଦିନରେ ଓଡ଼ିଶା ଯାତ୍ରୀକୁ ଏକ ସୁପର୍ ଆପ୍ ବନାଇବା ଦିଗରେ ବୈଠକରେ ଆଲୋଚନା ହୋଇଥିଲା। ଏହା ପରବର୍ତ୍ତୀ ସମୟରେ ମୋ ବସ୍ ଆପ ଏବଂ ଓଟିଡିସି ପର୍ଯ୍ୟଟନ ଟିକେଟିଂ ପ୍ଲାଟ୍‌ଫର୍ମ ମାଧ୍ୟମରେ ଜନସାଧାରଣ ଏବଂ ପର୍ଯ୍ୟଟକ ସେମାନଙ୍କର ରାଇଡ୍ ବୁକ୍ କରିପାରିବେ। ଏହି ରାଇଡ୍ ସେବା ଆପ୍ ଆଗାମୀ ଦିନରେ ରାଜ୍ୟବ୍ୟାପି କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦିଆଯାଇଛି। ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, କ୍ରୁଟ ପରିଚାଳନା ନିର୍ଦ୍ଦେଶକ ଡ. ଏନ୍ ତିରୁମାଲା ନାୟକ, ଜି.ଏମ ସଞ୍ଜୟ କୁମାର ବିଶାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶ ବିଦେଶରେ ଓଡ଼ିଶା ଗୌରବକୁ ପ୍ରତିନିଧିତ୍ୱ କରୁଛି ଛେନାପୋଡ଼



ଅତିଥିଙ୍କ ସହ ଅନ୍ୟମାନେ ଛେନାପୋଡ଼ କାଟି ଉତ୍ସବ ପାଳନ କରୁଛନ୍ତି।

ଭୁବନେଶ୍ୱର, ୧୧।୪ (ସୌମ୍ୟରଞ୍ଜନ ରାଉତ)

**ଛେନାପୋଡ଼ କାଟି ନୟାଗଡ଼ର ଗାଥା ବଖାଣିଲେ ଅତିଥି**

ନୟାଗଡ଼ ବିକାଶ ମଞ୍ଚ ଏବଂ ଓଡ଼ିଶା ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଶୁକ୍ରବାର ଛେନାପୋଡ଼ ଦିବସ ଶୁକ୍ରବାର ସୂଚନା ଭବନଠାରେ ପାଳିତ ହୋଇଯାଇଛି। ସଭା, ସମ୍ବର୍ଦ୍ଧନା, ବନ୍ଧୁମିଳନ ଓ ପେଟପୂଜା ସାଙ୍ଗକୁ ପାଲା, ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ସଂକୀର୍ତ୍ତନ, ଧୁଡୁକି ଓ ଦଣ୍ଡନାଚ ପରିବେଷଣ ବିଶେଷ ଆକର୍ଷଣ ସାଜିଥିଲା। ଏଥିସହ ନୟାଗଡ଼ରୁ ଆସିଥିବା ସ୍ୱତନ୍ତ୍ର ଛେନାପୋଡ଼ ସାଙ୍ଗକୁ ବିଭିନ୍ନ ପ୍ରକାରର ନୟାଗଡ଼ ଦ୍ରବ୍ୟ ଉତ୍ସବରେ ପ୍ରଦର୍ଶିତ ହୋଇଥିଲା। ଅତିଥି ଭାବେ ସାହିତ୍ୟିକ ଦାଶ ବେନହୁର, ସାମ୍ବାଦିକ ଗୋପାଳ କୃଷ୍ଣ ମହାପାତ୍ର ଏବଂ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ଯୋଗଦେଇଥିଲେ। ମଞ୍ଚର ସହଆବାହକ ସୁବ୍ରତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିଙ୍କ ଗହଣରେ ଛେନାପୋଡ଼ କଟାଯିବା ସହ ସଙ୍ଗୀତର ମୂର୍ଚ୍ଛନା ମଧ୍ୟରେ ପରସ୍ପରକୁ ଖୁଆଇଥିଲେ। ଏହି ଅବସରରେ ଛେନାପୋଡ଼ ବ୍ୟବସାୟୀ ଦଶପଲ୍ଲାର ଅଶୋକ କୁମାର ସାହୁଙ୍କୁ ମାନପତ୍ର, ଉତ୍ତରୀୟ ଓ ମୟୂର ପୁଚ୍ଛ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟିକ ଦାଶ ବେନହୁର କହିଲେ, ସ୍ୱର୍ଗତ ସୁଦର୍ଶନ ସାହୁ ଦଶପଲ୍ଲାରୁ ନୟାଗଡ଼ ଛେନାପୋଡ଼ ଆଣି ଏହାର ପ୍ରଚାର ପ୍ରସାର ଓ ପରିବ୍ୟାପ୍ତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେଣୁ ତାଙ୍କ ଜନ୍ମଦିନ ଏପ୍ରିଲ ୧୧ରେ ଆମେ ଛେନାପୋଡ଼ ଦିବସ ପାଳନ କରୁଛେ। 'ଏକ ଜିଲା ଏକ ଉତ୍ପାଦ'କୁ ନେଇ ଉତ୍ସବ ମନାଇବା ବିରଳ। ଛେନାପୋଡ଼ ଦେଶ ବିଦେଶକୁ ଯାଇ ନୟାଗଡ଼ ସହ ଓଡ଼ିଶାର ଗୌରବକୁ ପ୍ରତିନିଧିତ୍ୱ କରୁଛି। ସାମ୍ବାଦିକ ମହାପାତ୍ର ନୟାଗଡ଼ରେ ଛେନାପୋଡ଼ ସହ ତାଙ୍କର ରହିଥିବା ସ୍ମୃତି ବଖାଣିଥିଲେ। ନୟାଗଡ଼ ଯୁବନେତା ଅଭିଲାଷ ପଣ୍ଡା ରାଜଧାନୀରେ ରହୁଥିବା ଯୁବକମାନେ କିଭଳି ଏକାଠି ହୋଇ ଏଭଳି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ସେସମ୍ପର୍କରେ କହିଥିଲେ। ସ୍ୱାଗତିକା ମହାରଣା କାର୍ଯ୍ୟକ୍ରମ ସଂଚାଳନା କରିଥିବାବେଳେ ରୋହନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ହାଇଦ୍ରାବାଦରୁ ଆଉ ଜଣେ ଅଭିଯୁକ୍ତ ଗିରଫ

**ବିଧାୟକଙ୍କଠାରୁ ୧.୪ କୋଟି ସାଇବର ଠକେଇ ଘଟଣା**

**■ପୂର୍ବରୁ କର୍ଣ୍ଣାଟକ, ତାମିଲନାଡୁରୁ ୭ଜଣ ଗିରଫ ହୋଇଥିଲେ**



ଭୁବନେଶ୍ୱର,୧୧।୪(ସତ୍ୟଜିତ୍ ରାଉତ)

ବହୁଗୁଣ ଲାଭ ଦେବାର ଲୋଭ ଦେଖାଇ ଓଡ଼ିଶାର ଜଣେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକଙ୍କଠାରୁ ୧ କୋଟି ୪୦ ଲକ୍ଷ ଟଙ୍କା ସାଇବର ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଆଉ ଜଣେ ଅଭିଯୁକ୍ତଙ୍କୁ ତେଲଙ୍ଗାନାର ହାଇଦ୍ରାବାଦରୁ ଗିରଫ କରିଛି। ସେ ହେଲେ ଅମନୁଲ୍ଲା ଖାନ୍ (୩୪)। ତାଙ୍କଠାରୁ ମୋବାଇଲ, ସିମ୍ କାର୍ଡ, ପାନ୍‌କାର୍ଡ, ବ୍ୟାଙ୍କ୍ ପାସବୁକ ଓ ଡେବିଟ୍ କାର୍ଡ ଆଦି ଜବତ ହୋଇଛି। ଗିରଫ ପରେ ଅଭିଯୁକ୍ତ ଅମନୁଲ୍ଲାଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ହାଇଦ୍ରାବାଦ ଗାନ୍ଧୀଭବନସ୍ଥିତ ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଶୁକ୍ରବାର ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ କ୍ରାଇମବ୍ରାଞ୍ଚ ମାର୍ଚ୍ଚ ଶେଷ ସପ୍ତାହରେ ୭ଜଣ ଅଭିଯୁକ୍ତଙ୍କୁ କର୍ଣ୍ଣାଟକ ଓ ତାମିଲନାଡୁରୁ ଗିରଫ କରିଥିବା ବେଳେ ସେମାନେ ଏବେ ଜେଲରେ ଅଛନ୍ତି। ତେବେ ତଦନ୍ତବେଳେ ଠକେଇ ଟଙ୍କାରୁ ଅମନୁଲ୍ଲାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୭ ଲକ୍ଷ ଟଙ୍କା ଟ୍ରାନ୍ସଫର୍ ହୋଇଥିବା କ୍ରାଇମବ୍ରାଞ୍ଚ ସୂଚନା ଦେଇଛି।

ସୂଚନାଯୋଗ୍ୟ, ବିଧାୟକଙ୍କୁ କିଛିମାସ ତଳେ ଅଭିଯୁକ୍ତମାନେ ହ୍ୱାଟ୍‌ସଆପ୍‌ରେ ମେସେଜ୍ କରି ଟ୍ରେଡିଂରେ ନିବେଶ କରିବାକୁ ଫସାଇଥିଲେ। ଠକଙ୍କ କଥାରେ ପଡ଼ି ବିଧାୟକ ଓଟିସି (ଓଭର୍-ଦି-କାଉଣ୍ଟର) ଓ ଆଇପିଓ (ଇନିସିଆଲ୍ ପବ୍ଲିକ୍ ଅଫରିଙ୍ଗ୍) ଟ୍ରେଡିଂରେ ୨୦୨୪ ନଭେମ୍ବର ୧୩ରୁ ୨୦୨୫ ଜାନୁଆରୀ ୧ ମଧ୍ୟରେ ୧ କୋଟି ୪୦ ଲକ୍ଷ ଟଙ୍କା ଟ୍ରାନ୍ସଫର୍ କରି ଠକେଇର ଶିକାର ହୋଇଥିଲେ। ଏତଲାକ୍ରମେ ଜାନୁଆରୀ ୧୩ରେ କ୍ରାଇମବ୍ରାଞ୍ଚର ସାଇବର ଥାନା ଏନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଘରେ ପଶି ମହିଳାଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଯାଁଳା,୧୧।୪(ବୁଲା ବାରିକ):

ଗଙ୍ଗପଡ଼ା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ମହିଳାଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର ଅଭିଯୋଗରେ ଇନ୍‌ଫୋସିଟି ଥାନା ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଇନ୍‌ଫୋସିଟି ଥାନା ଗଙ୍ଗପଡ଼ା ଗ୍ରାମର ସିଲୁ ପାଣ୍ଡିଆ ଓରଫ କାଳିଆ। ଗୁରୁବାର ଅପରାହ୍ନରେ ଅଭିଯୋଗକାରୀ ଗଙ୍ଗପଡ଼ା ଗ୍ରାମର ବିଶ୍ୱଭୂଷଣ ହରିଚନ୍ଦନ ଏବଂ ଭାଇ ପ୍ରସାଦନନ୍ଦ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯିବାକୁ ବାହାରୁଥିଲେ। ଏହିସମୟରେ ଅଭିଯୁକ୍ତ ସିଲୁ ଜୋର୍‌ଜବରଦସ୍ତ ହରିଚନ୍ଦନଙ୍କ ଘରେ ପଶିଥିଲେ। ଦୁଇ ଭାଇ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ ସେ କିଛି ନଶୁଣି ହରିଚନ୍ଦନଙ୍କ ସ୍ତ୍ରୀଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର କରିଥିଲେ। ଏନେଇ ବିଶ୍ୱଭୂଷଣ ଇନ୍‌ଫୋସିଟି ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ୍ ଅଭିଯୁକ୍ତ ସିଲୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଯୁବ ଲେଖକ ସମ୍ମିଳନୀ

ଭୁବନେଶ୍ୱର, ୧୧।୪ (ସୌମ୍ୟରଞ୍ଜନ ରାଉତ)

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଆ ପକ୍ଷ ପାଳନର ଏକାଦଶତମ ଦିବସରେ ଶୁକ୍ରବାର ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଯୁବ ଲେଖକ ଓ ଯୁବ ପ୍ରତିଭାଙ୍କୁ ନେଇ ଯୁବ ସୃଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁବ ଲେଖକ ସମ୍ମିଳନୀ ଆୟୋଜିତ ହୋଇଥିଲା। ସାହିତ୍ୟିକ ପଦ୍ମଭୂଷଣ ପ୍ରତିଭା ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ ଲେଖକଙ୍କ ଭିତରେ ଥିବା ସୃଜନଶୀଳତାର ଉଦ୍ରେକ କରିବା ସହ ସାହିତ୍ୟନୁରାଗୀ ହେବା ନିମନ୍ତେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ଓ ନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ କୁମକୁମ ମହାନ୍ତି ଯୋଗଦେଇଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବୃନ୍ଦଙ୍କ ସହ ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, କୁଳ ସଚିବ ଅନାମିକା ଅଧିକାରୀ, ବିତ୍ତ ନିୟନ୍ତ୍ରକ ସୁନନ୍ଦା ଷଡ଼ଙ୍ଗୀ, ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ଉପସ୍ଥିତ ଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଶ୍ୱବିଦ୍ୟାଳୟର ଯୁବ ଲେଖକମାନେ କବିତା ଓ ଗଳ୍ପ ପାଠ କରିଥିଲେ।

# ଶ୍ରୁତିଙ୍କ ସଂଘର୍ଷମୟ କାହାଣୀକୁ ନେଇ ମୁକ୍ତିଲାଭ କଲା 'ପାଦେ ଆକାଶ'

ଭୁବନେଶ୍ୱର, ୧୧।୪
(ସୌମ୍ୟରଞ୍ଜନ ରାଉତ)

ସତ୍ୟ ଘଟଣା ଉପରେ ଆଧାରିତ ସିନେମା ତଥା ସମାଜସେବୀ ଶ୍ରୁତି ମହାପାତ୍ରଙ୍କ ସଂଘର୍ଷମୟ ଜୀବନର ଏକ ଅଲିଭା କାହାଣୀକୁ ନେଇ ପ୍ରସ୍ତୁତ 'ପାଦେ ଆକାଶ' ଶୁକ୍ରବାର ସାରା ରାଜ୍ୟରେ ମୁକ୍ତିଲାଭ କରିଛି। ସିନେମାରେ ଶ୍ରୁତିଙ୍କ ଚରିତ୍ରରେ ନଜର ଆସିଛନ୍ତି ଅଭିନେତ୍ରୀ ଅର୍ଚ୍ଚିତା ସାହୁ। କିପରି ଜଣେ ମହିଳା ନିଜ ଜୀବନରେ ଏତେ ସଂଘର୍ଷ କରି ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି, ତାହା ଏହି ସିନେମାରେ ସେ ନିଖୁଣ ଭାବେ ଅଭିନୟ କରିଛନ୍ତି। ଶ୍ରୁତି ତାଙ୍କ ଜୀବନରେ କିପରି ବଡ ବଡ ଅଟ୍ଟାଳିକା



ଚଳଚ୍ଚିତ୍ରର ପ୍ରିମିୟର ଶୋ' ଅବସରରେ ଶ୍ରୁତି ମହାପାତ୍ରଙ୍କ ସହ ଅର୍ଚ୍ଚିତା ଓ ଅନ୍ୟମାନେ।

ପାର୍ କରି ବଣମଲ୍ଲି ପାଖରେ ପହଞ୍ଚିଛନ୍ତି, ତାହା ଦର୍ଶକଙ୍କୁ ସ୍ତବ୍ଧ କରିଛି। ଜୀବନରେ ଶୀର୍ଷରେ ପହଞ୍ଚିବାକୁ ହେଲେ କଷ୍ଟ ତ ସମସ୍ତେ କରନ୍ତି, ହେଲେ ତାଙ୍କର ଏହି ସଂଘର୍ଷ ଭରା ଜୀବନ, ଆଇଏଏସ୍ ଅଫିସରର ସ୍ୱପ୍ନରୁ ହ୍ୱିଲଚେୟାର ଯାତ୍ରା, କଠୋର ସଂଘର୍ଷ ଭିତରେ ତଥାପି ହାରି ନାହାନ୍ତି ଡ. ଶ୍ରୁତି। ତରଙ୍ଗ ସିନେ ପ୍ରଡକ୍ସନ ପ୍ରଯୋଜିତ ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶିତ 'ପାଦେ ଆକାଶ' ସମସ୍ତଙ୍କୁ ପସନ୍ଦ ଆସିବ। ସିନେମାରେ ଅର୍ଚ୍ଚିତାଙ୍କ ସହ ବଲିଉଡ ଅଭିନେତା ରାଜେଶ ଜୈସ, ଓଲିଉଡ ଅଭିନେତ୍ରୀ ସ୍ମିତା ମହାନ୍ତି, ଅଙ୍କିତ୍ କୁମାର, ହର ରଥ ପ୍ରମୁଖ ଅଭିନୟ କରିଛନ୍ତି। ଲିରିକ୍ସ ବିଜୟ ମଲ୍ଲ ଓ ମ୍ୟୁଜିକ କମ୍ପୋଜ୍ କରିଛନ୍ତି ପ୍ରେମ ଆନନ୍ଦ। ଭୁବନେଶ୍ୱରର ପିଭିଆର୍ ଉତ୍କଳ ଗ୍ୟାଲେରିଆ ମଲ୍‌ରେ ଏହାର ପ୍ରିମିୟର ଶୋ' ଅବସରରେ ଶ୍ରୁତି, ଅର୍ଚ୍ଚିତାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଫଟୋରେ ଖବର




ସ୍ଥାୟୀ ନିଯୁକ୍ତି ଦେବା ପର୍ଯ୍ୟନ୍ତ ସର୍ବନିମ୍ନ ମଜୁରୀ ପ୍ରଦାନ ସହ ବିଭିନ୍ନ ଦାବି ନେଇ ଏଆଇୟୁଟିୟୁସି ଅନୁବନ୍ଧିତ ଓଡ଼ିଶା ପାଚିକା ସହାୟିକା ସଂଘ ପକ୍ଷରୁ ଶୁକ୍ରବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ।




ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ସିପିଆଇଏମ୍ ପକ୍ଷରୁ ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ ଛକରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୪।୨୦୨୫

| | |
|---|---|
| ୫,୫୯,୨୮୬ ଟଙ୍କା | |
| ସୁନା | ୨୫୦ ମିଲିଗ୍ରାମ୍ |
| ରୁପା | ୨୫.୧୦୦ ଗ୍ରାମ୍ |

# ସାହିଯାତରେ 'ସୀତାଚୋରି'

ପୁରୀ,୧୧।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ରାମନବମୀ ତିଥିରେ ଶ୍ରୀରାମ ଜନ୍ମ ନୀତି ଅନୁଷ୍ଠିତ ହେବା ସହ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ପାରମ୍ପାରିକ ସମରକଳା ନୃତ୍ୟ ସାହିଯାତ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ରୀତିନୀତି ଓ ପରମ୍ପରା ଅନୁଯାୟୀ ରାମ ନବମୀଠାରୁ ରାମଅଭିଷେକ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ସାହିଯାତ ଅନୁଷ୍ଠିତ ହୋଇଥାଏ। ଚୈତ୍ରମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଶୁକ୍ରବାର ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ସାହିଯାତ କ୍ରମରେ ସୀତାଚୋରୀ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟା ଧୂପ ପରେ ଦକ୍ଷିଣୀଘରୁ ଶ୍ରୀରାମଚନ୍ଦ୍ର, ଶ୍ରୀଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିଙ୍କୁ ମହାଜନ ସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ବିଜେ କରାଇଥିଲେ। ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ସେହିପରି ଠାକୁରଙ୍କୁ ମଠର ଖଟଶେଜ ଉପରକୁ ବିଜେ କରାଯାଇଥିଲା। ଅପରପକ୍ଷରେ ସାହିଯାତର ପଞ୍ଚମ ଦିବସରେ କୁଣ୍ଢେଇବେଣ୍ଟ ସାହି ପଥର ଆଖଡ଼ା ପକ୍ଷରୁ ମାୟା ମୃଗ, ସୀତା ଚୋରୀ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। କୁଣ୍ଢେଇବେଣ୍ଟ ସାହି ପଥର ଆଖଡା ପକ୍ଷରୁ ଜଣେ ବ୍ୟକ୍ତି ମାୟା ରାବଣ ଚରିତ୍ରରେ ପଟୁଆରରେ ସାହି ଓ ବାଦି ସାହି ପରିକ୍ରମା କରି ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚି ବିଭିନ୍ନ କଳାକୌଶଳ ଏବଂ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ସୀତା ଚୋରୀ ନୀତି ସମ୍ପନ୍ନ ହୋଇଥିଲା। ସେହିପରି କୁଣ୍ଢେଇବେଣ୍ଟ ସାହି ପକ୍ଷରୁ ଯାତ ବାହାରି ସାଥି ସାହି ବା ବାଦୀ ସାହିକୁ ଯାଇଥିଲା। କୁଣ୍ଢେଇବେଣ୍ଟ ସାହି ପକ୍ଷରୁ କାଳୀ ମେଢ଼, ଦୁର୍ଗା ମେଢ଼, ଖୋଲାମୁଖ ମେଢ଼, ଫୁଲ ମେଢ଼, ନବଶିରା, ସପ୍ତ ଶିରା ସହ ବିଭିନ୍ନ ମେଢ଼ ବାହାରିଥିଲା। ଏଥିସହ ବାଡ଼ିକେଳା, ପଟାଖେଳ, ସମର କଳା ଆଦି ପ୍ରଦର୍ଶିତ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ପୁରୀବାସୀ ସାହିଯାତ ଦେଖିଥିଲେ। ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଉପସ୍ଥିତ ଥିଲେ ।



ସାହିଯାତ ଅବସରରେ କୁଣ୍ଢେଇବେଣ୍ଟ ସାହିର ସୀତାଚୋରି ରାବଣ ଦୋଳମଣ୍ଡପ ସାହି ପରିକ୍ରମା କରୁଛି ।

# ୧୩, ୮୫, ୪୧୫ ଜଣ ପାଇବେ ଆୟୁଷ୍ମାନ କାର୍ଡ

ପୁରୀ,୧୧।୪(ଅଜିତ କୁମାର ମହାନ୍ତି)

ଓଡ଼ିଶାରେ ଶୁକ୍ରବାରଠାରୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପୁରୀ ଟାଉନ ହଲ୍‌ରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଏହାର ଶୁଭାରମ୍ଭ କରିବା ସହ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଛନ୍ତି। ସେ କହିଛନ୍ତି, ସ୍ୱାସ୍ଥ୍ୟକ୍ଷେତ୍ରରେ ଓଡ଼ିଶା ପାଇଁ ଆଜି ଏକ ଐତିହାସିକ ଦିନ। ଜିଲାର ୧୩,୮୫,୪୧୫ ଜଣ ହିତାଧିକାରୀ ଏହାଦ୍ୱାରା ଉପକୃତ ହେବେ। ଦେଶର ବିଭିନ୍ନ ସ୍ଥାନରେ ଥିବା ୨୯ ହଜାର ହସ୍ପିଟାଲରେ ଏହି କାର୍ଡ ମାଧ୍ୟମରେ ସେମାନେ ଚିକିତ୍ସା ସୁବିଧା ପାଇପାରିବେ। ପୁରୁଷ ୫ଲକ୍ଷ, ମହିଳା ୧୦ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପାଇପାରିବେ। ସେହିପରି ୭୦ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବ୍ୟକ୍ତିଙ୍କୁ ଆର୍ଥିକ ବାଛବିଚାର ବିନା ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳିବ। ଶୁକ୍ରବାର ପ୍ରତୀକାତ୍ମକ ଭାବେ ୫ ଜଣ ହିତାଧିକାରୀଙ୍କୁ ଏଠାରେ କାର୍ଡ ବଣ୍ଟନ ହୋଇ ଥିବାବେଳେ ଶନିବାରଠାରୁ ହିତାଧିକାରୀଙ୍କ ଘରେ କାର୍ଡ ପ୍ରଦାନର ବ୍ୟବସ୍ଥା ହୋଇଛି। ପୂର୍ବରୁ ପରିବାର ପିଛା ଗୋଟିଏ କାର୍ଡ ଥିବା ବେଳେ ଏବେ ସମସ୍ତ ହିତାଧିକାରୀଙ୍କୁ ଏହି କାର୍ଡ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏହା ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ବୋଲି କହିଥିଲେ। ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ହିତାଧିକାରୀମାନଙ୍କୁ ଏହି କାର୍ଡର ଉପଯୋଗିତା ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପଭାନୁ ମିଶ୍ର ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ହିତାଧିକାରୀ ବାସନ୍ତୀ ବିଶୋଇ, ଗୋଲକ ମୁଦୁଲି, ମଧୁସୂଦନ ପଲେଇ, ମଞ୍ଜୁ ନାୟକ ଓ ସରୋଜିନୀ ବେହେରାଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅତିଥିମାନେ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଜିଲାର ୫୧ଟି ସ୍ଥାନରୁ ମଧ୍ୟ ଏହି ରଥର ଶୁଭାରମ୍ଭ ହୋଇଥିଲା। ସେହିପରି ଜିଲାର ୫୧ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ବ୍ୟବସ୍ଥାର ଶୁଭାରମ୍ଭ ସହ ୫ଜଣ ଲେଖାଏ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। କାର୍ଡ ନ ପାଇଥିଲେ ମଧ୍ୟ ହିତାଧିକାରୀ ନିଜ ଆଧାର କାର୍ଡ ଦେଖାଇ ଚିକିତ୍ସା ସୁବିଧା ପାଇପାରିବେ ବୋଲି ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଥିବାବେଳେ ଡିପିଏମ୍ ଟି. ନାରାୟଣ ରାଓ ଉପସ୍ଥିତ ଥିଲେ।

**ପୁରୀ ଜିଲାରେ ଆୟୁଷ୍ମାନ କାର୍ଡ ବଣ୍ଟନର ଶୁଭାରମ୍ଭ**



ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୁରୀ ରେଲୱେ ଷ୍ଟେଶନଠାରେ ଯାତ୍ରୀଙ୍କ ସହ କଥା ହେଉଛନ୍ତି ।

## ସଂକ୍ଷେପରେ

### ୧୧ ଦିନ ପରେ ଅପହୃତାଙ୍କୁ ଉଦ୍ଧାର କଲା ପୋଲିସ

ଗୋପ,୧୧।୪(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଅପହୃତା ନାବାଳିକାଙ୍କୁ ଗୋପ ପୋଲିସ ୧୧ ଦିନ ପରେ ଗୁରୁବାର ବିଳମ୍ବିତ ରାତ୍ରିରେ ଖୋର୍ଦ୍ଧା ଅଞ୍ଚଳରୁ ଉଦ୍ଧାର କରିଛି। ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ମିଥ୍ୟା ପ୍ରତିଶ୍ରୁତି ଦେଇ ଅପହରଣ କରିଥିବା ଯୁବକଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ବଳିଆପଣ୍ଡା ଥାନା ଅଞ୍ଚଳର ଜଗା ସାହୁ (୨୩)। ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ କହିଛନ୍ତି। ପ୍ରକାଶ ଯେ, ଗତ ୨୯ ତାରିଖରେ ନାବାଳିକା କେଉଁଆଡେ ପଳାଇଯିବା କି କେହି ଅପହରଣ କରିଥିବା ନେଇ ତାଙ୍କ ବାପା ଗୋପ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଏନେଇ ୯୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। କୌଣସି ସୂତ୍ରରୁ ଖବର ପାଇ ଶୁକ୍ରବାର ମଧ୍ୟାହ୍ନରେ ଥାନା ଅଧିକାରୀ ପଢ଼ିହାରୀ ନାବାଳିକା ଓ ଅପହର୍ତ୍ତାଙ୍କୁ ତାଙ୍କ ମାମୁ ଘରୁ ଉଦ୍ଧାର କରିଥିଲେ।

### ହରିଣ ଫାଶ ବସାଇ ଶିକାରୀ ଗିରଫ

କୋଣାର୍କ,୧୧।୪(ଜ୍ୟୋତିରାଜ ମହାନ୍ତି)

ଜଙ୍ଗଲରେ ହରିଣ ଶିକାର ସମୟରେ କୋଣାର୍କ ବନବିଭାଗ ଚଢ଼ାଉ କରି ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ଗ୍ରାମର ବିଜୟ ମାହାରୀ(୪୬)। ତାଙ୍କ ପାଖରୁ ୨ଟା ଛୁରି, ୭ଟି ଫାଶ, ପ୍ଲାଷ୍ଟିକ ଦଉଡ଼ି ଜବତ ହୋଇଛି। ଏନେଇ ଏକ ବନ୍ୟପ୍ରାଣୀ ମାମଲା ରୁଜୁ କରାଯାଇ ବିଜୟଙ୍କୁ ପ୍ରଥମେ କୋଣାର୍କ ଓ ପରେ ନିମାପଡ଼ା କୋର୍ଟ ଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ସୂଚନା ଦେଇଛନ୍ତି। ସେ ଗୁରୁବାର ବିଳମ୍ବିତ ରାତିରେ ହରିଣ ଶିକାର ପାଇଁ ଜଙ୍ଗଲରେ ଫାଶ ବସାଉଥିଲେ। ଖବର ପାଇ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ କର୍ମଚାରୀ ତାଙ୍କୁ ଗିରଫ କରିଥିଲେ। କୋଣାର୍କ ବନ ବିଭାଗ ଅଞ୍ଚଳରେ ହରିଣ ଶିକାର ନେଇ ଅଭିଯୋଗ ପରେ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଦେହୁରୀଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରୁଛି।

# ଆୟକର ଅଧିକାରୀ, କର୍ମଚାରୀଙ୍କ ସର୍ବଭାରତୀୟ ସ୍ତରୀୟ ବୈଠକ



ପୁରୀଠାରେ ଆୟୋଜିତ ଆୟକର କର୍ମଚାରୀ ସଂଘର ୨ ଦିନିଆ ସମ୍ମିଳନୀରେ ଉପସ୍ଥିତ ଅଧିକାରୀମାନେ ।

ପୁରୀ,୧୧।୪(ଅଜିତ୍ କୁମାର ମହାନ୍ତି)

ଆୟକର କର୍ମଚାରୀ ମହାସଂଘ କେନ୍ଦ୍ରୀୟ କାର୍ଯ୍ୟକାରିଣୀ କମିଟି ଓ ଆୟକର ଗେଜେଟେଡ୍ ଅଧିକାରୀ ସଂଘ ପ୍ରବନ୍ଧନ କମିଟିର ଦୁଇଦିନିଆ ସଂଯୁକ୍ତ ବୈଠକ ଶୁକ୍ରବାର ପୁରୀର ଏକ ହୋଟେଲରେ ଆରମ୍ଭ ହୋଇଛି। ବୈଠକରେ ଭାରତର ବିଭିନ୍ନ ସ୍ଥାନରେ ଥିବା ଉପରୋକ୍ତ ଦୁଇ ସଙ୍ଗଠନର ବିଭିନ୍ନ କ୍ଷେତ୍ରୀୟସ୍ତରୀୟ ପଦାଧିକାରୀଙ୍କ ସମେତ ସର୍ବଭାରତୀୟ ନେତୃବୃନ୍ଦମାନେ ଯୋଗ ଦେଇଛନ୍ତି। ପ୍ରଥମ ଦିନରେ ଆବାହନୀ ଅଧିବେଶନ ବ୍ୟତୀତ ବିଷୟ ଅଧିବେଶନରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା, ଅଭିଯୋଗ ଓ ଦାବି ଆଦି ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଅନେକ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇ ଗୃହୀତ କରାଯାଇଛି। ଆୟକର ଗେଜେଟଟେଡ ଅଧିକାରୀ ଆସୋସିଏଶନର ସର୍ବଭାରତୀୟ ଅଧ୍ୟକ୍ଷ ଅରବିନ୍ଦ ତ୍ରିବେଦୀ, ଆୟକର କର୍ମଚାରୀ ମହାସଂଘର ସର୍ବଭାରତୀୟ ଅଧ୍ୟକ୍ଷ ଏମ୍.ଏସ୍. ବେଙ୍ଗଟେସ, ଆୟକର ପ୍ରଧାନ ଆୟୁକ୍ତ (ପ୍ରଶାସନ)(କରଦାତା ସେବା), ଭୁବନେଶ୍ୱରର ନୀରଜା ପ୍ରଧାନ, ଆୟକର ପେନସନର୍ସ ମହାସଂଘର ସର୍ବଭାରତୀୟ ଉପସଭାପତି ଉମେଶ ମେହେଟା ଏବଂ ଓଡ଼ିଶା ଆୟକର ପେନସନର୍ସ ଆସୋସିଏଶନର ଉପାଧ୍ୟକ୍ଷ ଶରତ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ୧୯୫୩ ମସିହାରେ ସ୍ଥାପିତ ଆୟକର କର୍ମଚାରୀ ସଂଘର ସମଗ୍ର ଦେଶରେ ୧୮ରୁ ଊର୍ଦ୍ଧ୍ୱ କ୍ଷେତ୍ରୀୟ ଏକକ ରହିଛି। ସେହିପରି ଆୟକର ଗେଜେଟେଡ୍ ଅଧିକାରୀ ଆସୋସିଏଶନର ଦେଶରେ ୧୮ରୁ ଊର୍ଦ୍ଧ୍ୱ କ୍ଷେତ୍ରୀୟ ଏକକ ରହିଛି। ବୈଠକରେ ଭାରତର ବିଭିନ୍ନ ସ୍ଥାନରେ ଥିବା ଦୁଇ ସଂଘର ବିଭିନ୍ନ କ୍ଷେତ୍ରୀୟସ୍ତରୀୟ ପ୍ରତିନିଧିଙ୍କ ସମେତ ସର୍ବଭାରତୀୟ ନେତୃବୃନ୍ଦ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ଆଜି ନରେନ୍ଦ୍ର ପୁଷ୍କରଣିରୁ ବାହାରିବ ଚାପ ଡଙ୍ଗା

ପୁରୀ,୧୧।୪(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୩୦ ତାରିଖ ପବିତ୍ର ଅକ୍ଷୟ ତୃତୀୟାଠାରୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ରଥ କାର୍ଯ୍ୟ ଅନୁକୂଳ ହେବା ସହ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ ହେବ। ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଅକ୍ଷୟ ତୃତୀୟାଠାରୁ ୨୧ ଦିନ ବ୍ୟାପି ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ପାଳନ କରାଯିବ। ତେଣୁ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଚୈତ୍ର ପୂର୍ଣ୍ଣିମା ଅବସରରେ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାଧାନରେ ଭୋଇ ସେବକମାନେ ନନ୍ଦା ଓ ଭଦ୍ରା ନାମକ ଚାପ ଡ଼ଙ୍ଗା ସମେତ ବୈଜୟନ୍ତି ଡଙ୍ଗାକୁ ନରେନ୍ଦ୍ର ପୁଷ୍କରିଣୀରୁ ବାହାର କରିବେ। ୨୧ ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କ ନୌକା ବିହାରକୁ ବାହାର ଚନ୍ଦନ ଯାତ୍ରା ବୋଲି କୁହାଯାଇଥାଏ। ଠାକୁରମାନେ ଯେଉଁ ୨ଟି ନୌକାରେ ବିଜେକରି ନୌକା ବିହାର କରିବେ ସେହି ୨ଟିକୁ ନନ୍ଦା ଓ ଭଦ୍ରା କୁହାଯାଏ। ସେହିପରି ଚାପଡ଼ଙ୍ଗା ଆଗରେ ଯାଉଥିବା ଡଙ୍ଗାକୁ ବୈଜୟନ୍ତୀ ଡଙ୍ଗା ବୋଲି କୁହାଯାଇଥାଏ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ପ୍ରତ୍ୟକ ବର୍ଷ ବାହାର ଚନ୍ଦନ ଯାତ୍ରା ସମ୍ପନ୍ନ ହେବା ପରେ ଭୋଇ ସେବକମାନେ ଚାପ ଡଙ୍ଗାଗୁଡ଼ିକୁ ନରେନ୍ଦ୍ର ପୁଷ୍କରିଣୀର ପଶ୍ଚିମ ପଟ ଏକ କୋଣରେ ପାଣିରେ ବୁଡ଼ାଇ ଦେଇଥାନ୍ତି। ବାହାର ଚନ୍ଦନ ଯାତ୍ରା ହେବା ପୂର୍ବରୁ ଚୈତ୍ର ପୂର୍ଣ୍ଣିମା ଦିନ ସେହି ଡଙ୍ଗାକୁ ପାଣିରୁ ବାହାର କରାଯାଇ ଥାଏ। ପରେ ମରାମତି କରାଯାଇ ଚାପ ଡଙ୍ଗା ନିର୍ମାଣ କରାଯାଇଥାଏ।

# ଗାଣ୍ଡପଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ରାସ୍ତା ନାହିଁ

କଣାସ,୧୧।୪(ବିଭୂତି ଭୂଷଣ ତ୍ରିପାଠୀ)

କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାର ଅଗ୍ରଗତି ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଥିବା ବେଳେ କଣାସ ପଞ୍ଚାୟତର ଗାଣ୍ଡପଡ଼ା ଗ୍ରାମରେ ୨୦୦୮ ମସିହାରେ ନିର୍ମାଣ କରାଯାଇଥିବା ଗାଣ୍ଡପଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ରାସ୍ତା ନ ଥିବାରୁ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବର୍ଷାଦିନେ ଛାତ୍ରୀଛାତ୍ରମାନେ ଆଣ୍ଠୁଏ ପାଣିରେ ବିଦ୍ୟାଳୟକୁ ଯାଉଥିବାରୁ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରାସ୍ତା ନିର୍ମାଣ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏ ସମ୍ପର୍କରେ କଣାସ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ସେଠୀ କହିଛନ୍ତି, ଅଭିଯୋଗ ପାଇଛୁ, ରାସ୍ତା ନିର୍ମାଣ ପାଇଁ ଉଚ୍ଚ ଅଧିକାରୀଙ୍କୁ ଜଣାଇଛୁ।

# ପଞ୍ଚାୟତସ୍ତରୀୟ ସଭାପତି ଚୟନ

ବଲଙ୍ଗା,୧୧।୪(କେଦାରେଶ୍ୱର ନନ୍ଦ)

**୧୮ ନମ୍ବର ଜୋନ୍‌ର କାର୍ଯ୍ୟକାରିଣୀ ବୈଠକ**

ବଲଙ୍ଗା ଥାନା ୧୮ନଂ. ଜୋନ୍ ବିଜେଡି ପକ୍ଷରୁ ସାଙ୍ଗଠନିକ ବୈଠକ ଓ ପଞ୍ଚାୟତସ୍ତରୀୟ ସଭାପତି ନିର୍ବାଚନ ବଲଙ୍ଗା ନିକଟସ୍ଥ କୁଅଁରପୁର ଗୋଦାମ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ବିଜେଡି ନେତା ଦିଲୀପ ନାୟକ, ଜିଲାପରିଷଦ ସଭ୍ୟା କୁଞ୍ଜଲତା ସାମଲ, ଭାଗ୍ୟଧର ଖଟୋଇ, ମାନସ ପ୍ରଧାନ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ମଲିକ ପ୍ରମୁଖ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳକୁ ଅଧିକ ସଂଗଠିତ ଓ କ୍ରିୟାଶୀଳ କରିବାକୁ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜୋନ୍‌ର ସମସ୍ତ ପଞ୍ଚାୟତର ନୂତନ ସଭାପତି ଚୟନ କରାଯାଇଥିଲା। ବଲଙ୍ଗାର ସଭାପତି କୃପାସିନ୍ଧୁ ଦତ୍ତ, କୋଠକୁସାଙ୍ଗର ପ୍ରଦୀପ କୁମାର ଦାଶ, ହରିପୁରର ସୁବୋଧ ଖଟୋଇ, ଶାଇଁସଶାସନ ପଞ୍ଚାୟତର ଅଭିମନ୍ୟୁ ସ୍ୱାଇଁ, ଉଚ୍ଛୁପୁରୁ ପଞ୍ଚାୟତର ଅଶୋକ କୁମାର ଦାଶଙ୍କୁ ସର୍ବସମ୍ମତିକ୍ରମେ ସଭାପତି ଚୟନ କରାଯାଇଥିଲା।

# ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ

କଣାସ,୧୧।୪(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଦୋକନ୍ଦା ପଞ୍ଚାୟତର ନୂଆ ଦୋକନ୍ଦା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଦିଲୀପ କୁମାର ବେହେରା (୪୬)ଙ୍କର ବୁଧବାର ଅକାଳ ବିୟୋଗ ହୋଇଯାଇଛି। ସେ କିଛି ଦିନ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସେ ଜଣେ ଯୁବ ମାଛ ବ୍ୟବସାୟୀ ଭାବେ ପରିଚିତ। ତାଙ୍କର ମୃତ୍ୟୁ ଖବରପାଇ ସତ୍ୟବାଦୀ ଯୁବ ବିଧାୟକ ଓମ୍ ପ୍ରକାଶ ମିଶ୍ର, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ଏବଂ ଅନେକ ଲୋକ ପ୍ରତିନିଧି ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ।

# ଗାଁ ମେଳଣରେ ୨ ଭାଇଙ୍କ ବୋମାମାଡ଼, ୩ ଆହତ

ପିପିଲି,୧୧।୪(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

- ଜେଲ ଗଲେ ମୁଖ୍ୟ ଅଭିଯୁକ୍ତ, ସାନଭାଇ ଗୁରୁତର
- ୩ ଅଫୁଟା ବୋମା ଜବତ

ମେଳଣରେ ସାଧାରଣ ବଚସାକୁ ନେଇ ପିପିଲି ଜମାଲପୁର ଗ୍ରାମରେ ବୋମା ମାଡ଼ ହୋଇଛି। ବଚସା ସମୟରେ ୨ ଭାଇ ବୋମା ମାଡ଼ କରିଥିବାବେଳେ ସାନ ଭାଇ ରାଜକିଶୋର ନାୟକଙ୍କ ହାତରେ ବୋମା ଫୁଟିବାରୁ ସେ ଗୁରୁତର ଆହତ ହୋଇ ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଏଥିସହ ମୋଟ ୩ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପିପିଲି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ନିଷ୍କ୍ରିୟକାରୀ ଦଳ ୩ଟି ଅଫୁଟା ବୋମା ଜବତ କରିଛି। ବୋମାମାଡ଼ କରିଥିବା ମୁଖ୍ୟ ଅଭିଯୁକ୍ତ ସଂଗ୍ରାମ ନାୟକ (୨୫)ଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏନେଇ ପୋଲିସ ୨୨୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ଗୁରୁବାର ଜମାଲପୁର ଗ୍ରାମର ମେଳଣ ଯାତ୍ରା ଚାଲିଥିବାବେଳେ କାଲ ବୈଶାଖୀ ପାଇଁ ଯାତ୍ରାକୁ ବନ୍ଦ କରାଯାଇଥିଲା। ହେଲେ ଯାତ୍ରା କ'ଣ ପାଇଁ ବନ୍ଦ ହେଲା ବୋଲି କହିବା ସହ ସଂଗ୍ରାମ ଓ ତାଙ୍କ ସାନ ଭାଇ ରାଜକିଶୋର ହଠାତ ବୋମା ଫିଙ୍ଗିଥିଲେ। ତେବେ ବ୍ୟକ୍ତିଗତ ଶତ୍ରୁତା ପାଇଁ ଏଭଳି ଘଟଣା ଘଟିଥିବା ପୋଲିସ କହିଛି। ଅଭିଯୁକ୍ତ ୬ଟି ବୋମା ତିଆରି କରିଥିବାବେଳେ ସେଥିମଧ୍ୟରୁ ୩ଟି ବୋମା ପକାଇଥିବା ସମୟରେ ଗୋଟିଏ ବୋମା ରାଜକିଶୋରଙ୍କ ହାତରୁ ଖସି ଫୁଟି ଯାଇଥିବା ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

# ଲୋକଙ୍କ ପାଖରେ ପହଞ୍ଚିବ 'ଆୟୁଷ୍ମାନ କାର୍ଡ'

କାକଟପୁର/ଅସ୍ତରଙ୍ଗ/ବଲଙ୍ଗା/ଡେଲାଙ୍ଗ/ସାକ୍ଷୀଗୋପାଳ,୧୧।୪(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ କେଦାରେଶ୍ୱର ନନ୍ଦ/ରଶ୍ମିରଞ୍ଜନ ପ୍ରଧାନ/ ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)

ପୂରଣ ହେଲା ଭାଜପାର ଡ୍ରିମ୍ ପ୍ରୋଜେକ୍ଟ। 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଓ 'ଆୟୁଷ୍ମାନ ବୟୋବନ୍ଦନା ଯୋଜନା' ଲାଗୁ ହୋଇଯାଇଛି। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ରତନପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଖଣ୍ଡାସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଶୁକ୍ରବାର ଅପରାହ୍ଣରେ ଅତିଥିଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ରତନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଆରତୀ ନାଏକ, ବିଡିଓ ସସ୍ମିତା ବେହେରା, ସିଡିପିଓ ମମତା ନାୟକ, ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସଞ୍ଜୟ ପ୍ରଧାନ ଉପସ୍ଥିତ ଥିବାବେଳେ ଖଣ୍ଡାସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଅତିଥି ଭାବେ ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା, ନଇଗୁଆଁ ସରପଞ୍ଚ ମଞ୍ଜୁଲତା ଖୁଣ୍ଟିଆ, ସମିତିସଭ୍ୟ ପ୍ରଦୀପ୍ତ ସାହୁ, ସାମାଜିକ କର୍ମୀ ପ୍ରଶାନ୍ତ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ପ୍ରତି ପରିବାରକୁ ଗୋଟିଏ କାର୍ଡ ମିଳୁଥିବା ବେଳେ ନୂଆ ଯୋଜନାରେ ଏବେ ପରିବାରର ପ୍ରତି ସଦସ୍ୟଙ୍କୁ ଗୋଟିଏ ଲେଖାଏ କାର୍ଡ ମିଳିବ। ପ୍ରତ୍ୟେକ ପରିବାର ପିଛା ୫ଲକ୍ଷ ଟଙ୍କା ଏବଂ ମହିଳା ହିତାଧିକାରୀଙ୍କୁ ଅତିରିକ୍ତ ୫ଲକ୍ଷ ଟଙ୍କାର ଚିକିତ୍ସା ପାଇଁ ସହାୟତା ଯୋଗାଇଦେବେ ସରକାର। ଦେଶର ପ୍ରାୟ ୨୯ହଜାର ମେଡିକାଲରେ ଏହି କାର୍ଡ କାମ କରିବ। ରତନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅତିଥିମାନେ କୁନି ବିବି, ପ୍ରମିଳା କାଣ୍ଡି, ପ୍ରେମଲତା ମଲ୍ଲିକ, ଉର୍ମିଳା ସ୍ୱାଇଁ ଓ ଅଜୟ ବେହେରାଙ୍କୁ ମଞ୍ଚ ଉପରେ କାର୍ଡ ବଣ୍ଟନ କରିଥିବା ବେଳେ ଖଣ୍ଡୋସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅତିଥିମାନେ ୫ଜଣ ହିତାଧିକାରୀଙ୍କୁ ବଣ୍ଟନ କରିଥିଲେ।





ଅସ୍ତରଙ୍ଗରେ ଆୟୋଜିତ କାର୍ଯ୍ୟକ୍ରମରେ ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟନ କରାଯାଉଛି ।

ସେହିପରି ବଲଙ୍ଗା ଓ ନୂଆସନ୍ଥ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପରିସରରେ ନୂଆ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ବଲଙ୍ଗା ମେଡିକାଲ ପରିସରରେ ନିମାପଡ଼ା ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ସୁବ୍ରତ କୁମାର ମହାପାତ୍ର, ସରପଞ୍ଚ ଅଞ୍ଜଳି ପ୍ରଧାନ, ଜୟନ୍ତୀ ବିଶାଳ, ଯତୀନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୫ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ସେହିଭଳି ନୂଆସନ୍ଥ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ସରପଞ୍ଚ ପ୍ରଫୁଲ୍ଲ କୁମାର ସ୍ୱାଇଁ, ସମିତି ସଭ୍ୟ ଦୁର୍ଗାପ୍ରସାଦ ପ୍ରଧାନ ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ।

ଏହି ପରିପ୍ରେକ୍ଷୀରେ ଡେଲାଙ୍ଗ ବ୍ଲକ୍ ଘୋରଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, କଲ୍ୟାଣପୁର ସ୍ୱାସ୍ଥ୍ୟ କେନ୍ଦ୍ର, ଇନ୍ଦିପୁର ସ୍ୱାସ୍ଥ୍ୟ କେନ୍ଦ୍ର, ଗୁଆଳିପଡ଼ା ଓ ହରିରାଜପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହାର ସିଧା ପ୍ରସାରଣ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ପ୍ରସାରଣ କରାଯାଇଥିଲା। ବିଧାୟକ ଆଶ୍ରିତ ପଟ୍ଟନାୟକ ହରିରାଜପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହି ୫ଜଣ ନୂଆ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ କ୍ଷୀତିଶ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ବାରିକ, କନିଷ୍ଠ ଯନ୍ତ୍ରୀ ଅମିୟ କୁମାର ପଣ୍ଡା, ପବିତ୍ର ମଲ୍ଲିକ, ସେକ୍ସନ ଅଫିସର ଆଶିଷ କୁମାର ପାତ୍ର, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ତପନ ଚନ୍ଦ୍ର ଦାଶ ପ୍ରମୁଖ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ମୋଟ ୨୫ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ନୂଆ ଏକକ କାର୍ଡ ପ୍ରଦାନ କରାଯାଇଛି।

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶୁକଳ ସ୍ୱାସ୍ଥ୍ୟ କେନ୍ଦ୍ର, ପାଣିଛତ୍ର ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗବକୁଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ, ଗୋପବନ୍ଧୁ ଜନ ଆରୋଗ୍ୟ ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଶୁକଳ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ, ସାକ୍ଷୀଗୋପାଳ ମେଡିକାଲ ଚିକିତ୍ସାଧିକାରୀ ଦେବାଶିଷ ନାୟକ ଓ ସତ୍ୟବାଦୀ ବ୍ଲକର ପୂର୍ବତନ ଅଧ୍ୟକ୍ଷା ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଗବକୁଣ୍ଡ ଓ ପାଣିଛତ୍ର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ତ୍ରିଲୋଚନ ରଥ ଓ ସ୍ୱାସ୍ଥ୍ୟ ଅଧିକାରୀ ସୁରେଶ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସତ୍ୟବାଦୀ ବ୍ଲକରେ ୫୪,୨୨୨ ଜଣ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ କାର୍ଡ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

# ଅଭିଯୁକ୍ତଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ

### ନାବାଳିକା ଅସଦାଚରଣ ମାମଲା

କଟକ,୧୧।୪(କାର୍ତ୍ତିକ ସାହୁ)

କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଶୁକ୍ରବାର ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି। ଏଥିସହିତ ଅଭିଯୁକ୍ତଙ୍କୁ ୧ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ କୋର୍ଟ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କଟକ ଜଗତପୁର ଥାନା ଅଧିନ ତାଳବଣିଆ ମୁଣ୍ଡାସାହିର ଶଙ୍କର ଓରଫ ଚନ୍ଦ୍ରଶେଖର ରାଉତ (୨୨)। ଏଥିସହ କୋର୍ଟ ପିଡ଼ିତାଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ନିମନ୍ତେ କଟକ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୨୨ ଅଗଷ୍ଟ ୨୪ ତାରିଖର ଘଟଣା। ଜଗତପୁର ମୁଣ୍ଡାସାହିରେ ଜଣେ ୧୨ ବର୍ଷୀୟା ନାବାଳିକା ଘରେ ଏକୁଟିଆ ଥିବା ଦେଖି ଅଭିଯୁକ୍ତ ତାଙ୍କୁ ଅସଦାଚରଣ କରିଥିଲେ। ପିଡ଼ିତାଙ୍କ ପରିବାର ପକ୍ଷରୁ ଜଗତପୁର ଥାନାରେ ସେହିଦିନ ଏନେଇ ଏତଲା ଦିଆଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲା। ଅଭିଯୁକ୍ତ ବିରୋଧରେ ୨୦୨୩ ଅକ୍ଟୋବର ୧୨ ତାରିଖରେ ଚାର୍ଜଫ୍ରେମ୍ ହୋଇଥିଲା। ୧୭ ଜଣଙ୍କ ସାକ୍ଷ୍ୟ ଓ ୨୧ଟି ପ୍ରାମାଣିକ ନଥିପତ୍ର ଆଧାରରେ ଶୁକ୍ରବାର କୋର୍ଟ ମାମଲାର ରାୟ ଶୁଣାଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଆନ୍ତଃ ଜିଲା ଡକାୟତି: ୭ ଜଣିଆ ଗ୍ୟାଙ୍ଗ ଗିରଫ



ଗିରଫ ୭ ଅଭିଯୁକ୍ତ।



ଜବତ୍ ସୁନା, ରୁପା ଗହଣା।

ସାଲେପୁର,୧୧।୪(ଅରବିନ୍ଦ ଭୂୟାଁ)

### ୫୦ ଗ୍ରାମ୍ ସୁନା, ୯୦୦ ଗ୍ରାମ୍ ରୁପା ଅଳଙ୍କାର, ନଗଦ ୮୨ହଜାର ଟଙ୍କା ଜବତ

ଆନ୍ତଃ ଜିଲା ଡକାୟତି ଅଭିଯୋଗରେ କଟକ ଜିଲା ଗ୍ରାମାଞ୍ଚଳ ପୋଲିସ ଶୁକ୍ରବାର ୭ ଜଣିଆ ଗ୍ୟାଙ୍ଗ ଧରିବାରେ ସଫଳ ହୋଇଛି। ସେମାନଙ୍କ ନିକଟରୁ ନଗଦ ୮୨ହଜାର ଟଙ୍କା, ୫୦ଗ୍ରାମ ସୁନା, ୯୦୦ଗ୍ରାମ ରୁପା, ଗୋଟିଏ ମୋବାଇଲ୍ ଫୋନ୍, ଏଲ୍ଆଇସି ବଣ୍ଡ, ଏଟିଏମ୍. କାର୍ଡ ଏବଂ ଏକ ଶାବଳ ଜବତ କରାଯାଇଛି। ଏନେଇ ସାଲେପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗ୍ରାମାଞ୍ଚଳ ଏସ୍ପି. ପ୍ରତୀକ ସିଂହ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡ଼ା ଜିଲା ସିଙ୍ଗିରି ଗ୍ରାମର ସଂଜୟ ଦାସ, ରାଜନ ଦାସ, ପୋହଳା ଗ୍ରାମର ଅର୍ଜୁନ ଦାସ, ଆକାଶ ଦାସ, ଟୁନା ଦାସ, ମାଟିଆ ଗ୍ରାମର ଅର୍ଜୁନ ଦାସ, କଣ୍ଟିପୁର ଗ୍ରାମର ପଦ୍ମନାଭ ସାହୁ।

ଏହି ଗ୍ୟାଙ୍ଗ କିଛିଦିନ ହେବ କଟକ, କେନ୍ଦ୍ରାପଡ଼ା, ଜଗତ୍ସିଂହପୁର, ଯାଜପୁର ସମେତ ବିଭିନ୍ନ ଜିଲାରେ ଡକାୟତି କରୁଥିଲେ। ବିଶେଷ କରି ଘରେ ପଶି ସୁନାରୁପା ଅଳଙ୍କାର ଚୋରି କରିବା ସହ ଗୃହକର୍ତ୍ତାମାନଙ୍କୁ ମରଣାନ୍ତକ ଆକ୍ରମଣ କରିଆସୁଥିଲେ। ଏମାନଙ୍କ ନାମରେ ବିଭିନ୍ନ ଥାନାରେ ୧୫ରୁ ଉର୍ଦ୍ଧ୍ୱ ଚୋରି, ଡକାୟତି, ରାହାଜାନି ମାମଲା ରହିଛି। ଏହି ଗ୍ୟାଙ୍ଗ୍ ନାଟକୀୟ ଢ଼ଙ୍ଗରେ ବିଭିନ୍ନ ଅଞ୍ଚଳରେ ଘୁଷୁରି ଓ ମେଣ୍ଢା ଚରାଇବା ଆଳରେ ପହଞ୍ଚି କିଛି ଦିନ ସେହି ଅଞ୍ଚଳରେ ରହିବାପରେ ଘର ଲୋକଙ୍କ ଗତିବିଧିକୁ ଲକ୍ଷ୍ୟ ରଖି ରାତିଅଧରେ ସେମାନଙ୍କ ଘରେ ପଶି ସୁନା, ରୁପା ଅଳଂକାର ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଲୁଟ୍ କରିଥାନ୍ତି। ଏହି ର୍ୟାକେଟ୍ କିଛିଦିନ ହେବ କଟକ ଜିଲା ସମେତ ବିଭିନ୍ନ ଜିଲାରେ ଆତଙ୍କ ଖେଳାଇଥିଲେ। ମାର୍ଚ୍ଚ ୨୭ରେ ନେମାଳ ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ମାନଗୋବିନ୍ଦ ଦାସଙ୍କ ପରିବାର ଲୋକେ ଶୋଇଥିବାବେଳେ ଏହି ଗ୍ୟାଙ୍ଗ ଘରେ ପଶି ସେମାନଙ୍କୁ ବାହାରପଟୁ କବାଟ ବନ୍ଦ କରି ସୁନାଗହଣା, ନଗଦ ଟଙ୍କା ସମେତ ଦରକାରୀ କାଗଜପତ୍ର ସବୁ ଲୁଟି ନେଇଥିଲେ। ସମାନ ଢ଼ଙ୍ଗରେ ସାଲେପୁର ଥାନା ଅଞ୍ଚଳରେ ଏହି ଲୁଟେରା ଗ୍ୟାଙ୍ଗ ଡକାୟତି କରିଥିଲା। ଡକାୟତି ଗ୍ୟାଙ୍ଗ୍‌କୁ ଧରିବାପାଇଁ ଗ୍ରାମାଞ୍ଚଳ ଏସ୍ପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ସାଲେପୁର ଏସ୍ଡିପିଓ ବିରଞ୍ଚିନାରାୟଣ ପତିଙ୍କ ନେତୃତ୍ୱରେ ଏହି ଟିମ୍‌ରେ ସାଲେପୁର ଆଇଆଇସି ଅନିତା ସାହୁ, ନିଶ୍ଚିନ୍ତକୋଇଲି ଆଇଆଇସି. ଯୁଗଳ କିଶୋର ଦାଶ, ମାହାଙ୍ଗା ଆଇଆଇସି ତପନ କୁମାର ରାଉତ, ନେମାଳ ଆଇଆଇସି. ସୁଶାନ୍ତ କୁମାର ନାୟକ ଏଥିରେ ସାମିଲ ହୋଇ ଅଭିଯୁକ୍ତମାନଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତମାନେ ସବୁ ଚୋରି ସାମଗ୍ରୀ କେନ୍ଦ୍ରାପଡ଼ା ଥାନା ଅଞ୍ଚଳର କଣ୍ଟିପୁର ଗ୍ରାମର ପଦ୍ମନାଭ ସାହୁଙ୍କୁ ବିକ୍ରୟ ବିକ୍ରି କରିଥିବା ଜଣାପଡ଼ିଛି ବୋଲି ଗ୍ରାମାଞ୍ଚଳ ଏସ୍ପି. ପ୍ରତୀକ ପ୍ରକାଶ କରିଛନ୍ତି।

# ନଡ୍ଡାଙ୍କୁ ଫଟୋଚିତ୍ର ଉପହାର ଦେଲେ ନମିତା

କଟକ,୧୧।୪(ଶିଳ୍ପା ପ୍ରିୟଦର୍ଶିନୀ)

ବାଲିଯାତ୍ରା ତଳପଡ଼ିଆରେ ଶୁକ୍ରବାର ଆୟୋଜିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା। ଏହି ଅବସରରେ ଭଦ୍ରକ ଆଗରପଡ଼ା ଅଞ୍ଚଳର ଛାତ୍ରୀ ନମିତା ବେହେରା କଟକ ବାଲିଯାତ୍ରା ତଳପଡ଼ିଆକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ଏକ ଫଟୋଚିତ୍ର ନେଇ ଆସିଥିଲେ। ନିଜ ହାତ ତିଆରି ଏହି ସ୍କେଚ୍ ଆର୍ଟକୁ କାର୍ଯ୍ୟକ୍ରମ ସମୟରେ ଦେଖାଇଥିଲେ। ବହୁ ସମୟ ଧରି ଫଟୋଚିତ୍ର ଦେଖାଇବା ପରେ ମଞ୍ଚ ଉପରୁ କେନ୍ଦ୍ର ମନ୍ତ୍ରୀ ନଡ୍ଡା ନମିତାଙ୍କୁ ଡାକି ତାହାକୁ ଗ୍ରହଣ କରିଥିଲେ। ଏନେଇ ନମିତା କହିଛନ୍ତି, କେନ୍ଦ୍ରମନ୍ତ୍ରୀଙ୍କୁ କଟକକୁ ଭବ୍ୟ ସ୍ୱାଗତ ଜଣାଇବା ଉଦେଶ୍ୟରେ ଫଟୋଚିତ୍ର ଆଙ୍କିଥିଲି। ବହୁ ସମୟ ଧରି ଛିଡ଼ା ହୋଇଥିବା ଦେଖି ମୋତେ ମଞ୍ଚ ନିକଟକୁ ଡାକିଥିଲେ ଏବଂ ଫଟୋଚିତ୍ର ଗ୍ରହଣ କରିଥିଲେ। ତେଣୁ ମୁଁ ବହୁ ଖୁସି ଅନୁଭବ କରୁଛି ବୋଲି ସେ କହିଛନ୍ତି।



ସଭାସ୍ଥଳରେ ଜେ.ପି. ନଡ୍ଡାଙ୍କ ଫଟୋଚିତ୍ର ପ୍ରଦର୍ଶନ କରୁଛନ୍ତି ନମିତା ବେହେରା ।

# ସଚେତନତା ଦ୍ୱାରା କମିବ ମାତୃ, ଶିଶୁ ମୃତ୍ୟୁ ହାର



ଅନୁଷ୍ଠାନ ପକ୍ଷରୁ ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅତିଥିଙ୍କୁ ଅଙ୍ଗବସ୍ତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

କଟକ,୧୧।୪(କାର୍ତ୍ତିକ ସାହୁ)

ଡ୍ରିମ୍ସ ସ୍କୁଲ ଅଫ ନର୍ସିଂ ପକ୍ଷରୁ ଜାତୀୟ ନିରାପଦ ମାତୃତ୍ୱ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ପଦ୍ମିନୀ ଅଡିଟୋରିୟମଠାରେ ଆୟୋଜିତ କୁଶଳୀ ଜନ୍ମ ପରିଚାଳିକା ଶୀର୍ଷକ କର୍ମଶାଳାକୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରିଥିଲେ। ରାଜ୍ୟ ତଥା ଦେଶରେ ବୃଦ୍ଧି ପାଉଥିବା ଶିଶୁ ଓ ମାତୃ ମୃତ୍ୟୁହାରର ପରିସଂଖ୍ୟାନ ଚିତ୍ର ପ୍ରଦାନ କରି ଉପଯୁକ୍ତ ଶିକ୍ଷା ଓ ସଚେତନତା ଦ୍ୱାରା ହିଁ ଏହାକୁ ରୋକାଯାଇପାରିବ ଏବଂ ଏକ୍ଷେତ୍ରରେ ନର୍ସିଂ ଛାତ୍ରଛାତ୍ରୀଙ୍କ ପ୍ରମୁଖ ଭୂମିକା ରହିଥିବା ଡ. ରଥ କହିଥିଲେ। ସମ୍ମାନିତ ବକ୍ତା ପଦ୍ମିନୀ କେୟାର ହସ୍‌ପିଟାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ସହକାରୀ ପ୍ରଫେସର ଡା. ସଞ୍ଜୟ କୁମାର ସ୍ୱାଇଁ ମାତୃ ଓ ମୃତ୍ୟୁହାର ବୃଦ୍ଧିର ବିଭିନ୍ନ କାରଣ ସମ୍ପର୍କରେ ଉଲ୍ଲେଖ କରି ସୁସ୍ଥ ମା' ଓ ସୁସ୍ଥ ଶିଶୁ ପାଇଁ ସଚେତନତା ଓ ଉପଯୁକ୍ତ ସମୟରେ ଡାକ୍ତରୀ ପରାମର୍ଶ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ବିଶିଷ୍ଟ ଅତିଥି କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା (ସମନ୍ୱୟ) ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ପ୍ରାଧାପକ ଲୋକନାଥ ବେହେରା ପ୍ରମୁଖ ନିରାପଦ ଓ ସୁରକ୍ଷିତ ମାତୃତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶିକ୍ଷାନୁଷ୍ଠାନର ଡିନ୍ ଏନ୍. ପ୍ରେମଲତା ଦେବୀ ସ୍ୱାଗତ ଭାଷଣ ଓ ବିଏସ୍‌ସି (ନର୍ସିଂ) ୭ମ ସେମିଷ୍ଟର ଛାତ୍ରୀ ସଞ୍ଜନା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଛାତ୍ରୀ ମୋନାଲିସା ପରିଡ଼ା ଓ ଅଙ୍କିତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ଅଧକ୍ଷ ଡ. ରଥ ଅତିଥି ବକ୍ତାଙ୍କୁ ଅଙ୍ଗବସ୍ତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଓଡ଼ିଆ ପକ୍ଷ ପାଳନ: ଆମ ଭାଷା ଆମ ଗୌରବ

ତିଗିରିଆ,୧୧।୪(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତି ପିପି ଦେବ ମହାବିଦ୍ୟାଳୟରେ ଶୁକ୍ରବାର ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଆମ ଗୌରବ ବୋଲି ମତ ପ୍ରକାଶ ପାଇଛି।କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ବେହେରା ଅଧକ୍ଷତା କରିଥିଲେ। ଓଡିଶା ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଗଳ୍ପ, କବିତା, ପ୍ରବନ୍ଧ ଲିଖନ ଓ ପଠନ ପ୍ରତିଯୋଗିତାରେ ସ୍ନାତକ ବିଭାଗର ଛାତ୍ରୀଛାତ୍ର ଅଂଶଗହଣ କରିଥିଲେ। ମହାବିଦ୍ୟାଳୟ ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ପ୍ରଧାପକ ସୁଧୀର ଚନ୍ଦ୍ର ନାଥ,ଅଧାପକ ପତିତପାବନ ପଣ୍ଡା, ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ରାମଚନ୍ଦ୍ର ବେହେରା ଓ ପୁଷ୍ପାଞ୍ଜଳି ବାରିକ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

# ଜିଲାସ୍ତରୀୟ ଯୁବ ଲେଖକ ସମ୍ମିଳନୀ

କଟକ,୧୧।୪(କାର୍ତ୍ତିକ ସାହୁ)

ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଆ ପକ୍ଷ ପାଳନର ୧୧ତମ ଦିବସରେ ଶୁକ୍ରବାର ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ବିଚିତ୍ରା ପାଣି, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲା ସଂଯୋଜକ ଡ. ଅନିରୁଦ୍ଧ ଖିଲାର, ସରକାରଙ୍କ ମନୋନୀତ ସଦସ୍ୟ ଡ. ଚିନ୍ମୟୀ ମହାପାତ୍ର, ଡ. ପ୍ରଫୁଲ୍ଲ ସାହୁ ଓ ରାଜୀବ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର, ଅଧାପିକା, ଅଧାପକଙ୍କ ସମେତ ଯୁବ କବି, ଗାଳ୍ପିକମାନଙ୍କର ସମାଗମ ହୋଇଥିଲା। ବିଭିନ୍ନ ମହାବିଦ୍ୟାଳୟରୁ ମନୋନୀତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂଯୋଜିକା ଡ. ସଞ୍ଜିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଗଳ୍ପ, ପ୍ରବନ୍ଧ, କବିତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନିମନ୍ତ୍ରିତ ଅତିଥି ଭାବେ ଗାଳ୍ପିକ ତରୁଣ କୁମାର ସାହୁ ଓ ଗୀତିକାର ମୋହିତ ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ। ଡ. ବିକାଶ ଦାସ, ଡ. ଚିତ୍ତରଞ୍ଜନ ପଣ୍ଡା, ସୁଶ୍ରୀ ସୁଜ୍ଞାନୀ, ଡ. ନରେନ୍ଦ୍ର ଦାସ, ସ୍ୱର୍ଣ୍ଣ ବଳ, ଡ. ମମତାରାଣୀ ସାହୁ, ଡ. ପ୍ରୀତି ରାୟ, ଡ. ଆକସ୍ମିକା ପଣ୍ଡା, ସରେଶ କୁମାର ନାୟକ, ସରସ୍ୱତୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଓଡ଼ିଆ ପକ୍ଷର ଦ୍ୱାଦଶ ଦିବସରେ ଶନିବାର ଏଠାରେ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ସାହିତ୍ୟିକମାନେ ଯୋଗଦେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।



ଜିଲାସ୍ତରୀୟ ଯୁବ ଲେଖକ ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

## ଖୁସି ଆଣିଲା ଆୟୁଷ୍ମାନ କାର୍ଡ



### ଏହି ଯୋଜନା ପୂର୍ବରୁ ଲାଗୁ ହେବା ଆବଶ୍ୟକ ଥିଲା

"ମୋ ପରିବାରର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି କାର୍ଡ ବହୁତ ସହାୟକ ହେବ। ଏଭଳି ଯୋଜନା ପୂର୍ବରୁ ଓଡ଼ିଶାରେ ଲାଗୁ ହେବାର ଆବଶ୍ୟକତା ଥିଲା। କଟକ ବାଲିଯାତ୍ରା ତଳପଡ଼ିଆରେ ଏଭଳି କାର୍ଯ୍ୟକ୍ରମ ଓଡ଼ିଶାର ଗୌରବ ବଢ଼ାଇଛି।

ମାମିନା ନାୟକ, କଟକ ବାସିନ୍ଦା



### ଚିକିତ୍ସାରେ ସହାୟକ ହେବ

"ପୂର୍ବରୁ ବିଏସ୍‌କେୱାଇ କାର୍ଡ କରିଛୁ କିନ୍ତୁ ପ୍ରାୟତଃ ସେଥିରେ ଅସୁବିଧା ଦେଖିବାକୁ ମିଳୁଛି। କିନ୍ତୁ ଆୟୁଷ୍ମାନ କାର୍ଡ ଦ୍ୱାରା ସବୁ ସ୍ୱାସ୍ଥ୍ୟ ସୁବିଧା ମିଳିବ ବୋଲି ଆଶା ରହିଛି।

ବାବାଜୀ ସିଂ, ହିତାଧିକାରୀ

# ରାଜ୍ୟ ସଭା ସଦସ୍ୟଙ୍କ ଅମୃତାଳୟ ପରିଦର୍ଶନ



ରାଜ୍ୟ ସଭା ସଦସ୍ୟ ମମତା ମହନ୍ତ ଅମୃତାଳୟରେ ଅନ୍ତେବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଚୌଦ୍ୱାର,୧୧।୪(ଆଶୁତୋଷ ଦାସ)

ରାଜ୍ୟ ସଭା ସଦସ୍ୟ ମମତା ମହନ୍ତ ଶୁକ୍ରବାର ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁରସ୍ଥିତ ଅମୃତାଳୟ ଜରାନିବାସ ପରିଦର୍ଶନ କରିଛନ୍ତି। ଜରାନିବାସରେ ଥିବା ଅନ୍ତେବାସୀଙ୍କ ସହିତ ଦୀର୍ଘ ସମୟ ଧରି ଭାବର ଆଦାନ ପ୍ରଦାନ କରିବା ସହ ସେମାନଙ୍କ ଦୁଃଖସୁଖରେ ସାମିଲ ହୋଇଥିଲେ। ପରିବାରର ସ୍ନେହ ଶ୍ରଦ୍ଧା ଏବଂ ଭଲପାଇବା ଏହି ଅମୃତାଳୟରୁ ମିଳୁଥିବାରୁ ଅନ୍ତେବାସୀ ବେଶ୍ ଖୁସିରେ ଥିବା ମତବ୍ୟକ୍ତ କରିଥିଲେ। ବର୍ତ୍ତମାନର ସାମାଜିକ ଓ ପାରିବାରିକ ସ୍ଥିତି ଅନୁଯାୟୀ ଜରାଶ୍ରମର ଆବଶ୍ୟକତା ଅଧିକ ରହିଛି ବୋଲି ରାଜ୍ୟ ସଭା ସଦସ୍ୟ ମହନ୍ତ ପ୍ରକାଶ କରିଥିଲେ। ଏହି ଅବସରରେ ସେ ସମସ୍ତଙ୍କୁ ମିଠା ଓ ନୂତନ କପଡ଼ା ବାଣ୍ଟିଥିଲେ। ଅନୁଷ୍ଠାନର ଅଧକ୍ଷ ଡ. ଲକ୍ଷ୍ମୀ ନାରାୟଣ ପଣ୍ଡା ଓ ଡ. ଅବନ୍ତିକା କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ଅନୁଷ୍ଠାନରେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏଠାରେ ରହୁଥିବା ଅନ୍ତେବାସୀ ତ୍ରିଲୋଚନ ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଏହି ପରିଦର୍ଶନ ସମୟରେ ସ୍ୱୟଂ ନାରାୟଣ ପଣ୍ଡା, ତପନ କୁମାର ବରାଳ, ଗେଲୀ ଦେହୁରୀ, ବିଜୟଲକ୍ଷ୍ମୀ ମୁନୀ ପ୍ରମୁଖ ସହଯୋଗ କରିଥିଲେ। ଡ. ସ୍ୱାତୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ସାହିତ୍ୟର ସଂରକ୍ଷଣ ଗୁରୁତ୍ୱପୂର୍ଣ୍ଣ: ପଦ୍ମଶ୍ରୀ ମୋହନ ସିଂହ

କଟକ,୧୧।୪(କାର୍ତ୍ତିକ ସାହୁ)



ସମାରୋହରେ ପ୍ରଫେସର ଦାଶରଥି ଦାସଙ୍କୁ ପ୍ରଥମ ଜଷ୍ଟିସ୍ ଦୀପକ ମିଶ୍ର ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି।

### ପ୍ରଫେସର ଦାଶରଥି ଦାସଙ୍କୁ ଜଷ୍ଟିସ୍ ଦୀପକ ମିଶ୍ର ସାହିତ୍ୟ ସମ୍ମାନ

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଜଷ୍ଟିସ୍ ଦୀପକ ମିଶ୍ର ସାହିତ୍ୟ ସମ୍ମାନ ପ୍ରଦାନ ସମାରୋହ ଶତାବ୍ଦୀ ଭବନଠାରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ସାହିତ୍ୟ ସମାଲୋଚକ ପ୍ରଫେସର ଦାଶରଥି ଦାସଙ୍କୁ ପ୍ରଥମ ଜଷ୍ଟିସ୍ ଦୀପକ ମିଶ୍ର ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଛି। ସମ୍ମାନ ସ୍ୱରୂପ ତାଙ୍କୁ ୧ ଲକ୍ଷ ଟଙ୍କା ଅର୍ଥରାଶି, ସ୍ମାରକ ପତ୍ର ସହ ଉତ୍କଳ ସାହିତ୍ୟ ସମାଜର ପ୍ରତୀକ-ଚିହ୍ନ ପ୍ରଦାନ କରାଯାଇଛି।ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ତଥା ସାରସ୍ୱତ ସ୍ରଷ୍ଟା ଜଷ୍ଟିସ୍ ଦୀପକ ମିଶ୍ର ଉତ୍ସବକୁ ଉଦ୍‌ଘାଟନ କରି ସାହିତ୍ୟରେ ମହାଭାରତୀୟ ଚେତନା ଏବଂ ବିଶ୍ୱ ସ୍ରଷ୍ଟାମାନଙ୍କ କବିଦୃଷ୍ଟି ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ସଂଗମ କୁମାର ସାହୁ ଯୋଗଦେଇ ସାହିତ୍ୟ ଓ ଜୀବନ ସଂପର୍କ ବିଷୟରେ ଆଲୋକପାତ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଓଡ଼ିଆ ଭାଷା-ସାହିତ୍ୟର ବିକାଶରେ ଉତ୍କଳ ସାହିତ୍ୟ ସମାଜର ଭୂମିକା ଓ ଜଷ୍ଟିସ୍ ଦୀପକ ମିଶ୍ରଙ୍କ ସଫଳ ଜୀବନ ବିଷୟରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଜମ୍ମୁର ବିଶିଷ୍ଟ ଡୋଗ୍ରୀ ନାଟ୍ୟକାର, କବି ଓ ଅନୁବାଦକ ପଦ୍ମଶ୍ରୀ ମୋହନ ସିଂହ ଯୋଗଦେଇ ସାହିତ୍ୟର ପରିବ୍ୟାପ୍ତ ଭୂମିକା ଓ ସମାଜ-ଜୀବନ ପାଇଁ ଏହାର ଆବଶ୍ୟକତା ସହ ସାହିତ୍ୟକୁ ସଂରକ୍ଷଣ କରିବା ଦିଗରେ ଉତ୍କଳ ସାହିତ୍ୟ ସମାଜର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଡ. ବିଜୟାନନ୍ଦ ସିଂହ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଓ ପ୍ରଦାନ କରାଯାଉଥିବା ସମ୍ମାନର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଅଧକ୍ଷତା କରିଥିଲେ। ଉପସଭାପତି ଜୀବନାନନ୍ଦ ଅଧିକାରୀ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଉତ୍ସବ ସମ୍ପର୍କରେ ସୂଚନା, ସଂଗଠନ ସମ୍ପାଦକ ଡ. ସୁନାମଣି ରାଉତ ମାନପତ୍ର ପାଠ କରିଥିଲେ। ଉପସଭାପତି ମନୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଫଟୋରେ ଖବର



କଟକ ବାଲିଯାତ୍ରା ତଳପଡ଼ିଆରେ ଶୁକ୍ରବାର ଆୟୋଜିତ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ଅବସରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ପେଟ୍ରୋଲ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି ନେଇ ସିପିଆଇ(ଏମ୍) ପକ୍ଷରୁ ଶୁକ୍ରବାର କଟକ କଲେଜ ଛକଠାରେ ପ୍ରତିବାଦ ସଭା କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ଜିଲାରେ ଉପକୃତ ହେବେ ୨୫ଲକ୍ଷ ହିତାଧିକାରୀ

ଖୋର୍ଦ୍ଧା,୧୧।୪(ପ୍ରଭାତ ପାଣିଗ୍ରାହୀ)

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ) ଅନ୍ତର୍ଗତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା(ଡିଜେଏୱାଇ) ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା(ଏଭିଭିୱାଇ) ଜିଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସନ୍ନିକଟ ମୁକୁନ୍ଦପ୍ରସାଦ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସମବାୟ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ଯୋଜନାର ଶୁଭାରମ୍ଭ କରିବା ସହ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଥିଲେ, ଓଡ଼ିଶା ପାଇଁ ଆଜି ଏକ ଐତିହାସିକ ଦିନ। ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଓଡ଼ିଶାରେ ସ୍ୱାସ୍ଥ୍ୟସେବାରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଆଣିବ। ଏହି ଯୋଜନାରେ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ ଏବିପିଏମ୍‌ଜେଏୱାଇ ଏବଂ ଡିଜେଏୱାଇ କାର୍ଡ। ପରିବାର ପିଛା ବାର୍ଷିକ ୫ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମିଳିବ। ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ବର୍ଷ କିମ୍ବା ୭୦ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମିଳିବ ପରିବାର ପିଛା ବାର୍ଷିକ ୫ଲକ୍ଷ ଟଙ୍କା ଏବଂ ବରିଷ୍ଠ ମହିଳାଙ୍କ ପାଇଁ ପରିବାର ପିଛା ଅତିରିକ୍ତ ୫ଲକ୍ଷ ଟଙ୍କାର ଚିକିତ୍ସା ସହାୟତା। ଦେଶର ୨୯ହଜାରରୁ ଊର୍ଦ୍ଧ୍ୱ ସରକାରୀ ଓ ପଞ୍ଜୀକୃତ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ଉପଲବ୍ଧ ହେବ। ସେହିପରି ସମ୍ମାନିତ ଅତିଥି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଥିଲେ, ଏହି ଯୋଜନାରେ ଖୋର୍ଦ୍ଧା ଜିଲାର ୨୫ ଲକ୍ଷ ଲୋକ ଉପକୃତ ହେବେ। ଏହି ଯୋଜନାର ସଫଳ ରୂପାୟନ ପାଇଁ ଡାକ୍ତରଙ୍କଠାରୁ ଆରମ୍ଭ କରି ଆଶାକର୍ମୀ ପର୍ଯ୍ୟନ୍ତ ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଜିଲାପାଳ ଚଞ୍ଚଳ ରାଣା ସ୍ୱାଗତ ଭାଷଣରେ ଏହି ଯୋଜନାର ରୂପରେଖ ସମ୍ପର୍କରେ କହିଥିଲେ। ଏହି ଯୋଜନାରେ ହିତାଧିକାରୀମାନେ କିପରି ଇ-କେୱାଇସି, ରାଶନକାର୍ଡ, ପୂର୍ବରୁ କୌଣସି ସ୍ୱାସ୍ଥ୍ୟ କାର୍ଡ ଥିଲେ ଯୋଜନାରେ ନିଜର ନାମ ପଞ୍ଜୀକରଣ କରିପାରିବେ ବୋଲି କହିଥିଲେ। ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଖୋର୍ଦ୍ଧା ପୌରପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମୁକୁନ୍ଦପ୍ରସାଦ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡର ହିତାଧିକାରୀ ଉତ୍ସବ ସାହୁ, ସନାତନ ବାରିକ, ଶତ୍ରୁଘ୍ନ ପ୍ରଧାନ, ସୌମ୍ୟା ସୁଲଗ୍ନା ଡୁଙ୍ଗଲ, ସୁମିତ୍ରା ବେହେରା, ସନ୍ତୋଷ କୁମାର ଡାକୁଆ, ସବିତା ଦାସ, ରାଜ କିଶୋର ନାୟକ, ଶଙ୍କର ପାତ୍ର ଓ ସୌବ ଅଲ୍ଲୀ ଖାନଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ଏହି ଅବସରରେ ୫ଟି ସଚେତନତା ରଥକୁ ଅତିଥିମାନେ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଶେଷରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରାଜଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ବିଡିଓ କ୍ଷୀରାବ୍ଧି ତନୟା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ଏବଂ ପୌର ପରିଷଦ ଅଧିକାରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ ସେବିକା, ଅଙ୍ଗନୱାଡି ସୁପରଭାଇଜର, ଯୋଜନାରେ ନିଯୁକ୍ତ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।



ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ହିତାଧିକାରୀ ଏବଂ ଅନ୍ୟମାନେ।

**ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ**

## ସଂକ୍ଷେପରେ

### ଅଗ୍ନିକାଣ୍ଡ: ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜଳିଗଲା



**କୃଷ୍ଣପ୍ରସାଦ,୧୧।୪(କୈଳାସ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡା ଅଧୀନ ଜହ୍ନିକୁଦା ଘାଟ ପେଣ୍ଠଠାରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୭ଜଣ ବ୍ୟବସାୟୀଙ୍କ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ପ୍ରକାଶ ପଲେଇ, ଦିଜବର ପଲେଇ, ସୀମାଞ୍ଚଳ ପଲେଇ, ବ୍ରଜ ବାରିକ, ସାଗର ପଲେଇ, ଜଗନ୍ନାଥ ସାହୁ ଏବଂ ମଣ୍ଟୁ ସାହୁଙ୍କ ସାମଗ୍ରୀ ପୋଡ଼ିଯାଇଛି। ମାଲୁଦରୁ ଅଗ୍ନିଶମ ବିଭାଗ ଗାଡି ପହଞ୍ଚିବା ବେଳକୁ ସବୁ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିଲା। ବିଶେଷକରି ଅଗ୍ନିକାଣ୍ଡରେ ପ୍ରକାଶ ପଲେଇଙ୍କ ୧୦ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି। ଖବରପାଇ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଡିଓ ଅମିୟ କୁମାର ପଣ୍ଡା, କୃଷ୍ଣପ୍ରସାଦ ଥାନା ଆଇଆଇସି ଭାବଗ୍ରାହୀ ରାଉତଙ୍କ ସମେତ ରାଜସ୍ୱ ବିଭାଗ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଥିବା ଜଣାପଡିଛି। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ଘରେ ପଶି ମହିଳାଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଝାଁଙ୍କା,୧୧।୪(ବୁଲା ବାରିକ):** ଗଙ୍ଗପଡ଼ା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ମହିଳାଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଇନ୍‌ଫୋଭ୍ୟାଲି ଥାନା ଗଙ୍ଗପଡ଼ା ଗ୍ରାମର ସିଲୁ ପାଣ୍ଡିଆ ଓରଫ କାଳିଆ। ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନରେ ଅଭିଯୋଗକାରୀ ଗଙ୍ଗପଡ଼ା ଗ୍ରାମର ବିଶ୍ୱଭୂଷଣ ହରିଚନ୍ଦନ ଏବଂ ଭାଇ ପ୍ରସାଦନନ୍ଦ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯିବାକୁ ବାହାରୁଥିଲେ। ଏହି ସମୟରେ ଅଭିଯୁକ୍ତ ସିଲୁ ଜୋର୍‌ଜବରଦସ୍ତ ହରିଚନ୍ଦନଙ୍କ ଘରେ ପଶିଥିଲେ। ଦୁଇ ଭାଇ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଘର ଭିତରେ ଥିବା ହରିଚନ୍ଦନଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିବା ସହ ଦୁର୍ବ୍ୟବହାର କରିଥିଲେ। ଆକ୍ରମଣରେ ହରିଚନ୍ଦନଙ୍କ ସ୍ତ୍ରୀ ଆହତ ହୋଇଛନ୍ତି। ଏନେଇ ବିଶ୍ୱଭୂଷଣ ଇନ୍‌ଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ୍ ଅଭିଯୁକ୍ତ ସିଲୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## କୋର୍ଟଙ୍କ ନିର୍ଦ୍ଦେଶ ପରେ ଉଚ୍ଛେଦହେଲା ଜବରଦଖଲ

ଜଟଣୀ, ୧୧।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଛରା ଗ୍ରାମସ୍ଥିତ ରାସ୍ତାପାର୍ଶ୍ୱ ସରକାରୀ ଜମିରେ ଗଢ଼ିଉଠିଥିବା ବେଆଇନ ନିର୍ମାଣ ଉଚ୍ଛେଦ ପାଇଁ ଜଣେ ବ୍ୟକ୍ତି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ କୋର୍ଟଙ୍କ ନିର୍ଦ୍ଦେଶ ପରେ ଶୁକ୍ରବାର ଉକ୍ତ ସ୍ଥାନରୁ ଜଟଣୀ ପୌର ପରିଷଦ ଏବଂ ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଜଟଣୀ ପୌର ପରିଷଦ ଦାୟିତ୍ୱରେ ଥିବା ବିଡିଓ ରଶ୍ମିତା ନାଥ ଏବଂ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କ ଉପସ୍ଥିତିରେ ଏହି ଜବରଦଖଲ ଉଚ୍ଛେଦ କରାଯାଇଛି। ତେବେ ଉଚ୍ଛେଦକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ଉଚ୍ଛେଦ ବନ୍ଦ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରିଥିଲେ। ତେବେ କୋର୍ଟଙ୍କ ନିର୍ଦ୍ଦେଶ ରହିଥିବାରୁ ଉପସ୍ଥିତ ଅଧିକାରୀ ମନା କରିଦେଇଥିଲେ। ଏହି ଉଚ୍ଛେଦ କାର୍ଯ୍ୟକ୍ରମରେ ଜଟଣୀ ତହସିଲ ଏବଂ ପୌର କର୍ମଚାରୀଙ୍କ ସହିତ ପୋଲିସ କର୍ମଚାରୀ ସହଯୋଗ କରିଥିଲେ।



ଜେସିବି ଦ୍ୱାରା ଜବରଦଖଲ ଉଚ୍ଛେଦ କରାଯାଉଛି।

## ପରଦା ତାଲିମ୍‌କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

କଳାପଥର,୧୧।୪(ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ପରଦା ପାଇଁ ଜିଆଇ ଟ୍ୟାଗ୍ ମାନ୍ୟତାପ୍ରାପ୍ତ ପରଦା କେନ୍ଦ୍ରକୁ ପରିଦର୍ଶନ କଲେ ଜିଲାପାଳ ଚଞ୍ଚଳ ରାଣା। ଧଳାପଥରର ପରଦା ଶିଳ୍ପ ବୁଡ଼ିଯାଉଥିଲାବେଳେ ପୁନରୁଦ୍ଧାର ପାଇଁ ଜିଲାପାଳ ଧଳାପଥର ପରଦା ନାବାର୍ଡରୁ ସହାୟତା ପାଇଥିବା ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ପକ୍ଷରୁ ଦିଆଯାଉଥିବା ଟ୍ରେନିଂ ପରିସରକୁ ପରିଦର୍ଶନ କରିଥିଲେ। କିପରି ପରଦା ଶିଳ୍ପର ଉତ୍ପାଦନ ବଢ଼ିବ, ବାହାର ଦେଶରେ ଉତ୍ପାଦିତ ଜିନିଷ ବିକ୍ରି ହୋଇପାରିବ, କଞ୍ଚାମାଲ ସୁବିଧା ଦରରେ ଆମଦାନୀ ହୋଇପାରିବ ସେ ବିଷୟରେ ବୁଣାକାରଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ସହ ନାବାର୍ଡ ଡିଜିଏମ ତୃପ୍ତି ତାପସୀ, ଶାସନ ସଚିବ ଚିତ୍ରା ଅରୁମୁଗମ, ନିଗମ ଆବାହକ ସରୋଜ ସାମଲ, ସରପଞ୍ଚ ନାରାୟଣ ସାହୁ, ପରଦା ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ଅଧିକାରୀ ଜନାର୍ଦ୍ଦନ ବେହେରା, ନିର୍ଦ୍ଦେଶକ ରମେଶ ଚନ୍ଦ୍ର ସାହୁ, ଲିଙ୍ଗରାଜ ବେହେରା, ଦେବରାଜ ସାହୁ, ବାସନ୍ତୀ ମୁଦୁଲି, ମୁକୁନ୍ଦ ବେହେରା, ରମେଶ ରାଉତ ଓ ଭାବଗ୍ରାହୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ

ବାଣପୁର,୧୧।୪(ଦିଲୀପ କୁମାର ସ୍ୱାଇଁ)

ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ ଗୁରୁବାର ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ବାଣପୁରସ୍ଥିତ ସାହିତ୍ୟ ସିନ୍ଧୁରା ଓ ମା'ଭଗବତୀ କଳା ନିକେତନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସିନ୍ଧୁରାର ପ୍ରତିଷ୍ଠାତା ସମ୍ପାଦକ ଗୋଲକ ବିହାରୀ ପରିଡ଼ାଙ୍କ ପ୍ରାରମ୍ଭିକ ସୂଚନା ପରେ ଗବେଷକ ମଦନମୋହନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଗୋକୁଳାନନ୍ଦ ଦାସ, ମୁଖ୍ୟ ବକ୍ତା ଭିକାରୀ ଚରଣ ପ୍ରଧାନ ଯୋଗଦେଇଥିଲେ। ପ୍ରାରମ୍ଭରେ ମା'ଭଗବତୀ କଳା ନିକେତନର ସମ୍ପାଦିକା ବିଷ୍ଣୁ ପ୍ରିୟା ବାରିକ ଏବଂ ସାଥୀ ସଙ୍ଗୀତ ପରିବେଷଣ କରିଥିଲେ। କବି ଦିଗମ୍ବର ବିଶ୍ୱାଳ ଓ ସୁଶାନ୍ତ ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବିଶିଷ୍ଟ ପାଲା ଗାୟକ ଦକ୍ଷିଣ କେଶରୀ ରାମଚନ୍ଦ୍ର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦାସକାଠିଆ ଗାୟକ ପ୍ରମୋଦ ମହାପାତ୍ର ଏବଂ ସାଥୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଲକ୍ଷ୍ମୀ ଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଦେଶୀ ମଦ ସହ ବାଇକ୍ ଜବତ, ୩ ଗିରଫ

**ବେଗୁନିଆ,୧୧।୪(ସନ୍ଧ୍ୟାରାଣୀ ମିଶ୍ର):** ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା କର୍ମଚାରୀ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ତିନି ଜଣଙ୍କୁ ଗିରଫ କରଛନ୍ତି। ସେମାନେ ହେଲେ ଗଡ଼ତରା ଗ୍ରାମର ମନୋରଞ୍ଜନ ପରିଡ଼ା, ବଡ଼ପଦର ଗ୍ରାମର ତ୍ରିନାଥ ସାହୁ ଓ ଖାରଡ଼ପଲି ଗ୍ରାମର ସହଦେବ ପ୍ରଧାନ। ଏମାନଙ୍କ ନିକଟରୁ ଦୁଇଟି ବାଇକ୍ ଏବଂ ୯୦ ଲିଟର ଦେଶୀ ମଦ ଜବତ ହୋଇଛି।

**ମହାପାଟଦେଇ କାଳିକା ଦେବୀ ମହୋତ୍ସବର ତୃତୀୟ ସନ୍ଧ୍ୟା**

## ମନମୋହିଲା ସମ୍ବଲପୁରୀ ନୃତ୍ୟ

ବେଗୁନିଆ,୧୧।୪(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦରମହକୁମା ସ୍ଥିତ ମା' ଦୁର୍ଗାଦେବୀଙ୍କ ଯାତ୍ରା ପଡିଆରେ ଅନୁଷ୍ଠିତ ମହାପାଟଦେଇ କାଳିକା ଦେବୀ ମହୋତ୍ସବର ଶୁକ୍ରବାର ଥିଲା ତୃତୀୟ ଦିବସ। ଏହି ଯାତ୍ରା ପଡିଆ ଓଁ ନମଃ ଶିବାୟ ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ଆୟୋଜକ କମିଟି ପକ୍ଷରୁ ପୂର୍ବାହ୍ନରେ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ବିଶ୍ୱଶାନ୍ତି ନିମନ୍ତେ ଯଜ୍ଞସ୍ଥଳୀରେ ପୁରୋହିତଙ୍କ ବିଧି ମୁତାବକ ମନ୍ତ୍ର ଉଚ୍ଚାରଣରେ ବୈଦିକ ମହାଯଜ୍ଞ ଏବଂ ସୂର୍ଯ୍ୟଙ୍କ ପୂଜା, ଗୋପୂଜା, ଶାଳା ମଣ୍ଡନ, ଅଗ୍ନି ସ୍ଥାପନା ଏବଂ ଚଣ୍ଡୀ ଆହୁତି ପ୍ରଦାନ ଆଦି ସମ୍ପନ୍ନ ହୋଇଥିଲା। ଠାକୁରଙ୍କ ବିଭିନ୍ନ ନାମରେ ନାମିତ ୧୦୮ ଲିଙ୍ଗ ପ୍ରଦର୍ଶିତ ଦେଖି ଶ୍ରଦ୍ଧାଳୁଙ୍କ ମନରେ ଆଧ୍ୟାତ୍ମିକ ଭାବଧାରା ଉଦ୍‌ବୁଦ୍ଧ ହୋଇଥିଲା। ପରେ ସନ୍ଧ୍ୟାରେ ମହୋତ୍ସବର ମଞ୍ଚ ଉପରେ ପରମ୍ପରା ଭିତ୍ତିକ ନୃତ୍ୟ ସଙ୍ଗୀତର ତାଳେତାଳେ ଦର୍ଶକ ବିଭୋର ହୋଇଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ଉପରେ ସଂଯୋଜନା କରିଥିଲେ। ଏଥିରେ କଳାକାର ପ୍ରଫୁଲ୍ଲ କୁମାର ଏବଂ ପିଏମ୍ ଭାଗବତ ଶ୍ରୀଜଗନ୍ନାଥଙ୍କ ଭଜନ ଏବଂ ଜଣାଣ ପରିବେଷଣ କରିଥିଲେ। ମଞ୍ଚରେ ସ୍ଥାନୀୟ ଶ୍ରୀଜଗନ୍ନାଥ ସଙ୍ଗୀତାୟନ, ଶିଶୁ ମନ୍ଦିର, ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ବଲପୁରୀ ନୃତ୍ୟ ସଭିଙ୍କ ମନମୋହିଥିଲା। ମହାପାଟଦେଇ କାଳିକା ଦେବୀ ମହୋତ୍ସବ କମିଟି ଏବଂ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।



## ବିଭିନ୍ନ ସ୍ଥାନରେ ଆୟୁଷ୍ମାନ କାର୍ଡ ବଣ୍ଟନ ଶୁଭାରମ୍ଭ



ବୋଲଗଡ଼: ଅତିଥିଙ୍କ ଗହଣରେ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ପାଇଥିବା ହିତାଧିକାରୀମାନେ।

ଟାଙ୍ଗୀ/ନିରାକାରପୁର,୧୧।୪ (ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶାରେ ଶୁକ୍ରବାରଠାରୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ୭ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦ଟି ଲେଖାଏ ପ୍ରତୀକାତ୍ମକ(ଡମି) କାର୍ଡ ବଣ୍ଟନ କରାଯାଇଥିଲା। ନିରାକରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ରାମେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଓଳସିଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବଡପୋଖରିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଭୁଷଣ୍ଡପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବାଲିପାଟପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କୁହୁଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ୧୦ ଜଣ ଲେଖାଏ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ବିଡିଓ ରୁମାନା ଜାଫ୍ରି, ମେଡିକାଲ ସୁପରଣ୍ଟେଣ୍ଡେଣ୍ଟ ଡା. ସତ୍ୟ ରଞ୍ଜନ ନନ୍ଦ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ତପନ କୁମାର ମଣ୍ଟୁ, ପବ୍ଲିକ ହେଲଥ ଅଫିସର ଝୁମା ରାଣୀ ଚକ୍ରବର୍ତ୍ତୀଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ସେହିପରି ଚିଲିକା ବ୍ଲକ ଅନ୍ତର୍ଗତ ଜରିପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏହି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ଚିଲିକା ବିଡିଓ ପୂର୍ଣ୍ଣିମା ମହାପାତ୍ର, ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ବେହେରା, ଡା. ମଧୁସ୍ମିତା ଭୂୟାଁ, ସୁପରଭାଇଜର ଦଣ୍ଡପାଣି ଘଡ଼େଇ, ସରପଞ୍ଚ ଦୀପୁନା କୁମାରୀ ସାହୁ, ଜ୍ୟୋସ୍ନା ରାଣୀ ଜେନା, ସମିତି ସଭ୍ୟା ସବିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

**ବୋଲଗଡ଼,୧୧।୪(ଦେବବ୍ରତ ହୋତା) :** ପିଚୁକୁଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ନିକଟବର୍ତ୍ତୀ କେତେକ ପଞ୍ଚାୟତର ହିତାଧିକାରୀଙ୍କୁ ପ୍ରତୀକାତ୍ମକ(ଡମି) ଆୟୁଷ୍ମାନ କାର୍ଡ ପ୍ରଦାନ କରିଥିଲେ। ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ବିଜେଡି ଖୋର୍ଦ୍ଧା ଜିଲା ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ସମବାୟ ନିର୍ଦ୍ଦେଶକ ପବିତ୍ର ମୋହନ ମାଝି, ସରପଞ୍ଚ ବିଜୟ ସେଠୀ, ସମିତିସଭ୍ୟ ସଞ୍ଜୟ ଗୁମାନସିଂ, ପୂର୍ବତନ ସମିତିସଭ୍ୟ ପ୍ରମୋଦ ପ୍ରତାପସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକଙ୍କ ସଚେତନତା ପାଇଁ ସୁସ୍ଥ ଓଡ଼ିଶା ବିକଶିତ ଓଡ଼ିଶା ରଥକୁ ବିଧାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏବିଡିଓ ଡ. ରତିକାନ୍ତ ମିଶ୍ର ସଂଯୋଜନା କରିଥିଲେ। ସେହିପରି ମାଣିକାଗୋଡା, ମାଣିବନ୍ଧ, ଗୌଡନୂଆଗାଁ,ଦେଉଳି ଓ ତାଳତୁମ୍ବଠାରେ ଏହି ଯୋଜନାରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି।

**କୃଷ୍ଣପ୍ରସାଦ(କୈଳାସ ଚନ୍ଦ୍ର ପଟ୍ଟନାୟକ):** ରାଜ୍ୟରେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇଥିବା ବେଳେ କୃଷ୍ଣପ୍ରସାଦ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ମଧ୍ୟ ଏହାର ଶୁଭାରମ୍ଭ କରାଯାଇଛି। ସାତପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ସରପଞ୍ଚ ରଶ୍ମିତା ସାମନ୍ତରାୟଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିବା ବେଳେ ମୁଖ୍ୟ ଅତିଥିଭାବେ ବିଧାୟିକା ଉପାସନା ମହାପାତ୍ର, ବିଡିଓ ଅମିୟ କୁମାର ପଣ୍ଡା, ଡା.ସୌମ୍ୟ ରଞ୍ଜନ ସାମଲ, ଗମ୍ଭାରୀ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ସମିତିସଭ୍ୟା ଜାନକୀ ଜେନା, ସମିତିସଭ୍ୟ ସଂଗ୍ରାମ ଜାଲି, ଦେବେନ୍ଦ୍ର ପାଇକରାୟ, ନବ କିଶୋର ଜେନା ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ପିରିଜିପୁର ସରପଞ୍ଚ ଇଂ.ମଳୟ କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ। ସେହିପରି ତିତିପ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ଉତ୍ତମ କୁମାର ତରେଇ, ତୀର୍ଥ ତଥାଗତ ଆଇଚ, କମଳାକାନ୍ତ ବାସ୍କେ, ମହେନ୍ଦ୍ର ରଞ୍ଜନ ସାହୁ, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଜଟଣୀ: ଅତିଥିଙ୍କଠାରୁ ଜଣେ ହିତାଧିକାରୀ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ଗ୍ରହଣ କରୁଛନ୍ତି।

**ଜଟଣୀ (ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ଟାଉନ ହଲ(ସ୍ରଷ୍ଟା) ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ନଗରପାଳ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ, ମଣ୍ଡଳ ଉନ୍ନୟନ ଅଧିକାରୀ, ନୂତନଭାବେ ନିର୍ବାହୀ ଅଧିକାରୀ ଦାୟିତ୍ୱ ନେଇଥିବା ରଶ୍ମିତା ନାଥ, ମେଡିକାଲ ଅଫିସର କୃଷ୍ଣ ଚନ୍ଦ୍ର ଦାସ, ସତୀଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୨୩ଟି ୱାର୍ଡରୁ ଜଣେ ଲେଖାଏ ହିତାଧିକାରୀଙ୍କୁ ପ୍ରତୀକାତ୍ମକ କାର୍ଡ ବଣ୍ଟନ କରାଯାଇଥିବା ବେଳେ ଶେଷରେ ସଚେତନତା ରଥର ଶୁଭାରମ୍ଭ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା।

**ବେଗୁନିଆ,୧୧।୪(ସନ୍ଧ୍ୟାରାଣୀ ମିଶ୍ର):** ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୫ଟି ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ହୋଇଛି। ବେଗୁନିଆସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲ ପରିସରରେ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୁଷ୍ମାନ କାର୍ଡ ବଣ୍ଟନ ଓ ସଚେତନତା ରଥ ଶୁଭାରମ୍ଭ ହୋଇଥିଲା। ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ବକ୍ତା, ବିଡିଓ ଲକ୍ଷ୍ମୀଧର ସାହୁ, ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ.ଦେବାଶିଷ ଆଚାର୍ଯ୍ୟ, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନଙ୍କ ପ୍ରମୁଖ ଅତିଥିଭାବେ ଯୋଗଦେଇ କାର୍ଡ ବଣ୍ଟନ କରିବା ସହିତ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୋଡାଲ ଅଫିସର ଗୌତମ ସାମନ୍ତରାୟ ପରିଚାଳନା କରିଥିଲେ।

**ଝାଁଙ୍କା,୧୧।୪(ବୁଲା ବାରିକ):** ଜଟଣୀ ବ୍ଲକ ଝାଁଙ୍କା ପଞ୍ଚାୟତର ଡାକ୍ତରଖାନା ପ୍ରାଙ୍ଗଣରେ ଆୟୁଷ୍ମାନ କାର୍ଡ ବିତରଣ ଉତ୍ସବରେ ୨୧ଜଣଙ୍କୁ ପ୍ରତୀକାତ୍ମକ(ଡେମୋ)କାର୍ଡ ଦିଆଯାଇଛି। ଏହି ଉତ୍ସବରେ ଝାଁଙ୍କା, ମଦନପୁର, ଛତାବର, ଅଙ୍ଗାରପଡା, ଗଙ୍ଗପଡା, ପଦନପୁର, ଛଣଘର ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର, ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ। ଝାଁଙ୍କା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା ମଞ୍ଚ ପରିଚାଳନା କରିଥିଲେ।

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧାନଗଛ ଚେର ଅତ୍ୟନ୍ତ ସୁତର
ହିଡ଼ରେ ନ ଥାଏ ପାଣି
ଉତ୍ତମ ଲୋକଟି କପଟ ନ ଥାଏ
କଥା ପଦିକରୁ ଜାଣି ।**

ଧାନ ଚେରଟି ସଫାସୁତୁରା ଦେଖାଯାଏ। ସେମିତି ଉତ୍ତମ ଲୋକଟିର ହୃଦୟ ମଧ୍ୟ ନିର୍ମଳ ତଥା ନିଷ୍କପଟ ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ନୂଆ ନୂଆ ବେଳେ କେତେ ଆଦର
ପୁରୁଣା ହୋଇଲେ ଢୁଠ ପଥର ।**

ନୂଆ ନୂଆ ଦରବ ବା ଜିନିଷ ସଭିଙ୍କ ମନକୁ ଆକୃଷ୍ଟ କରିଥାଏ। ତା ପ୍ରତି ସମସ୍ତଙ୍କ ମନରେ ଆଦର ଭାବ ରହିଥାଏ। ତେବେ ଏହା ଯେତେବେଳେ ପୁରୁଣା ହୋଇଯାଏ ସେତେବେଳେ ତା'ଠାରୁ ମନ ଛାଡିଯାଇଥାଏ। ପୁରୁଣା ପ୍ରତି ଆଦର ହ୍ରାସ ହେବା ମଣିଷର ଏକ ସହଜାତ ପ୍ରବୃତ୍ତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୧୮ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

### ପାର୍ଟ ପ୍ଲଟରେ ବେଆଇନ ପଞ୍ଜୀକରଣ

ଭୁବନେଶ୍ୱର,୧୧।୪ (ରବିନାରାୟଣ ଜେନା)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ଙ୍କ ବିନା ଅନୁମୋଦନରେ ୧୦୦ରୁ ଅଧିକ କେତେ ପାର୍ଟ (ଆଂଶିକ) ପ୍ଲଟ ପଞ୍ଜୀକରଣ ହୋଇଛି ତା'ର ସଦ୍ୟତମ ରିପୋର୍ଟ ତ୍ୱରିତ୍ ଜଣାଇବାକୁ ସରକାରଙ୍କ ପକ୍ଷରୁ ରାଜ୍ୟ ଆରକ୍ଷୀ ନିରୀକ୍ଷକ(ପଞ୍ଜୀକରଣ) ବା ଆଇଜିଆର୍‌ଙ୍କୁ କୁହାଯାଇଛି। ଏସଂକ୍ରାନ୍ତରେ ରାଜସ୍ୱ ବିଭାଗ ପକ୍ଷରୁ ଯୁଗ୍ମସଚିବ ମଳୟ କୁମାର ନାୟକ ବୁଧବାର ଆଇଜିଆର୍‌ଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି ଯେ, ବିଡିଏରେ କେତେ ପାର୍ଟ ପ୍ଲଟ୍ ଉନ୍ନୟନ କର୍ତ୍ତୃପକ୍ଷଙ୍କ ବିନା ଅନୁମୋଦନରେ ୧୦୦ରୁ ଅଧିକ ପ୍ଲଟ୍ ପଞ୍ଜୀକରଣ ହୋଇଛି ତା'ର ତଥ୍ୟ ପ୍ରଦାନ କର। ଏହାସହିତ ମଳୟ ଆଉ ଏକ ପତ୍ରରେ ଦର୍ଶାଇଛନ୍ତି, ବିଡିଏ ଅଧୀନସ୍ଥ ବାଲିଅନ୍ତା, ବାଲିପାଟଣା, ଜଟଣୀ, ଖଣ୍ଡଗିରି, ଖୋର୍ଦ୍ଧା ଓ ଭୁବନେଶ୍ୱର ଉପନିବନ୍ଧକ କାର୍ଯ୍ୟାଳୟରେ ୨୦୨୨ରୁ ୨୦୨୪ ବର୍ଷ ମଧ୍ୟରେ ୨୨ହଜାର ୧୭୬ଟି ଆଂଶିକ ପ୍ଲଟ ପଞ୍ଜୀକରଣ ହୋଇଛି। ସେଥିମଧ୍ୟରୁ ୭୩୭୦ ପାର୍ଟପ୍ଲଟ୍ ଏହି ୬ଟି ଉପନିବନ୍ଧକ କାର୍ଯ୍ୟାଳୟ ବିନା ବିଡିଏ ଅନୁମୋଦନରେ ହୋଇଛି। ଏଥିମଧ୍ୟରେ ଶତାଧିକ ପାର୍ଟ ପ୍ଲଟ ପଞ୍ଜୀକରଣ ତାଲିକାରେ ବାଲିଅନ୍ତା ପଞ୍ଜୀକରଣ କାର୍ଯ୍ୟାଳୟରେ ଅଧିକାରୀ ଯୋଗୀନାଥ ଦାସ ୨୮୭ଟି ପାର୍ଟ ପ୍ଲଟ୍ ପଞ୍ଜୀକରଣ କରିଥିବାବେଳେ ସରୋଜ କୁମାର ପଣ୍ଡା ୧୧୦ଟି, ବାଲିପାଟଣା ପଞ୍ଜୀକରଣ କାର୍ଯ୍ୟାଳୟରେ ଅଧିକାରୀ ମୃତ୍ୟୁଞ୍ଜୟ ତ୍ରିପାଠୀ ୧୧୬, ପ୍ରାଚୀ ପ୍ରିୟଦର୍ଶିନୀ ୬୪୧, ପୁରୁଷୋତ୍ତମ ଦାଶ ୧୦୬ଟି ପଞ୍ଜୀକରଣ କରିଛନ୍ତି। ସେହିପରି ଜଟଣୀ ପଞ୍ଜୀକରଣ କାର୍ଯ୍ୟାଳୟରେ ଅଧିକାରୀ ହୃଷୀକେଶ ତ୍ରିପାଠୀ ୧୭୬୫, ମଧୁସ୍ମିତା ନନ୍ଦ ୧୧୭, ରମେଶ ଚନ୍ଦ୍ର ମଲ୍ଲିକ ୧୩୯୦, ବିଜ୍ଞେଶ ରଞ୍ଜନ ନାଏକ ୪୧୦୪ଟି ପାର୍ଟ ପ୍ଲଟ ପଞ୍ଜୀକରଣ କରିଥିବାବେଳେ ଖଣ୍ଡଗିରି ପଞ୍ଜୀକରଣ କାର୍ଯ୍ୟାଳୟରେ ପଞ୍ଜୀକରଣ ଅଧିକାରୀ ଜିତୁ ବେହେରା ୫୪୯, ମନୋଜ କୁମାର ସେନାପତି ୩୭୪୦ ଓ ବିଶ୍ୱଜିତ ପ୍ରଧାନ ୪୦୧ଟି ପାର୍ଟ ପ୍ଲଟ ପଞ୍ଜୀକରଣ କରିଛନ୍ତି। ଏହାସହିତ ଖୋର୍ଦ୍ଧା ପଞ୍ଜୀକରଣ ଅଧିକାରୀ ସନାତନ ମଲ୍ଲିକ ୫୯୧, ଅପୂର୍ବ ରଞ୍ଜନ ଆଇଚ ୩୨୭ ଏବଂ ବିଜୟ କୁମାର ସେଠୀ ୩୮୧ଟି ପାର୍ଟ ପ୍ଲଟ ପଞ୍ଜୀକରଣ କରିଥିବାବେଳେ ଭୁବନେଶ୍ୱର ପଞ୍ଜୀକରଣ ଅଧିକାରୀ ଜ୍ଞାନରଞ୍ଜନ ସାହୁ ୫୪୯୯, ପବିତ୍ର କୁମାର ସାମଲ ୧୪୫୫ ଏବଂ ସ୍ମିତା ରଥ ୨୬୮ଟି ପାର୍ଟ ପ୍ଲଟ ପଞ୍ଜୀକରଣ କରିଛନ୍ତି। ଏହି ଅଧିକାରୀମାନେ ୧୦୦ରୁ ଅଧିକ ପାର୍ଟପ୍ଲଟ ବିଡିଏର ବିନା ଅନୁମୋଦନରେ କରିଥିବାରୁ ସେମାନଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର। ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବେଳେ ୪ଟି ଦିଗକୁ ଧ୍ୟାନ ଦେବାକୁ ହେବ। ସାଧାରଣ ପ୍ରଶାସନ ବିଭାଗର ୨୦୧୫ ସର୍କୁଲାର ଅନୁଯାୟୀ ପାର୍ଟପ୍ଲଟ ପଞ୍ଜୀକରଣ ବିନା ବିଡିଏ ଅନୁମୋଦନରେ ହୋଇଛି ବୋଲି ତା'ର ପ୍ରମାଣ ବିବରଣୀରେ ଦେବାକୁ ପଡ଼ିବ। ଏହାସହିତ ଅଭିଯୋଗକାରୀଙ୍କ କପି ସଂଲଗ୍ନ କରିବା ସହିତ ସଂପୃକ୍ତ ସାକ୍ଷୀଙ୍କ ତାଲିକା ଉଲ୍ଲେଖ ଆବଶ୍ୟକ। ସେହିପରି ଆଇଜିଆର୍‌ଙ୍କ ପକ୍ଷରୁ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବେଳେ ବଳିଷ୍ଠ ପ୍ରମାଣ ବିବରଣୀ ଦେବାକୁ ହେବ ବୋଲି ମଳୟ ପତ୍ରରେ ଦର୍ଶାଇଛନ୍ତି।

ବିଡିଏରେ ପାର୍ଟ ପ୍ଲଟ ପଞ୍ଜୀକରଣଜନିତ ବିଭାଗୀୟ ପଦକ୍ଷେପକୁ ନେଇ ସାମାଜିକ କର୍ମୀ ବିମଳେନ୍ଦୁ ପ୍ରଧାନ କହିଛନ୍ତି, କେବଳ ଯେ ବିଡିଏ ଅଞ୍ଚଳରେ ବେଆଇନ ଭାବେ ପାର୍ଟପ୍ଲଟ୍ ପଞ୍ଜୀକରଣ ହୋଇଛି ତାହା ନୁହେଁ, ବିଡିଏ ଓ ପିକେଡିଏ ଭଳି ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ଏହିଭଳି ବହୁ ପାର୍ଟପ୍ଲଟ୍ ବେଆଇନ ଭାବେ ପଞ୍ଜୀକରଣ ହୋଇଛି। ରାଜ୍ୟ ସରକାର ଏସବୁର ତଦନ୍ତ କରି ତ୍ୱରିତ୍ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ କହିଛନ୍ତି।

# ଆଜିଠୁ ପୁରୀରେ ଭାଜପାର ୩ ଦିନିଆ ପ୍ରଶିକ୍ଷଣ ଶିବିର

ପୁରୀ,୧୧।୪ (ଅଜିତ୍ କୁମାର ମହାନ୍ତି)

ଭାଜପା ଏମ୍ପି ଓ ବିଧାୟକଙ୍କ ୩ଦିନିଆ ପ୍ରଶିକ୍ଷଣ ଶିବିର ଶନିବାର ଠାରୁ ପୁରୀ-କୋଣାର୍କ ରାସ୍ତା ସ୍ୱାମୀ ନାରାୟଣ ମୁଖ୍ୟ ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ସଂଗଠନ ଓ ସରକାରଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଥିବା ଜଣାପଡ଼ିଛି। କିପରି ତୃଣମୂଳସ୍ତରରେ ଲୋକଙ୍କ ସହ ମିଶିବେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ନେତାମାନଙ୍କୁ ତାଲିମ ଦିଆଯିବ। ରାଜ୍ୟରେ ଭାଜପା ସରକାର ଗଠନ ହେବାପରେ ଦ୍ୱିତୀୟ ଥର ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜିତ ହେବାକୁ ଯାଉଛି। ଶିବିରରେ ଦଳର ୨୦ ଜଣ ଏମ୍ପି, ୭୮ ଜଣ ବିଧାୟକଙ୍କ ସମେତ ୩ ଜଣ ସ୍ୱାଧୀନ ବିଧାୟକ ସାମିଲ ହେବେ। ଏଥିସହିତ ଭାଜପାର ରାଜ୍ୟ ସଭାପତି, ସାଧାରଣ ସମ୍ପାଦକ ଓ ସମସ୍ତ ପଦାଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏମ୍ପି, ବିଧାୟକମାନେ କିପରି ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବେ, ବୁଥସ୍ତରରେ ସଂଗଠନକୁ ମଜଭୁତ କରିବାକୁ କର୍ମୀମାନଙ୍କୁ କିପରି ଉତ୍ସାହିତ କରିବେ, ସଂସଦ ଓ ବିଧାନସଭାରେ କିପରି ପ୍ରଭାବଶାଳୀ ଢଙ୍ଗରେ ଆଲୋଚନା କରିବେ ସେନେଇ ତାଲିମ ଦିଆଯିବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା ଶିବିରକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ନଡ୍ଡା ଯୋଗଦାନ କରି କର୍ମୀଙ୍କୁ ଗୁରୁମନ୍ତ୍ର ଦେବା ସହ ପ୍ରଶିକ୍ଷିତ ପାଇଁ ବକ୍ତବ୍ୟ ରଖିବେ। ଶୁକ୍ରବାର ନଡ୍ଡା ପୁରୀ ଗସ୍ତରେ ଆସି ଏକ ହୋଟେଲରେ ରାତ୍ରିଯାପନ କରିଥିବା ସୂଚନା ମିଳିଛି।

# ଶ୍ରଦ୍ଧାଙ୍କ ପ୍ରିୟ ପୁରୁଷ

**ମୁମ୍ବାଇ:** 'ବୋ ସ୍ତ୍ରୀ ହୈ କୁଛ ଭି କର୍ ସକତି ହୈ'। ଏହି ଡାଏଲଗ୍ କଥା ଉଠିଲେ ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ମନେ ପଡ଼ନ୍ତି। ଫିଲ୍ମ 'ସ୍ତ୍ରୀ'ରେ ତାଙ୍କର ଚମତ୍କାର ଅଭିନୟ ମନ କିଣିଥିଲା। ବକ୍ସ ଅଫିସରେ ଫିଲ୍ମଟି ଅନେକ ରେକର୍ଡ କରିଥିଲା। ଅଭିନୟକୁ ଛାଡ଼ି ଦେଲେ ଶ୍ରଦ୍ଧା ନିଜର ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଚର୍ଚ୍ଚାରେ ରହିଥାନ୍ତି। ଅନେକଙ୍କ ସହ ତାଙ୍କ ନାମ ଯୋଡ଼ା ଯାଇଛି। ହେଲେ ଜଣେ ଏଭଳି ବ୍ୟକ୍ତି ଅଛନ୍ତି ଯାହାଙ୍କୁ ସେ ସବୁଠାରୁ ପ୍ରିୟ ପୁରୁଷ ବୋଲି କହିଥାନ୍ତି। ଭେଟେରାନ ଅଭିନେତା ଶକ୍ତି କପୁରଙ୍କ ଝିଅ ହେଉଛନ୍ତି ଶ୍ରଦ୍ଧା। ସେ ନିଜ ବାପାଙ୍କୁ ଜୀବନର ପସନ୍ଦର ପୁରୁଷ ବୋଲି କୁହନ୍ତି। ଶକ୍ତିଙ୍କ ଜନ୍ମଦିନରେ ଶ୍ରଦ୍ଧା ଏକ ପୋଷ୍ଟ ଶେୟାର କରି ଜନ୍ମଦିନର ଶୁଭକାମନା ଜଣାଇଥିଲେ। 'ବାପୁ' ବୋଲି ସମ୍ବୋଧନ କରି ପ୍ରିୟ ପୁରୁଷ କହିଥିଲେ। ଶକ୍ତିଙ୍କୁ ଛାଡ଼ିଦେଲେ ଶ୍ରଦ୍ଧା ରାହୁଲ ମୋଦିଙ୍କୁ ଡେଟ୍ କରୁଛନ୍ତି। ଫିଲ୍ମ 'ତୁ ଝୁଟି ମେ ମକ୍କାର' ସମୟରେ ଦୁହେଁ ପରସ୍ପରକୁ ଭେଟିଥିଲେ। ଏହା ପରଠାରୁ ଉଭୟ ସମ୍ପର୍କରେ ଥିବା ନେଇ ଚର୍ଚ୍ଚା ହୋଇ ଆସୁଛି। ଆଗାମୀ ଦିନରେ ଏହା କେତେ ଆଗକୁ ଯାଉଛି ସ୍ପଷ୍ଟ ହୋଇଯିବ।


ଶ୍ରଦ୍ଧା କପୁର

**OFFICE OF THE
ZILLA PARISHAD, KALAHANDI
AT/POST-BHAWANIPATNA**
Email : ori-dkalahandi@nic.in, Phone No. : 06670-230334
**Notice No-1742/ Date 08.04.2025**
**No.CAD-101** : Zilla Parishad, Kalahandi invites "Expression of interest for selection of Manpower Service providing Agencies to provide manpower under Rural Housing Scheme". The bid documents containing last date for submission/opening of tender/eligibility criteria and detail terms and conditions of the tender can be downloaded from the District website https://kalahandi.nic.in.
OIPR-19287/11/0005/2526 Sd./- CDO-Cum-EO, ZP, Kalahandi

**TRIBAL DEVELOPMENT CO-OPERATIVE CORPORATION OF ORISSA LTD (TDCCOL)**
Tel. 0674-2542475 / 2542617. Fax-2544828
Email: admin@tdccorissa.org, website: www.tdccorissa.org
**Letter No : 677/TDCCOL** **Date : 11/04/2025**
**Detail Tender Call Notice for Supply of customized Koraput Coffee branded water proof food grade paper cup to TDCCOL**
**No.CAD-105** : Sealed Tender(s) are invited from registered suppliers/ manufacturers for supply of customized Koraput Coffee branded water proof food grade paper cups to TDCCOL for a period of One year. The tenderer(s) should quote their basic rate, tax and other charges if any. The last date of submission of tender is 25.04.2025 till 4:00 PM. The detail of Tender call notice, instruction and terms and conditions can be downloaded from the official website www.tdccorissa.org. The Managing Director, TDCCOL reserves the right to accept or reject any or all the Tenders without assigning any reason thereof.
OIPR-26005/11/0007/2526 Sd./- Managing Director

# ସିପେଟ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ନଡ୍ଡା

### ଶିଳ୍ପ କ୍ଲଷ୍ଟରରେ ଟ୍ରେନିଂ ସେଣ୍ଟର ସ୍ଥାପନ ଲାଗି ପ୍ରସ୍ତାବ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧।୪(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ରସାୟନ ଓ ସାର ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କ ସହ ସିପେଟ୍ ପରିଦର୍ଶନରେ ଯାଇ ଓଡ଼ିଶାରେ ଏହି ପ୍ରତିଷ୍ଠାନର ଅଧିକ କେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନିକଟରେ ପେଟ୍ରୋ କେମିକାଲ୍ସ କ୍ଷେତ୍ରରେ ୧ ଲକ୍ଷ କୋଟି ଟଙ୍କା ଠାରୁ ଅଧିକ ମୂଲ୍ୟର ନିବେଶ ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଛି। ପୂର୍ବରୁ ଉତ୍କର୍ଷ ଓଡିଶାରେ ମଧ୍ୟ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ସୁଯୋଗ ସୃଷ୍ଟି ହୋଇଛି। ଏହାଦ୍ୱାରା ପ୍ରାୟ ୧୩ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି। ପେଟ୍ରୋ କେମିକାଲ୍ ଶିଳ୍ପ କ୍ଷେତ୍ରରେ ଓଡିଶାରେ ବ୍ୟାପକ ଅଭିବୃଦ୍ଧିର ସୁଯୋଗ ସୃଷ୍ଟି ହୋଇଛି। ଏଥିପାଇଁ ଅଧିକ ଦକ୍ଷ ୱାର୍କଫୋର୍ସର ଆବଶ୍ୟକତା ରହିଛି। ସେଥିଲାଗି ଓଡିଶାର ବିଭିନ୍ନ ସ୍ଥାନରେ ସିପେଟ୍‌ର ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟର ବିଭିନ୍ନ ଶିଳ୍ପ କ୍ଲଷ୍ଟର ଯେପରିକି କେନ୍ଦୁଝର, ଝାରସୁଗୁଡା, କଳିଙ୍ଗନଗର, ଗୋପାଳପୁର, ଅନୁଗୁଳ ଏବଂ ରାୟଗଡା ପରି ସ୍ଥାନରେ ଏହାର ଟ୍ରେନିଂ ସେଣ୍ଟର ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସିପେଟ୍‌ର ବିଭିନ୍ନ ଲାବ୍ ପରିଦର୍ଶନ କରି ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରିଛନ୍ତି।


ସିପେଟ୍ ପରିଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଓ ଅନ୍ୟମାନେ।

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES | Mining Happiness
**E-auction Notice (19.04.2025 - 183rd & 184th E-auction)**
**IRON ORE CLO & FINES**
No. CAD-134: The Odisha Mining Corporation Ltd. intends to sell various grades of Iron Ore CLO & Fines produced at Daitari and Gandhamardan Regions (Block - A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat) & Roida 'C' Mines of Barbil Region in Keonjhar District and Khandadhar/Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 A.M. to 2.00 P.M. on 19.04.2025.**
For details, please visit the website of MSTC i.e. **www.mstcecommerce.com**.
OIPR-30005/11/0177/2526 Chief General Manager (S&M)

**ODISHA STATE CO-OPERATIVE HANDICRAFTS CORPORATION LTD.**
D-2/3 & 4, Industrial Estate, Rasulgarh, Bhubaneswar-751010,
**QUOTATION CALL NOTICE**
**No.CAD-97** : Sealed Quotations are invited from registered firm for supply of Printing of the Form & Register & Office stationery items for the Financial year 2025-26. The tender paper can be obtained from the office of the undersigned on deposit of **Rs.1000/- (Rupees one thousand)** only in cash towards cost of the each tender paper & Schedule form on any working days from **Dt.15.04.2025**. The last date for sale of tender paper is **Dt.22.04.2025 by 3.00 P.M.** The Tender Papers is available in website of OSCHC Ltd., Bhubaneswar www.utkalikaodisha.in. The tender paper will be opened on the same day i.e. on **Dt.22.04.2025 at 4.00 P.M.** in presence of the Tenderers or their authorised representatives and Officials of the Corporation.
The authority reserves the right to accept / reject any or all tender papers without assigning any reason thereof.
OIPR-31041/11/0056/2526 Sd./- Manager

# ଗେମ୍ ଖେଳି ୩ କୋଟି ଟଙ୍କା, ଥାର୍ ଗାଡ଼ି ଜିତିଲେ ଯୁବକ

କାଏମା,୧୧।୪(ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତର କୁଳମଣି ତରାଇଙ୍କ ପୁଅ ଅନିଲ ତରାଇ ମୋବାଇଲରେ ମାଇଁ ଇଲେଭେନ ସର୍କଲ ଆପ ସାହାଯ୍ୟରେ ଗେମ୍ ଖେଳି ୩ କୋଟି ଟଙ୍କା ସହ ଏକ ମହିନ୍ଦ୍ରା ଥାର ଗାଡ଼ି ଜିତିଛନ୍ତି। ଅନିଲ ଗୁରୁବାର ସନ୍ଧ୍ୟାରେ ଆପ ସାହାଯ୍ୟରେ ୧୧ ଜଣିଆ ଟିମକରି ୪୯ ଟଙ୍କା ଲଗାଇଥିଲେ। ଖେଳ ଶେଷ ହେବା ପରେ ରାତି ପ୍ରାୟ ୧୧ଟାରେ ସେ ଟଙ୍କା ସହ ଗାଡ଼ି ଜିତିଥିବା ଗେମ୍ କମ୍ପାନୀ ପକ୍ଷରୁ ତାଙ୍କୁ ଅବଗତ କରାଯାଇଥିଲା। ଗାଡ଼ି ୮ ଦିନ ମଧ୍ୟରେ ମିଳିଯିବ ବୋଲି ସୂଚନା ଦିଆଯାଇଛି।

ଅନିଲ ଜଣେ ଗରିବ ପରିବାରର ପିଲା। ତାଙ୍କ ବାପା ମାଛ ବ୍ୟବସାୟ କରି ପରିବାର ଚଳାନ୍ତି। ଅନିଲ ଘରେ ରହି ଏବେ ଚାଷ କାମ କରୁଛନ୍ତି। ଖେଳରେ ରିସ୍କ ଥିବା ସେ କହିଛନ୍ତି।


ଅନିଲ ତରାଇ

# ହାତୀ ଆକ୍ରମଣରେ ବୃଦ୍ଧାଙ୍କ ଜୀବନଗଲା

ବେଗୁନିଆ,୧୧।୪(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଶୁକ୍ରବାର ସକାଳେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ବାସନ୍ତୀ ରାଉତରାୟ(୬୦)। ସୂଚନା ମୁତାବକ, ବାସନ୍ତୀ ସକାଳ ପ୍ରାୟ ୬ଟାରେ କୌଣସି କାମରେ ବାହାରକୁ ଯାଇଥିଲେ। ସେ ଶୌଚ କାର୍ଯ୍ୟ ପାଇଁ ଯାଇଥିଲେ ବୋଲି କେହି କହୁଥିବା ବେଳେ ନିଜର କାଜୁ ବଗିଚାକୁ ମଞ୍ଜି ତୋଳିବାକୁ ଯାଉଥିଲେ ବୋଲି ପରିବାର ଲୋକେ କହିଛନ୍ତି। ତେବେ ଗ୍ରାମ ନିକଟରେ ବିଚରଣ କରୁଥିବା ଏକ ହାତୀ ହଠାତ୍ ବାସନ୍ତୀଙ୍କୁ ଆକ୍ରମଣ କରିବା ପାଇଁ ଗୋଡ଼ାଇଥିଲା। ହାତୀ କବଳରୁ ଜୀବନ ବଞ୍ଚାଇବାକୁ ଦୌଡ଼ିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ ହାତୀ ଆକ୍ରମଣରେ ସେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୫) ରୁଜୁକରି ତଦନ୍ତ ଚଳାଇଛି।

**ODISHA PUBLIC SERVICE COMMISSION**
**NOTICE**
No.2361/P.S.C., Dt. 11.04.2025
(1E-36-2023/24) (DR-II)
**No.D-11**
**5th Corrigendum to Advertisement No. 19 of 2023-24 for recruitment to the posts of Assistant Executive Engineer (Civil & Mechanical), under the Department of Water Resources, Government of Odisha.**

1. The original Advertisement for recruitment of total 580 & 41 posts of Assistant Executive Engineer in Civil & Mechanical respectively under Water Resources Department was published vide Advertisement No. 19 of 2023-24 on 28.12.2023. Four Corrigenda to this Advertisement were issued and the last date of application was extended till 26.02.2024 in the 4th Corrigendum issued vide Notice No. 961/PSC, dated 17.02.2024.
2. The interim order dated 07.03.2024, passed by the Hon'ble High Court in W.P.(C) No. 596 of 2024 and similar such W.P.(C)s, directed the Opposite Parties to proceed with the selection process pursuant to Advertisement No. 19 of 2023-24 dated 28.12.2023. However, the final result of such recruitment test shall not be published without leave of this court. Accordingly, the Commission conducted the interview of candidates on 09.07.2024 & 10.07.2024 for Assistant Executive Engineer (Mechanical) vide Notice No. 3321/PSC, dated 28.06.2024 & from 16.07.2024 to 30.07.2024 for Assistant Executive Engineer (Civil) vide Notice No.3603/PSC, dated 09.07.2024 and did not publish the result thereof.
3. Now, in pursuance to the Orders dated 15.01.2025 of the Hon'ble High Court of Odisha, Cuttack in W.P.(C) No. 596 of 2024, W.P.(C) No. 10185 of 2024, W.P.(C) No. 42059 of 2023, W.P.(C) No. 8166 of 2024 & W.A. No. 948 of 2024, the period for submission of online application for recruitment to the posts of **Assistant Executive Engineer (Civil & Mechanical)**, as per Advertisement No. 19 of 2023-24 read with all earlier Corrigenda issued thereto, is further rescheduled and the live application shall be available from **22.04.2025** to **08.05.2025** **(11.59 P.M.) (Note: 08.05.2025 is the last date for submission of registered online application).**
4. The candidates who are eligible in terms of **(i) Educational Qualification** provided at Para-4 of Advertisement No. 19 of 2023-24 read with 3rd Corrigendum vide Notice No.376/PSC, dated 19.01.2024 as on the last date of application, i.e. 26.02.2024 of the Advertisement No.19 of 2023- 24, **(ii) Age** as per the requirement in Para-3 of Advertisement No. 19 of 2023-24 and **(iii)** have got valid GATE Score as specified in the 3rd Corrigendum vide Notice No. 376/PSC, dated 19.01.2024 subsequent to the last date of application, i.e. 26.02.2024 may apply in pursuance to this Corrigendum.
5. Those candidates who have already submitted their online applications by 26.02.2024 with valid GATE Score in their applications and whose applications have been processed for shortlisting for interview need not apply again. However, they will be given the option to update and upload the upgraded/enhanced valid GATE Score as specified in the 3rd Corrigendum vide Notice No. 376/PSC, dated 19.01.2024 if they have got any upgraded/enhanced valid GATE Score subsequent to the last date of application, i.e. 26.02.2024 and can furnish the same through the online application portal in "My Applications" section of https://opscechayan.in portal. The last date of updating the information on upgraded/enhanced valid GATE Score will be **08.05.2025 (11.59 P.M.)**. Those candidates who do not want to alter their submitted GATE Score details are not required to do anything.
6. However, those candidates who had already applied by the last date i.e. 26.02.2024, but their applications were not processed for shortlisting for interview because of non-furnishing of valid GATE Score, may enter/ upload the valid GATE Score through the online application portal in "My Applications" section of https://opscechayan.in portal, in pursuance to this Corrigendum if they possess a valid GATE Score as specified in the 3rd Corrigendum vide Notice No. 376/PSC, dated 19.01.2024 subsequent to the last date of application, i.e. 26.02.2024. The last date for updating the valid GATE Score will be **08.05.2025 (11.59 P.M.)**.
7. For all fresh applicants as mentioned in Para-4 supra the educational qualification as on the last date of application and age eligibility will strictly remain the same as per the terms of the Advertisement No. 19 of 2023-24 read with all earlier Corrigenda issued thereto without any changes i.e. they must possess B. Tech / B.E. Degree in Civil/ Mechanical Engineering by 26.02.2024 and they should have attained the age of 21 (twenty one) years as on 01.01.2023 and must not be above the age of 38 (thirty eight) years as on 01.01.2021 i.e. he or she must be born not earlier than 02.01.1983 and not later than 01.01.2002.
8. The marks secured by the candidates in the interview who had already appeared for the interview vide Notice No. 3321/PSC, dated 28.06.2024 for AEE (Mechanical) & Notice No. 3603/PSC, dated 09.07.2024 for AEE (Civil) will remain valid and will be taken into account in preparation of the final Select List as per "Method of Selection" in Para-5 of the Advertisement No. 19 of 2023-24.
9. All other terms and conditions specified in Advertisement No. 19 of 2023-24 along with all earlier Corrigenda issued thereto shall remain unchanged.
10. **FACILITATION COUNTER :-**
To resolve any technical problems faced in filling up of online Application forms, candidates may contact OPSC Technical Support **over Telephone No. 0671-2304707** between 10.30 A.M. to 1.30 P.M. & 2.00 P.M. to 5.30 P.M. on any Odisha Government working days.
In case of any guidance/information, candidates may go through the FAQ available in the website of the Commission or contact the O.P.S.C. Facilitation Counter over Telephone No. 0671- 2304141/2305611 & Extn.- 227 on any working day between 10.30 A.M. to 1.30 P.M. & 2.00 P.M. to 5.30 P.M.
**The concerned candidates are advised to visit the website of the Commission at www.opsc.gov.in.**

OIPR-12002/11/0185/2526 Sd./- Secretary

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
**ସୂଚନା**
No. CAD-124: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୧୩ରେ ପ୍ଲଟ ନଂ. 13-3E/976ଟିକୁ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି, ସ୍ୱାମୀ: ସଚ୍ଚିଦାନନ୍ଦ ମୁଦୁଲି, ସା: ଚାନ୍ଦୋଳ, ପୋ.: କାଦୁଅପଡ଼ା, ଥା/ଜିଲ୍ଲା: ଜଗତ୍‌ସିଂହପୁର - 754106ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି ଉକ୍ତ ପ୍ଲଟଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଶୁଭ୍ରାଜ୍ୟୋତି ମିଶ୍ର, ସ୍ୱାମୀ: ଜ୍ଞାନ ରଞ୍ଜନ ଶତପଥୀ, ସା./ପୋ.: ଓଡ଼ିସୋ, ଅଣ୍ଡେଇଗୋଡ଼ା, ଥା: କୁଆଖିଆ, ଧର୍ମଶାଳା, ଜିଲ୍ଲା: ଯାଜପୁର - 755008ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
OIPR-13037/11/0231/2526 ସ୍ୱା./- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

**OFFICE OF THE
COLLECTOR AND DISTRICT MAGISTRATE,
KALAHANDI, BHAWANIPATNA-766001 (ODISHA)**
**(Social Welfare Section)**
**No.:1181** **Date : 10.04.2025**
**Tender Call Notice**
**No.g-07** : Sealed tenders are invited in the prescribed forms from the intending individuals/ Companies/ Firms /Corporations having valid agent's license for transportation of foodstuff under SNP Feeding Programme of Kalahandi District during the year 2025-26. The tender papers shall be received by the District Social Welfare Officer, Kalahandi by Regd. Post or Speed Post till 1:00 P.M. of 25.04.2025 and will be opened in the presence of the tenderers or their authorized representatives on 29.04.2025 at 11:00 A.M. at the Collectorate Conference Hall, Kalahandi. The tender documents can be obtained from the District Social Welfare Officer, Kalahandi on payment of Rs.10,000/- (Rupees Ten thousand) only in shape of Bank Draft in favour of the "District Social Welfare Officer, Kalahandi" as Tender paper cost. The tender received beyond the date and time mentioned above shall not be taken into consideration. The cost of tender paper is not refundable.
Not withstanding anything contained to the contrary in the tender document, the undersigned reserves the right to cancel or modify the "invitation for Bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision. The detailed terms and conditions may be downloaded from the District website **www.kalahandi.nic.in.**
OIPR-24180/11/0009/2526 Sd./- Collector, Kalahandi

# ପୁରୀ-କୋଣାର୍କ ରେଲମାର୍ଗ
# ଜମି ଅଧିଗ୍ରହଣ ୧୬ ମାସରେ ସରିବ

**ପୁରୀ/ଭୁବନେଶ୍ୱର,୧୧।୪(/ଅଜିତ କୁମାର ମହାନ୍ତି/ଅନୁରାଧା ମହାରଣା)**

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ସନ୍ଧ୍ୟାରେ ପୁରୀ ରେଳଷ୍ଟେଶନ ନବୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଅମୃତ ଷ୍ଟେଶନ ଯୋଜନା ଅଧୀନରେ ଏହି ରେଳଷ୍ଟେଶନର ଉନ୍ନତୀକରଣ କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ୬୦% ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି। ବୈଷ୍ଣବ ରେଳଷ୍ଟେଶନ ପରିଦର୍ଶନ କରି ଜାରି ରହିଥିବା କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅମୃତ ଷ୍ଟେଶନ ପ୍ରକଳ୍ପଗୁଡ଼ିକର ସମସ୍ତ କାର୍ଯ୍ୟ ଅଗ୍ରଗତି କରୁଛି ବୋଲି ରେଳମନ୍ତ୍ରୀ କହିଛନ୍ତି। ପୁରୀ-କୋଣାର୍କ ରେଳମାର୍ଗ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଅଗ୍ରଗତିରେ ଚାଲିଛି। ଆସନ୍ତା ୧୨ରୁ ୧୬ ମାସ ମଧ୍ୟରେ ଜମି ଅଧିଗ୍ରହଣ ପ୍ରକ୍ରିୟା ସରିବ ବୋଲି ସେ କହିଛନ୍ତି।

ରେଳମନ୍ତ୍ରୀ କହିଛନ୍ତି ଯେ, ୨୦୨୩ ମସିହାରୁ ପୁରୀ ରେଳଷ୍ଟେଶନର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ପୁନର୍ବିକାଶ ହେବା ପରେ ପୁରୀ ରେଳଷ୍ଟେଶନ ଐତିହ୍ୟ ସୌନ୍ଦର୍ଯ୍ୟ ଏବଂ ଆଧୁନିକ ଯାତ୍ରୀ ସୁବିଧାର ମିଶ୍ରଣ ସହିତ ଏକ ବିଶ୍ୱସ୍ତରୀୟ ସୁବିଧା ଭାବେ ଦଣ୍ଡାୟମାନ ହେବ। ଷ୍ଟେଶନର ପୁନର୍ବିକାଶ ୨୦୨୧-୨୨ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବାବେଳେ ସମନ୍ୱିତ ଷ୍ଟେଶନ ପୁନଃବିକାଶ ଯୋଜନା ଅଧୀନରେ କାର୍ଯ୍ୟ କରାଯାଉଛି। ଏହି ପ୍ରକଳ୍ପର ମୂଲ୍ୟ ୧୬୭.୪୧ କୋଟି ଟଙ୍କା ରହିଛି। ପୁରୀ ଷ୍ଟେଶନ ବିକାଶ କ୍ଷେତ୍ରରେ ମଧ୍ୟ ଏଠିକାର ଐତିହ୍ୟ, ସଂସ୍କୃତି 'ବିରାସତ ଭି ବିକାଶ ଭି' ପରିକଳ୍ପନା କରାଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ଖୋର୍ଦ୍ଧା ରୋଡ୍‌ର ମଣ୍ଡଳ ରେଳୱେ ପ୍ରବନ୍ଧକ ଏଚ୍.ଏସ୍. ବାଜ୍‌ୱାଙ୍କ ସମେତ ବରିଷ୍ଠ ରେଳ ଅଧିକାରୀମାନେ ଏହି ନିରୀକ୍ଷଣରେ ଯୋଗଦେଇଥିଲେ। ଏହି ରେଳଷ୍ଟେଶନ ବିଲ୍ଡିଂକୁ ଏପରି ପ୍ରସ୍ତୁତ କରାଯାଇଛି, ଯେପରି ଏହା ପ୍ରତି ଘଣ୍ଟା ୨୫୦ କିଲୋମିଟର ପର୍ଯ୍ୟନ୍ତ ପବନର ବେଗ ସହ୍ୟ କରିପାରିବ। ଏଠାରେ ଷ୍ଟେଶନ ଭବନ ଏବଂ କନକୋର୍ସର କ୍ଷେତ୍ରଫଳ ୨୪,୮୧୫ ବର୍ଗମିଟରେ ରହିଛି। ସେହିପରି ୨୬,୧୦୦ ବର୍ଗମିଟର ବିଶିଷ୍ଟ ସର୍କୁଲେଟିଂ କ୍ଷେତ୍ର, ୨୧,୬୦୦ ବର୍ଗମିଟର ବିଶିଷ୍ଟ ୮ଟି ପ୍ଲାଟଫର୍ମ କ୍ଷେତ୍ରର ପୁନଃବିକାଶ କରାଯାଉଛି। ଗ୍ରାଉଣ୍ଡଫ୍ଲୋର ସହ ୩ ମହଲା ବିଲ୍ଡିଂରେ ଯାତ୍ରୀସେବା ପାଇଁ ସ୍ୱୟଂଚାଳିତ ଟିକେଟ ଭେଣ୍ଡିଂ ମେଶିନ, ବ୍ୟାଗେଜ୍ ସ୍କାନର, ପର୍ଯ୍ୟଟକ ସୂଚନା ଏବଂ ବୁକିଂ କେନ୍ଦ୍ର, ଫୁଡ୍ କୋର୍ଟ, ଜନ ଆହାର କେନ୍ଦ୍ର ଏବଂ ଦୋକାନ, ସେଣ୍ଟ୍ରାଲ ସିସିଟିଭି ମନିଟରିଂ, ୪ ଏସ୍କାଲେଟର, ୪ ଯାତ୍ରୀ ଲିଫ୍ଟ ଏବଂ ୧ ଷ୍ଟାଫ୍ ଲିଫ୍ଟ, ୨୩ ପ୍ରତୀକ୍ଷାସ୍ଥଳ ଏବଂ ୧୫୦ ଶଯ୍ୟାବିଶିଷ୍ଟ ସେଲ୍ଟର, ୬୦ ଶଯ୍ୟାବିଶିଷ୍ଟ ଟିଟିଇ ବିଶ୍ରାମାଗାର, ଦେୟଯୁକ୍ତ ଲାଉଞ୍ଜ, ନିଃଶୁଳ୍କ ଅପେକ୍ଷା ଲାଉଞ୍ଜ, ଶିଶୁଖାଦ୍ୟ ଖୁଆଇବା ପାଇଁ ସ୍ୱତନ୍ତ୍ର କୋଠରି, ଶିଶୁ ସହାୟତା ଡେସ୍କ ଏବଂ 'ମେ ଆଇ ହେଲ୍ପ ୟୁ' ବୁଥ୍, ଦିବ୍ୟାଙ୍ଗଜନଙ୍କ ନିମନ୍ତେ ପ୍ରତିବନ୍ଧକ-ମୁକ୍ତ ପ୍ରବେଶ/ପ୍ରସ୍ଥାନ ର୍ୟାମ୍ପ, ନିର୍ଦ୍ଦିଷ୍ଟ ପାର୍କିଂ, ପ୍ରତ୍ୟେକ ପ୍ଲାଟ୍‌ଫର୍ମରେ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବା ଶୌଚାଳୟ ଏବଂ ପାନୀୟଜଳ ଟ୍ୟାପ୍, ନାଭିଗେଶନ ପାଇଁ ଉଚ୍ଚ-ଦୃଶ୍ୟତା ସାଇନେଜ୍ ସୁବିଧା ଉପଲବ୍ଧ ହେବ। ଦେଶରେ ୧୨୦୦ ରେଳଷ୍ଟେଶନର ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ବୈଷ୍ଣବ ପ୍ରକାଶ କରିଛନ୍ତି। ସନ୍ଧ୍ୟାରେ ରେଳମନ୍ତ୍ରୀ ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ପୁରୀ ରେଳଷ୍ଟେଶନକୁ ସମୀକ୍ଷା ପାଇଁ ଯାଇଥିଲେ। ଏହି ଅବସରରେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଓ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୁରୀ ରେଳଷ୍ଟେଶନ ନବୀକରଣ କାର୍ଯ୍ୟର ସମୀକ୍ଷା କଲେ ରେଳମନ୍ତ୍ରୀ



ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୁରୀ ରେଳଷ୍ଟେଶନ ନବୀକରଣ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

# ଶ୍ରୀଲିଙ୍ଗରାଜ ସ୍ୱର୍ଣ୍ଣାଦ୍ରି ବିଜେ

**ପୁରୁଣା ଭୁବନେଶ୍ୱର,୧୧।୪(ସୁବାସ ଚନ୍ଦ୍ର ପ୍ରଧାନ)**

ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବ ପ୍ରଭୁ ଶ୍ରୀଲିଙ୍ଗରାଜ ରଥଯାତ୍ରା ସାରି ସ୍ୱର୍ଣ୍ଣାଦ୍ରି ବିଜେ କରିଛନ୍ତି। ଗୁରୁବାର ରୁକୁଣା ରଥ ରଥଖଳାରେ ପହଞ୍ଚିଥିଲା। ମାତ୍ର ୬ଦିନ ପଡୁଥିବାରୁ ପ୍ରଭୁ ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲେ। ଶୁକ୍ରବାର ସନ୍ଧ୍ୟାରେ ରଥରେ ସମସ୍ତ ପୂଜାନୀତି ସରିବା ପରେ ନଗାନାଚ, ଘଣ୍ଟ ଘଣ୍ଟା କାହାଳୀ ଓ ଆତସବାଜିରେ ପହଣ୍ଡିରେ ଠାକୁର ଠାକୁରାଣୀଙ୍କୁ ସେବାୟତମାନେ ସ୍ୱର୍ଣ୍ଣାଦ୍ରି ବିଜେ କରାଇଥିଲେ। ସିଂହଦ୍ୱାର ଠାରେ ପହଞ୍ଚିବା ପରେ ଚାହାଣି ମଣ୍ଡପରେ ପୂର୍ବରୁ ରାଗିକି ଥିବା ମା'ପାର୍ବତୀ ଓ ଶ୍ରୀଲିଙ୍ଗରାଜଙ୍କ ମଧ୍ୟରେ ୨ଜଣ ପୂଜାପଣ୍ଡା ସେବାୟତ ବଚନିକା ଉପସ୍ଥାପନ କରିଥିଲେ। ରଥାରୂଢ଼ ଶ୍ରୀଜୀଉଙ୍କ ନିକଟରେ ରସଗୋଲା ଭୋଗ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯାଇଥିଲା। କ୍ଷେତ୍ରବାସୀ ବ୍ରାହ୍ମଣ ସେବାୟତ ଗୌରୀ ଶଙ୍କର ଶତପଥୀଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।





# ଯାତ୍ରାପାର୍ଟି ବଦଳାଇଲେ ଏନ୍‌ଓସି ଆବଶ୍ୟକ

**ଭୁବନେଶ୍ୱର, ୧୧।୪ (ସୌମ୍ୟରଞ୍ଜନ ରାଉତ)**

## ଦୁଇ ଯାତ୍ରା ମାଲିକଙ୍କୁ ୧.୧୫ କୋଟି ଟଙ୍କା ଫେରାଇଲେ ପୀୟୂଷ

## ବର୍ଷେ ଯାତ୍ରା କରିବେ ନାହିଁ, ସିନେମା ପାଇଁ ମନ ବଳାଇଲେ

ଯାତ୍ରା ଅଭିନେତା ପୀୟୂଷ ତ୍ରିପାଠୀଙ୍କୁ ନେଇ ବହୁଦିନ ଧରି ଚାଲିଥିବା ବିବାଦର ପୂର୍ଣ୍ଣଚ୍ଛେଦ ପଡ଼ିଛି। ପୀୟୂଷଙ୍କ ବିବାଦ ତୁଟାଇବାକୁ ଯାଇ ନୂଆ ନିୟମ ଆଣିଛି ଯାତ୍ରା ମାଲିକ ସଂଘ। ଏଥର ଗୋଟିଏ ପାର୍ଟିରୁ ଅନ୍ୟ ଯାତ୍ରା ପାର୍ଟିକୁ ଯିବା ପାଇଁ ନୋ ଅବ୍‌ଜେକ୍ସନ୍ ସାର୍ଟିଫିକେଟ୍ (ଏନ୍‌ଓସି) ଆବଶ୍ୟକ ପଡ଼ିବ। ଶୁକ୍ରବାର ସତ୍ୟନଗରସ୍ଥିତ ଏକ ଘରୋଇ ହୋଟେଲରେ ଯାତ୍ରା ମାଲିକ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ପୀୟୂଷ ଯାତ୍ରାପାର୍ଟି 'ସୂର୍ଯ୍ୟମନ୍ଦିର' ଓ 'ସିଂହବାହିନୀ'ର ମାଲିକଙ୍କଠାରୁ ଅଗ୍ରିମ ନେଇଥିବା ୧ କୋଟି ୧୫ଲକ୍ଷ ଟଙ୍କା ଫେରାଇ ଦେଇଛନ୍ତି। 'ସୂର୍ଯ୍ୟମନ୍ଦିର' ମାଲିକଙ୍କୁ ୬୦ଲକ୍ଷ ଏବଂ 'ସିଂହବାହିନୀ' ମାଲିକଙ୍କୁ ୫୫ଲକ୍ଷ ଟଙ୍କା ଫେରାଇଥିବା ପୀୟୁଷ କହିଛନ୍ତି। ସେ କହିଛନ୍ତି, ଯାତ୍ରା ସଂଘ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଶିରୋଧାର୍ଯ୍ୟ। ଯାତ୍ରା ଜଗତରେ ଉଠିଥିବା ପ୍ରତ୍ୟେକ ବିବାଦ ସମାଧାନ ହୋଇଯିବା ଉଚିତ। ଛୋଟ କଥାରୁ ବିବାଦ ହେଲା, ବର୍ତ୍ତମାନ ଏହାର ଅନ୍ତ ହୋଇଛି। ସମୟ ମତେ ବଦନାମ କରିଛି, ଟଙ୍କା ଏହାର ବଡ଼ ମାଧ୍ୟମ ସାଜିଥିଲା। ସ୍ୱାସ୍ଥ୍ୟଗତ ଓ ପାରିବାରିକ ସମସ୍ୟା ଯୋଗୁ ବର୍ଷେ ଯାତ୍ରା କରିବି ନାହିଁ। ବିଶ୍ରାମ ପରେ ପୁଣି ଦର୍ଶକଙ୍କୁ ଭରପୂର ମନୋରଞ୍ଜନ କରିବି। ସୁଯୋଗ ମିଳିଲେ ସିନେମା କରିବି। ତେବେ ଗାଡ଼ିକୁ ନେଇ ଯେଉଁ ଦ୍ୱନ୍ଦ୍ୱ ରହିଥିଲା ତାହାର ସମାଧାନ ହୋଇଛି। ଏଥିସହ ସିଂହବାହିନୀ ଯାତ୍ରା ପାର୍ଟିର ମାଲିକ ଦେଇଥିବା ଗାଡ଼ି ତାଙ୍କ ପାଖରେ ରହିବ, ଏହାର ଇଏମ୍‌ଆଇ ସେ ଦେବେ ବୋଲି ନିଷ୍ପତ୍ତି ହୋଇଥିବା ପୀୟୂଷ କହିଛନ୍ତି।

# କାଞ୍ଜିଆ ହ୍ରଦର ପୁନରୁଦ୍ଧାର କରିବ ଜଙ୍ଗଲ ବିଭାଗ

**ଭୁବନେଶ୍ୱର, ୧୧।୪ (ବନ୍ଦନା ସେଠୀ)**

- ରକ୍ତ ଚନ୍ଦନ କାଠ ବିକ୍ରି ପାଇଁ ବିଶ୍ୱସ୍ତରୀୟ ଟେଣ୍ଡର ହେବ
- ଚିଲିକାରେ ଚାଲିବ ୨ ବଡ଼ ବୋଟ୍ ସହ ସୋଲାର ବୋଟ୍

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପରିସରରେ ଟନେଲ ଆକ୍ୱାରିୟମ ଓ କାଞ୍ଜିଆ ହ୍ରଦର ପୁନରୁଦ୍ଧାର କାର୍ଯ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନିଜ ହାତକୁ ନେବ। ଏଥିସହ ପ୍ରାଣୀ ବିନିମୟ କାର୍ଯ୍ୟକ୍ରମ, ଉଦ୍ଭିଦ ଉଦ୍ୟାନ, ରୋପ୍-ୱେ, ମେଟ୍ରୋ ଷ୍ଟେଶନ ନନ୍ଦନକାନନ, ନନ୍ଦନକାନନ ଗ୍ରାମ୍ୟ ରାସ୍ତା କାର୍ଯ୍ୟ ମଧ୍ୟ ବିଭାଗ କରିବ ବୋଲି ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ସୂଚନା ଦେଇଛନ୍ତି। ଶୁକ୍ରବାର ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗର କାର୍ଯ୍ୟାବଳୀର ବିଶଦ ସମୀକ୍ଷା କରାଯିବା ସହିତ ଏଣିକି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ଅବସର ପାଇବା ଦିନ କର୍ମଚାରୀଙ୍କୁ ଅବସରକାଳୀନ ପେନସନ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମ ଉଦ୍ୟମରେ ମୂଲ୍ୟବାନ୍ ରକ୍ତ ଚନ୍ଦନ କାଠକୁ ବିଶ୍ୱସ୍ତରୀୟ ଟେଣ୍ଡର ଆହ୍ୱାନ କରାଯାଇ ବିକ୍ରୟ କରାଯିବ। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ଚିଲିକାରେ ପର୍ଯ୍ୟଟକଙ୍କ ପାଇଁ ୨ଟି ବୃହତ ଡଙ୍ଗା ଓ ସୌରଶକ୍ତିଚାଳିତ ଡଙ୍ଗା ପ୍ରଚଳନ କରାଯିବ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଉଦ୍ୟମରେ ରାଜ୍ୟର ଅଧିକରୁ ଅଧିକ ବଣଭୋଜି ସ୍ଥଳକୁ ପ୍ଲାଷ୍ଟିକମୁକ୍ତ କରାଯିବା ପାଇଁ ଅତିରିକ୍ତ ମୁଖ୍ୟ ସଚିବ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ପ୍ରକଳ୍ପ ପାଇଁ ବଜେଟରେ ଆବଣ୍ଟିତ ହୋଇଥିବା ପାଣ୍ଠିର ସମୟାନୁବର୍ତ୍ତୀ ବ୍ୟବହାର ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

ସେହିପରି ରିଭାଇଜ୍‌ଡ୍ ଆସ୍ୟୁର୍‌ଡ କ୍ୟାରିଅର ପ୍ରୋଗ୍ରେଶନ୍ (ଆର୍‌ଏସିପି) ବା ମୋଡିଫାଏଡ୍ ଆସ୍ୟୁର୍‌ଡ୍ କ୍ୟାରିଅର୍ ପ୍ରୋଗ୍ରେଶନ୍ (ଏମ୍‌ଏସିପି) ଅଦାଲତରେ ମୋଟ ୪୩୨ଟି ଆବେଦନ ଦାଖଲ ହୋଇଥିବାବେଳେ ସେଥିମଧ୍ୟରୁ ଯୋଗ୍ୟ ଆବେଦନଗୁଡ଼ିକର ସମୟୋଚିତ ଫଇସଲା ଉପରେ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆସିଥିବା ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ, ଜନଶୁଣାଣି ପୋର୍ଟାଲର ଅଦ୍ୟତନ କେସ୍‌ଗୁଡ଼ିକର ଫଏସଲା ଦିଗରେ ବିଭାଗୀୟ ଅଧିକାରୀମାନେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ସୁରେଶ ପନ୍ତ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ପ୍ରକଳ୍ପ ନିର୍ଦ୍ଦେଶକ (ଓଡ଼ିଶା ଜଙ୍ଗଲ କ୍ଷେତ୍ର ଅଭିବୃଦ୍ଧି ପ୍ରକଳ୍ପ) ମିତା ବିଶ୍ୱାଳ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଉମା ନନ୍ଦୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜେଲ ଡିଜିଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

**ଭୁବନେଶ୍ୱର,୧୧।୪(ସତ୍ୟଜିତ୍ ରାଉତ)**

## ବାଣପୁର ସବ୍‌ଜେଲରେ କଏଦୀଙ୍କୁ ମାଡ଼ ଘଟଣା

ଖୋର୍ଦ୍ଧା ଜିଲା ବାଣପୁର ସବ୍‌ଜେଲରେ ବିଚାରାଧୀନ କଏଦୀ ଭାସ୍କର ବେହେରାଙ୍କୁ ମାଡ଼ ଅଭିଯୋଗକୁ ଓଡ଼ିଶା ମାନବ ଅଧିକାର କମିଶନ (ଓଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାର ଯାଞ୍ଚ କରି ରିପୋର୍ଟ ଦେବାକୁ ଜେଲ ଡିଜିଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ ରିପୋର୍ଟ ଓ ଘଟଣାଦିନର ସିସିଟିଭି ଫୁଟେଜ୍ ଆସନ୍ତା ମେ' ୧ ଶୁଣାଣିରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶନା ଜାରି ହୋଇଛି। ଆଇନଜୀବୀ ସୁନିଲ କୁମାର ରଥ ଏହି ଘଟଣାରେ ଓଏଚ୍‌ଆର୍‌ସିଙ୍କ ନିକଟରେ ପିଟିଶନ ଦାଖଲ କରିଥିଲେ। ଅଭିଯୋଗ ଅନୁଯାୟୀ, ବିଚାରଧୀନ କଏଦୀ ଭାସ୍କରଙ୍କୁ ମାର୍ଚ୍ଚ ୧୬ରେ ଜେଲ ୱାର୍ଡର ଜୟପ୍ରକାଶ ପ୍ରଧାନ, ଜୟକୃଷ୍ଣ ସାହୁ ଓ ଭାରପ୍ରାପ୍ତ ଜେଲର କାହ୍ନୁ ମଲ୍ଲ ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ତାଙ୍କ ଅବସ୍ଥା ଗୁରୁତର ହୋଇଥିଲା। ଏନେଇ ସୁନିଲ ଖୋର୍ଦ୍ଧା ଏସ୍‌ପିଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ତେବେ ଜେଲ ପରିସରରେ ବହୁ ଦୁର୍ନୀତି କାମରେ ଜେଲର ଲିପ୍ତ ଥିବା ମଧ୍ୟ ସୁନିଲ ପିଟିଶନରେ ଅଭିଯୋଗ କରିଥିଲେ। କମିଶନ ମାମଲା ରୁଜୁ କରିବା ସହ ଗତ ୩ ତାରିଖରେ ଶୁଣାଣି କରିଥିଲେ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚିନ୍ମୟ



@ ରମେଶ



@ ଆଦିତ୍ୟ



@ ବିଭୁଦତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୋର୍ଟ ପରିସରରେ ଦୁଇ ଗୋଷ୍ଠୀ ଆଇନଜୀବୀଙ୍କ ମଧ୍ୟରେ ମାରପିଟ

**ଟାଙ୍ଗୀ,୧୧।୪(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ କୋର୍ଟ ପରିସରରେ ଦୁଇ ଗୋଷ୍ଠୀ ଆଇନଜୀବୀଙ୍କ ମଧ୍ୟରେ ଶୁକ୍ରବାର ମାରପିଟ ହୋଇଥିବା ନେଇ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ କେସ୍ ନଂ ୨୫୦ ଓ ୨୫୧/୨୫ ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ କହିଛନ୍ତି। ଓକିଲ କବିତା ମାଝୀଙ୍କ ଲିଖିତ ଅଭିଯୋଗରେ ନକୁଳ ନାୟକ, ପୀତବାସ ନାୟକ, ସୁଜାତା ପଲାଇ, ପ୍ରିୟ ରଞ୍ଜନ ପରିଡ଼ାଙ୍କ ନାମ ରହିଛି। ସେହିପରି ସୁଜାତା ପଲାଇଙ୍କ ଲିଖିତ ଅଭିଯୋଗରେ ସ୍ୱସ୍ତିକ ରଥ ଓ କବିତା ମାଝୀଙ୍କ ନାମ ରହିଛି। ସମାନ ଅଭିଯୋଗରେ ପୀତବାସ ନାୟକ, ରମାମଣୀ ଦେଈ, ପ୍ରିୟରଞ୍ଜନ ପରିଡ଼ା ପ୍ରମୁଖ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। କୋର୍ଟ କାର୍ଯ୍ୟ ଚାଲିଥିବାବେଳେ ଏହି ଘଟଣାକୁ ନେଇ ଚର୍ଚ୍ଚା ଚାଲିଛି।

# ବସ୍‌କୁ ଧକ୍କା ଦେଲା ହାଇୱା: ୩୦ ଆହତ, ୨ ଗୁରୁତର

**ଆଠଗଡ଼,୧୧।୪(ସତ୍ୟ ପ୍ରସାଦ ରଥ)**

ଆଠଗଡ଼-କଟକ ଭାୟା ମୁଣ୍ଡଳି ରାସ୍ତାର ବନଖଣ୍ଡିଠାରେ ଶୁକ୍ରବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍‌କୁ ହାଇୱା ଧକ୍କା ଦେବାରୁ ୩୦ ଜଣ ଆହତ ହୋଇଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଦ୍ୱୟ ହେଲେ ଉଗ୍ରସେନ ରାଉତ ଓ ମନୋରଞ୍ଜନ ଜେନା। ଆଠଗଡ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ଓ ଗୁରୁତରମାନଙ୍କୁ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟକୁ ନେଇଛି। ସେଠାରେ ଗୁରୁତରଦ୍ୱୟଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଛି ବୋଲି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଟ ଡ. ବିଜୟ କୁମାର ମିଶ୍ର ପ୍ରକାଶ କରିଛନ୍ତି। ଆଠଗଡ଼ ପୋଲିସ ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି।

ସୂଚନାଯୋଗ୍ୟ, ବସ୍‌ଟି ଯାତ୍ରୀଙ୍କୁ ନେଇ କଟକ ଯାଉଥିବାବେଳେ ବନଖଣ୍ଡିଠାରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ହାଇୱା ଧକ୍କା ଦେଇଥିଲ। ଫଳରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା ତଳ ବିଲକୁ ଖସିଯାଇଥିଲା। ଖବରପାଇ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ବିଡିଓ ଆକାଶ କୁମାର ପଣ୍ଡା, ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତି, ଆଠଗଡ ଥାନା ଅଧିକାରୀ ସୁମତି ମହାନ୍ତି ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଜାରି ରଖିଛନ୍ତି।






ଦୁର୍ଘଟଣାଗ୍ରସ୍ତ ବସ୍ ଓ ହାଇୱା।

# ପ୍ରସାରଣ ଉପରେ ଅଦାଲତଙ୍କ ଅନ୍ତରୀଣ ଅଙ୍କୁଶ

**କଟକ,୧୧।୪(କାର୍ତ୍ତିକ ସାହୁ)**

## ଶିବ ତାଣ୍ଡବ ସ୍ତୋତ୍ର କପି ରାଇଟ୍ ଆଇନ ଉଲ୍ଲଂଘନ ମାମଲା

ଶିବ ତାଣ୍ଡବ ସ୍ତୋତ୍ର କପିରାଇଟ୍ ଆଇନ ଉଲ୍ଲଂଘନ ଅଭିଯୋଗ ନେଇ କଟକ ଜିଲା ଜଜ୍ ଅଦାଲତରେ ଏକ ମାମଲା ଦାଏର ହୋଇଛି। ଜିଲା ଜଜ୍ ମାମଲାକୁ ବିଚାର ପାଇଁ ଗ୍ରହଣ କରି ଏହାର ପ୍ରସାରଣ ଉପରେ ଅନ୍ତରୀଣ ଅଙ୍କୁଶ ଲଗାଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଏପ୍ରିଲ ୧୫ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀ ଅନୁସାରେ, ବନସ୍ମିତା ପତିଙ୍କ ଦ୍ୱାରା ଓଡ଼ିଆରେ ଲିଖିତ ଶିବ ତାଣ୍ଡବ ସ୍ତୋତ୍ରକୁ ସରୋଜ ମିଶ୍ର ଓରଫ ତପି ବ୍ୟବହାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ବନସ୍ମିତାଙ୍କ ରଚିତ 'ଅଗ୍ନିପରୀକ୍ଷା' ବହିର ଏକ ଅଂଶ ଶିବ ତାଣ୍ଡବ ସ୍ତୋତ୍ର। ଏହାର ଅଡିଓ ଏବଂ ଭିଡିଓ ପ୍ରସାରଣ ଅଧିକାରୀ ରତ୍ନା ଫିଲ୍ମସ ହାସଲ କରିଥିଲା। ଏଥିପାଇଁ ଲେଖିକାଙ୍କ ସହ ରତ୍ନା ଫିଲ୍ମସ୍‌ର ଏକ ଚୁକ୍ତିନାମା ହୋଇଥିଲା। କିନ୍ତୁ ପରେ କପି ରାଇଟ୍ ଆଇନ ଉଲ୍ଲଂଘନ କରି ମିଶ୍ର ଅନଧିକାର ଭାବେ ଭିଡିଓ ପ୍ରସ୍ତୁତ କରି ବିଭିନ୍ନ ପ୍ଲାଟଫର୍ମରେ ପ୍ରସାରଣ କରିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ରତ୍ନା ଫିଲ୍ମସ୍ ପକ୍ଷରୁ ଲିଗାଲ ନୋଟିସ୍ ଜାରି କରାଯାଇଥିଲା। ଏହାର କିଛି ସମାଧାନ ନ ହେବାରୁ ରତ୍ନା ଫିଲ୍ମସ୍ ପକ୍ଷରୁ ମିଶ୍ରଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ବନସ୍ମିତାଙ୍କୁ ମଧ୍ୟ ଏଥିରେ ପକ୍ଷଭୁକ୍ତ କରାଯାଇଛି। ରତ୍ନା ଫିଲ୍ମସ ପକ୍ଷରୁ ଆଇନଜୀବୀ ରାମାଶିଷ ଆଚାର୍ଯ୍ୟ ଓ ବନସ୍ମିତାଙ୍କ ପକ୍ଷରୁ ଆଇନଜୀବୀ ଆୟୁଷ କୁଳରାଜ ମାମଲା ପରିଚାଳନା କରୁଛନ୍ତି।

**ବିଜେଡିର ଭୀଷ୍ମ ମହାନ୍ତି କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ**

**କେନ୍ଦ୍ରାପଡ଼ା,(ଜଗନ୍ନାଥ ଧଳ):** ଗତ ସାଧାରଣ ନିର୍ବାଚନ ପୂର୍ବରୁ ଫାଙ୍କା ରହିଥିବା କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ପଦ ଶୁକ୍ରବାର ପୂରଣ ହୋଇଛି। ଏହି ପଦ ପାଇଁ ନିର୍ବାଚନ ପରେ ଆଳି ଜୋନ ଅନ୍ତର୍ଗତ ୪ ନଂ. ଜିଲା ପରିଷଦ ସଭ୍ୟ ବିଜେଡିର ଭୀଷ୍ମ ମହାନ୍ତି ଶପଥ ଗ୍ରହଣ କରିଛନ୍ତି। ନିର୍ବାଚନରେ ସେ ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଥିଲେ।



ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପାଟନାସ୍ଥିତ ସରକାରୀ ବାସଭବନ ଅଭିମୁଖେ ଯାଉଥିବା କଂଗ୍ରେସ କର୍ମୀଙ୍କ ରାଲି ଉପରେ ଶୁକ୍ରବାର ପୋଲିସ ଲାଠିଚାଳନା କରିବା ସହ ପାଣିମାଡ଼ କରିଛି। ଏଥିସହ କଂଗ୍ରେସ ନେତା କହ୍ନେୟା କୁମାର, ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଉଦୟ ଭାନ୍ ଓ ଅନ୍ୟମାନଙ୍କୁ ପୋଲିସ ଉଠାଇ ନେଉଛି।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ଆୟୁଷ୍ମାନ ଭାରତ: ମନମୋହନ

**ଭୁବନେଶ୍ୱର, ୧୧।୪(ସୁନିତ୍ ମିଶ୍ର)**

**ଏହା କେତେ ସଫଳ ସମୟ କହିବ: ବିରୋଧୀ**

ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଅପରପକ୍ଷେ ଏହି ଯୋଜନା କେତେ ସଫଳ ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ବିରୋଧୀ ବିଜେଡି ଓ କଂଗ୍ରେସ କହିଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ମନମୋହନ କହିଛନ୍ତି, ବହୁ ପ୍ରତୀକ୍ଷିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ, ଗୋପବନ୍ଧୁ ଜନଆରୋଗ୍ୟ ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନା ଶୁକ୍ରବାର ରାଜ୍ୟରେ ଆରମ୍ଭ ହୋଇଛି। ଏହି ଯୋଜନାରେ ଓଡ଼ିଶାର ୩ କୋଟି ୫୦ଲକ୍ଷ ଲୋକ ଲାଭାନ୍ୱିତ ହେବେ। ବୟୋବନ୍ଦନା ଯୋଜନାରେ ୭୦ ବର୍ଷ ଅବା ତଦୁର୍ଦ୍ଧ ବୟୋଜ୍ୟେଷ୍ଠ ନାଗରିକଙ୍କୁ ବିନା କୌଣସି ମାନଦଣ୍ଡରେ ଏହି ସେବା ଯୋଗାଇ ଦିଆଯିବ। ଦେଶର ୨୯ ହଜାର ହସ୍ପିଟାଲରେ ଓଡ଼ିଶାବାସୀଙ୍କୁ ଦେୟମୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରିବ ବୋଲି ସେ କହିଛନ୍ତି। ଏଥିସହ ମନମୋହନ କହିଛନ୍ତି, ଏହି ଜନକଲ୍ୟାଣକାରୀ ଯୋଜନାକୁ ତତ୍କାଳୀନ ବିଜେଡି ସରକାର ନିଜର ରାଜନୈତିକ ସ୍ୱାର୍ଥ ପୂରଣ ପାଇଁ ଓଡିଶାରେ ଲାଗୁ କରାଇ ଦେଉ ନ ଥିଲେ। ଫଳରେ ରାଜ୍ୟର ବହୁ ଲୋକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଥିଲେ। ଏହିଭଳି ଭାବେ କହି ମନମୋହନ ବିଜେଡିକୁ ଟାର୍ଗେଟ କରିଛନ୍ତି।

ଅପରପକ୍ଷେ ବିଜେଡି ଏହାର କଡ଼ା ଜବାବ ଦେଇଛି। ବିଜେଡି ନେତା ତଥା ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ଗରିବ ଲୋକେ ଉପକୃତ ହେଉଥିଲେ। ଏହି ଯୋଜନାରେ ବଡ଼ ବଡ଼ ହସ୍ପିଟାଲର ବାରଣ୍ଡା ମାଡ଼ିପାରୁ ନ ଥିବା ଗରିବ ଲୋକେ ଏଭଳି ସ୍ଥାନରେ ନିଜର ଚିକିତ୍ସା କରାଇବାରେ ସକ୍ଷମ ହୋଇପାରିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନା ଆୟୁଷ୍ମାନ ଭାରତ କେଉଁଟା ଭଲ ସେକଥା ସମୟ କହିବ ବୋଲି ଅଶ୍ୱିନୀ କହିଛନ୍ତି। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଭାଜପା ହେଉ ବା ବିଜେଡି ଲୋକଙ୍କ ସୁବିଧା ପାଇଁ ଏମାନେ ଯୋଜନା କରୁନାହାନ୍ତି। ଏମାନଙ୍କୁ କେବଳ ଭୋଟ ଦରକାର, ଏସବୁ ସେଥିଲାଗି କରୁଛନ୍ତି। ବିଜେଡି ବି ପୂର୍ବରୁ ନିର୍ବାଚନମଣ୍ଡଳୀ ୱାରି ବୁଲି ବୁଲି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ବାଣ୍ଟୁଥିଲା। ହେଲେ ସରକାରରେ କ'ଣ ରହିପାରିଲା। ଭାଜପା ଏବେ ଆୟୁଷ୍ମାନ ଭାରତ କାର୍ଡ ବାଣ୍ଟୁଛି। ଏମାନେ ବି ଆଗକୁ ରହିପାରିବେ ନାହିଁ। ଏମାନଙ୍କ ଯୋଜନା କେତେ ସଫଳ ହେବ ତାହା ସମୟ କହିବ ବୋଲି ତାରା କହିଛନ୍ତି।

# ନାଲିଆଖି ଦେଖାଇପାରିବେନି, ଆମେ ଚାକିରି କରିନୁ: ପ୍ରଫୁଲ୍ଲ

**ଭୁବନେଶ୍ୱର, ୧୧।୪(ସୁନିତ୍ ମିଶ୍ର)**

**ନବୀନଙ୍କୁ ବରିଷ୍ଠଙ୍କ ପାଲଟା ଚ୍ୟାଲେଞ୍ଜ**

- ଆମ ସ୍ୱାଧୀନତାରେ କେହି ହସ୍ତକ୍ଷେପ କରିପାରିବେ ନାହିଁ: ନୃସିଂହ
- ଦଳ ନବୀନଙ୍କ ନେତୃତ୍ୱରେ ଚାଲିଛି : ଅଶ୍ୱିନୀ

ଦିନ ଥିଲା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଯାହା କହୁଥିଲେ ଏହା ଉପରେ କେହି ପଦାରେ ମଧ୍ୟ ଆଲୋଚନା କରିବାକୁ ସାହସ ଜୁଟାଇପାରୁ ନ ଥିଲେ। ଯଦି ଦଳର କୌଣସି ବିଷୟରେ କେହି ପଚାରୁଥିଲେ ତେବେ ନ ଜାଣିଲା ଭଳି ପୂର୍ବରୁ ନେତାମାନେ ସ୍ଥାନ ଛାଡ଼ି ଚାଲିଯାଉଥିଲେ। ହେଲେ ବର୍ତ୍ତମାନ ଆଉ ସେ ସମୟ ନାହିଁ। ନବୀନଙ୍କ ନିୟନ୍ତ୍ରଣରେ ଦଳ ଆଉ ନ ଥିବା ସ୍ପଷ୍ଟ ହେବାରେ ଲାଗିଲାଣି। ନବୀନଙ୍କ ନିର୍ଦ୍ଦେଶକୁ ମଧ୍ୟ ତାଙ୍କ ଦଳର ନେତାମାନେ ପୂର୍ବଭଳି ଖାତିର କରୁନାହାନ୍ତି। ସିଧାସଳଖ ନବୀନଙ୍କ ନାଁ ନେଇ ତାଙ୍କ ଦଳର ନେତାମାନେ ଚ୍ୟାଲେଞ୍ଜ କରିବା ଆରମ୍ଭ କରିଦେଇଛନ୍ତି। ଦଳର ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ ଏବଂ ନୃସିଂହ ସାହୁ ବାହାରେ ବୈଠକ କରିବା ନେଇ ନବୀନ ଦେଇଥିବା ମନ୍ତବ୍ୟକୁ ଶୁକ୍ରବାର ସିଧାସଳଖ ଚ୍ୟାଲେଞ୍ଜ କରିଛନ୍ତି। କିଏ କେଉଁଠି ବସିବ ସେକଥା ଦଳର ସଭାପତି କହିପାରିବେନାହିଁ ବୋଲି ଉଭୟ ନେତା ଖୋଲାଖୋଲି ମନ୍ତବ୍ୟ ରଖିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରଫୁଲ୍ଲ କହିଛନ୍ତି, ଆମେମାନେ କେତେବେଳେ ସାଙ୍ଗସାଥୀରେ ବସି କିଛି ଆଲୋଚନା କରିବୁ, ସେଥିରେ କ'ଣ ଅଛି। ଆମେମାନେ କ'ଣ ଦଳ ପାଇଁ ଅନ୍ତର୍ଘାତୀ କାର୍ଯ୍ୟ କରୁଛୁ। ଆମେ କ'ଣ ହୋଟେଲରେ ବସିପାରିବୁ ନାହିଁ। ଆମେ କ'ଣ କାହା ପାଖରେ ଚାକିରି କରିଛୁ! ଦଳ ବିଶ୍ୱାସରେ ଚାଲେ, କେହି କାହାକୁ ଏଠାରେ ନାଲିଆଖି ଦେଖାଇପାରିବେନାହିଁ। ଗଣତନ୍ତ୍ର ଉପରେ ଆମେ ବିଶ୍ୱାସ କରୁଛୁ। ନବୀନବାବୁ ସବୁବେଳେ କହିଛନ୍ତି, ବିଜେଡି ଏକ ଧର୍ମନିରପେକ୍ଷ ଦଳ। ପାଣ୍ଡିଆନ୍ ଫ୍ୟାକ୍ଟରକୁ ଲୋକମାନେ ଗ୍ରହଣ କରୁନାହାନ୍ତି। ଯଦି ପାଣ୍ଡିଆନ୍ ଦଳର କୌଣସି କଥାରେ ନାହାନ୍ତି ତେବେ ସେ ନିଜେ ଆସି ସିଧାସଳଖ ସେକଥା କୁହନ୍ତୁ ବୋଲି ପ୍ରଫୁଲ୍ଲ କହିଛନ୍ତି।

ଅନ୍ୟପଟେ ନୃସିଂହ ସାହୁ କହିଛନ୍ତି, ପାଣ୍ଡିଆନ୍ ସରକାରୀ ଅଫିସର ଭାବେ ଭଲ କାମ କରିଛନ୍ତି, ହେଲେ ସେ ଦଳରେ ଯୋଗଦେବା ପରେ ଲୋକମାନେ ତାଙ୍କୁ ଗ୍ରହଣ କଲେ ନାହିଁ। ୨ରୁ ୪ଟା ବିଷୟକୁ ନେଇ ବିଜେଡି ହାରିଲା। ସେଥିରୁ ଗୋଟିଏ କାରଣ ହେଉଛି ନବୀନବାବୁ ଦୁଇଟି ଜାଗାରୁ ଠିଆହେଲେ। ପ୍ରଚାର କରାଗଲା ଗୋଟିଏ ଆସନ ନବୀନବାବୁ ଜିତିବା ପରେ ଛାଡ଼ିବେ, ସେଠାରୁ ପାଣ୍ଡିଆନ୍ ଲଢ଼ିବେ ଏବଂ ରାଜ୍ୟର ଦାୟିତ୍ୱ ନେବେ। ପାଣ୍ଡିଆନ୍ ଏବେ ବି ନବୀନ ନିବାସ ଯାଉଛନ୍ତି। ଆମେମାନେ ବାହାରେ ଯେଉଁ ମିଟିଂ କଲୁ, ନବୀନବାବୁ ଭାବିଲେ ପଲିଟିକାଲ ଆଫେୟାର୍ସ କମିଟି ଯାଇକି ବସିଥିଲା। ହେଲେ ସେମିତି ନୁହେଁ, ସେ ଭୁଲ୍ ବୁଝିଛନ୍ତି। ଆମେ ଯେମିତି ବସିବା କଥା ଯାଇ ବସିବୁ। ଯିଏ ଯାହା ଘରକୁ ଡାକିବେ ଆମେ ଯିବୁ, ଚା, ଜଳଖିଆ ଖାଇ ଆଲୋଚନା କରିବୁ। ଆମ ସ୍ୱାଧୀନତା ଉପରେ କେହି ହସ୍ତକ୍ଷେପ କରିପାରିବେ ନାହିଁ। ଯେତେବେଳେ ଯାଇ ବାହାରେ ବସିଥାଉ ଦଳର ହିତ ବିଷୟରେ ଆଲୋଚନା କରିଥାଉ। ୱାକ୍‌ଫ ବିଲ୍ ନେଇ ଏ ପର୍ଯ୍ୟନ୍ତ ନବୀନବାବୁ କିଛି ସ୍ପଷ୍ଟ କରିନାହାନ୍ତି। ପୂର୍ବରୁ ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା ମଧ୍ୟ ମିଟିଂ କରିଥିଲେ। ହେଲେ ଦଳର କାର୍ଯ୍ୟକ୍ରମ ଶଙ୍ଖ ଭବନରେ ହେବା ଦରକାର ବୋଲି ସେ କହିଛନ୍ତି।

ଏହି ଦୁଇ ନେତାଙ୍କ ମନ୍ତବ୍ୟକୁ ନେଇ ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି, ଦଳ କ୍ଷମତାରେ ଥାଉ କି ନ ଥାଉ କେବଳ ଶୃଙ୍ଖଳା ପାଇଁ ଏହି ଦଳ ତିଷ୍ଠିରହିଛି। ଓଡ଼ିଶାରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଏଭଳି ଦାୟିତ୍ୱ ତୁଲାଇଛନ୍ତି ସାରା ଭାରତବର୍ଷ ପାଇଁ ସିଏ ଉଦାହରଣ ହୋଇ ରହିବେ। ଦଳ ତାଙ୍କ ନେତୃତ୍ୱରେ ଚାଲିଛି। କିଛି ବାଦବିବାଦ ଆସିପାରେ, କିନ୍ତୁ ଆଗକୁ ଦଳ ପୁଣି ୟୁନାଇଟେଡ୍ ହେବ ବୋଲି ଅଶ୍ୱିନୀ କହିଛନ୍ତି।

# ସସ୍ମିତଙ୍କ ଉପରେ ଦ୍ୱିତୀୟ କ୍ଷମତାକେନ୍ଦ୍ରର ଚାପଥିଲା:ସପ୍ତଗିରି

**ଭୁବନେଶ୍ୱର,୧୧।୪(ରବିନାରାୟଣ ଜେନା)**



ସପ୍ତଗିରି ଉଲାକା

ରାଜ୍ୟ ସଭାରେ ୱାକ୍‌ଫ ବିଲ୍ ପାରିତ ବେଳେ ବିଜେଡି ସଦସ୍ୟ ଡ. ସସ୍ମିତ ପାତ୍ରଙ୍କ ଉପରେ ଦ୍ୱିତୀୟ କ୍ଷମତା କେନ୍ଦ୍ରର ଚାପ ଥିଲା ବୋଲି କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା ଶୁକ୍ରବାର ଭି. କେ ପାଣ୍ଡିଆନଙ୍କୁ ଆକ୍ଷେପ କରି କହିଛନ୍ତି।

ସପ୍ତଗିରି ଗଣମାଧ୍ୟମରେ କହିଛନ୍ତି, ରାଜ୍ୟ ସଭାରେ ମତଦାନ ବେଳେ ସସ୍ମିତ କିଛି ସମୟ ପାଇଁ ବାହାରକୁ ଯାଇଥିଲେ। ଏହି ସମୟରେ ତାଙ୍କ ଉପରେ ଦ୍ୱିତୀୟ କ୍ଷମତା କେନ୍ଦ୍ର ତଥା ପାଣ୍ଡିଆନ ଚାପ ପକାଇଥିଲେ; ଯେଉଁଥିପାଇଁ ସେ ଗଣମାଧ୍ୟମ ସମ୍ମୁଖରେ ସଦସ୍ୟମାନଙ୍କୁ ୱାକ୍‌ଫ ବିଲ୍ ପ୍ରସଙ୍ଗରେ ବିବେକାନୁମୋଦିତ ଭୋଟଦେବାକୁ କହିଥିଲେ। ତେବେ ସଂସଦୀୟ ଗଣତନ୍ତ୍ରରେ ପ୍ରଥମଥର ପାଇଁ ବିଜେଡି ସଦସ୍ୟଙ୍କ ଏଭଳି ମନ୍ତବ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ୱାକ୍‌ଫ ବିଲ୍‌କୁ ବିରୋଧ କରିବାପାଇଁ କହିସାରିଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସସ୍ମିତଙ୍କ ୟୁଟର୍ନ କେବଳ ଦ୍ୱିତୀୟ କ୍ଷମତା କେନ୍ଦ୍ରଙ୍କ ଚାପ ଯୋଗୁ ସମ୍ଭବ ହୋଇଛି ବୋଲି ସପ୍ତଗିରି କହିଛନ୍ତି।

## ଅପରାଧ

### ୩ ହାର୍ଡକୋର ମାଓବାଦୀ ଗିରଫ

**ମାଲକାନଗିରି, ୧୧।୪ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ପୋଲିସ ୩ ଜଣ ହାର୍ଡକୋର ମାଓବାଦୀଙ୍କୁ ଗିରଫ କରିଛି। ଗିରଫ ମାଓବାଦୀମାନେ ହେଲେ ୨ ଲକ୍ଷ ଇନାମୀ ମାଡକାମ ଭୀମା, ୧ ଲକ୍ଷ ଇନାମୀ ମାଡକାମ ନନ୍ଦା ଓ ହେମଲା ନନ୍ଦା। ଉକ୍ତ ୩ ମାଓବାଦୀ ଛତିଶଗଡର ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିବାବେଳେ ହତ୍ୟା, ଲୁଟ୍ ଭଳି ଘଟଣାରେ ସମ୍ପୃକ୍ତ ଥିଲେ। ସେମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ସୁକୁମା ଏସ୍‌ପି ସୂଚନା ଦେଇଛନ୍ତି।

### ଗାଁ ରାସ୍ତା ମଝିରେ ଯୁବକଙ୍କୁ ହତ୍ୟା, ବାପ ପୁଅ ଗିରଫ

**ବଲାଙ୍ଗୀର,୧୧।୪ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସରଗାଡ଼ ଗାଁରେ ଗୁରୁବାର ରାତିରେ ବଚସାକୁ କେନ୍ଦ୍ର କରି ବାପ ପୁଅ ଗାଁ ରାସ୍ତାରେ ଜଣେ ଯୁବକଙ୍କୁ କାଠପଟାରେ ପିଟି ପିଟି ହତ୍ୟା କରିଛନ୍ତି। ମୃତ ଯୁବକ ସେହି ଗାଁର ଅରୁଣ ସାଏ ପଟେଲ (୩୭)। ଅଭିଯୁକ୍ତଙ୍କ ଆକ୍ରମଣରେ ମୃତ ଯୁବକଙ୍କ ସାଙ୍ଗ ଯୁଗେଶ୍ୱର ସରାପ (୨୫) ଓ ତାଙ୍କ ସ୍ତ୍ରୀ ମଧ୍ୟ ଆହତ ହୋଇଛନ୍ତି। ଦୁଇ ଅଭିଯୁକ୍ତ ପ୍ରେମାନନ୍ଦ ଓରଫ ଉମାକାନ୍ତ ନାଏକ (୩୨) ଓ ତାଙ୍କ ବାପା ଲିଙ୍ଗରାଜ ଓରଫ ପରସାଦୁ ନାଏକ (୬୧)ଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି।

**ସ୍ତ୍ରୀ ପୁଅକୁ ମାରିବା ପାଇଁ ଘରେ ଡିଟୋନେଟର ଖଞ୍ଜିବା ଘଟଣା**

### ଜେଲ ଗଲେ ଅଭିଯୁକ୍ତ

**ଦିଗପହଣ୍ଡି,୧୧।୪(ଅଶେଷନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କୁଶପଡ଼ା ଗ୍ରାମ କାଳିଞ୍ଜୀ ସାହିରେ ବୁଧବାର ଅପରାହ୍ଣରେ ଘରେ ଡିଟୋନେଟର ଖଞ୍ଜି ମା' ପୁଅଙ୍କୁ ମାରିବାକୁ ଉଦ୍ୟମ କରିବା ଘଟଣାରେ ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସେ ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଗୌଡ଼ପଲ୍ଲୀ ଉୁଡୁକା ଗ୍ରାମର ସୁରେନ୍ଦ୍ର ଦୋରା। ଜାମିନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଯାଇଛି।

# ବ୍ରାଉନ୍‌ସୁଗାର ବେପାରୀ ସେକ୍ ଜାମସେଦ୍‌ଙ୍କୁ ଏନ୍‌କାଉଣ୍ଟର

**ଭୁବନେଶ୍ୱର,୧୧।୪ (ସତ୍ୟଜିତ୍ ରାଉତ)**



ଏନ୍‌କାଉଣ୍ଟରରେ ଆହତ ସେକ୍ ଜାମ୍‌ସେଦ୍।

**୨୦ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର, ବନ୍ଧୁକ, ଗୁଳି, ବାଇକ୍ ଜବତ**

- ୨୦୨୨ରେ ଏସ୍‌ଟିଏଫ୍ ଦ୍ୱାରା ଗିରଫ ହୋଇଥିଲେ
- ପୂର୍ବରୁ ୧.୩୨ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ ହୋଇଥିଲା

ପେସାଦାର ବ୍ରାଉନସୁଗାର ବେପାରୀ ସେକ୍ ଜାମ୍‌ସେଦ୍ (୩୨)ଙ୍କୁ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ (ଏସ୍‌ସିୟୁ) ଏନ୍‌କାଉଣ୍ଟର କରିଛି। ଭୁବନେଶ୍ୱର ଜୟଦେବ ବାଟିକା ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଜାମସେଦ୍ ଓ ପୋଲିସ ଟିମ୍ ମଧ୍ୟରେ ଗୁଳି ବିନିମୟ ବେଳେ ଏହି ଘଟଣା ଘଟିଛି। ଜାମସେଦ୍‌ଙ୍କ ବାମଗୋଡ଼ରେ ପୋଲିସ ଗୁଳି ବାଜିଥିବା ବେଳେ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ଜାମସେଦ୍ ପୂର୍ବରୁ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦୀପଡ଼ିଆ ବସ୍ତିରେ ରହୁଥିବା ବେଳେ ଠିକଣା ବଦଳାଇ କଟକ-ପୁରୀ ବାଇପାସ୍ ରୋଡ୍ ମଙ୍ଗରାଜ ପଏଣ୍ଟ ପାଖରେ ରହୁଛନ୍ତି। ତେବେ ଜାମ୍‌ସେଦ ଧରାପଡ଼ିବା ପରେ ତାଙ୍କ ପାଖରୁ ୨୦ ଲକ୍ଷ ଟଙ୍କାର ୨୦୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏଥିସହ ଗୋଟିଏ ଦେଶୀ ବନ୍ଧୁକ, ଦୁଇଟି ଗୁଳି, ବାଇକ (ଓଡି୦୨ଏଜେଡ୍‌୫୨୪୬) ଓ ନଗଦ ୬ ହଜାର ଟଙ୍କା ଜବତ କରିଛି ପୋଲିସ। ଏହି ଘଟଣାରେ ଖଣ୍ଡଗିରି ଥାନାରେ ଏକ ମାମଲା (ନଂ.୨୨୫/୨୦୨୫) ରୁଜୁ କରାଯାଇଛି। ଜାମସେଦ୍ ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ। ଅଭିଯୁକ୍ତ ଜାମସେଦଙ୍କ ନାଁରେ କଟକ ଲାଲ୍‌ବାଗ ଥାନା, ଭୁବନେଶ୍ୱରର ବାଲିଅନ୍ତା ଓ ବଡ଼ଗଡ ଥାନାରେ ଗୋଟିଏ ଲେଖାଏ ନିଶା କାରବାର ମାମଲା ରହିଥିବା ବେଳେ ଲକ୍ଷ୍ମୀସାଗର ଥାନାରେ ଏକ ଆକ୍ରମଣଜନିତ ମାମଲା ରହିଛି। ଏହାପୂର୍ବରୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଜାମସେଦ୍‌ଙ୍କୁ ୨୦୨୨ ଏପ୍ରିଲ ୨୨ରେ ହଳଦୀପଡ଼ିଆ ବସ୍ତିରୁ ଗିରଫ କରିଥିଲା।

ସୂଚନା ଅନୁଯାୟୀ, ଜାମ୍‌ସେଦ ଦୀର୍ଘଦିନ ହେବ ବ୍ରାଉନସୁଗାର କାରବାରରେ ଲିପ୍ତ ରହିଛନ୍ତି। ବିଭିନ୍ନ ରାଜ୍ୟରୁ ବ୍ରାଉନ୍‌ସୁଗାର ଆଣି ଲୋକାଲ ଡିଲରଙ୍କୁ ଦେଉଛନ୍ତି। ଏପରିକି ବଡ଼ ବଡ଼ ନିଶା ବେପାରୀଙ୍କ ସହ ମଧ୍ୟ ତାଙ୍କର ଘନିଷ୍ଠ ସମ୍ପର୍କ ରହିଛି। ପୂର୍ବରୁ ସେ ଏକାଧିକଥର ଜେଲ ଯାଇଥିଲେ ମଧ୍ୟ ଧଳା ଜହର କାରବାର ବନ୍ଦ କରୁ ନ ଥିଲେ। କିଛିଦିନ ହେବ ଜାମସେଦ୍ ବଡ଼ ପରିମାଣର ବ୍ରାଉନସୁଗର କାରବାର କରୁଥିବା ଓ ଭୁବନେଶ୍ୱରର ସ୍ଥାନୀୟ ବେପାରୀଙ୍କୁ ଦେବାକୁ ଚେଷ୍ଟା କରୁଥିବା ସୂଚନା ପାଇ ସ୍ପେଶାଲ କ୍ରାଇମ ୟୁନିଟ୍ ତାଙ୍କ ଉପରେ କଡ଼ା ନଜର ରଖିଥିଲା। ଗୁରୁବାର ବିଳମ୍ବିତ ରାତିରେ ପୋଲିସ ଟିମ୍ ଜାମସେଦ୍‌ଙ୍କୁ ଖଣ୍ଡଗିରି ଜଙ୍କ୍‌ଶନ ପାଖରେ ଅଟକାଇବାକୁ ଚେଷ୍ଟା କରିଥିଲା। ହେଲେ ସେ ପୋଲିସକୁ ଚକ୍‌ମା ଦେଇ ସେଠାରୁ ଜୟଦେବ ବାଟିକା ଆଡକୁ ଦ୍ରୁତଗତିରେ ବାଇକ୍ ମୁହାଁଇଥିଲେ। ପୋଲିସ ଟିମ୍ ପିଛା କରି କାବୁ କରିବାକୁ ଉଦ୍ୟମ କରିବାରୁ ସେ ଜୟଦେବ ବାଟିକା ନିକଟ ରାସ୍ତାରେ ଗୁଳି ଚଳାଇଥିଲେ। ଏପଟେ ଆତ୍ମରକ୍ଷା ପାଇଁ ପୋଲିସ ଟିମ୍ ଜାମସେଦଙ୍କୁ ଗୁଳିମାଡ଼ କରିଥିଲା। ଗୋଡ଼ରେ ଗୁଳି ବାଜିବା ପରେ ସେ ବାଇକ୍‌ରୁ ଖସି ତଳେ ପଡ଼ିଯିବାରୁ ପୋଲିସ ତାଙ୍କୁ କାବୁ କରିଥିଲା ବୋଲି କମିଶନରେଟ ପୋଲିସ ସୂଚନା ଦେଇଛି।

ଉଲ୍ଲେଖଯୋଗ୍ୟ, ଜାମ୍‌ସେଦ ନିଶା କାରବାରରୁ ବହୁ କୋଟିର ସମ୍ପତ୍ତି ଠୁଳ କରିଥିଲେ। ୧.୩୨ କୋଟି ଟଙ୍କାର ୩ ମହଲା ବିଲ୍ଡିଂ ସହ ଏକାଧିକ ପ୍ଲଟ୍ ସମ୍ପତ୍ତିକୁ ଏସ୍‌ଟିଏଫ୍ ପୂର୍ବରୁ ଜବତ କରିବା ସହ ବାଜ୍ୟାପ୍ତ କରିଥିଲା। ଏନେଇ ୨୦୨୨ ଜୁଲାଇରେ କୋଲକାତାସ୍ଥିତ କମ୍ପିଟେଣ୍ଟ ଅଥରିଟି ଏସ୍‌ଟିଏଫ୍‌କୁ ଅନୁମତି ଦେଇଥିଲେ।

### ନାବାଳିକା ବଳାତ୍କାର ମାମଲା
# ନାବାଳିକାଙ୍କୁ ୨୦ ବର୍ଷ ଜେଲ

**କେନ୍ଦ୍ରାପଡ଼ା, ୧୧।୪ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା କୁଦାନଗରୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲା (ନଂ. ୩୪୧/୨୩)ର ଫଇସଲା ଶୁକ୍ରବାର ହୋଇଛି। ଆଡିଶନାଲ ଡିଷ୍ଟ୍ରିକ୍ ଜଜ୍ କମ୍ ସେସନ୍ସ ଜଜ୍ ପ୍ରଜ୍ଞା ପାରମିତା ରାଉଳ ଏହି ପୋକ୍‌ସୋ କମ୍ ସିଆଇସିଏଲ (ଚିଲ୍ଡ୍ରେନ ଇନ୍ କନ୍‌ଫ୍ଲିକ୍ଟ ୱିଥ୍ ଦ ଲ) ମାମଲାର ଶୁଣାଣି କରି ୧୮ ବର୍ଷୀୟା ନାବାଳିକାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଜରିମାନା ବାବଦ ୫୦ ହଜାର ଟଙ୍କା, ଅନାଦାୟେ ୧ ବର୍ଷ ଜେଲ ଅଧିକ ହେବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତା ନାବାଳିକାଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ୭.୫ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସ୍ପେଶାଲ ପି.ପି. ଆଇନଜୀବୀ ମନୋଜ ସାହୁ କହିଛନ୍ତି, ୨୦୨୩ ଅକ୍ଟୋବର ୧୭ରେ ଏହି ଘଟଣା ଘଟିଥିଲା। ପୀଡ଼ିତା ଓ ଦୋଷୀ ନାବାଳିକା ଦୁହେଁ ପାଟକୁରା ଥାନା ଅଞ୍ଚଳର ଏକ କଲେଜରେ ଯୁକ୍ତ ୨ ପଢୁଥିଲେ। ଅକ୍ଟୋବର ୧୭ରେ ଦୋଷୀ ନାବାଳିକାଙ୍କ ଭାଇ ଜିଲା ବାହାରୁ ଆସୁଛି, ତାଙ୍କୁ ଆଣିବାକୁ ଯିବା କହି ସାଙ୍ଗରେ ପୀଡିତାଙ୍କୁ ନେବାକୁ ଅନୁରୋଧ କରିଥିଲେ। ପ୍ରଥମ ଥର ମନା କରିବା ପରେ ଦ୍ୱିତୀୟ ଅନୁରୋଧରେ ଦୁହେଁ ଏକ କାରରେ ଯାଇଥିଲେ। ବାଟରେ ଦୋକାନରୁ ଆଣିଥିବା ଥଣ୍ଡା ପାଣି ପିଇବା ପରେ ପୀଡ଼ିତା ବେହୋସ ହୋଇଥିଲେ। ଆଖି ଖୋଲିବା ପରେ ଏକ ବନ୍ଦ କୋଠରିରେ ପୀଡ଼ିତା ଥିବାବେଳେ ଦୋଷୀ ନାବାଳିକା ଓ ଅନ୍ୟ ୪ ଜଣ ଏହି ଘରେ ରହିଥିବା ସେ ଦେଖିଥିଲେ। ୪ ଜଣ ବଳାତ୍କାର କରିବା ସମୟରେ ପୀଡ଼ିତା ଗୋଡ଼ ବାଡେଇବାରୁ ସାଙ୍ଗ ନାବାଳିକା ଜଣକ ଜୋର୍ କରି ଧରିଥିଲେ। ଫଳରେ ୪ ଜଣଙ୍କୁ ବଳାତ୍କାର କରିବାକୁ ପ୍ରୋତ୍ସାହିତ କରିଥିଲେ। ଏହି ସମୟରେ ବଳାତ୍କାରୀମାନେ ମାଡ଼ ମାରିବାରୁ ପୀଡ଼ିତା ପୁଣିଥରେ ବେହୋସ ହୋଇଯାଇଥିଲେ। ଏହି ବେହୋସ ଅବସ୍ଥାରେ ପୀଡ଼ିତାଙ୍କୁ ବଳାତ୍କାରୀମାନେ ପାଟକୁରା ଥାନା ଅଞ୍ଚଳର ନରେନ୍ଦ୍ରପୁର ବ୍ରିଜ ନିକଟରେ ଫୋପାଡି ଦେଇ ଚାଲିଯାଇଥିଲେ। ଏ ସମ୍ପର୍କରେ ପୀଡ଼ିତା ଘରେ କହିବା ସହ ୧୮ ତାରିଖରେ କୁଦାନଗରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ସମୟରେ ସାଙ୍ଗ ନାବାଳିକା ଦୋଷୀ ହୋଇଥିବାରୁ ଜୁଭେନାଇଲ କୋର୍ଟକୁ ବିଚାର ପାଇଁ ଯାଇଥିଲେ। ତେବେ ଅପରାଧ ଓ ବୟସ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଅନୁଧ୍ୟାନ ପରେ ପୋକ୍‌ସୋ କମ୍ ସିଆଇସିଏଲ୍ ବିଚାର ହୋଇଥିଲା ବୋଲି ଆଇନଜୀବୀ ସାହୁ ସୂଚନା ଦେଇଛନ୍ତି।

# ପୋଲିସ ପଳାଇବା ପରେ ବିଲ୍ଡରଙ୍କୁ ହତ୍ୟା

**ପଡ଼ିଆରୁ ମୃତଦେହ ଜବତ**

**ଭୁବନେଶ୍ୱର,୧୧।୪(ସତ୍ୟଜିତ୍ ରାଉତ)**

ଏକ ଜମି ବିବାଦକୁ କେନ୍ଦ୍ର କରି ଶୁକ୍ରବାର ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳରେ ଜଣେ ବିଲ୍ଡରଙ୍କୁ ହତ୍ୟା କରାଯାଇଛି। ପୋଲିସ ପଳାଇବା ପରେ ଏହି ଘଟଣା ଘଟିଛି। ମୃତକ ହେଲେ ଭୀମପୁର ଅଞ୍ଚଳର ସସ୍ମିତ ବିଶ୍ୱାଳ ଓରଫ ଚିନୁ। ଏହି ଥାନା ଅନ୍ତର୍ଗତ ବୋତଣ୍ଡା ଜାମୁକୋଳି ପ୍ରଧାନସାହି ନିକଟ ପଡ଼ିଆରେ ସସ୍ମିତଙ୍କ ମୃତଦେହକୁ ଅପରାହ୍ଣରେ ପୋଲିସ ଜବତ କରିଛି। ଘଟଣାସ୍ଥଳରୁ ତାଙ୍କ ସ୍କୁଟି (ଓଡି୩୩୪ଆର୍‌୪୩୮), ମୋବାଇଲ ଫୋନ୍ ଆଦି ମିଳିଛି। ତେବେ ଦୁର୍ବୃତ୍ତମାନେ ସସ୍ମିତଙ୍କୁ ପିଟି ପିଟି କିମ୍ବା ତାଙ୍କ ବେକକୁ ଚିପି ହତ୍ୟା କରିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ପାଇଁ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିବା ବେଳେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଲାଗି ରହିଛି। ଏହି ଘଟଣାକୁ ନେଇ ସସ୍ମିତଙ୍କ ଭାଇ ଦେବଦତ୍ତ ମହାନ୍ତି ଏୟାରଫିଲ୍ଡ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ହତ୍ୟା ମାମଲା (ନଂ.୧୦୫/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି। ସସ୍ମିତଙ୍କ ହତ୍ୟା ପଛରେ ତାଙ୍କ ପାର୍ଟନର ତଥା ଜମି ବ୍ୟବସାୟୀ ପ୍ରଧାନସାହିର ଟୁଲୁ ମହାନ୍ତି ମୁଖ୍ୟ ଅଭିଯୁକ୍ତ ହୋଇଥିବାବେଳେ ମୋଟ ୭ଜଣଙ୍କ ସମ୍ପୃକ୍ତି ରହିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ କହିଛି। ତେବେ ପୋଲିସ ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବାବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି। ଶନିବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ପ୍ରଧାନ ସାହି ମୌଜାରେ ସସ୍ମିତ ଓ ଟୁଲୁ ଜମି ବ୍ୟବସାୟ କରୁଥିଲେ। ତେବେ ଉକ୍ତ ଅଞ୍ଚଳରେ ଏକ ଜମିକୁ ନେଇ କିଛିଦିନ ହେବ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଉଭୟଙ୍କ ମଧ୍ୟରେ ଏକାଧିକ ଥର ଝଗଡା ହୋଇଥିଲା। ଏନେଇ ଏୟାରଫିଲ୍ଡ ଥାନାରେ ଉଭୟ ପକ୍ଷରୁ ମଧ୍ୟ ଅଭିଯୋଗ ହୋଇଥିଲା। ଟୁଲୁ ଉକ୍ତ ଜମିରେ ପାଚେରି ନିର୍ମାଣ କରିଥିବାରୁ ସସ୍ମିତ ଏହାକୁ ବିରୋଧ କରୁଥିଲେ। ଶୁକ୍ରବାର ସକାଳେ ସସ୍ମିତା ସ୍କୁଟି ଯୋଗେ ସେଠାକୁ ଯାଇଥିବାବେଳେ ଗଣ୍ଡଗୋଳ ହୋଇଥିଲା। ଏପରିକି ପୋଲିସ ମଧ୍ୟ ଘଟଣାସ୍ଥଳକୁ ଯାଇ ଫେରିଥିଲା। ପରେ ଟୁଲୁ ଓ ସହଯୋଗୀମାନେ ହତ୍ୟାକାଣ୍ଡ ଘଟାଇଥିବା ସୂଚନା ମିଳିଛି।

# ନାତୁଣୀଙ୍କ ଅଶ୍ଳୀଳ ଫଟୋ ପ୍ରଘଟ କରି ସମ୍ପର୍କୀୟ ଅଜା ଗିରଫ

**ନୀଳଗିରି,୧୧।୪(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅଶ୍ଳୀଳ ଫଟୋ ପ୍ରଘଟ କରିବା ଅଭିଯୋଗରେ ସମ୍ପର୍କୀୟ ଅଜାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ ବ୍ୟକ୍ତି ହେଲେ ଅଯୋଧ୍ୟା ଫାଣ୍ଡି ଅଞ୍ଚଳର ନାରାୟଣ ଖମାରୀ (୫୦)। ଉକ୍ତ ନାବାଳିକାଙ୍କ ସରଳତାର ସୁଯୋଗ ନେଇ ନାରାୟଣ ବଳପୂର୍ବକ ଅଶ୍ଳୀଳ ଆଚରଣ ସହ ମୋବାଇଲରେ ଅଶ୍ଳୀଳ ଫଟୋ ଉତ୍ତୋଳନ କରି ପ୍ରଘଟ କରିଥିଲେ। ବାରମ୍ବାର ଏଭଳି ଆଚରଣ କରିବା ସହ ଅଭିଯୁକ୍ତ ନାବାଳିକାଙ୍କୁ ମଧ୍ୟ ଧମକ ଚମକ ଦେଇଆସୁଥିଲେ। ଏ ସମ୍ପର୍କରେ ପୀଡ଼ିତାଙ୍କ ପରିବାର ଜାଣିବା ପରେ ନୀଳଗିରି ଥାନାରେ ଦ୍ୱାରସ୍ଥ ହୋଇଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି ଡାକ୍ତରୀମାଇନା ପରେ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ. ୧୨୯/୨୫) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଭୀରାଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲୁଇସ୍ ରୋଡ୍‌ରେ ଚାନ୍ଦି ଭଣ୍ଡାରର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

**ଭୁବନେଶ୍ୱର,୧୧।୪**

ଚାନ୍ଦି ଭଣ୍ଡାରର ଏକ୍ସକ୍ଲୁସିଭ ଆଉଟ୍‌ଲେଟ ଶୁକ୍ରବାର ଭୁବନେଶ୍ୱରର ଲୁଇସ୍ ରୋଡ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଏବଂ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତ୍ରୀ ଲିପ୍ସା ହଂସଙ୍କ ସମେତ ମାଣିକ ହଂସ, ଯୋଗେନ୍ଦ୍ର ହଂସ (ପପୁ ହଂସ) ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଉଦ୍‌ଘାଟନୀ ଅଫର ଭାବେ ଚାନ୍ଦି ଭଣ୍ଡାର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଏହି ଅଫର ୨୦୨୫ ଏପ୍ରିଲ ୧୭ ପର୍ଯ୍ୟନ୍ତ ଉପଲବ୍ଧ।

ଏ ସମ୍ପର୍କରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତ୍ରୀ ଲିପ୍ସା ହଂସ କହିଛନ୍ତି, ଲୁଇସ୍ ରୋଡ୍‌ରେ ଆମର ୨୦ତମ ଷ୍ଟୋର ଖୋଲି ଆମେ ଅତ୍ୟନ୍ତ ଗର୍ବିତ। ଭୁବନେଶ୍ୱର ହେଉଛି ଏକ ସହର, ଯାହାକି ଆମର ଦୃଷ୍ଟିକୋଣକୁ ଗ୍ରହଣ କରିଆସିଛି। ଏ ଷ୍ଟୋର ଆମ ଯାତ୍ରାରେ ନୂଆ ଅଧ୍ୟାୟ ଯୋଡ଼ିଛି, ଗ୍ରାହକଙ୍କ ନିକଟକୁ ସୌନ୍ଦର୍ଯ୍ୟ, ଭରସା ଏବଂ ରୁପାର ଉତ୍କର୍ଷକୁ ଆଣିଛି। ସମ୍ପ୍ରସାରଣର ଅଂଶବିଶେଷ ଚାନ୍ଦି ଭଣ୍ଡାର ଅକ୍ଷୟ ତୃତୀୟାରେ ରଘୁନାଥପୁରରେ ଏକ ନୂଆ ଷ୍ଟୋର ଖୋଲିବାକୁ ଯାଉଥିବା ହଂସ ସୂଚନା ଦେଇଛନ୍ତି। ସେହିଭଳି ୧୫୦୦ ବର୍ଗଫୁଟ୍ ପରିବ୍ୟାପ୍ତ ସ୍ଥାନରେ ଗଢି ଉଠିଥିବା ଏହି ନୂତନ ଷ୍ଟୋରରେ ସମସ୍ତ ଅବସର ପାଇଁ ସୂକ୍ଷ୍ମ କାରିଗରିଯୁକ୍ତ ଷ୍ଟର୍ଲିଂ ସିଲ୍‌ଭର ଗହଣାର ଭଳିକି ଭଳି ସମ୍ଭାର ଉପଲବ୍ଧ। ଏପରିକି ୯୨.୫% ଶୁଦ୍ଧ ଷ୍ଟର୍ଲିଂ ସିଲ୍‌ଭରରେ ପ୍ରସ୍ତୁତ ହଲ୍‌ମାର୍କ ବାସନକୁସନଠାରୁ ଆରମ୍ଭକରି ପ୍ରିମିୟମ ଆସେସରିଜ୍ ରହିଛି। ପ୍ରତ୍ୟେକ ଆଇଟମ ସ୍ଥାୟୀ କଳାକୃତି ଏବଂ ଜଟିଳ କାରିଗରିକୁ ସୂଚାଉଛି। ଏଠାରେ ପୁରୁଷ, ମହିଳା ଏବଂ ପିଲାମାନଙ୍କ ପାଇଁ ବ୍ୟାପକ ପ୍ରକାରର ରୁପା ଗହଣା ସାମିଲ ରହିଛି। ଅପରପକ୍ଷରେ ମହିଳାମାନଙ୍କ ପାଇଁ ଜିର୍କନ୍ ଖଚିତ ନେକ୍‌ଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍‌ଲେଟ୍ ଏବଂ ଆଙ୍କ୍‌ଲେଟ୍‌ର ଭଳିକି ଭଳି ସମ୍ଭାର ଉପଲବ୍ଧ ରହିଛି। ଏହା ବିବାହ, ସ୍ୱତନ୍ତ୍ର ଅବସର ଏବଂ ନିତିଦିନିଆ ବ୍ୟବହାର ପାଇଁ ସର୍ବୋତ୍କୃଷ୍ଟ ବୋଲି କୁହାଯାଉଛି। ସେହିପରି ପୁରୁଷଙ୍କ ରୁପା ଗହଣା ଚାହିଦାକୁ ଦୃଷ୍ଟିରେ ରଖି ଆମୋଘ କଲେକ୍ସନ ଏଠାରେ ଉପଲବ୍ଧ ରହିଛି, ଯେଉଁଥିରେ ବ୍ରେସ୍‌ଲେଟ୍, ମୁଦି, କଫ୍‌ଲିଙ୍କ୍ ଏବଂ ଚେନ୍ ଆଦି ସାମିଲ ରହିଛି।



ଚାନ୍ଦି ଭଣ୍ଡାରର ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ପ୍ରତିଷ୍ଠାତ୍ରୀ ଲିପ୍ସା ହଂସ, ମାଣିକ ହଂସ ଏବଂ ଯୋଗେନ୍ଦ୍ର ହଂସ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୧୧।୪**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୩୧୦ (୧୩୧୦.୧୧) ପଏଣ୍ଟ ବୃଦ୍ଧି ଘଟି ୭୫,୧୫୭ (୭୫,୧୫୭.୨୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୪୨୯ (୪୨୯.୪୦) ପଏଣ୍ଟ ବଢି ୨୨,୮୨୯(୨୨,୮୨୮.୫୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।


## ନିରୁଦ୍ଦିଷ୍ଟ



ନାମ: ରମେଶ ଚନ୍ଦ୍ର ମହାପାତ୍ର, (୭୫) ବର୍ଷ, ସାବନା ରଙ୍ଗ, ୫'୬'' ଉଚ୍ଚ, ପିତା- ସ୍ୱର୍ଗତ ସଦାଶିବ ମହାପାତ୍ର, ପୂବାଶାସନ, କୌଶଲ୍ୟାଗଙ୍ଗ, ପୁରୀ (ଓଡ଼ିଶା), ପିନ- ୭୫୧୦୦୨, ୨୦।୦୬।୧୯୭୩ରୁ ନିଖୋଜ ଅଛନ୍ତି। ଯଦି କୌଣସି ବ୍ୟକ୍ତି ସୂଚନା ପାଆନ୍ତି ତେବେ ଯୋଗାଯୋଗ କରିବାକୁ ଅନୁରୋଧ। ମୋ- ୭୦୦୮୬୮୮୭୮୩। ଧ-୧୩୩


# ବଜାରରେ ବୈଦ୍ୟନାଥର ନୂତନ ଉତ୍ପାଦ ରେଞ୍ଜ

## ବୈଦ୍ୟନାଥ ଡିଲର ସମ୍ମିଳନୀ-୨୦୨୫

**ଭୁବନେଶ୍ୱର,୧୧।୪ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଆୟୁର୍ବେଦ ବ୍ରାଣ୍ଡ ବୈଦ୍ୟନାଥର ନୂତନ ଉତ୍ପାଦ ରେଞ୍ଜକୁ ଶୁକ୍ରବାର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଅପରପକ୍ଷରେ ବୈଦ୍ୟନାଥ ଡିଲର ସମ୍ମିଳନୀ-୨୦୨୫ ଭୁବନେଶ୍ୱରର ମେ ଫେୟାରରେ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ଶ୍ରୀବୈଦ୍ୟନାଥ ଆୟୁର୍ବେଦ ଭବନ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ଆର୍. କେ. ଶର୍ମା କହିଥିଲେ, ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆମେ ଭୁବନେଶ୍ୱରରେ ଏକତ୍ରିତ ହୋଇଛନ୍ତି। ଏପରିକି ଆମର ମିଳିତ ପ୍ରୟାସ ଏବଂ ନିରନ୍ତର ନିଷ୍ଠା ବଜାରରେ ଆୟୁର୍ବେଦିକ ଔଷଧର ଉପକାରିତା ବିଷୟରେ ସଚେତନତା ଓ ଲୋକପ୍ରିୟତା ସୃଷ୍ଟି କରିଛି। ଆପଣମାନଙ୍କର ନିରନ୍ତର ବିଶ୍ୱାସ ଏବଂ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ସେହିଭଳି ଏହି ବାର୍ଷିକ ସାକ୍ଷାତକୁ ଏକ ବଡ ସଫଳତା ଦେବା ପାଇଁ ଏଠାରେ ମତ ବିନିମୟ କରିବା ଏବଂ ଆହୁରି ଅଧିକ ଶକ୍ତିଶାଳୀ ସହଭାଗିତା ପାଇଁ ଏହି ପ୍ଲାଟ୍‌ଫର୍ମକୁ ବ୍ୟବହୃତ କରିବା ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ପରିଶେଷରେ ଡିଲରମାନଙ୍କୁ ସମ୍ମାନିତ କରିବା ସହ ଆଗାମୀ ଦିନର କାରବାର ଓ କାର୍ଯ୍ୟପନ୍ଥା ବିଷୟରେ ସେ ସବୁ ବର୍ଗଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ।



ବୈଦ୍ୟନାଥର ନୂତନ ଉତ୍ପାଦ ରେଞ୍ଜକୁ ଏମ୍‌ଡି ଆର୍.କେ. ଶର୍ମା ଏବଂ ନିର୍ଦ୍ଦେଶିକା ନେହା ଶର୍ମା ଶୁଭାରମ୍ଭ କରୁଛନ୍ତି।

# ବିବେକାନନ୍ଦ ୟୁବିଆଇ କଟକ କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ

**ଭୁବନେଶ୍ୱର,୧୧।୪**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) କଟକ କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ବିବେକାନନ୍ଦ ଷଡ଼ଙ୍ଗୀ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ୧୯୯୯ରେ ବିବେକାନନ୍ଦ କର୍ପୋରେଶନ ବ୍ୟାଙ୍କରୁ ବ୍ୟାଙ୍କିଙ୍ଗ୍ ଜୀବନର କାର୍ଯ୍ୟାରମ୍ଭ କରିଥିବାବେଳେ କର୍ପୋରେଶନ ବ୍ୟାଙ୍କ ୟୁନିୟନ ବ୍ୟାଙ୍କ ସହ ମିଶ୍ରଣ ପରେ ସେ କୋଲକାତା ଏବଂ ଓଡ଼ିଶାର ଭୁବନେଶ୍ୱରସ୍ଥିତ କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ସହ ଗୁଆହାଟୀରେ ମଧ୍ୟ ସହାୟକ ମହାପ୍ରବନ୍ଧକ ଭାବେ କାର୍ଯ୍ୟନିର୍ବାହ କରିଛନ୍ତି। ସେହିଭଳି କ୍ରେଡିଟ୍ କ୍ଷେତ୍ରରେ ଷଡ଼ଙ୍ଗୀଙ୍କର ବ୍ୟାପକ ଅଭିଜ୍ଞତା ରହିଥିବାବେଳେ କ୍ରେଡିଟ୍ ଓ କାସା ଅଭିବୃଦ୍ଧି ଉପରେ ସେ ଅଧିକ ଗୁରୁତ୍ୱ ଦେବେ ବୋଲି ଇଚ୍ଛା ପ୍ରକାଶ କରିଛନ୍ତି।


ବିବେକାନନ୍ଦ ଷଡଙ୍ଗୀ

# ଟ୍ୟୁନ୍ ସିରିଜ ୨ର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୧।୪**

ଜେବିଏଲ୍‌ର ବହୁ ପ୍ରତୀକ୍ଷିତ ତଥା ଏହାର ଗେମ୍-ଚେଞ୍ଜିଂ ଟ୍ୟୁନ ସିରିଜ ୨ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ନୂଆ ସିରିଜ ୩ଟି ସ୍ୱତନ୍ତ୍ର ଷ୍ଟାଇଲ ଯଥା ବଡ୍‌ସ ୨, ବିମ୍ ୨ ଓ ଫ୍ଲେକ୍ସ ୨ ମଡଲରେ ଉପଲବ୍ଧ। ଏ ସମ୍ପର୍କରେ ହର୍ମନ ଇଣ୍ଡିଆ ଲାଇଫଷ୍ଟାଇଲ ବିଭାଗର ଉପାଧ୍ୟକ୍ଷ ବିକ୍ରମ ଖେର କହିଛନ୍ତି, ଭାରତରେ ଜେବିଏଲ ଟ୍ୟୁନ ସିରିଜର ସମ୍ପ୍ରସାରଣ ସହିତ ଆମେ ଆଡପ୍ଟିଭ ନଏଜ କ୍ୟାନ୍ସେଲିଂ ଓ ଭଏସଆୱେର ଭଳି ଫିଚର ସହ ଏକ ଉନ୍ନତ ନିମଜ୍ଜିତ ଅଡିଓ ଅନୁଭୂତି ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ, ଯାହା ଉପଭୋକ୍ତାଙ୍କୁ ଉନ୍ନତ ସାଉଣ୍ଡ କ୍ୱାଲିଟି ଓ ସାରାଦିନର ଆରାମ ସହ ନିଜର ଶ୍ରବଣ ଅନୁଭୂତିକୁ ପର୍ସନାଲାଇଜ କରିବା ପାଇଁ ଅନୁମତି ଦେଉଛି। ସେହିଭଳି ଟ୍ୟୁନ ୨ ସିରିଜ ଆଡାପ୍ଟିଭ ନଏଜ କ୍ୟାନ୍ସେଲିଂ, ଉନ୍ନତ ଡ୍ରାଇଭର ଓ ସ୍ପାଟିଆଲ ସାଉଣ୍ଡ ଭଳି ପ୍ରଥମ ଥରର ଫିଚରଗୁଡିକ ସହ ଆସୁଛି। ମଲ୍ଟି-ପଏଣ୍ଟ କନେକ୍ସନ ଓ ଗୁଗଲର ଫାଷ୍ଟ ପେୟାର ସହିତ ଉପଭୋକ୍ତାମାନେ ସହଜରେ ଡିଭାଇସଗୁଡିକ ମଧ୍ୟରେ ସ୍ୱିଚ କରିପାରିବେ ଏବଂ ଆଣ୍ଡ୍ରଏଡ ଡିଭାଇସଗୁଡିକ ସହ ଇନ୍‌ଷ୍ଟାଣ୍ଟ ପେୟାରିଂ ଉପଭୋଗ କରିପାରିବେ। ଜେବିଏଲ୍‌ର ନୂଆ ଟ୍ୟୁନ ସିରିଜ ୨ରେ ଏର୍ଗୋନୋମିକ ବଡ୍-ଷ୍ଟାଇଲ ଡିଜାଇନ ସହ ଟ୍ୟୁନ ବଡ୍‌ସ୨, ସ୍ଲିକ କ୍ଲୋଜ୍‌ଡ-ଟାଇପ ଷ୍ଟିକ ଡିଜାଇନ ସହ ଟ୍ୟୁନ ବିମ୍ ୨ ଏବଂ ଉନ୍ନତ ସାଉଣ୍ଡ କ୍ୱାଲିଟି ପାଇଁ ବୃହତ ୧୨ ଏମଏମ ଡ୍ରାଇଭର ସହ ଓପନ-ଟାଇପ ଷ୍ଟିକ ଡିଜାଇନ ସହ ବହୁମୁଖୀ ଟ୍ୟୁନ ଫ୍ଲେକ୍ସ ୨ ସାମିଲ ରହିଛି।

# ଡିଏସ୍ ଗ୍ରୁପ୍‌ର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୧୧।୪**

ଧରମପାଲ ସତ୍‌ପାଲ ଗ୍ରୁପ୍ (ଡିଏସ୍ ଗ୍ରୁପ୍)ର ନୂତନ ଉତ୍ପାଦ ରେଞ୍ଜ (ଶୃଙ୍ଖଳ) ପଲ୍ସ ଗୋଲମୋଲ ଇମିଲି ଫ୍ଲେଭର ଗୋଲି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ପିଢ଼ି ପିଢ଼ି ଧରି ଲୋକଙ୍କୁ ଆମୋଦିତ କରୁଥିବା ପରିଚିତ ତେନ୍ତୁଳି (ଇମିଲି) ସ୍ୱାଦ ଦ୍ୱାରା ଅନୁପ୍ରାଣିତ ହୋଇ ପଲ୍‌ସ ଗୋଲମୋଲର ଶୁଭାରମ୍ଭ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି, ଯାହାର ପ୍ରତି ପାଉଚ ପାଇଁ ମୂଲ୍ୟ ମାତ୍ର ୧ ଟଙ୍କା ରହିଛି।

ଏ ସମ୍ପର୍କରେ ଡିଏସ୍ ଗ୍ରୁପ୍‌ର କନ୍‌ଫେକ୍ସନାରି ବିଜ୍‌ନେସ୍ ହେଡ୍ ଜ୍ୟୋତିରୂପ ବରୁଆ କହିଛନ୍ତି, ଡିଏସ୍ ଗ୍ରୁପ୍‌ର ନୂତନ ଉତ୍ପାଦ ରେଞ୍ଜ ପଲ୍ସ ଗୋଲମୋଲକୁ ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ପ୍ରତ୍ୟେକ ଟାଙ୍ଗି ତେନ୍ତୁଳି ଟ୍ରିଟ୍ ଖୋଜୁଥିବା ପଲ୍ସ ସ୍ୱାଦରେ ଭରପୂର। ପଲ୍ସ ଏଚ୍‌ବିସି ବର୍ଗରେ ବଜାର ଅଗ୍ରଣୀ ଓ ଆମର ମୁଖ୍ୟ ପଲ୍ସ ଉତ୍ପାଦଗୁଡ଼ିକ ପରି ଆମେ ଆଶା କରୁ, ଏହା ଆମ ଗ୍ରାହକଙ୍କ ମଧ୍ୟରେ ବେଶ୍ ଆଦୃତ ହେବ ଓ ଆମର ସ୍ଥିତିକୁ ମଜଭୁତ କରିବ।


# Classified Everyday

**0674-2580101, 9692975378**



REAL ESTATE
SALE

**Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452.** D-76439

ଭିଙ୍ଗାରପୁର ଛକଠାରୁ 7 କି.ମି. ଆଗରେ ମୌଜା ପ୍ରତାପରୁଦ୍ରପୁରଠାରେ କେନାଲ ପିଚୁ ରାସ୍ତାକୁ ଲାଗି **24500** ବର୍ଗଫୁଟ ଜମି ବିକ୍ରି ହେବ। ପ୍ରତି ବର୍ଗଫୁଟକୁ **300** ଟଙ୍କା। ଯୋଗାଯୋଗ: **9439688844.** D-136

**Duplex sale with gated Society near Aiims Hospital, Bhubaneswar. 9777433701.** D-76256




For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377




All types hair cutting, body massage by smart lady room services available. Contact: 7077240328. D-71396

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033

Newly open Jyoti SPA positively health benefits (Expert therapist). 8458067955. D-76908

Full body massage by odia therapist in homely atmosphere. 9556498382. D-75378

Positively health benefited SPA by expert female therapist. 9114559860. D-76907

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before the Executive Magistrate, Jatani, I, Pulumari Manga Raju, S/o- Pulumari Appel Naidu, At- Plot No.- 356, Khasmahal Colony, P.O./P.S.- Jatani, Dist.- Khordha, PIN- 752050, (Odisha) declared by this Affidavit No.- 72AA794932, Slno.- 8, dtd-02.04.2025, that in my daughter's Birth Certificate my name was wrongly mentioned as P.Mangaraju instead of actual name Pulumari Manga Raju and my wife name was wrongly mentioned as P. Nookalakshmi instead of actual name Pulumari Nooka Lakshmi in the Birth Certificate of daughter Pulumari Vishnupriya. By the above mentioned affidavit I have changed my name as Pulumari Manga Raju and my wife name has changed as Pulumari Nooka Lakshmi in the Birth Certificate of my daughter's Pulumari Vishnupriya. Henceforth, my daughter is known as Pulumari Vishnupriya, D/o- Pulumari Manga Raju and Pulumari Nooka Lakshmi for all future purposes. D-132

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Muniguda on dated 08.04.2025 (SI no.- 491/25) I, Krushna Chandra Pusika of Village- Jamaraguda, P.O./M.- Patraguda, P.S.- Muniguda, Dist.- Rayagada, Date of Birth is 05.01.1988, declare that I have changed my name to Krushna Pusika. Henceforth, I shall be known as Krushna Chandra Pusika for all purpose and my date of birth is 05.01.1988. D-131

By virtue of an affidavit sworn before Executive Magistrate, Angul, on dated 10.04.2025. I, Puspalata Mohapatra wife of Birendra Nath Mohapatra. At- Susuda, P.O.- Ankula, Dist.- Angul, declare that I have changed my name from Puspa Mohapatra to Puspalata Mohapatra. Henceforth, she shall be known as Puspalata Mohapatra for all purposes.
Puspalata Mohapatra D-128

I, Kabita Patra, W/o-Late Basudeva Patra, resident of Nilanchal Bazar, Main Road, Semiliguda, Dist.- Koraput, PIN- 764036, Odisha declare by this affidavit No.- 15, dtd. 09.04.25 before the Notary, Semiliguda that now onwards I shall be known as KABITA PATRO for all future purposes. D-137

By the virtue of affidavit sworn before the Notary Magistrate, Nuapada, District- Nuapada, Odisha, dated 11.04.2025, I, Dilip Debnath, S/o- Hemachandra Debanath and resident of Village: At/P.O.- Kandetara, Via- Komna, Dist.- Nuapada declare that I have changed my name from Dilip Debnath to Dilip Debanath. Henceforth, I shall be known as Dilip Debanath to all purposes.
Dilip Debanath D-139

By the virtue of affidavit sworn before the Notary Magistrate, Nuapada, District- Nuapada, Odisha, dated 11.04.2025, I, Rina Debnath, D/o- Naresh Debanath, W/o- Dilip Debanath, and resident of Village: At/P.O.- Kandetara, Via- Komna, Dist.- Nuapada declare that I have changed my name from Rina Debnath to Rina Debanath. Henceforth I shall be known as Rina Debanath to all purposes.
Rina Debanath D- 138

By virtue of an affidavit sworn before the Executive Magistrate, Dharmasala, dated- 08.04.2025, I, Mahammad Jakir Hosen, At/P.O.- Neulpur, P.S.- Dharmasala, Dist.- Jajpur, PIN- 755024, Odisha, declare that I have changed my son name from Mojakir Hosen to Mojakkir Hussain. Henceforth, he shall be known as Mojakkir Hussain for all future purposes. D-135

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ମନ୍ମିତ୍ କ୍ ଦାସ**

ତିରୋଧାନ: ୨୩।୦୪।୨୦୨୪
(ଚୈତ୍ରମାସ, ପୂର୍ଣ୍ଣମୀ ତିଥି)

ଆଜି ତୋର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମରଣ କରି ତୋର ପବିତ୍ର ନିଷ୍କପଟ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଆଜି ତୋର ଆତ୍ମା ଆରପାରିରେ ରହି ମଧ୍ୟ ଆମମାନଙ୍କ ହୃଦୟରେ ସଦା ସର୍ବଦା ଜୀବିତ ହୋଇ ରହିଛି ଓ ରହିବ। ଧ-୧୨୯

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଯମ ଦର୍ଶନ

**ବ୍ୟଙ୍ଗ ଗଳ୍ପ**

**ରଞ୍ଜନ ସାହୁ**



ଗତ ରାତିରେ ଯମ ଆସିଥିଲେ। କହିଲେ, ରିଟାୟାରମେଣ୍ଟ ହେଲା ଏବେ ଚାଲ।

– ଏତେ ଶୀଘ୍ର! ସେମିତି ବି ଆଉରି ତିନି ମାସେ ଅଛି ଚାକିରି। ମୁଁ ସହସା ଜଣେଇଲି।

: ମୁଁ କ'ଣ ଜାଣିନାହିଁ? ତମମାନଙ୍କର ଟିକିନିଖି ବିବରଣୀ ଚିତ୍ରଗୁପ୍ତ ରଖିଛନ୍ତି। ତେବେ କ'ଣ ତିନି ମାସ ପରେ ଯିବ?

– ନା। ଆଉ କିଛିଦିନ ଯାଉ। ମୋତେ ମହଲତ କିଛି ଦିଅ। ଅନେକ କାମ ବାକି ଅଛି। ସେସବୁ ସାରିଦେବି। ତା'ପରେ...

: କି କାମ ସବୁ ଅଛି? ଆର ଥର ହସ୍ପିଟାଲରେ ପଡ଼ିଥିଲ, ଆସିଥିଲି ନେବା ପାଇଁ। ତମ ଛାତି କଟାହେଇଥିଲା। ଅନୁନୟ ବିନତି କଲ। ଗୁଡ଼ାଏ ମିଛ ବି କହିଲ। ଗାଲୁ କଥା ଶୁଣାଇଲ। ଅବସର ନେଲା ପର୍ଯ୍ୟନ୍ତ ସମୟ ମାଗିଲ।

– କେତେବେଳେ ମାଗିଲି? ମୁଁ ତ ତମକୁ ଦେଖିନାହିଁ।

: ଏତେ ମିଛ! ମନେପକା। ସେ ଛୋଟ କ୍ୟାବିନ୍‌ଟାରେ ତମେ ଶୋଇଥିଲ। ସାଲାଇନ ଲାଗିଥିଲା। ଜଣେ ସ୍ତ୍ରୀ ଲୋକ ମୁହଁ ଶୁଖେଇ ଚାହିଁଥିଲା। ସେ ବୋଧେ ତମ ଘରଣୀ। ମୁହଁରେ ଦୁଃଖ ଥିଲେବି ମନେମନେ ଖୁସି ହଉଥିଲା ଅବଳାଟି। ଭାବୁଥିଲା, ଏଥର ଈଶ୍ୱର ଏ ଜିଦିଆ ମର୍ଦ୍ଦଟାଠାରୁ ମୁକ୍ତି ଦେଇଦେବେ। ବାଇଶ ବର୍ଷ ହେଲା ବାହାଘର। ଦିନଟିଏ ବି ତା' ଧମକରୁ ତ୍ରାହି ମିଳିଲାନାହିଁ।

– ସେସବୁ ମୋତେ ଶୁଣିବାକୁ ଭଲ ଲାଗୁନାହିଁ। ଆମ ଘରୋଇ ବ୍ୟାପାରରେ ମୁଣ୍ଡ ନ ଖେଳେଇଲେ ବରଂ ଭଲ।

: ହଉ ଛାଡ଼। ଯମ କଥା ବଦଳେଇ ପୁଣି କହିଲେ– ମନେପଡ଼ିଲା ତ ଏବେ? ଦୟାକରି ସେଦିନ ଛାଡ଼ିଦେଇଗଲି। ଏବେ ଆସିଛି ବାହାର, ଯିବା।

– ଯାଆନ୍ତି ଯେ! ହେଲେ...

: ହେଲେ ପୁଣି କ'ଣ?

– କ'ଣ କହୁଥିଲି କି, ଅନେକ ଇମ୍ପୋଟାଣ୍ଟ କାମ ବାକି ରହିଯାଇଛି। ସେ ସବୁ ନ ସାରିଲେ ଅବସୋସ ରହିଯିବ। ଜଗୁ ଷଡ଼ଙ୍ଗୀ ଉପରେ ମୋର ବହୁତ ରାଗ। ପ୍ରତିଶୋଧ ନେବି ନେବି ବୋଲି ବୁଢ଼ା ହେଇଗଲି। ତାକୁ ପାନେ ଦେବାକୁ ଓର ଉଣ୍ଡୁଛି।

ଗଲା ସନ ଅବଶ୍ୟ ଭୁବନୀ ପରିଡ଼ାର ଚେର କାଟିଦେଇଛି। ଉପର ପାହ୍ୟାକୁ ଯିବ ବୋଲି ରାସ୍କେଲଟା ଭାରି ଚେଷ୍ଟା କରୁଥିଲା। ମୋ' ପଛରେ ପଦସ୍ଥ ଅଫିସରମାନଙ୍କୁ ତୋଷାମଦ କରୁଥିଲା। ହେଲେ ମୁଁ ବାଟ ଛାଡ଼ିଲିନି। ମୋତେ ନ ପଚାରି କୋଉ ଅଫିସର ମଞ୍ଜୁରୀ ଦେବ ହୋ! ଏ କ'ଣ ଗେଲ କଥା! ତଳିଆ କର୍ମଚାରୀ ହୋଇ ମୁଣ୍ଡରେ ଚଢୁଛି ଶଃ!

: ପରିଡ଼ା ଉପରେ ଏତେ କ୍ରୋଧ କିଆଁ? କ'ଣ କଲାକି?

– କ'ଣ କଲାକି କହୁଛ? କ'ଣ ନ କଲା କୁହ! ସେଇଟା ମୋତେ ଆଦୌ ଖାତିର କଲାନି। ଚକାଚକ୍ ପ୍ୟାଣ୍ଟ ଶାର୍ଟ ପିନ୍ଧି, ଉଡ଼୍‌ଲ୍ୟାଣ୍ଡ ଜୋତା ପିନ୍ଧି ଓଟ ଭଳିଆ ମୋ' ଆଗରେ ପଳେଇବ। କୋଣ ଆଖିରେ ଚାହିଁବନି। ଏଗୁଡା କ'ଣ ସହି ହେବ? ସେଦିନ ନୀଳଶାର୍ଟ ଉପରେ ମୋଦି ଜ୍ୟାକେଟ୍ ପିନ୍ଧି ଯାଉଥିଲା। ମୋତେ ଦେଖିଲାମାତ୍ରେ ଜ୍ୟାକେଟ୍‌ର ବେକ ପାଖ ବୋତାମ ଦେଇ ଛାତି ଫୁଲେଇଦେଲା। ୟେଟା କ'ଣ ମୋ' ପ୍ରତି ଅବମାନନା ନୁହଁ? ପିନ୍ଧିଲା ତ ପିନ୍ଧିଲା, ଜ୍ୟାକେଟ୍‌ଟାର ବୋତାମ ସବୁକୁ ଟାଇଟ୍ କରି ଦେଇ ଛାଣ୍ଟ କାଣ୍ଟ କାହିଁକି ଦେଖେଇଲା! ଆଉ ପୁଣି ମୋ' ପାହ୍ୟାକୁ ଆସିବ ବୋଲି ଲାଗିଛି ବଦମାସଟା। ମୋ' ପୋଜିଶନକୁ ଆସିଗଲେ ଆଉ ମାନିବଟି! ତାକୁ ଛାଡ଼ିବି ନାହିଁ। ଆଉ କିଛିଦିନ ଦିଅ ତା' ବାପଗୋସାଁପ ନାଁ ମନେପକେଇଦେବି। କଥାରେ ଅଛି: "ଶତ୍ରୁକୁ ମାରିବ ବଳମରେ, ତଳତଳିଆଙ୍କୁ ମାରିବ କଲମରେ।"

ଆଉ ଜଣେ ଅଛି। ଦିବାକର ଖଣ୍ଟୁଆଳ। ମୋ' ପଡ଼ୋଶୀ। ତାକୁ ଔଷଧ ଚଖେଇବି। ତା' ନାଆଁରେ କୋର୍ଟରେ ମାମଲା ରୁଜୁ କରିଛି। ଛୋଟଲୋକଟାକୁ ସମୂଳେ ଧ୍ୱଂସ କରିଦେବି। ତିନିହାତ ଜାଗା ମୋର ମାଡ଼ି ବସିଛି। ଦି'ବର୍ଷ ହେଲାଣି କଚେରି ଯାଉଛି। ଓକିଲ କହୁଛି ତାରିଖ ପଡ଼ିନି। ଆଉ କିଛି ବର୍ଷ ଲାଗିବ।

: ଆଚ୍ଛା କୁହ, ଏସବୁ କାମ ସାରିବାକୁ କେତେଦିନ ଲାଗିବ? ଯମ ନିର୍ବିକାର ସ୍ୱରରେ ପ୍ରଶ୍ନ କଲେ।

– ଠିକ୍‌ରେ କହିହେଉନି। ତଥାପି... ହଁ ମନେପଡ଼ିଲା। ମର୍ନିଂୱାକ୍ ବେଳେ ମାଳତୀକୁ ଦେଖିଲି। ବୁଢ଼ୀ ପରି ଦିଶିଲାଣି। ବହୁତ ପ୍ରେମ ଥିଲା ତା' ପାଖରେ। ସେତେବେଳେ ମୋତେ ରିଜେକ୍ଟ କରିଦେଇଥିଲା। ଏବେ ଦେଖି ହସୁଛି। ନୟନପ୍ରୀତି ବି ହେଲାଣି କେତେଥର। ଆଗରୁ କୋଉଠିଥିଲା କେଜାଣି! ଏବେ ପୁଅ ପାଖରେ ଆସି ରହୁଛି। ଚାଳିଶ ବର୍ଷ ପରେ ଦେଖା।

: ହଉ ଦେଖା ହଉ। ଆଉ ଏବେ ସେ ନୁଉଁଛୁଣା କଥାରେ କାହିଁ ମାତୁଛ? ସମୟ ଯିବ, ଅର୍ଥ ଯିବ। ତା' ସହିତ ମାନମହତ ବି ପଦାରେ ପଡ଼ିବ। ବରଂ...

– ନା ଆପଣ ଜାଣିନାହାନ୍ତି। କିଛି ହେବନି। କିଏ କାହିଁକି ଜାଣିବ କି! ମୁଁ ଭାବୁଛି ଏଇ ବର୍ଷକ ଭିତରେ ତାକୁ କରାୟତ୍ତ କରିନେବି।

: ହଉ ଯାହା ଭାବୁଛ କର। ଏ ସବୁ କାମ ସାରିବାକୁ ଆଉ କେତେ ବର୍ଷ ଦରକାର କୁହ।

– ବେଶୀ ନୁହେଁ। ଆଉ ଦଶ କିମ୍ବା ଏଗାର ବର୍ଷ। ଏବେ ଷାଠିଏ ହେଲା। ସତୁରିବେଳକୁ ସବୁ ସାରିଦେବି।

: ତେବେ ମୁଁ ଯାଉଛି। ସେତେବେଳେ ଆସିବି।

– ଆଜ୍ଞା ଯାଆନ୍ତୁ। ମୋର କାମ ସରିଲେ ମୁଁ ହ୍ୱାଟ୍‌ସଆପ୍‌ରେ ମେସେଜ୍ ଦେଇଦେବି।

: ମେସେଜ୍ କିଛି ଦରକାର ନାହିଁ। ତମର ଜନ୍ମପଞ୍ଜିକା ଚିତ୍ରଗୁପ୍ତ ପାଖରେ ଅଛି। ସେ ମନେପକେଇଦେଲେ ମୁଁ ନବାକୁ ଆସିବି। ଅନ୍ୟ କଥାହେଲା ମେସେଜ୍ ମୁଁ ଜାଣିପାରିବିନି। ଏଯାଏଁ ମୁଁ ବୋତାମ ଫୋନ୍ ବ୍ୟବହାର କରୁଛି। ସ୍ମାର୍ଟ ଫୋନ୍ କିଣିନାହିଁ। ସତ କଥାହେଲା ସେଟା ମୁଁ ଚଲେଇ ପାରୁନାହିଁ। ତମେ ମେସେଜ୍ କରିବା ଦରକାର ନାହିଁ। ହବ ଯଦି ମିସ୍ କଲ୍‌ଟିଏ ମାରିଦବ।

ଯମ ପ୍ରସ୍ଥାନ କଲେ। କାନ୍ଥଘଣ୍ଟାକୁ ଚାହିଁଲି। ସମୟ ରାତି ଦୁଇ। ମାଳତୀର ଯୁବାବେଳର ମୁହଁଟା ମନେପଡ଼ିଲା। ଆହାଃ କି ସୁନ୍ଦର ଥିଲା ସେ! କ'ଣ କରୁଥିବ ସେ ଏବେ! ଶୋଇପଡ଼ିଥିବ ନା ମୋ' ପରି ଯମ ସହିତ ବାର୍ତ୍ତାଳାପ କରୁଥିବ!

ଆଉ ନିଦ ହେଲାନାହିଁ। ସକାଳ ହେଉ। ମର୍ନିଂୱାକ୍‌ରେ ଶୀଘ୍ର ଗଲେ ଭେଟ ହେବ ସେଠି।

ମୋ: ୯୮୬୧୦୬୦୮୦୩

# ମୋକ୍ଷ ପ୍ରାପ୍ତି

**କଥାଟିଏ** | **ଶିବ ମିଶ୍ର**



ବଗ-ବଗୁଲୀ ଥଣ୍ଟକୁ ଥଣ୍ଟ ଲଗାଇ ବସିଲା ପରି ସ୍ୱାମୀ-ସ୍ତ୍ରୀ ଦୁହେଁ ଆଖିରେ ଆଖି ମିଶାଇ କଥା ହେଲାବେଳେ ସ୍ୱାମୀ କହିଲେ– ତମେ ମୋ' କଥା ମାନିଲନି, ଦରଖାସ୍ତ ଦେଲନି। ଯେଉଁ ମହିଳାମାନେ ଦରଖାସ୍ତ ଦେଇଥିଲେ, ଏବେ ସରକାର ସେମାନଙ୍କୁ ମାଗଣା ଟଙ୍କା ଦେଲେ ନା ନାହିଁ? ତମେ ଜାଣିଶୁଣି ଗୋଟାଏ ସୁଯୋଗ ହରେଇଲ। ସ୍ତ୍ରୀ କହିଲେ– ସରକାର ଟଙ୍କା ପଚାଶ ହଜାର ଦେବେ, ସିଏ ପୁଣି ପାଞ୍ଚ ବର୍ଷରେ, ପାଞ୍ଚ ଥରରେ। କିନ୍ତୁ ତମେ ଯଦି ଇଆଡୁ ସିଆଡୁ ନ କହି ମୋ' କଥା ମାନି ତମ ବାପାଙ୍କୁ ଦଶ ହଜାର ଟଙ୍କା ଦେଇଥା'ନ୍ତ, ସିଏ ମହାକୁମ୍ଭ ମେଳାରେ ବୁଡ଼ ପକାଇବାକୁ ଯାଇଥାନ୍ତେ, ଆଉ ସେଠାରେ ହୋଇଥିବା ଲୋକ ଭିଡ଼ ଦଳାଚକଟାରେ ତାଙ୍କର ନମ୍ବର ଲାଗି ଯାଇଥା'ନ୍ତା, ତେବେ ସରକାରଙ୍କ ଯୋଜନା ମୁତାବକ ଆମକୁ ଗୋଟିଏ ଥରରେ ଦି' ଚାରି ଲକ୍ଷ ଟଙ୍କା ମିଳିଥା'ନ୍ତା, ପୁଣି ଜଣେ ମହାନ୍ ବାବାଙ୍କ ସିଦ୍ଧ ବଚନ ମୁତାବକ ତମ ବାପା ମୋକ୍ଷ ପ୍ରାପ୍ତ ହୋଇଥା'ନ୍ତେ। ସ୍ତ୍ରୀଙ୍କ କଥା ଶୁଣି ସ୍ୱାମୀ କ'ଣ କହିବେ ବୋଲି ଭାବୁଥିଲେ, ହଠାତ୍ ଆର ଘରୁ ବାପାଙ୍କ ହସ ଶୁଭିଲା। ସିଏ ଖୁବ୍ ଜୋର୍‌ରେ ହସୁଥିଲେ। ସ୍ୱାମୀ-ସ୍ତ୍ରୀ ଦୁହେଁ ଏ ଘରୁ ସେ ଘରକୁ ଗଲାବେଳକୁ ବାପାଙ୍କ ହସ ଠପ୍ କିନା ବନ୍ଦ ହୋଇଗଲା। ସେଇ ବସିଲା ଥାନରେ ଟଳିପଡ଼ିଲେ ସିଏ। ଦରକାର ପଡ଼ିଲାନି କୁମ୍ଭମେଳା ଭିଡ଼ର ଦଳାଚକଟା। ନିଜ ଘରେ, ନିଜ ବୋହୂଙ୍କର ସିଦ୍ଧ ବଚନରେ ହୋଇଗଲା ତାଙ୍କର ମୋକ୍ଷ ପ୍ରାପ୍ତି।

ମୋ:୯୮୪୩୦୭୦୦୧୮

**କାଳକାଳକୁ**

"ଶବ୍ଦ ହେଉଛି ନୀରବତା ଓ ଶୂନ୍ୟତା ଉପରେ ଅବାଞ୍ଛିତ ଏକ ଦାଗ।"
– ସାମୁଏଲ୍ ବେକେଟ୍



**ସାମୁଏଲ୍ ବେକେଟ୍**ଙ୍କ ଜନ୍ମ ୧୩ ଏପ୍ରିଲ ୧୯୦୬ରେ ଆୟର୍ଲାଣ୍ଡର ଡବ୍‌ଲିନ୍‌ରେ ଏବଂ ପରଲୋକ ୨୨ ଡିସେମ୍ବର ଫ୍ରାନ୍ସର ପ୍ୟାରିସ୍‌ରେ। ବିଂଶ ଶତକର ଅତ୍ୟନ୍ତ ପ୍ରଭାବଶାଳୀ ଏଇ ଲେଖକ ଏକାଧାରରେ କବି, ନାଟ୍ୟକାର, ଔପନ୍ୟାସିକ ଓ ଗାଳ୍ପିକ। ୧୯୫୩ରେ ରଚିତ 'ୱେଟିଙ୍ଗ୍ ଫର୍ ଗୋଦୋ' ପାଇଁ ସେ ବିଶ୍ୱବିଖ୍ୟାତ। ଉଦ୍ଭଟ ନାଟ୍ୟପରମ୍ପରାର ସେ ଅନ୍ୟତମ ମୁଖ୍ୟ ସୂତ୍ରଧର। ଇଂଲିଶ୍ ଓ ଫରାସୀ– ଉଭୟ ଭାଷାରେ ଲେଖୁଥିବା ଏହି ଲେଖକ ବିଶ୍ୱ ସାହିତ୍ୟକୁ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ୧୯୬୯ରେ ସମ୍ମାନିତ ହୁଅନ୍ତି ନୋବେଲ ପୁରସ୍କାରରେ।

# ପୁସ୍ତକ ପରିଚୟ

## ପ୍ରିୟ ପଞ୍ଚକ




**ଲେଖକ:** କ୍ଷୀରୋଦ ଦାସ
**ପ୍ରକାଶକ:** ଫ୍ରେଣ୍ଡ୍ସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୫୦୦/-

ପୂର୍ବ ପ୍ରକାଶିତ ପାଞ୍ଚୋଟି ଉପନ୍ୟାସ ('ସମ୍ପର୍କର ସୂତାଖିଅ', 'ପ୍ରିୟ ପୃଥିବୀ', 'କଳାଜାଇ', 'ଆଞ୍ଜୁଳାଏ ମୁକ୍ତି' ଓ 'ବେଦନାର ବେଦ')କୁ ଏକାଠି କରାଯାଇଛି ଆଲୋଚ୍ୟ ଗ୍ରନ୍ଥରେ। ପ୍ରକାଶକୀୟ ମନ୍ତବ୍ୟ କହେ– ଲେଖକ ନିପଟ ବାସ୍ତବତାର ନିଖୁଣ ଚିତ୍ରକାର, ତାଙ୍କ ଶୈଳୀ ପ୍ରାଣବନ୍ତ ଓ ରଚନା ମନୋରଞ୍ଜନଧର୍ମୀ ତଥା ଆତ୍ମଚିନ୍ତନରେ ସତ୍ତାଲୀନ, ବିଭୋର। ଆକସ୍ମିକତାରୁ ଯେପରି ଆରମ୍ଭ ହୁଏ ସବୁ ଭଲ ଉପନ୍ୟାସ ଓ ସରେ ସରି ନ ଥିବାର ଅତୃପ୍ତି ଜଗାଇ, ସେହିପରି ଅବିକଳ କ୍ଷୀରୋଦଙ୍କର ଏ ଉପନ୍ୟାସ-ପଞ୍ଚକ। 'ସମ୍ପର୍କର ସୂତାଖିଅ'ର ଆରମ୍ଭ ବାକ୍ୟଟି ଏହିପରି: "ଗୋଟିଏ ବିସ୍ତୀର୍ଣ୍ଣ ପଡ଼ିଆ ମଝିରେ ଘଞ୍ଚ କିଆବୁଦାଟିଏ ପରି ଦୂରରୁ ଦେଖାଯାଏ ସେ ଗାଁ।" ଗାଁଟିଏ ଅନୁରୂପ ଭାବେ ଦୃଶ୍ୟମାନ ହେଉ କି ନ ହେଉ, ଘଞ୍ଚ କିଆବୁଦାର ସମ୍ମୋହନରେ ବାନ୍ଧି ହେଇଯାଏ ପାଠକ ଉପନ୍ୟାସର ଆରମ୍ଭରୁ। ଉପନ୍ୟାସଟି ସରେ ପୁଣି ଗୋଟିଏ ଛୋଟିଆ ବାକ୍ୟରେ– "ବାଡ଼ିପଟୁ ଦିଗହଜା ଚଢ଼େଇଟିଏ ବୋଲୁଥିଲା ମିଳନର ସଂଗୀତ।" ଏ ସଂଗୀତ ଜମା ସରେନାହିଁ, ଉପନ୍ୟାସଟି ସରିଯିବାର ଅନେକ ଦିନ ପରେ ବି। ପାଞ୍ଚଟିଯାକ ଉପନ୍ୟାସର ବିଷୟବସ୍ତୁ ଆଖିଦେଖା ଅଭିଜ୍ଞତାର ଏକ ଏକ ଅଭିନବ ରୂପାୟନ। ଚରିତ୍ରମାନେ ଲାଗନ୍ତି ଯେମିତି ଏମାନଙ୍କ ସହ ପାଠକଙ୍କର ଭେଟ ହୋଇଛି ବା ହେବାକୁ ବାକି ଅଛି କେଉଁଠି କେଉଁଠି। ଜୀବନ ଏକ ଆହ୍ୱାନ। ଏହି ଆହ୍ୱାନର ଭଉଁରି ଭିତରେ ସମାଧାନର ଯେଉଁ ସୂତ୍ରଟି ଲେଖକ ଧରାଇ ଦିଅନ୍ତି, ତାହା ଉପନ୍ୟାସଗୁଡ଼ିକୁ ଚିର ଜୀବନ୍ତ ପ୍ରତିମା କରି କାଳ ନିର୍ବିଶେଷରେ ଥୋଇଦିଏ। ଆଶା, 'ପ୍ରିୟ ପଞ୍ଚକ' କାହାଣୀ ତଥା ଜୀବନପ୍ରିୟ ପାଠିକାପାଠକଙ୍କ ପାଇଁ ମନନର ଏକ ରମ୍ୟ ଅବକାଶ ସୃଷ୍ଟି କରିବ।

## ନିଜ ଖବର ନେବାର ସମୟ




**କବି:** ଅମରେନ୍ଦ୍ର ଖଟୁଆ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୬୯/-

ମୋଟ ୬୧ଟି କବିତା ସଂକଳନରେ ସ୍ଥାନିତ। କବିତାଠୁଁ ଜୀବନକୁ ବଡ଼ ମନେକରୁଥିବା କବି ଅମରେନ୍ଦ୍ରଙ୍କ କବିତାରେ ଅନୁଭବର ଏକ ଗୂଢ଼ତା ବରାବର ଲୁଚି ରହିଥାଏ, ଯେଉଁ ଗୂଢ଼ତା ଭିତରୁ ମୁହୁର୍ମୁହୁଃ ବଦଳିଚାଲିଥିବା ଅର୍ଥମାନଙ୍କର ନିକ୍ୱଣ ଥାଇଥାଇ ଶୁଭୁଥାଏ। ନିଜକୁ ଓ ନିଜ ପରିପାର୍ଶ୍ୱକୁ ରୂପ ଦେବାକୁ ଯାଇ ଭାଷାକୁ ସେ ସ୍ୱଚ୍ଛନ୍ଦତାର ଅଧିକାର ଦିଅନ୍ତି ଓ ଅତି ଆପଣାର ଲୋକଟିଏ ପାଖରେ ନିଭୃତରେ ବସି ଗପ ଶୁଣାଇଲା ପରି ଚଉପାଶର ନାନା ପ୍ରସଙ୍ଗ କବିତା ପାଲଟି ଯାଆନ୍ତି। ଅନୁଭବ ଓ ଅନୁଭବ୍ୟର ବିବିଧତାରେ ପୂର୍ଣ୍ଣ ଅମରେନ୍ଦ୍ରଙ୍କ କବିପଣକୁ ବୁଝିବା ପାଇଁ ତାଙ୍କ କବିତାରୁ କେତୋଟି ଦୃଷ୍ଟାନ୍ତ ନିଆଯାଇପାରେ– ୧. "ପୋଷ୍ଟ ଅଫିସ୍‌ରୁ ରବିବାର ସାହିତ୍ୟପୃଷ୍ଠା/ ଖୋଜିବାର ଆବେଗଭର୍ତ୍ତି ଦିନସବୁ ବି ଆଉ ନାହିଁ।/ ଅଛି ଠିକଣା ବଦଳିଯାଇଥିବାର/ ଦୂରତ୍ୱ, ଝାପ୍‌ସା ସ୍ମୃତିର ପାହାଡ଼ ଚୂଳୀ ଓ/ ନିଜକୁ ଖୋଜୁଥିବାର ଏକ ମୁଖାପିନ୍ଧା/ ବୌଦ୍ଧିକ ବର୍ତ୍ତମାନ।" (ଠିକଣା ବଦଳି ଯାଇଥାଏ, ପୃ:୧୧), ୨. "ସାଧାରଣ କବିଟିଏ ମୁଁ, ନିଅ, ମୋ ଲଜ୍ଜାର/ ଲଂଗଳା ମୁକୁଳା ବର୍ଷବର୍ଷ, ମୋ କାକୁସ୍ଥ/ ଶବଦଂକ ଦିନରାତି, ଓ ଆସ, ମୋ ସାଂଗରେ/ ଗାଅ ସେଇ ଜାତୀୟ ସଂଗୀତ/ ଏକାଠି ବଂଚିବାର ଆମ ନିଜର, ଏକାଠି/ ଜିଇଥିବାର।" (ମୋ ଭାରତ ପାଇଁ ଏକ ଗୀତ, ପୃ.୩୮); ପେସାଗତ ବାଧ୍ୟବାଧକତାରେ ଜନ୍ମମାଟି ଓଡ଼ିଶାଠୁଁ ଦୂରରେ ଥାଇ ବି କବି ଭୁଲିପାରନ୍ତି ନାହିଁ, ବେଣାପୁର ପୋଲତଳକୁ ସାଇକେଲରେ ଗଡ଼ୁଥିବା ରବିସାରଙ୍କୁ। ପାରମ୍ପରିକତାର ପୁନରାବୃତ୍ତିରୁ ବାଟଭାଙ୍ଗି ଗ୍ରନ୍ଥସ୍ଥ କବିତାଗୁଡ଼ିକ ନିଜ ପାଇଁ ନିଜର ଏକ ବାଟ ତିଆରି କରନ୍ତି ଓ ଏହି କାରଣରୁ ଏକ ଅପରିଚିତ ନୂତନତାର ବାହକ ହୋଇଉଠନ୍ତି। ନିଃସନ୍ଦେହ ଯେ, ଆଲୋଚ୍ୟ କବିତାଗ୍ରନ୍ଥଟି ଅସାଧାରଣକୁ ସାଧାରଣ ଓ ସାଧାରଣକୁ ଅସାଧାରଣ କରି ଗଢ଼ି ତୋଳିବାର ଏକ ବିଶ୍ୱସ୍ତ ଦସ୍ତାବିଜ।

# କବିତା

## ନାଁ ଅଜଣା ଚିଠି

**ସେନାପତି ପ୍ରଦ୍ୟୁମ୍ନ କେଶରୀ**

ଡାକବାଲା ଫେରେଇ ନେଲା କ'ଣ?
ପ୍ରେମ ଚିଠି ନା ସୁଇଟ୍ ଗିଫ୍ଟ?
ହେଲେ ସେ ଚିଠି କୋଉଠୁ ଆସିଥିଲା? କାହା ପାଇଁ?
ପ୍ରାପକର ପୂରା ଠିକଣା କାହିଁକି ଲେଖା ନ ଥିଲା?

ସେ ଚିଠି ମୋ' ପାଇଁ ଆସି ନ ଥିଲା ତ?
ଭାବିଦେଲେ ଛାତିରେ
ଏକ ଅଜଣା ହାହାକାର ପିଟି ହେଉଥିଲା!

ଗୋଟେ ନାଁ ଅଜଣା ଚିଠି ଫେରିଗଲେ
ମନରେ କାହିଁକି ଖେଳେ ଏମିତି ଶୂନ୍ୟତା
ଗଳଗଳ ବର୍ଷାରେ
ଯେବେ ଉବୁଡ଼ିଯାଏ ପାଚିଲା ଧାନ
କେହି କ'ଣ ତା'ର ହିସାବ ରଖିପାରେ?

ଓଦା କଳେଇ ପରି
ଏମିତିକା ଚିଠିର ଭାଗ୍ୟ
ଯେମିତି କେରାଏ ଶୁଖିଲା କୁଟା
ଜଳିଜଳି ପାଉଁଶ ହୁଏ!

ଜଳ ଜମି ଜଙ୍ଗଲକୁ ନେଇ ଆଗରୁ ଥିଲା
ଏମିତି ସଙ୍କଟ
ଶବରୀର ଅଇଁଠା କୋଳି ଭିତରେ ଥିଲା
ମନଛୁଆଁ ଖଟା ମିଠାର ସୁଆଦ
ଶରତ ଆକାଶ ସାରା
ଚିକ୍‌ମିକ୍ ଜ୍ୟୋସ୍ନାର
ସଫେଦ ଉତ୍ସବ ଛାଇ ରହୁଥିଲା!

କୋଉ ଅଜଣା ପ୍ରେମିକାର ଚୁମ୍ବନ ପାଇଗଲା ପରି
ଧକଧକ ହେଉଥିଲା ହୃଦୟ
ଯାହା ପାଇଁ ସେ ଚିଠି ଆସିଥାଉ ପଛେ
ଲାଗୁଥିଲା ସତେ କି
ମୋ' ପାଇଁ କେହି ଲେଖିଥିଲା!

ମୋ: ୬୩୭୧୫୨୩୫୯୮

## ପାଦ ସଚଳ ଅଛି ତ...

**ଅକ୍ଷୟ ପାତ୍ର**

ପାଦ ସଚଳ ଅଛି ତ
ଅଛି ରାସ୍ତା
ମଗଜ ତେଜ୍ ଅଛି ତ
ଅଛି ପନ୍ଥା
ହୃଦ ସ୍ପନ୍ଦିତ ହେଉଛି ତ
ଅଛି ମାନବତା!

ରାସ୍ତା ଅଛି ତ
ଜାରି ରହିଛି ଯାତ୍ରା
ରିସ୍ତା ଅଛି ତ
ଅତୁଟ ଅଛି ଏକତା
ରାକା ଅଛି ତ
ରଜନୀରେ ଜାଗ୍ରତ ଅଛି
ତିଳ ତଣ୍ଡୁଳିତ ବିଭୋରତା!

ଜୀବନ ଅଛି ତ
ନିଶ୍ଚେ ଅଛି ଆସଙ୍ଗ ଲିପ୍ସା
ଯଜନ ଅଛି ତ
ଅବଶ୍ୟ ଅଛି ସିଦ୍ଧାନ୍ତିତ ମାର୍ଗଦର୍ଶିକା
ଜ୍ୱଳନ ଅଛି ତ
ପ୍ରକାଶୋନ୍ମୁଖୀ ଅଛି
ମୁକ୍ତିଦାୟୀ ରାସ୍ତା!

ମୋ: ୭୦୭୭୯୮୪୯୬୦

## କାହିଁକିର ପ୍ରତିଧ୍ୱନି

**ରାକେଶ ପଣ୍ଡା**

କେବେ ଦେଖିଛ କି ତୁମେ
ଶ୍ମଶାନରେ ଜଳୁଥିବା ଜୁଇର ନିଆଁକୁ,
କେବେ କରିଛ କି ଅନୁଭବ
ସେ ନିଆଁରୁ ନିର୍ଗତ ଧାସକୁ।
ଲାଗେ, ଖାଲି ମଣିଷର ଦେହଟା ନୁହେଁ
କ୍ଷମତା, ପଦ, ପଦବୀ,
ପ୍ରତିଷ୍ଠା, ସଞ୍ଚୟ, ଅହଂକାର,
ସବୁ ଜଳୁଥାଏ ଗୋଟି ଗୋଟି ହୋଇ
ବିନା ଦ୍ୱିଧା, ବାଧାରେ, ନୀରବତାର।

ନା ସାଙ୍ଗରେ ଥାଏ ଜଳିଲା ବେଳେ
ଦାମୀ ପୋଷାକ, ହୀରା, ସୁନା, ଟଙ୍କା
ନା ଥାଏ ପଲଙ୍କ, ଆଲିଶାନ ଘର,
ପ୍ରୟୋଜନ ଖାଲି ଛଅ ଖଣ୍ଡ ବାଉଁଶ
କିଛି କାଠ ଓ ଘିଅ ଅଧ ପାଏର।

ଧୀରେଧୀରେ ମିଶିଚାଲେ ମାଟିରେ
ହାଡ଼, ମାଂସ, ରକ୍ତର ଶରୀର,
ଶୂନ୍ୟ, ବ୍ରହ୍ମାଣ୍ଡ ଦିଗରେ
ମାଡ଼ିଚାଲେ ଆଗକୁ ଆତ୍ମା ତା'ର,
ପଛରେ ରହିଯାଏ ସବୁ ରୋଜଗାର,
ଉପାର୍ଜନ, ମାଲିକାନା, ପ୍ରତିଷ୍ଠା ସମାଜର।

ଯଦି ଏହା ସତ୍ୟ, ବାସ୍ତବ
ଟଙ୍କା, କ୍ଷମତା, ପାରଦର୍ଶିତାକୁ ନେଇ
କାହିଁକି କରେ ସେ ଗର୍ବ, ଅହଂକାର,
କିପରି ତା' ମନେ ହୁଏନାହିଁ ଉଜାଗର
ନମ୍ରତା, ଶିଷ୍ଟତା, ସଂସ୍କାର।
କରି ଚାଲେ ସେ ଅପରାଧ, ପାପ
ବଡ଼ ହେବାର ପ୍ରତିଯୋଗିତାରେ,
କ୍ଷତିକରେ ଅବଳା, ଅସହାୟର
ଭଦ୍ରତାର ମୁଖା ଓ ବେଶରେ।

ଏ କାହିଁକିର ପ୍ରତିଧ୍ୱନି...!
ଗୁଞ୍ଜରିତ ହୁଏ ବାରମ୍ବାର କାନରେ,
ଆନ୍ଦୋଳିତ ମନ ପ୍ରଶ୍ନବାଚୀର ଗୁନ୍ଥାରେ
ନିରପେକ୍ଷ ଉତ୍ତର ପାଇବା ଆଶାରେ।

ମୋ: ୯୩୩୭୮୯୭୬୫୦

**ଲଘୁ-କବିତା**

## ସାଙ୍ଗ

**ମନୋରମା ମହାପାତ୍ର**

କାହା ପେଟ ଏବେ ବଡ଼ ତ ହେଲାଣି
ଝଡ଼ିଲାଣି ଚୁଟି କା'ର,
କିଏ ପୁଅ ପାଇଁ ବୋହୂଟେ ଖୋଜୁଛି
କିଏ ଝିଅ ପାଇଁ ବର।

ଚାକିରି ସରୁଛି ବେମାରି ବଢୁଛି
କରିବାକୁ ହେବ ଘର,
ଧାଇଁ ଧାଇଁ ଯିଏ ବୁଲୁଥିଲା ଦିନେ
ଆଜି ଚାଲିବାକୁ ଡର।

ଥକିଲେଣି ସବୁ ସାଥୀମାନେ ଆଜି
ବୟସ ଯାଉଛି ବଢ଼ି,
ପ୍ରେମର କବିତା ଲେଖୁଥିଲା ଯିଏ
ତା' ହାତରେ ଆଜି ବାଡ଼ି।

ଇଏମ୍‌ଆଇ ଆଉ ଦେହର ପରୀକ୍ଷା
କରୁକରୁ ଦିନ ଯାଏ,
ସମୟର ଆଜି ଅଭାବ ସବୁଠି
ଭାବିବା ବେଳ ନ ଥାଏ।

ଥକିଲେଣି ସବୁ ସାଙ୍ଗମାନେ ଆଜି
ବୟସ ରଥରେ ଚଢ଼ି,
ଜାଣେନା କାହାର ସମୟ ସରିବ
କିଏ ଯିବ କେବେ ଛାଡ଼ି।

ତେଣୁ ଚାଲ ସାଙ୍ଗ ଯେତେଦିନ ଅଛେ,
ଭେଟାଭେଟି ହେଉଥିବା,
ବରଷକେ ଥରେ ସବୁ କଥା ଭୁଲି
ନିଜ ପାଇଁ ଜିଇ ଯିବା।

ମୋ: ୭୬୦୯୯୩୧୧୧୪

# ଚକବାଲା ଘର

**ଅନୁବାଦ ଗଳ୍ପ**

**ମୂଳ ହିନ୍ଦୀ-ସନ୍ତୋଷ ସୁପେକାର**
**ଅନୁବାଦ-ନୃସିଂହ ଚରଣ ବେହେରା**

ରେଳଷ୍ଟେଶନ ଯିବା ପାଇଁ ଅଟୋରିକ୍ସା ଡାକିବାକୁ ମୁଁ ପାଖରେ ଥିବା ବସ୍ତିରେ ଯାଇ ପହଞ୍ଚିଲି ସକାଳୁ ସକାଳୁ, ଯେଉଁଠି ଜଣେ ରିକ୍ସାଚାଳକର ଘର।

ଯାଉଛି ସାର୍! ଚାହା ପିଉପିଉ କହିଲା ସେ, 'ବାସ୍ କେବଳ ପାଞ୍ଚ-ସାତ ମିନିଟ୍ ଲାଗିବ। ଟିକିଏ ରିକ୍ସାକୁ ସଫା କରିଦିଏ। ତା' ଭିତରେ ଆପଣ ଚାହା ପିଇ ନିଅନ୍ତୁ'।

ନା ନା! ଚାହା ନୁହେଁ, ତୁମେ ଚାହା ପିଇକରି ଜଲ୍‌ଦି ଚାଲ କହି ମୁଁ ଟିକିଏ ଚାରିଆଡ଼େ ନଜର ବୁଲାଇଲି, ହେଲେ କେଉଁଠି ତା' ରିକ୍ସା ଦେଖିବାକୁ ପାଇଲି ନାହିଁ। ତେଣୁ ପଚାରିଲି, 'ତୁମ ରିକ୍ସା କେଉଁଠି ଅଛି'?

ହେଇ ସେହି ସାମ୍‌ନା ଲାଇନର ସେପଟକୁ ଅନାନ୍ତୁ; ଗଛ ତଳେ ହିଁ ତ ଛିଡ଼ା ହୋଇଛି ମୋ' ଅଟୋ।

ଆରେ, ସେଇଠି ରଖୁଛ ତୁମେ ତୁମ ଅଟୋରିକ୍ସାକୁ? ମୁଁ ଦେଖିଲି ଦୁଇଜଣ ଛୋଟ ପିଲା, ଅଧା ଲଙ୍ଗଳା କାଳିଆ ଛୁଆ ବାହାରକୁ ବାହାରିଲେ ଅଟୋ ଭିତରୁ। ମୁଁ ଟିକିଏ ଆଶ୍ଚର୍ଯ୍ୟ ହେଇ ପଚାରିଲି, "ଆରେ ତୁମ ଘର ବାହାରେ ତ ବହୁତ ଜାଗା ଅଛି। ତା'ହେଲେ ସେଇଠି କାହିଁକି ରଖୁଛ ଅଟୋରିକ୍ସାକୁ?" ଆଉ ଦେଖ, ସେ ଛୁଆମାନେ ତୁମ ଅଟୋକୁ ଅସନା କରୁଛନ୍ତି।

ଅସନା କରୁନାହାନ୍ତି ସାର୍! ସେମାନେ ଶୋଇଥିଲେ ଅଟୋ ଭିତରେ। ପାଣି ଭର୍ତ୍ତି ବାଲ୍‌ଟି ଆଉ ଗୋଟିଏ କନା ଧରି ବାହାରକୁ ଆସି ସେ କହିଲା, ସେଠି ଗୋଟିଏ ଗରିବ ପରିବାର ରହୁଛି ସେହି ଗଛ ତଳେ, ରାସ୍ତାରେ; ଯାହାଙ୍କର ବହୁତ ଛୋଟ



ଆଉ ଜରି ପଲିଥିନ୍‌ରେ ଘେରା ଝୁମ୍ପୁଡ଼ି ଘରଟେ ଅଛି। ଛୋଟ ଛୋଟ ଛୁଆ ଅଛନ୍ତି ତାଙ୍କର। ରାତିରେ ସେମାନଙ୍କୁ ଶୀତ ଲାଗେ, ଡର ଲାଗେ ଆଉ ଯଦି ବର୍ଷା ଆସିଯାଏ ତ କେତେବେଳେ ମା'-ପୁଅ, କେତେବେଳେ ବାପ-ପୁଅ ନ ହେଲେ କେତେବେଳେ ଛୁଆ ଦୁଇଜଣ ଆସି ଶୋଇପଡ଼ନ୍ତି ମୋ' ଅଟୋରିକ୍ସାରେ। ତାଙ୍କୁ ଏହି ରିକ୍ସା ଭିତରେ ଟିକିଏ ଗରମ ଆଉ ସୁରକ୍ଷା ଅନୁଭବ ହୁଏ। ସେଥିପାଇଁ ମୁଁ ଅଟୋକୁ ଏଇଠି ରଖୁଛି। ଏହା ମୋର ରିକ୍ସା। ସେ ଟିକିଏ ହସିଲା ଆଉ କହିଲା, "ସେହି ଘରହୀନଙ୍କ ପାଇଁ ରାତିରେ ଏହା ହିଁ ହେଉଛି ତାଙ୍କର ଘର, ଚକବାଲା ଘର।" ଯଦି କାହାକୁ ଟିକିଏ ସୁଖ ମିଳୁଛି ସେଥିରେ କ'ଣ ଫରକ... କହୁକହୁ ସେ ନିଜକୁ ସମ୍ଭାଳି ନେଲା ଆଉ କହିଲା, ଦିନେ ମୁଁ ମଧ୍ୟ ଶୋଉଥିଲି ରାସ୍ତାରେ ସାର୍! ଆଉ ତା' ହାତ ଅଟୋରିକ୍ସାରୁ ଧୂଳି ସଫା କରିବାରେ ବ୍ୟସ୍ତ ହେଇଗଲା।

ମୋ: ୯୦୯୦୪୫୯୭୪୫

# କୋଲକାତାର ସହଜ ବିଜୟ

## ସୁନୀଲ ନାରିନଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ସୁନୀଲ ନାରିନ।

**ଚେନ୍ନାଇ, ୧୧।୪**

ଅଧିନାୟକ ପରିବର୍ତ୍ତନ ହେଲେ ହେଁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳର ଭାଗ୍ୟ ପରିବର୍ତ୍ତନ ହୋଇନାହିଁ। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଦଳ ଖରାପ ପ୍ରଦର୍ଶନ ଜାରି ରଖି କ୍ରମାଗତ ୫ମ ପରାଜୟ ବରଣ କରିଛି। ଆହତ ଋତୁରାଜ ଗାଏକ୍ୱାଡ୍‌ଙ୍କ ସ୍ଥାନରେ ମହେନ୍ଦ୍ର ସିଂ ଧୋନୀ ଅଧିନାୟକ ଦାୟିତ୍ୱକୁ ଫେରିଥିଲେ ମଧ୍ୟ ଚେନ୍ନାଇ ନିଜ ଘରୋଇ ଗ୍ରାଉଣ୍ଡରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ଅତି ଦୟନୀୟ ପ୍ରଦର୍ଶନ କରିଛି। ସୁନୀଲ ନାରିନଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ୮ ଉଇକେଟରେ ଚେନ୍ନାଇକୁ ପରାସ୍ତ କରିଛି। ଚେନ୍ନାଇ ୨୦ ଓଭରରେ ୯ ଉଇକେଟ ହରାଇ ମାତ୍ର ୧୦୩ ରନ କରିଥିଲା। କୋଲକାତା ମାତ୍ର ୧୦.୧ ଓଭରରେ ୨ ଉଇକେଟ ହରାଇ ୧୦୭ ରନ ସଂଗ୍ରହ କରିବା ସହ ନିଜ ରନ୍ ହାରରେ ଉଲ୍ଲେଖନୀୟ ଉନ୍ନତି ଆଣିଛି। ସୁନୀଲ ନାରିନ ମାତ୍ର ୧୮ ବଲ୍‌ରୁ ସର୍ବାଧିକ ୪୪ ରନ କରିଥିବାବେଳେ କ୍ୱିଣ୍ଟନ ଡିକକ୍ ୨୩ ରନ ସ୍କୋର କରିଥିଲେ। ୫ ମ୍ୟାଚରୁ ତୃତୀୟ ବିଜୟ ସହ କୋଲକାତା ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

ଚେନ୍ନାଇର ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ କୋଲକାତା ଦଳର ଅଧିନାୟକ ଅଜିଙ୍କ୍ୟ ରାହାନେ। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଦଳର ବୋଲରମାନେ ଆରମ୍ଭରୁ ଘାତକ ବୋଲିଂ କରିଥିଲେ। ଟପ୍‌ରୁ ଆରମ୍ଭ କରି ମିଡିଲ ଅର୍ଡର ଓ ଲୋୟର ଅର୍ଡରରେ କୌଣସି ଚେନ୍ନାଇ ବ୍ୟାଟର ଭଲ ପ୍ରଦର୍ଶନ କରିପାରି ନ ଥିଲେ। ୭୧ ରନ ମଧ୍ୟରେ ୬ ଉଇକେଟ ପଡ଼ିଯିବାରୁ ଚେନ୍ନାଇ ବାଧ ହୋଇ ବ୍ୟାଟର ଦୀପକ ହୁଡାଙ୍କୁ ଇମ୍ପାକ୍ଟ ପ୍ଲେୟର ଭାବେ ଖେଳାଇଥିଲେ। ମାତ୍ର ସେ ମଧ୍ୟ ଡକ୍(୦)ରେ ଆଉଟ ହୋଇ ଘରୋଇ ଦର୍ଶକ ଓ ଅଧିନାୟକ ଧୋନୀଙ୍କୁ ନିରାଶ କରିଥିଲେ। ଦଳ ପକ୍ଷରୁ ଶିବମ ଦୁବେ ସର୍ବାଧିକ ୩୧ ରନକରି ଅପରାଜିତ ରହିଥିବାବେଳେ ବିଜୟ ଶଙ୍କର ୨୯ ରନ କରିଥିଲେ। ଓପନର ରାଚିନ ରବୀନ୍ଦ୍ରଙ୍କ ସମେତ ଅଧଡଜନେ ଖେଳାଳି ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବୈଭବ ଆରୋରାଙ୍କ ଶେଷ ବଲ୍‌କୁ ଦୁବେ ଚୌକାରେ ପରିଣତ କରିବାରୁ ଚେନ୍ନାଇ ସ୍କୋର ୧୦୦ ଅତିକ୍ରମ କରିଥିଲା। କୋଲକାତା ବୋଲରଙ୍କ ମଧ୍ୟରେ ଚମତ୍କାର ବୋଲିଂ କରିଥିଲେ ସୁନୀଲ ନାରିନ। ସେ ନିଜ ୪ ଓଭର ସ୍ପେଲ୍‌ରେ ମାତ୍ର ୧୩ ରନ ଦେଇ ୩ଟି ମୂଲ୍ୟବାନ ଉଇକେଟ ଅକ୍ତିଆର କରିଥିଲେ। ବରୁଣ ଚକ୍ରବର୍ତ୍ତୀ ଓ ହର୍ଷିତ ରାଣା ୨ଟି ଲେଖାଏ ଏବଂ ବୈଭବ ଆରୋରା ଓ ମୋଇନ ଅଲୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୦୩/୯ (ଶିବମ୍ ଦୁବେ-୩୧*, ବିଜୟ ଶଙ୍କର-୨୯, ସୁନୀଲ ନାରିନ-୩/୧୩, ବରୁଣ ଚକ୍ରବର୍ତ୍ତୀ-୨/୨୨, ହର୍ଷିତ ରାଣା-୨/୧୬, ମୋଇନ ଅଲୀ-୧/୨୦, ବୈଭବ ଆରୋରା-୧/୩୧)। କୋଲକାତା ନାଇଟ ରାଇଡର୍ସ ୧୦.୧ ଓଭରରେ ୧୦୭/୨ (ସୁନୀଲ ନାରିନ-୪୪, କ୍ୱିଣ୍ଟନ ଡିକକ୍-୨୩, ଅନସୁଲ କାମ୍ବୋଜ-୧/୧୯, ନୁର୍ ଅହମଦ-୧/୮)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଲକ୍ଷ୍ନୌ ବନାମ ଗୁଜରାଟ**
ସ୍ଥାନ: ଲକ୍ଷ୍ନୌ
ସମୟ: ଅପରାହ୍ନ ୩.୩୦

**ହାଇଦ୍ରାବାଦ ବନାମ ପଞ୍ଜାବ**
ସ୍ଥାନ: ହାଇଦ୍ରାବାଦ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୫ | ୪ | ୧ | ୮ | +୧.୪୧୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୪ | ୦ | ୮ | +୧.୨୭୮ |
| କୋଲକାତା ନାଇଟ ରାଇଡର୍ସ | ୬ | ୩ | ୩ | ୬ | +୦.୮୦୩ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୫ | ୩ | ୨ | ୬ | +୦.୫୩୯ |
| ପଞ୍ଜାବ କିଙ୍ଗ୍ସ | ୪ | ୩ | ୧ | ୬ | +୦.୨୮୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୦୭୮ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | -୦.୭୩୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୨ | -୦.୦୧୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୧ | ୫ | ୨ | -୧.୫୫୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୧ | ୪ | ୨ | -୧.୬୨୯ |



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ପୋଲିସ ହକି ଟୁର୍ନାମେଣ୍ଟରେ ଶୁକ୍ରବାର ବିଜୟୀ ହୋଇଥିବା ଓଡ଼ିଶା ଦଳ।

# ମହାରାଷ୍ଟ୍ରକୁ ହରାଇଲା ଓଡ଼ିଶା

**ସର୍ବଭାରତୀୟ ପୋଲିସ ହକି**

**ଭୁବନେଶ୍ୱର, ୧୧।୪ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୩-୨ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଦିବସରେ ମୋଟ ୭ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଅନ୍ୟ ୬ଟି ମ୍ୟାଚରେ କର୍ଣ୍ଣାଟକ ୪-୨ ଗୋଲରେ ଜମ୍ମୁ କଶ୍ମୀର, ମଣିପୁର ୮-୨ରେ ଛତିଶଗଡ଼, ଝାଡ଼ଖଣ୍ଡ ୩-୨ରେ ପଶ୍ଚିମବଙ୍ଗ, ରାଜସ୍ଥାନ ୧୪-୦ରେ ଚଣ୍ଡିଗଡ଼, ସିଆରପିଏଫ୍ ମହିଳା ଦଳ ୮-୦ରେ ହରିୟାଣାକୁ ହରାଇ ଦେଇଛି। ଶେଷ ମ୍ୟାଚରେ ସିଆରପିଏଫ୍ ୧୨-୦ରେ ହରିୟାଣାକୁ ପରାସ୍ତ କରିଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ୟାମିନୀ ଷଡଙ୍ଗୀ, ଆରକ୍ଷୀ ମହାନିର୍ଦ୍ଦେଶକ ସୁଶାନ୍ତ କୁମାର ନାଥ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ଡିଆଇଜି (ଏସଆଇଡବ୍ଲୁ) କନୱର ବିଶାଲ ସିଂ, ଏସ୍‌ପି (କଟକ) ପ୍ରତୀକ ସିଂ ପ୍ରମୁଖ ବିଭିନ୍ନ ମ୍ୟାଚ ଗୁଡିକରେ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଲିଗ୍ କମ୍ ନକ୍‌ଆଉଟ ଫର୍ମାଟରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ବିଭିନ୍ନ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଦଳ ଅଂଶଗ୍ରହଣ କରିଛନ୍ତି। ୯ଟି ମହିଳା ଓ ୨୬ଟି ପୁରୁଷ ଦଳ ଏହି ଚାମ୍ପିୟନଶିପରେ ଭାଗ ନେଉଛନ୍ତି।

# ଭାରତୀୟ ଦଳକୁ ଦ୍ୱିତୀୟ ସ୍ଥାନ

**ବୁଏନସ୍ ଏରିଜ, ୧୧।୪ (ପି.ଟି.)**

ରାଇଫଲ ପିସ୍ତଲ ଓ ଶଟ୍‌ଗନ୍ ଶୁଟରମାନଙ୍କ ଲାଗି ବର୍ଷର ପ୍ରଥମ ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡ କପ୍ ଯୁବ ଟ୍ରାପ୍ ମିକ୍ସଡ ଟିମ୍ ଯୋଡ଼ି ଲକ୍ଷ୍ୟ ଶେଓରାନ ଓ ନୀରୁ ଫାଇନାଲରେ ଗୋଟିଏ ପଏଣ୍ଟ ପାଇଁ ଏକ ପଦକ ହାତଛଡ଼ା କରିଥିଲେ ମଧ୍ୟ ଭାରତୀୟ ଦଳ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି। ଗୁରୁବାର ମିକ୍ସଡ ଟିମ୍ ଏୟାର ପିସ୍ତଲ ଯୋଡ଼ି ସୁରୁଚି ଓ ସୌରଭ ଚୌଧାରୀ ବ୍ରୋଞ୍ଜ ଜିତିବା ପରେ ଭାରତର ମୋଟ ପଦକ ସଂଖ୍ୟା ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସହ ୮ରେ ପହଞ୍ଚିଥିଲା। ଫଳରେ ଭାରତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଅନ୍ୟପକ୍ଷରେ ଚାଇନା ୫ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ ବ୍ରୋଞ୍ଜ ସହ ପଦକ ତାଲିକାର ଶୀର୍ଷରେ ରହିଛି। ଭାରତର ସ୍ୱର୍ଣ୍ଣ ଜିତିଥିବା ପ୍ରତିଯୋଗୀମାନେ ହେଲେ ସିଫ୍ଟ କୌର (ମହିଳା ୫୦ ମିଟର ରାଇଫଲ ଥ୍ରି ପୋଜିଶନ), ରୁଦ୍ରାଂକ୍ଷ ପାଟିଲ (ପୁରୁଷ ୧୦ମିଟର ଏୟାର ରାଇଫଲ), ସୁରୁଚି (ମହିଳା ୧୦ ମିଟର ଏୟାର ପିସ୍ତଲ) ଓ ବିଜୟବୀର ସିଧୁ (ପୁରୁଷ ୨୫ ମିଟର ରାପିଡ-ଫାୟାର ପିସ୍ତଲ)। ସିଧୁ ତାଙ୍କ ଇଭେଣ୍ଟରେ ଏକ ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡ କପ୍ ସ୍ୱର୍ଣ୍ଣ ଜିତିବାରେ ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି।

# କିଟ୍ ମହିଳା ଦଳ ଚତୁର୍ଥ

**ଭୁବନେଶ୍ୱର, ୧୧।୪ (ତପନ ସ୍ୱାଇଁ):** ଆନ୍ତଃ ଜୋନ୍ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ କିଟ୍ ମହିଳା ଦଳ ଚତୁର୍ଥ ସ୍ଥାନ ଅଧିକାର କରିଛି। ଦେଶର ୧୬ଟି ଶ୍ରେଷ୍ଠ ମହିଳା ବିଶ୍ୱବିଦ୍ୟାଳୟ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାବେଳେ ଏମଡିୟୁ ରୋହତକ ଚାମ୍ପିୟନ, ୟୁନିଭର୍ସିଟି ଅଫ୍ କାଲିକଟ ରନରଅପ ହୋଇଥିବାବେଳେ ୟୁନିଭର୍ସିଟି ଅଫ୍ ମାଡ୍ରାସ ୩ୟ ଓ କିଟ୍ ୪ର୍ଥ ସ୍ଥାନରେ ରହିଥିଲା। ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ଭଲିବଲ ଦଳର ମୁଖ୍ୟ କୋଚ୍ ଜି.ଇ. ଶ୍ରୀଧରନ ମୁଖ୍ୟ ଅତିଥି ଏବଂ କୋଟାୟମସ୍ଥିତ ଏମ୍‌ଜିୟୁର ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ ସାଇନ୍ସେସର ନିର୍ଦ୍ଦେଶକ ବିନୁ ଜର୍ଜ ଭର୍ଘେସେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, କ୍ରୀଡ଼ା ନିର୍ଦ୍ଦେଶକ ଲଲାଟେନ୍ଦୁ ମିଶ୍ର ଓ ମନମୋହନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଟଙ୍କଧର ଫାଓ ସଭାପତି ନିର୍ବାଚିତ



**ଭୁବନେଶ୍ୱର, ୧୧।୪ (ବିଜୟ ରଣା):** ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାର ଉପେନ୍ଦ୍ର କୁମାର ଦାସ ଏହା ଘୋଷଣା କରିଛନ୍ତି। ଆସନ୍ତା ୨୦ରେ ଫାଓର ସ୍ୱତନ୍ତ୍ର ସାଧାରଣ ବୈଠକରେ ଏହାର ବିଧିବଦ୍ଧ ଘୋଷଣା କେବଳ ବାକି ରହିଛି। ସୂଚନାଯୋଗ୍ୟ, ସମୀର ଦେ'ଙ୍କ ଦେହାନ୍ତ ପରେ ଏହି ପଦବୀ ଖାଲି ପଡ଼ିଥିଲା। ନିର୍ବାଚନ ଅଧିକାରୀଙ୍କର ୪ ସେଟ୍ ପ୍ରାର୍ଥୀପତ୍ର ହସ୍ତଗତ ହୋଇଥିଲା।

# ଏଏଫ୍‌ସି ଏସିଆନ କପ୍ ୨୦୩୧ ପାଇଁ ବିଡ୍ ଦାଖଲ କଲା ଭାରତ

**ନୂଆଦିଲ୍ଲୀ, ୧୧।୪ (ପି.ଟି.)**

ଭାରତ ୨୦୩୧ ଏଏଫ୍‌ସି ଏସିଆନ କପ୍ ଆୟୋଜନ କରିବା ପାଇଁ ଆଗ୍ରହ ପ୍ରକାଶ କରି ଏହାର ବିଡ୍ 'ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ (ଇଓଏଲ୍) ଦାଖଲ କରିଥିବା ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଶୁକ୍ରବାର ପ୍ରକାଶ କରିଛି। ବିଡ୍ ଦାଖଲ କରିବା ଲାଗି ଶେଷ ତାରିଖ ମାର୍ଚ୍ଚ ୩୧ ରହିଥିଲା। ଯେଉଁ ୭ଟି ଫୁଟ୍‌ବଲ ମହାସଂଘ ସେମାନଙ୍କର ଇଓଏଲ୍ ଦାଖଲ କରିଛନ୍ତି, ସେମାନଙ୍କ ମଧ୍ୟରେ ଏଆଇଏଫ୍‌ଏଫ୍ ଅନ୍ୟତମ। ଟୁର୍ନାମେଣ୍ଟ ଆୟୋଜନ ଅଧିକାର ହାସଲ କରିବା ଲାଗି ଭାରତକୁ ଅଷ୍ଟ୍ରେଲିଆ, ଦକ୍ଷିଣ କୋରିଆ ଓ ୟୁଏଇ ଭଳି ଫୁଟ୍‌ବଲ ପାୱାର ହାଉସ୍‌ଙ୍କଠାରୁ କଡ଼ା ମୁକାବିଲାର ସାମ୍ନା କରିବାକୁ ପଡ଼ିବ। ଇଣ୍ଡୋନେସିଆ ଓ କୁଏଟ୍ ମଧ୍ୟ ସେମାନଙ୍କ ଇଓଏଲ୍ ଦାଖଲ କରିଥିବାବେଳେ କିରଗିଜସ୍ତାନ, ତାଜିକସ୍ତାନ ଓ ଉଜ୍‌ବେକିସ୍ତାନ ମିଳିତ ଭାବେ ବିଡ୍ ଦାଖଲ କରିଛନ୍ତି। ଆୟୋଜକ ଦେଶର ନାମ ୨୦୨୬ରେ ଘୋଷଣା କରାଯିବ। ଏହି ଦେଶ ଆପେ ଯୋଗ୍ୟତା ଅର୍ଜନ କରିବ।

# ଆଡ୍‌ଭାନୀ ଫାଇନାଲରେ

**କାର୍ଲୋ, ୧୧।୪ (ପି.ଟି.)**



ଅନେକଥର ବିଶ୍ୱ ଚାମ୍ପିୟନ ପଙ୍କଜ ଆଡ୍‌ଭାନୀ ୭-୫ରେ ନିଜ ଦେଶର ଶ୍ରୀକ୍ରିଷ୍ଣା ସୁରିଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ଡବ୍ଲ୍ୟୁବିଏଲ୍ ୱାର୍ଲ୍ଡ ମ୍ୟାଚପ୍ଲେ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ୨୮ ଥର ବିଶ୍ୱ ବିଲିୟାର୍ଡ୍ସ ଓ ସ୍ନୁକର ଚାମ୍ପିୟନ ସେମିଫାଇନାଲରେ ନିଜ ଦେଶର ସୁରିଙ୍କୁ ୧୦୦-୦, ୧୦୦-୦, ୧୦୦-୬, ୪୭-୧୦୦, ୧୦୦-୪, ୬୪-୧୦୦, ୮୧-୧୦୦, ୧୦୦-୧୧, ୧୨-୧୦୦, ୮-୧୦୦, ୧୦୦-୭, ୧୦୦-୦ରେ ପରାସ୍ତ କରିଥିଲେ। ବେଷ୍ଟ ଅଫ୍ ୧୫ ଫାଇନାଲରେ ସେ ଇଂଲଣ୍ଡର ଡେଭିଡ କଜିରଙ୍କୁ ଭେଟିବେ। ଡେଭିଡ୍ କଜିର ସେମିଫାଇନାଲରେ ସିଙ୍ଗାପୁରର ପିଟର ଗିଲ୍‌କ୍ରିଷ୍ଟଙ୍କୁ ୭-୨: ୧୦୦-୪, ୮୪-୧୦୦, ୧୦୦-୩୮, ୨-୧୦୦, ୧୦୦-୨, ୧୦୦-୧୪, ୧୦୦-୫୫, ୧୦୦-୪, ୧୦୦-୨୦ରେ ପରାସ୍ତ କରିଛନ୍ତି।

# ସେମିରେ ଓଡ଼ିଶା

**ଭୁବନେଶ୍ୱର, ୧୧।୪ (ତପନ ସ୍ୱାଇଁ):** କେନ୍ଦୁଝରଠାରେ ଚାଲିଥିବା ୩୧ତମ ଜାତୀୟ ସବ୍‌ଜୁନିୟର ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରଥମଥରପାଇଁ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା ୧୪-୪ରେ ଦିଲ୍ଲୀକୁ ଓ କ୍ୱାର୍ଟର ଫାଇନାଲରେ ମଣିପୁରକୁ ୨୪-୨୧ରେ ପରାସ୍ତ କରିଛି। ଓଡ଼ିଶା ସେମିଫାଇନାଲରେ ଉତ୍ତର ପ୍ରଦେଶକୁ ଭେଟିବ। ଫାଇନାଲ ଶନିବାର ଅନୁଷ୍ଠିତ ହେବ।

# ଇଣ୍ଡିଆନ ସୁପର ଲିଗ୍ ଫାଇନାଲ ଆଜି

**କୋଲକାତା, ୧୧।୪**

ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଶନିବାର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ୨୦୨୪-୨୫ ଫାଇନାଲ ମ୍ୟାଚ ମୋହନ ବାଗାନ ସୁପର ଜାଏଣ୍ଟ୍ସ ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଖେଳାଯିବ। ଏହି ମ୍ୟାଚ ଖୁବ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ଆଇଏସ୍‌ଏଲ୍‌ରେ ଦୁଇ ଦଳ ପରସ୍ପରକୁ ୧୧ଥର ଭେଟିଛନ୍ତି। ଏଥିରେ ମୋହନ ବାଗାନ ୭ଥର ଜିତିଥିବା ବେଳେ ବେଙ୍ଗାଲୁରୁ ଏଫ୍‌ସି ଦୁଇଥର ବିଜୟ ଲାଭ କରିଛି। ଉଭୟ ଦଳ ମଧ୍ୟରେ ଦୁଇଟି ମ୍ୟାଚ ଡ୍ର ରହିଛି। ଦୁଇ ଦଳରେ କେତେଜଣ ଷ୍ଟାର ଖେଳାଳି ରହିଛନ୍ତି। ମୋହନ ବାଗାନ ଦଳ ତରଫରୁ ଖେଳୁଥିବା ମନବୀର ସିଂ ରେକର୍ଡ ୫ମ ଥର ଆଇଏସ୍‌ଏଲ୍ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଆହୁରି ମଧ୍ୟ ସବୁଠାରୁ ଅଧିକ ସଂଖ୍ୟକ ୧୮ଥର ଆଇଏସ୍‌ଏଲ୍ ଫାଇନାଲ ଖେଳିଛନ୍ତି। ଆଇଏସ୍‌ଏଲ୍‌ର ଏହି ସିଜନରେ ଏହି ୨୯ ବର୍ଷୀୟ ଖେଳାଳି ୫ ଗୋଲ୍ ସ୍କୋର କରିଥିବା ବେଳେ ୪ଟିରେ ସହାୟତା ପ୍ରଦାନ କରିଛନ୍ତି। ବେଙ୍ଗାଲୁରୁ ଏଫ୍‌ସି ତରଫରୁ ଖେଳୁଥିବା ସୁନୀଲ ଛେତ୍ରୀ ଏବଂ ମୋହନ ବାଗାନ ଦଳ ତରଫରୁ ଖେଳୁଥିବା ଦିମିତ୍ରିଓସ ଆଇଏସ୍‌ଏଲ୍ ଫାଇନାଲରେ ସର୍ବାଧିକ ବ୍ୟକ୍ତିଗତ ଦୁଇଟି ଲେଖାଏ ଗୋଲ ସ୍କୋର କରି ମିଳିତ ରେକର୍ଡ କରିଛନ୍ତି। ଏହି ସିଜନରେ ଛେତ୍ରୀ ୧୪ ଗୋଲ ସ୍କୋର କରିଥିବା ବେଳେ ପେତ୍ରାତୋସ ୪ଟି ଗୋଲ ଦେଇଛନ୍ତି। ମୋହନ ବାଗାନ ଷ୍ଟ୍ରାଇକର ଜାସନ କୁମିନ୍ସ ଗୋଟିଏ ଗୋଲ ସ୍କୋର ସହ କ୍ରମାଗତ ତାଙ୍କର ୪ଟି ପ୍ଲେ-ଅଫ୍ ଖେଳି ସାରିଛନ୍ତି। ସେ ଖେଳିବାକୁ ଥିବା ୫ମଟିରେ ତାଙ୍କ ସହିତ ରୟ କ୍ରିଷ୍ଣା ଓ ଡେଭିଡ ୱିଲିୟମ୍ସଙ୍କ ଭଳି କିମ୍ବଦନ୍ତୀ ଖେଳାଳି ରହିବେ। ବେଙ୍ଗାଲୁରୁ ଏଫ୍‌ସିର ଡିଫେନ୍ସ ରାହୁଲ ଭେକେ ସମ୍ଭାଳିବେ। ଚଳିତ ଅଭିଯାନରେ ସେ ୧୨୧ କ୍ଲିଅରାନ୍ସ କରିଛନ୍ତି। ପ୍ରତିଯୋଗିତାର କୌଣସି ସିଜନରେ ଏହା ହେଉଛି ୪ର୍ଥ ସର୍ବାଧିକ।




ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ଦୁଇ ଦଳର କୋଚ୍ ଓ ଅଧିନାୟକ।

# ସିଏଚ୍‌ଏସ୍‌ଇ ଦଳରେ କିସ୍‌ର ୯ ଖେଳାଳି

**ଜାତୀୟ ସ୍କୁଲ ଗେମ୍ସ**

**ଭୁବନେଶ୍ୱର, ୧୧।୪ (ତପନ ସ୍ୱାଇଁ)**

ମଣିପୁରର ଇମ୍ଫାଲଠାରେ ୬୮ତମ ଜାତୀୟ ସ୍କୁଲ ଗେମ୍ସ ଚଳିତ ମାସ ୧୫ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦଳରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ୯ ଖେଳାଳି (ସିପକ୍‌ଟାକ୍ର ଓ ଫୁଟବଲ) ସାମିଲ ହୋଇଛନ୍ତି। ବାଳକ ସିପକ୍‌ଟାକ୍ର ଦଳରେ ସାମିଲ ହୋଇଥିବା ଖେଳାଳିମାନେ ହେଲେ ଜୟପ୍ରକାଶ ମୁଣ୍ଡାରୀ, ଗୁରା ମାଝି ଓ ଚନ୍ଦ୍ରାୟ ମୁର୍ମୁ। ସେହିପରି ବାଳିକା ଫୁଟବଲ ଦଳରେ ସାମିଲ ଥିବା ୬ ଖେଳାଳି ହେଲେ ଅଞ୍ଜଳା ମୁଣ୍ଡାରୀ, ଚନ୍ଦ୍ରିକା ସିଂ, ସୀମା ନାଏକ, ବର୍ଷା ଧରୁଆ, ଜୁଲାମି ସାନ୍ତା ଓ ନନ୍ଦିନୀ ଓରାମ। ମନୋନୀତ ଖେଳାଳିମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



ଜାତୀୟ ସ୍କୁଲ ଗେମ୍ସ ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦଳରେ ସାମିଲ ହୋଇଥିବା କିସ୍‌ର ସିପକ୍‌ଟାକ୍ର ଓ ମହିଳା ଫୁଟବଲ ଖେଳାଳି।

# ଆଣ୍ଡରସନଙ୍କୁ ନାଇଟ୍‌ହୁଡ୍ ସମ୍ମାନ

**ଲଣ୍ଡନ, ୧୧।୪ (ଏପି)**

ଇଂଲଣ୍ଡର ମହାନ କ୍ରିକେଟର ଜେମ୍ସ ଆଣ୍ଡରସନଙ୍କୁ ନାଇଟ୍ ଉପାଧିରେ ସମ୍ମାନିତ କରାଯିବ। ପୂର୍ବତନ ବ୍ରିଟିଶ ପ୍ରଧାନମନ୍ତ୍ରୀ ରିଷି ସୁନକଙ୍କ ସୁପାରିସ ତାଲିକାରେ ତାଙ୍କ ନାମ ସ୍ଥାନ ପାଇଥିଲା। ଆଣ୍ଡରସନ 'ଜିମି' ନାମରେ ପରିଚିତ। ଜଣେ ଫାଷ୍ଟ ବୋଲର ହିସାବରେ ଟେଷ୍ଟ କ୍ରିକେଟରେ ସର୍ବାଧିକ ଉଇକେଟ ନେବାର ଗୌରବ ସେ ଅର୍ଜନ କରିଛନ୍ତି। କ୍ରିକେଟ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଆଣ୍ଡରସନଙ୍କୁ ନାଇଟ୍ ଉପାଧିରେ ସମ୍ମାନିତ କରାଯିବ। ୪୨ ବର୍ଷୀୟ ଆଣ୍ଡରସନ ହେଉଛନ୍ତି ଇଂଲଣ୍ଡର ସର୍ବକାଳୀନ ଅଗ୍ରଣୀ ଟେଷ୍ଟ ଉଇକେଟ ହାସଲକାରୀ ବୋଲର। ସେ ୭୦୪ ଉଇକେଟ ନେଇଛନ୍ତି। ସର୍ବକାଳୀନ ତାଲିକାରେ ସେ ଅଷ୍ଟ୍ରେଲିଆର ଶେନ୍ ୱର୍ନ (୭୦୮) ଓ ଶ୍ରୀଲଙ୍କାର ମୁଥୟା ମୁରଲୀଧରନ (୮୦୦)ଙ୍କ ପଛରେ ରହିଛନ୍ତି। କିନ୍ତୁ ଉଭୟେ ହେଉଛନ୍ତି ସ୍ପିନର।

"M.B.K."

Great Eastern® RETAIL

ଗ୍ରେଟ୍ ଇଷ୍ଟର୍ଣ୍ଣ ରିଟେଲ
ନୂତନ ବର୍ଷର ନୂତନ ଉପହାର

FREE OUTDOOR BRACKET*
FREE STANDARD INSTALLATION* ON MULTIPLE AC BRANDS
FREE ASSURED GIFT*
FREE EXPRESS DELIVERY* FOR AIR CONDITIONERS

LLOYD — upto 53% OFF — 1.5 T 3* Inverter AC MRP ₹55990 EMI ₹2325* | 1.5 T 5* Inverter AC MRP ₹67990 EMI ₹2830*
Godrej — upto 49% OFF — 1.5 T 3* Inverter AC MRP ₹45900 EMI ₹2042* | 1.5 T 5* Inverter AC MRP ₹54900 EMI ₹2417*
VOLTAS — upto 65% OFF — 1.5 T 3* Inverter AC MRP ₹60490 EMI ₹2292* | 1.5 T 5* Inverter AC MRP ₹77790 EMI ₹2833*
LG — upto 66% OFF — 1.5 T 3* Inverter AC MRP ₹78990 EMI ₹2542* | 1.5 T 5* Inverter AC MRP ₹85990 EMI ₹3208*
Carrier — upto 65% OFF — 1.5 T 3* Inverter AC MRP ₹78990 EMI ₹2458* | 1.5 T 5* Inverter AC MRP ₹78490 EMI ₹3042*
HITACHI — upto 57% OFF — 1.5 T 3* Inverter AC MRP ₹64850 EMI ₹2458* | 1.5 T 5* Inverter AC MRP ₹75850 EMI ₹3125*
DAIKIN — upto 51% OFF — 1.5 T 3* Inverter AC MRP ₹58400 EMI ₹2542* | 1.5 T 5* Inverter AC MRP ₹67200 EMI ₹3292*
Panasonic — upto 56% OFF — 1.5 T 3* Inverter AC MRP ₹50900 EMI ₹2333* | 1.5 T 5* Inverter AC MRP ₹67900 EMI ₹3167*
Whirlpool — upto 60% OFF — 1.5 T 3* Inverter AC MRP ₹62200 EMI ₹2250* | 1.5 T 5* Inverter AC MRP ₹71900 EMI ₹2500*
GENERAL — upto 20% OFF — 1.5 T 3* Inverter AC MRP ₹56790 EMI ₹3750* | 1.5 T 5* Inverter AC MRP ₹70520 EMI ₹4708*
LLOYD — upto 44% OFF — 1.5 T 3* Window AC MRP ₹47990 EMI ₹2250*
Godrej — upto 39% OFF — 1.5 T 3* Window AC MRP ₹41900 EMI ₹2125*
Carrier — upto 41% OFF — 1.5 T 3* Window AC MRP ₹45090 EMI ₹2208*

upto 35% OFF — 184 L Single Door MRP ₹17260 EMI ₹933*
upto 35% OFF — 235 L Double Door MRP ₹30690 EMI ₹1650*
upto 48% OFF — 596L Side By Side + 24L OTG MRP ₹101990 EMI ₹3295*
upto 40% OFF — HAVELLS Desert Cooler MRP ₹22590 EMI ₹1124*
upto 36% OFF — USHA Air Cooler MRP ₹13190 EMI ₹708*
upto 27% OFF — 230L Deep Freezer MRP ₹32890 EMI ₹1999*

BRING HOME THE GAME

75 (190.5cm) UHD TV — upto 55% OFF — MRP ₹199900 EMI ₹5333*
65 (165.1cm) Google TV — upto 45% OFF — MRP ₹101990 EMI ₹4858*
55 (139.7cm) UHD TV — upto 49% OFF — MRP ₹66990 EMI ₹3083*
43 (109.7cm) Smart TV — upto 55% OFF — MRP ₹50490 EMI ₹1874*
32 (81.28cm) Smart TV — upto 65% OFF — MRP ₹22990 EMI ₹666*

SAMSUNG LG Panasonic SONY LLOYD Haier Whirlpool Godrej IFB BOSCH VOLTAS DAIKIN HITACHI GENERAL BLUE STAR HAVELLS EUREKA FORBES Livpure KUTCHINA Glen hindware FABER Sunflame USHA

UP TO 5% INSTANT DISCOUNT* SBI card
#Min. Trxn.: ₹25,000; Max. Discount: ₹3,500 per card; Also valid on EMI Trxns.; Validity: 15 Mar - 13 Apr 2025. T&C Apply.

SCAN FOR MORE OFFERS

Widest Range Of Products* | Extended Warranty*
Easy Finance Available — HDB FINANCIAL SERVICES — BAJAJ FINSERV EMI — IDFC FIRST Bank

www.greateasternretail.com | Great Eastern Retail | HELPLINE 033 4037 2000

ଭୁବନେଶ୍ୱର ବାପୁଜୀ ନଗର 9853945074 | ପଟିଆ 9853933698
ସିଡିଏ 95836 47161 | କଟକ ଯୋବ୍ରା ରୋଡ 8908972713

ODISHA | DELHI | HARYANA | WEST BENGAL | RAJASTHAN | UTTAR PRADESH | ANDHRA PRADESH | 90+ STORES

*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands. Exchange value applicable for working 1 to 2 years old Air Conditioner based on physical condition and submission of original invoice.

virtual frame

# ଇଷ୍ଟ ବେଙ୍ଗଲକୁ ପ୍ରଥମ ଟାଇଟଲ



ବିଜୟ ହାସଲ ପରେ ଉଲ୍ଲସିତ ଇଷ୍ଟ ବେଙ୍ଗଲ ଖେଳାଳି।

**କଲ୍ୟାଣୀ, ୧୧।୪ (ପି.ଟି.)**

ଗତଥରର ଚାମ୍ପିୟନ ଓଡ଼ିଶା ଏଫ୍‌ସିକୁ ୧-୦ ଗୋଲ୍‌ରେ ପରାସ୍ତ କରି ଇଷ୍ଟବେଙ୍ଗଲ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଟ୍ରଫି ହାସଲ କରିଛି। ଫଳରେ ୨୧ବର୍ଷ ପରେ ଇଷ୍ଟ ବେଙ୍ଗଲର ଏକ ଦଳ ଭାରତୀୟ ଫୁଟ୍‌ବଲରେ ଏକ ଲିଗ୍ ଟାଇଟଲ ଜିତିବାରେ ସମର୍ଥ ହୋଇଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ସୌମ୍ୟ ଗୁଗୁଲୋଥ ବିଜୟସୂଚକ ଗୋଲ୍‌ଟିକୁ ୬୭ତମ ମିନିଟ୍‌ରେ ସ୍କୋର କରିଥିଲେ। ଲିଗ୍‌ରେ ଓଡ଼ିଶା ଏଫ୍‌ସିର ଆଉ ଗୋଟିଏ ମ୍ୟାଚ ବାକିଥିବା ସତ୍ତ୍ୱେ ଦଳ ରିଲଗେଶନ ମୁହାଁ ହୋଇଛି। ଜାତୀୟ ଫୁଟ୍‌ବଲରେ ଏହା ପୂର୍ବରୁ ଇଷ୍ଟବେଙ୍ଗଲର ପୁରୁଷ ଦଳ ୨୦୦୩-୦୪ରେ ଆଇ-ଲିଗ୍‌ରେ ଟ୍ରଫି ହାସଲ କରିଥିଲା। ବିଗତବର୍ଷ ଗୁଡ଼ିକରେ ଅନ୍ୟ କେତେକ ଜାତୀୟ ଟାଇଟଲ ନକ୍ ଆଉଟ କିମ୍ବା ଲିଗ୍ କମ୍ ନକ୍‌ଆଉଟ ଟୁର୍ନାମେଣ୍ଟରେ ହାସଲ କରିପାରିଛି। ପୁରୁଷ ଦଳ ଆହୁରି ମଧ୍ୟ ୨୦୦୩ରେ ଏସିଆନ କ୍ଲବ ଚାମ୍ପିୟନଶିପ୍ ଜିତିପାରିଥିଲା। ମହିଳା ଟପ୍ ଡିଭିଜନର ୩ୟ ସିଜନରେ ଇଷ୍ଟବେଙ୍ଗଲ ମହିଳା

**ଆଇଡବ୍ଲ୍ୟୁଏଲ୍**

ଦଳ ସମସ୍ତ ଚ୍ୟାଲେଞ୍ଜକୁ ଅତି ସହଜରେ ଅତିକ୍ରମ କରିଛି। ଗୋକୁଲମ କେରଳକୁ ଛାଡ଼ି ଦଳ ସିଜନରେ ଏହାର ସମସ୍ତ ମ୍ୟାଚରେ ବିଜୟ ଲାଭ କରିଛି। ଏଥର ସେମାନେ ଗୋଟିଏ ମ୍ୟାଚ ବାକିଥାଇ ଟାଇଟଲ ଜିତିପାରିଛନ୍ତି। ଦଳ ଏହାର ଶେଷ ମ୍ୟାଚ ଏପ୍ରିଲ ୧୮ରେ ଗୋକୁଲମକୁ ଭେଟିବ। ସେତେବେଳେ ଦଳକୁ ବିଧିବଦ୍ଧ ଭାବେ ଟ୍ରଫି ଦାଖଲ କରାଯିବ।

# କିସ୍ ଚାମ୍ପିୟନ, କେନ୍ଦୁଝର ରନରଅପ୍



ଚାମ୍ପିୟନ କିସ୍ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୧।୪ (ତପନ ସ୍ୱାଇଁ)**

ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ (ଓର୍‌ଫା) ଆନୁକୂଲ୍ୟରେ ଆନ୍ତଃଜିଲା ସିନିୟର ମହିଳା ରଗ୍‌ବୀ ୭ଏସ୍ ଟୁର୍ନାମେଣ୍ଟ ଓ ଚୟନ ଟ୍ରାଏଲ ସଫଳତାର ସହ ଆଇଆର୍‌ସି ଭିଲେଜସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୧୬ଟି ମହିଳା ଦଳ ଅଂଶଗ୍ରହଣ କରିଥିବାବେଳେ କିସ୍ ଚାମ୍ପିୟନ ଓ କେନ୍ଦୁଝର ରନରଅପ୍ ହୋଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲରେ କିସ୍ ୧୦-୫ ପଏଣ୍ଟରେ କେନ୍ଦୁଝରକୁ ପରାସ୍ତ କରିଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଜଗତ୍‌ସିଂହପୁର ୧୦-୫ରେ ମୟୂରଭଞ୍ଜକୁ ହରାଇ ଦେଇଛି। ଉଦ୍‌ଯାପନୀ ସମାରୋହରେ ଓର୍‌ଫା ସଭାପତି ପ୍ରିୟଦର୍ଶୀ ମିଶ୍ର, ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ

**ଆନ୍ତଃଜିଲା ସିନିୟର ମହିଳା ରଗ୍‌ବୀ**

ଶକ୍ତିରଞ୍ଜନ ମହାନ୍ତି, ଚୟନକର୍ତ୍ତା ସଂଗ୍ରାମ ମହାନ୍ତି, ସଦସ୍ୟ ଭାଗ୍ୟଲକ୍ଷ୍ମୀ ବାରିକ, ଆରପିଏଲ୍ କୋଚ୍ ରାଜୀବ କୁମାର ନାଥ ଓ ମ୍ୟାଚ ଅଫିସିଆଲ ଧୀରେନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଆବଶ୍ୟକୀୟ ସମର୍ଥନ ଯୋଗାଇ ଦେଇଥିବାରୁ ରାଜ୍ୟ କ୍ରୀଡ଼ା ବିଭାଗକୁ ସମ୍ପାଦକ ଉପେନ୍ଦ୍ର ମହାନ୍ତି ଧନ୍ୟବାଦ ଜଣାଇଛନ୍ତି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ